DHARITRI
ଭୁବନେଶ୍ୱର, ସୋମବାର, ମେ ୫/୨୦୨୫ (୧୪ ପୃଷ୍ଠା) Bhubaneswar, Monday, May 5/2025 Page 14 ₹ 7.00
୫୧ଶ ଭାଗ ୧୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 159 ମୂଲ୍ୟ₹୭/-




## ରସେଲ ପ୍ଲେୟର ଅଫ୍ ଦି ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସର ଆଣ୍ଡ୍ରେ ରସେଲ।

୧୪

୦୨

## ୧୭ ବର୍ଷ ପରେ ପୁଣି ଏକାଠି ସୈଫ୍, ଅକ୍ଷୟ

ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷ ପରେ ପୁଣିଥରେ ଏକାଠି ନଜର ଆସିବେ।



## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା

ଗଞ୍ଜାମ,୪।୫(ବିଦ୍ୟାଧର ସାହୁ)

ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ସୁପରଭାଇଜର ଭାବେ କାର୍ଯ୍ୟରତ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍ କୁଶପଲ୍ଲୀ ଗାଁର ଯୁବକ ରବୀନ୍ଦ୍ର ସାହୁ (୨୫)ଙ୍କୁ ଗତ ଗୁରୁବାର ହତ୍ୟା କରାଯାଇଛି। ଏନେଇ ରବୀନ୍ଦ୍ରଙ୍କ ପରିବାର ପକ୍ଷରୁ ହୁମା ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ବେଙ୍ଗାଲୁରୁରେ ଜଣେ ସାଙ୍ଗ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ଦେଇଥିବା ମୃତ୍ୟୁ ପୂର୍ବରୁ ରବୀନ୍ଦ୍ର ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। ରବୀନ୍ଦ୍ର ଗତ ପାଞ୍ଚ ଦିନ ତଳେ ଦାଦାଙ୍କ ଝିଅ ବାହାଘର ପାଇଁ ଗାଁକୁ ଆସିଥିଲେ। ବାହାଘର ସରିବା ପରେ ସେ ବେଙ୍ଗାଲୁରୁ ଚାଲିଯାଇଥିଲେ। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ରବୀନ୍ଦ୍ରଙ୍କ ଭିଣୋଇ ସିଲୁ ସ୍ୱାଇଁ ବେଙ୍ଗାଲୁରୁରେ ପହଞ୍ଚିଥିଲେ। ରବୀନ୍ଦ୍ର କାମ କରୁଥିବା କମ୍ପାନୀକୁ ସିଲୁ ଫୋନ କରିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ପରେ ଏଗଲ ନାମକ ଏକ ସିକ୍ୟୁରିଟି ସଂସ୍ଥା ମୃତଦେହ ଗାଁକୁ ପଠାଇବା ବ୍ୟବସ୍ଥା କରିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

**ଆଜିର ସମ୍ପାଦକୀୟ**

ଫାଟ କରିବ ଜାତିଗଣନା



'ଏନ୍‌ଇଇଟି-ୟୁଜି ୨୦୨୫' ପ୍ରବେଶିକା ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ କେନ୍ଦ୍ରକୁ ଯାଉଛନ୍ତି। **(ଫଟୋ- ବିକାଶ ନାୟକ)**

## ଓଡ଼ିଶାରୁ ଏନ୍‌ଇଇଟି ଦେଲେ ୭୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି ୟୁଜି ୨୦୨୫) ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରବେଶିକା ପରୀକ୍ଷା ଦେବାକୁ ଦେଶବିଦେଶର ପ୍ରାୟ ୨୩ଲକ୍ଷ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଦେଶର ୫୦୦ ସହରର ୫,୪୫୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ତେବେ ଓଡ଼ିଶାରେ ୨୭ଟି ସହରରେ ନିଟ୍ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଏଠାରେ ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୧ଟା ମଧ୍ୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିଥିଲେ। ପରୀକ୍ଷା କେନ୍ଦ୍ରର ମୁଖ୍ୟ ଫାଟକରେ ପିଲାଙ୍କୁ ଅଧିକାରୀମାନେ ଯାଞ୍ଚ କରିଥିଲେ।

# ଆବାସ ପାଇଁ ଲଟେରି

## ପ୍ରଥମେ ଭୁବନେଶ୍ୱରରେ ଲାଗୁ ହେବ, ମିଳିବ ଋଣ ସୁବିଧା

**ସମସ୍ତ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)-୨ରେ ପକ୍କାଘର ମିଳିବ। ପକ୍କାଘର ବଣ୍ଟନ ଦଳୀୟ ଭିତ୍ତିରେ କିମ୍ବା ମନଇଚ୍ଛା ହେବ ନାହିଁ। ଏଣିକି ଲଟେରି ମାଧ୍ୟମରେ ଘର ଆବଣ୍ଟନ କରାଯିବ। ଯେଉଁମାନେ ଦିବ୍ୟାଙ୍ଗ ଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଏହି ଲଟେରି ପ୍ରକ୍ରିୟାରେ ଆବାସ ବଣ୍ଟାଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଏପ୍ରିଲ ୨୯ରେ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ତେବେ ଅସହାୟ ବସ୍ତିବାସିନ୍ଦାମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାଙ୍କରଣ କରାଯିବାରେ ସହାୟତା ଦିଆଯିବ।**

ଭୁବନେଶ୍ୱର,୪।୫ (ରବିନାରାୟଣ ଜେନା)

ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ପକ୍କାଘର ମିଳିବ। ଏନେଇ ୨୦୨୨ରେ ଏକ ନୀତି (ସମସ୍ତଙ୍କୁ ପକ୍କାଘର) ଅଣାଯାଇଥିଲା। ମାତ୍ର ଏବେ ଏଥିରେ କେତେକ ସଂଶୋଧନ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସମସ୍ତ ବସ୍ତିବାସିନ୍ଦା ଯେଭଳି ପ୍ରଧାନମନ୍ତ୍ରୀ ଆବାସ(ସହରାଞ୍ଚଳ)-୨ରେ ସାମିଲ ହୋଇପାରିବେ ସେଥିନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀ ନିଶ୍ଚିତ ଭାବେ ବିଏମ୍‌ସି ଅଞ୍ଚଳର ଜଣେ ବସ୍ତିବାସିନ୍ଦା ହୋଇଥିବେ। ତାଙ୍କର କିମ୍ବା ତାଙ୍କ ପରିବାରର କାହା ନାମରେ ଭୁବନେଶ୍ୱରରେ ପକ୍କାଘର ନ ଥିବ। ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ। ହିତାଧିକାରୀ ଭାବେ ସ୍ୱାମୀ, ସ୍ତ୍ରୀ କିମ୍ବା ତାଙ୍କର ସନ୍ତାନଙ୍କୁ ନିଆଯାଇପାରିବ। ସେ କେନ୍ଦ୍ର, ରାଜ୍ୟ ତଥା କୌଣସି ପିଏସ୍‌ୟୁ ଚାକିରିଆ ହୋଇ ନ ଥିବେ। ଯେଉଁମାନେ ସରକାରଙ୍କ ପକ୍ଷରୁ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପଟ୍ଟା ପାଇଥିବେ ସେମାନେ ଆପଣା ଛାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇପାରିବେ।

ସରକାରଙ୍କ ଏସ୍‌ଓପିରେ ରହିଛି ଯେ, ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ହେଲେ ତାଙ୍କୁ ପ୍ରଥମେ ୨୦ ପ୍ରତିଶତ ଅଗ୍ରିମ ଦେବାକୁ ପଡ଼ିବ। ଯଦି ସମ୍ପୃକ୍ତ ହିତାଧିକାରୀ ଋଣ କରିବାକୁ ଚାହିଁବେ ତେବେ ସେଥିପାଇଁ ବିଏମ୍‌ସି ସହାୟତା କରିବ। ଋଣ ଦେବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାଙ୍କ ଯୋଗାଡ଼ କରାଯିବ। ତେବେ ହିତାଧିକାରୀଙ୍କୁ ଏଥିପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ନ ଥିବା ନେଇ ଅନୁମତି ପତ୍ର ଯୋଗାଡ଼ କରିବାକୁ ହେବ। ଋଣ ପାଇଁ ବ୍ୟାଙ୍କ ସହିତ ବିଏମ୍‌ସି ଓ ହିତାଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସମ୍ପାଦନ କରାଯିବ। ଥରେ ବିଏମ୍‌ସି ପକ୍ଷରୁ ରିସିପ୍ଟ ମିଳିଗଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ସ୍ପଷ୍ଟ ବୁଝାଯିବ। ଏହାବାଦ୍ କ୍ଷେତ୍ର ଯାଞ୍ଚ ବେଳେ ଜଏଣ୍ଟ ଏନୁମରେଶନ ଟିମ୍ ଏବଂ ୱାର୍ଡ ଅଫିସରଙ୍କ ଭୂମିକା କ'ଣ ସବୁ ରହିବ ତାହା ବିଜ୍ଞପ୍ତିରେ ଦର୍ଶାଯାଇଛି।


DSPL-53

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ



ବିପ୍ଳବୀ ଧରଣୀଧର ନାଏକଙ୍କ
ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର
ଭିତ୍ତିପ୍ରସ୍ତର ସ୍ଥାପନ

ଗରିମାମୟ ଉପସ୍ଥିତି

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ,
ଆଇନ୍, ପୂର୍ତ୍ତ ଓ ଅବକାରୀ

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା

ଶ୍ରୀ ଅନନ୍ତ ନାୟକ
ସାଂସଦ, ଲୋକସଭା, କେନ୍ଦୁଝର

ଶ୍ରୀମତୀ ମମତା ମହାନ୍ତ
ସାଂସଦ, ରାଜ୍ୟସଭା

ଶ୍ରୀ ବଦ୍ରି ନାରାୟଣ ପାତ୍ର
ବିଧାୟକ, ଘସିପୁରା

ଶ୍ରୀ ସନାତନ ମହାକୁଡ଼
ବିଧାୟକ, ଚମ୍ପୁଆ

ଶ୍ରୀ ଅଖିଳ ଚନ୍ଦ୍ର ନାଏକ
ବିଧାୟକ, ପାଟଣା

ଶ୍ରୀ ଫକୀର ମୋହନ ନାଏକ
ବିଧାୟକ, ତେଲକୋଇ

ଶ୍ରୀ ଅଭିମନ୍ୟୁ ସେଠୀ
ବିଧାୟକ, ଆନନ୍ଦପୁର

୫ ମଇ ୨୦୨୫ । ସକାଳ ୯ଟା
କୁସୁମିତା, କେନ୍ଦୁଝର

OIPR-03029/13/0050/2526

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

**ଏନ୍‌ଇଇଟି ପୂର୍ବରୁ କୋଟାରେ ଆଶାୟୀଙ୍କ ଆତ୍ମହତ୍ୟା**

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ୟୁଜି) ରବିବାର ଅନୁଷ୍ଠିତ ହୋଇଥିବାବେଳେ ଏହାର କିଛି ଘଣ୍ଟା ପୂର୍ବରୁ ଶନିବାର ରାତିରେ କୋଟାରେ ଜଣେ ୧୭ ବର୍ଷୀୟା ଆଶାୟୀ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ମଧ୍ୟପ୍ରଦେଶର ଶେଓପୁରର ମୂଳନିବାସୀ। ସେ କୋଟାର ଏକ ପ୍ରମୁଖ କୋଚିଂ ସେଣ୍ଟରକୁ ଯାଇ ଏନ୍‌ଇଇଟି-ୟୁଜି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ।



## ସଂକ୍ଷେପରେ

### କଂଗ୍ରେସର ସବୁ ଭୁଲ୍ ପାଇଁ ନିଜକୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ,୪।୫(ପି.ଟି.)

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଏବଂ ଏହି ସମ୍ପ୍ରଦାୟ ସହ କଂଗ୍ରେସର ସମ୍ପର୍କକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି, କଂଗ୍ରେସ ଅନେକ ଭୁଲ୍ କରିଛି, ଯାହା ଘଟିବା ସମୟରେ ସେ ସେଠାରେ ନ ଥିଲେ। ତେବେ ଦଳର ସବୁ ଭୁଲ୍ ପାଇଁ ସେ ନିଜକୁ ଦାୟୀ କରିବାକୁ ଅଧିକ ଖୁସି ହେବେ ବୋଲି କହିଛନ୍ତି। ଏପ୍ରିଲ ୨୧ରେ ଆମେରିକାର ବ୍ରାଉନ୍ ୟୁନିଭର୍ସିଟିରେ ଏକ ଆଲୋଚନାରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଖୋଲାଖୋଲି କହିଥିଲେ, ୮୦ ଦଶକରେ ଯାହା ଘଟିଥିଲା, ତାହା ଭୁଲ୍ ଥିଲା। ଉକ୍ତ ଆଲୋଚନାର ଭିଡିଓ ଶନିବାର ୱାଟ୍‌ସନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ୍ ଆଫେୟାର୍ସର ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ ହେବା ପରେ ଜଣାପଡ଼ିଛି। ୧୯୮୪ ଦଙ୍ଗା ଘଟଣା ଉଠାଇ ଶିଖ୍ ସମ୍ପ୍ରଦାୟ ସହ ଏହାର ସମାଧାନ ଦିଗରେ କ'ଣ ଉଦ୍ୟମ କରିଛନ୍ତି ବୋଲି ଜଣେ ଶିଖ୍ ଛାତ୍ର ପ୍ରଶ୍ନ କରିବାରୁ ରାହୁଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ।

### ଖାତକୁ ଖସିଲା ସେନା ଟ୍ରକ୍, ୩ ଯବାନ ମୃତ

ଜମ୍ମୁ, ୪।୫

ଜମ୍ମୁ-କଶ୍ମୀରର ରାମବନ ଜିଲା ବ୍ୟାଟେରି ଚଷମା ଅଞ୍ଚଳ ନିକଟସ୍ଥ ଜମ୍ମୁ-ଶ୍ରୀନଗର ନ୍ୟାଶନାଲ ହାଇୱେ-୪୪ରେ ରବିବାର ସକାଳେ ଏକ ସେନା ଟ୍ରକ୍ ଯାଉଥିବା ବେଳେ ଏହା ନିୟନ୍ତ୍ରଣ ହରାଇ ୭୦୦ ଫୁଟ ଗଭୀର ଖାତରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଛି। ସୂଚନା ମିଳିବାମାତ୍ରେ ସେନା, ପୋଲିସ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆର୍‌ଏଫ୍)ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମୃତ ୩ ଯବାନ ହେଉଛନ୍ତି ସିପାହି ଅମିତ୍ କୁମାର, ସୁଜିତ୍ କୁମାର ଏବଂ ମାନ ବାହାଦୁର।

### ଲେଡି ଗାଗାଙ୍କ କନ୍‌ସର୍ଟରେ ବିସ୍ଫୋରଣ ଉଦ୍ୟମ



ରିଓ ଡି ଜେନେରିଓ,୪।୫

ଆମେରିକାର ପ୍ରଖ୍ୟାତ ଗାୟିକା ତଥା ଅଭିନେତ୍ରୀ ଲେଡି ଗାଗାଙ୍କ ରିଓ ଡି ଜେନେରିଓ କନ୍‌ସର୍ଟରେ ବିସ୍ଫୋରଣ ଉଦ୍ୟମକୁ ବ୍ରାଜିଲ ପୋଲିସ ପଣ୍ଡ କରିଛି। ବୋମା ବିସ୍ଫୋରଣ ପାଇଁ ଯୋଜନା କରିଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବ୍ରାଜିଲର କୋପାକାବାନା ବିଚ୍‌ରେ ଶନିବାର ରାତିରେ ଆୟୋଜିତ ଲେଡି ଗାଗାଙ୍କ କନ୍‌ସର୍ଟ ତାଙ୍କ କ୍ୟାରିୟରର ସବୁଠୁ ବଡ଼ ଶୋ' ଥିଲା। ଏଥିରେ ପ୍ରାୟ ୨୦ ଲକ୍ଷ ପ୍ରଶଂସକ ଯୋଗଦେଇଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି କନ୍‌ସର୍ଟରେ ମୋଲୋଟୋଭ୍ କକ୍‌ଟେଲ୍ ଏବଂ ବିକଶିତ ବିସ୍ଫୋରକ ବ୍ୟବହାର କରି ବିସ୍ଫୋରଣର ଯୋଜନା କରିଥିଲେ। ପୋଲିସ ଏନେଇ ଜାଣିପାରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଫୋନ୍ ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ଜବତ କରିଥିବା ପୋଲିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଗୋଷ୍ଠୀ ଏଲ୍‌ଜିବିଟିକ୍ୟୁ ସମୁଦାୟ ବିରୋଧରେ ଘୃଣା ମନ୍ତବ୍ୟ ବିସ୍ତାର କରୁଥିଲେ। ଏପରି କି ଅନ୍‌ଲାଇନ୍ ଜରିଆରେ ସ୍ୱଳ୍ପବୟସ୍କ ପିଲାଙ୍କୁ କଠୋରପନ୍ଥୀ ପାଠ ପଢ଼ାଉଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ଆତଙ୍କ ସୃଷ୍ଟି କରିବା ଏମାନଙ୍କ ଉଦ୍ଦେଶ୍ୟ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ବଡ଼ ଆକ୍ରମଣର ଧମକ ଦେଲେ ନେତାନ୍ୟାହୁ



ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ ମାଡ଼ ବେଳର ଦୃଶ୍ୟ।

ତେଲ୍ ଆଭିଭ୍,୪।୫

**ତେଲ୍ ଆଭିଭ୍‌ରେ ହୁଟିର ମିଶାଇଲ୍ ମାଡ଼**

ଇରାନ ସମର୍ଥିତ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ରବିବାର ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ଦେଶର ସର୍ବବୃହତ୍ ବିମାନବନ୍ଦରରେ ମିଶାଇଲ ମାଡ଼ କରିଛନ୍ତି। ଏହାର ଜବାବରେ ହୁଟି ବିରୋଧରେ ବଡ଼ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସଂକଳ୍ପ ନେଇଛନ୍ତି। ପୂର୍ବରୁ ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲୁ। ଏଥର ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଗାଜାର ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ହୁଟି ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ମିଶାଇଲ ଆକ୍ରମଣ କରୁଛନ୍ତି। ରବିବାର ସକାଳେ ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ହୋଇଥିବା ମିଶାଇଲ ମାଡ଼ରେ



ବେଞ୍ଜାମିନ୍ ନେତାନ୍ୟାହୁ

୨୫ ଫୁଟ୍ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ମିଶାଇଲ ମାଡ଼ରେ କେତେଜଣ ଆହତ ହୋଇଥାଇପାରନ୍ତି ବୋଲି କୁହାଯାଉଛି। ଗାଜାରେ ୨ ମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁଣିଥରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ସାମରିକ କାର୍ଯ୍ୟାନୁଷ୍ଠାନ ବଢ଼ାଇବା ପାଇଁ ଇସ୍ରାଏଲ୍‌ର ମନ୍ତ୍ରୀମାନେ ଏକ ଯୋଜନାକୁ ଅନୁମୋଦନ କରିବାକୁ ଯାଉଥିବାବେଳେ ହୁଟି ପକ୍ଷରୁ ମିଶାଇଲ ଆକ୍ରମଣ ହୋଇଛି।

## ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୪।୫

ଇସ୍ରାଏଲ୍‌ର ବେନ୍ ଗୁରିଅନ୍ ବିମାନବନ୍ଦରରେ ରବିବାର ହୁଟି ଆତଙ୍କବାଦୀ ମିଶାଇଲ୍ ଆକ୍ରମଣ କରିବା ପରେ ଏୟାର ଇଣ୍ଡିଆ ଆଗାମୀ ୨ ଦିନ ପାଇଁ ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଛି। ଆକ୍ରମଣ ପରେ ରବିବାର ଦିଲ୍ଲୀରୁ ତେଲ୍ ଆଭିଭ୍ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଆବୁଧାବୀକୁ ନିଆଯାଇଥିଲା। ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ୬ ତାରିଖ ମଧ୍ୟରେ ଆବୁଧାବୀ ଯିବା ପାଇଁ ଟିକେଟ ବୁକ୍ କରିଛନ୍ତି, ସେମାନଙ୍କୁ ରିହାତି ମିଳିବ କିମ୍ବା ସେମାନେ ଯାତ୍ରା ସମୟ ବଦଳାଇପାରିବେ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରବିବାର ଏୟାର ଇଣ୍ଡିଆର ଏଆଇ୧୩୯ ବିମାନ ତେଲ୍ ଆଭିଭ୍‌ରେ ଅବତରଣ କରିବାର ଘଣ୍ଟାଏରୁ କମ୍ ସମୟ ପୂର୍ବରୁ ହୁଟି ଆତଙ୍କବାଦୀ ମିଶାଇଲ ଆକ୍ରମଣ କରିଥିଲେ। ତେଲ୍ ଆଭିଭ୍ ନିକଟରେ ଥିବା ଇସ୍ରାଏଲ୍‌ର ସର୍ବବୃହତ୍ ଅନ୍ତର୍ଜାତୀୟ ବିମାନବନ୍ଦର ବେନ୍ ଗୁରିଅନ୍ ଏୟାରପୋର୍ଟର ୩ ନମ୍ବର ଟର୍ମିନାଲଠାରୁ ୭୫ ମିଟର ଦୂରରେ ମିଶାଇଲ୍ ମାଡ଼ କରିବାରୁ ୨୫ ମିଟର ଗଭୀର ଖାତ ସୃଷ୍ଟି ହୋଇଛି। ଏହା ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିବା କୁହାଯାଉଛି।

## କ୍ଷମତା ବଜାୟ ରଖିଲେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍



ସିଙ୍ଗାପୁର,୪।୫(ପି.ଟି.)

ସିଙ୍ଗାପୁର ସାଧାରଣ ନିର୍ବାଚନରେ ଶାସକ ଦଳ ପିପୁଲ ଆକ୍ସନ ପାର୍ଟି (ପିଏପି) ଐତିହାସିକ ବିଜୟ ହାସଲ କରିବା ସହ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ କ୍ଷମତା ବଜାୟ ରଖିଛନ୍ତି। ବୈଶ୍ୱିକ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଶନିବାର ସିଙ୍ଗାପୁର ପାର୍ଲାମେଣ୍ଟ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୯୭ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ପିଏପି ୮୭ ଆସନ ଦଖଲ କରିଛି। ଶାସକ ଦଳକୁ ୬୫.୫ ପ୍ରତିଶତ ଭୋଟ ମିଳିଛି, ଯାହାକି ୨୦୨୦ ତୁଳନାରେ ଅଧିକ। ସିଙ୍ଗାପୁର ଜନସାଧାରଣଙ୍କ ସ୍ପଷ୍ଟ ଏବଂ ଦୃଢ଼ ଜନାଦେଶ ତାଙ୍କ ସରକାରରେ ସେମାନଙ୍କ ଆସ୍ଥା, ସ୍ଥିରତା ଓ ବିଶ୍ୱାସର ସ୍ପଷ୍ଟ ସଙ୍କେତ ବୋଲି ୱଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୪।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବାବେଳେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆରବ ସାଗରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମୋଟାମୋଟି ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ଗତ ମାସ ୨୨ ତାରିଖରେ ସୀମାପାର ଆତଙ୍କବାଦୀ ଆକ୍ରମଣରେ ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ଆକ୍ରମଣରେ ସମ୍ପୃକ୍ତ



ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ

ଆତଙ୍କବାଦୀ ଓ ସେମାନଙ୍କ ପରିଚାଳକଙ୍କୁ କଠୋର ଦଣ୍ଡ ଦେବା ପାଇଁ ଭାରତ ପ୍ରତିଶ୍ରୁତି ଦେଇଥିଲା। ଗତ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ଓ ୩ ସେନାର ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ସେନାକୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ଲାଗି ପ୍ରଧାନମନ୍ତ୍ରୀ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ପହଲଗାମ୍ ଆକ୍ରମଣର ଦିନକ ପରେ ଭାରତ ପାକିସ୍ତାନ ବିରୋଧରେ କେତେଗୁଡ଼ିଏ କଟକଣା ଲଗାଇଥିଲା। ସିନ୍ଧୁ ନଦୀଜଳ ବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖାଯିବା ସହ ଅଟ୍ଟାରୀ ସୀମା ବନ୍ଦ କରାଯାଇଥିଲା। ଏଥିସହିତ କୂଟନୈତିକ ସମ୍ପର୍କ ହ୍ରାସ କରାଯାଇଥିଲା। ଏହାର ଜବାବରେ ପାକିସ୍ତାନ ଭାରତୀୟ ବିମାନ ପାଇଁ ଏହାର ଆକାଶସୀମାକୁ ବନ୍ଦ କରିବା ସହ ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଥିଲା। ଗତ ଶନିବାର ଭାରତ ପାକିସ୍ତାନରୁ ଆମଦାନୀ ସମସ୍ତ ସାମଗ୍ରୀ ଉପରେ ବ୍ୟାନ୍ ଲଗାଇବା ସହ ସେଠାର ଜାହାଜଗୁଡ଼ିକ ପାଇଁ ଭାରତୀୟ ବନ୍ଦରକୁ ବନ୍ଦ କରିଦେଇଥିଲା।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଅମୃତସରରୁ ୨ ଗିରଫ

ଅମୃତସର,୪।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ପଞ୍ଜାବର ଅମୃତସରରୁ ଶନିବାର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଉକ୍ତ ଅଞ୍ଚଳର ସେନା କ୍ୟାଣ୍ଟନମେଣ୍ଟ ଅଞ୍ଚଳ ଏବଂ ଏୟାରବେସ୍ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଓ ଫଟୋ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ଶେୟାର କରିଥିବା ଅଭିଯୋଗ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ୨ ଦେଶ ମଧ୍ୟରେ ଉତ୍ତେଜନା ବଢୁଥିବାବେଳେ ଅମୃତସର ପୋଲିସ ପଲକ ଶେର୍ ମସିହ ଏବଂ ସୂରଜ ମସିହଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିଛି। ସେମାନେ ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍‌ମାନଙ୍କ ସହ ଯୋଗାଯୋଗରେ ରହି ସମ୍ବେଦନଶୀଳ ସାମରିକ ଘାଟିଗୁଡ଼ିକର ତଥ୍ୟ ଦେଉଥିଲେ। ଅମୃତସର କେନ୍ଦ୍ରୀୟ ଜେଲରେ ଥିବା ହରପ୍ରୀତ୍ ସିଂ ଓରଫ ପିଣ୍ଟୁଙ୍କ ସୂଚନାକ୍ରମେ ସେମାନଙ୍କୁ ଠାବ କରାଯାଇଛି। ସେମାନଙ୍କଠାରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ପିଣ୍ଟୁ ସେମାନଙ୍କୁ ଆଇଏସ୍‌ଆଇ ସହ ଯୋଗାଯୋଗ କରାଇଥିଲେ। ଅଧିକ ଜେରା ପାଇଁ ପୋଲିସ ପିଣ୍ଟୁଙ୍କୁ ପ୍ରଡକ୍ସନ ୱାରେଣ୍ଟରେ ଆଣିବାକୁ ଚାହୁଁଛି।

## ଭାରତୀୟ ଜାହାଜ ପାଇଁ ବନ୍ଦର ବନ୍ଦ କଲା ପାକିସ୍ତାନ

ଇସ୍‌ଲାମାବାଦ,୪।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଶନିବାର ପାକିସ୍ତାନୀ ସାମଗ୍ରୀ ଆମଦାନୀ ନିଷିଦ୍ଧ କରିବା ସହ ଏହାର ଜାହାଜ ପାଇଁ ଦେଶର ବନ୍ଦରଗୁଡ଼ିକୁ ବନ୍ଦ କରିଥିଲା। ଏହାର ଦିନକ ପରେ ଇସ୍‌ଲାମାବାଦ ରବିବାର ଅନୁରୂପ ପଦକ୍ଷେପ ସ୍ୱରୂପ ଭାରତୀୟ ଜାହାଜ ପାଇଁ ନିଜ ବନ୍ଦରକୁ ବନ୍ଦ କରିଦେଇଛି। ଭାରତୀୟ ପତାକା ଥିବା କୌଣସି ଜାହାଜକୁ ପାକିସ୍ତାନର କୌଣସି ବନ୍ଦରରେ ପ୍ରବେଶ ଅନୁମତି ମିଳିବ ନାହିଁ। ସେହିପରି ପାକିସ୍ତାନୀ ଜାହାଜଗୁଡ଼ିକ କୌଣସି ଭାରତୀୟ ବନ୍ଦରରେ ଅବସ୍ଥାନ କରିବେ ନାହିଁ ବୋଲି ପାକ୍ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

## ପରୀକ୍ଷା ପୂର୍ବରୁ ଛାତ୍ରଙ୍କ ପଇତା କାଢ଼ିବାକୁ ବାଧ୍ୟକଲେ

ବେଙ୍ଗାଲୁରୁ, ୪।୫

**କାଲବୁର୍ଗୀରେ ଏନ୍‌ଇଇଟି**

ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି ୟୁଜି) ରବିବାର ଅନୁଷ୍ଠିତ ହୋଇଯାଇଛି। ତେବେ କର୍ଣ୍ଣାଟକର କାଲବୁର୍ଗୀ ସହରର ସେଣ୍ଟ ମ୍ୟାରି ସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ କେତେଜଣ ବ୍ରାହ୍ମଣ ଛାତ୍ର ପିନ୍ଧିଥିବା ପଇତାକୁ କାଢ଼ିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଛାତ୍ରମାନେ ପିନ୍ଧିଥିବା ପଇତାକୁ କାଢ଼ି ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସହରର ବିଭିନ୍ନ ବ୍ରାହ୍ମଣ ସମୁଦାୟ ପକ୍ଷରୁ ସେଣ୍ଟ ମ୍ୟାରି ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ କେନ୍ଦ୍ରରେ ପରୀକ୍ଷାକୁ ପରିଚାଳନା କରୁଥିବା ଅଧିକାରୀମାନେ ଛାତ୍ରଙ୍କ ଧାର୍ମିକ ଭାବନାକୁ ଅସମ୍ମାନ କରିବା ସହ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନ ଥିବା ଦର୍ଶାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିକ୍ଷୋଭକାରୀ ଦାବି କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ଶତାଧିକ ଛାତ୍ର ସାମିଲ ହୋଇ ଏନ୍‌ଇଇଟି ବିରୋଧୀ ସ୍ଲୋଗାନ ଦେଇଥିଲେ। ଘଟଣା ପରେ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## କଠୋରପନ୍ଥୀକରଣ ପଶ୍ଚିମବଙ୍ଗ ପାଇଁ ଚ୍ୟାଲେଞ୍ଜ

କୋଲକାତା,୪।୫(ପି.ଟି.)

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ମୁର୍ଶିଦାବାଦ ଦଙ୍ଗା ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି। କଠୋରପନ୍ଥୀକରଣ ରାଜ୍ୟ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ସେ ରିପୋର୍ଟରେ ଦର୍ଶାଇଛନ୍ତି। ଦଙ୍ଗାର ତଦନ୍ତ ଲାଗି ଏକ ତଦନ୍ତ କମିଶନ ଗଠନ କରିବା ସହ ବାଂଲାଦେଶ ସୀମାକୁ ଲାଗିଥିବା ଉକ୍ତ ଜିଲାରେ କେନ୍ଦ୍ରୀୟ ବଳର ଆଉଟ୍‌ପୋଷ୍ଟ ଖୋଲିବା ପାଇଁ ରାଜ୍ୟପାଳ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୫୬ ବଳରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ରାଜ୍ୟପାଳ ପ୍ରସ୍ତାବ ଦେଇ ନ ଥିଲେ ମଧ୍ୟ

**ମୁର୍ଶିଦାବାଦ ଦଙ୍ଗା ନେଇ କେନ୍ଦ୍ରକୁ ରାଜ୍ୟପାଳଙ୍କ ରିପୋର୍ଟ**



ସି.ଭି. ଆନନ୍ଦ ବୋଷ

ରାଜ୍ୟରେ ସ୍ଥିତି ଅଧିକ ବିଗିଡ଼ିଲେ କେନ୍ଦ୍ର ପାଇଁ ଏହି ବ୍ୟବସ୍ଥା ଖୋଲା ରଖିବାକୁ କହିଛନ୍ତି। ମୁର୍ଶିଦାବାଦ ଦଙ୍ଗା ରାଜ୍ୟର ଅନ୍ୟ ଜିଲାଗୁଡ଼ିକୁ ବ୍ୟାପିବା ଆଶଙ୍କା କରି କେନ୍ଦ୍ର ସରକାର ସ୍ଥିତି ନିୟନ୍ତ୍ରଣ ପାଇଁ ସାମ୍ବିଧାନିକ ବିକଳ୍ପ ସମ୍ପର୍କରେ ବିଚାର କରିବାକୁ ରାଜ୍ୟପାଳ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ, ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ଗତ ମାସରେ ମୁର୍ଶିଦାବାଦରେ ବିକ୍ଷୋଭ ବେଳେ ତାହା ହିଂସାତ୍ମକ ରୂପ ନେଇଥିଲା। ଉକ୍ତ ଦଙ୍ଗାରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଜାତୀୟ ରାଜପଥ-୧୨ରେ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଥିଲା। ଦଙ୍ଗାରେ ବହୁ ସମ୍ପତ୍ତି ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ୪୦୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଘରଦ୍ୱାର ଛାଡ଼ି ପଡୋଶୀ ମାଲଦା ଜିଲାରେ ଆଶ୍ରୟ ନେଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ରାଜ୍ୟ ସରକାର ଇଣ୍ଟରନେଟ୍ ସେବା ବନ୍ଦ କରିବା ସହ ଦଙ୍ଗାଗ୍ରସ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରିଥିଲେ। ଘଟଣାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୋଲିସ ଏକ ୯ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିଲା। ସବୁ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବାକୁ କୋଲ୍‌କାତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଫୁରସତ୍

### ସବୁଠୁ ଡେଙ୍ଗା, ଗେଡ଼ା କୁକୁରର ଭେଟ

ୱାଶିଂଟନ

ଆମେରିକାର ଇଡାହୋରେ ବିଶ୍ୱର ସବୁଠାରୁ ଡେଙ୍ଗା କୁକୁର ରେଗିନାଲ୍ଡ ଓ ସବୁଠାରୁ ଗେଡ଼ା କୁକୁର ପର୍ଲ ଶନିବାର ପରସ୍ପରକୁ ଭେଟିଛନ୍ତି। ରେଗିନାଲ୍ଡର ବୟସ ୭ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ୩ ଫୁଟ ୪ ଇଞ୍ଚ ରହିଛି। ସେହିପରି ପର୍ଲର ବୟସ ୪ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ମାତ୍ର ୩.୫୯ ଇଞ୍ଚ ରହିଛି। ସମ୍ପ୍ରତି ଉଭୟଙ୍କର ନାମ ବିଶ୍ୱର ସବୁଠାରୁ ଡେଙ୍ଗା ଏବଂ ଗେଡ଼ା କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ ରହିଛି। ରେଗିନାଲ୍ଡ ଗ୍ରେଟ୍ ଡେନ୍ ପ୍ରଜାତିର କୁକୁର ହୋଇଥିବା ବେଳେ ପର୍ଲ ହେଉଛି ଚିହୁଆହୁଆ ପ୍ରଜାତିର କୁକୁର।

ଇଡାହୋସ୍ଥିତ ରେଗିନାଲ୍ଡର ଘରେ ଯେତେବେଳେ ପର୍ଲ ଓ ତା'ର ମାଲିକାଣୀ ଭାନେସା ସେମଲର ପହଞ୍ଚିଥିଲେ, ସେତେବେଳେ ରେଗିନାଲ୍ଡ ନିଜ ଅତିଥିଙ୍କୁ ଜୋର୍‌ସୋର୍‌ରେ ସ୍ୱାଗତ କରିଥିଲା। ରେଗିନାଲ୍ଡର ମାଲିକ ସାମ୍ ଜନସନ କହିଛନ୍ତି, ଯେବେଠାରୁ ସେ ରେଗିନାଲ୍ଡକୁ ପାଳିଛନ୍ତି ସେବେଠାରୁ ପ୍ରାୟ ଦେଢ଼ ବର୍ଷ ପର୍ଯ୍ୟନ୍ତ ରେଗିନାଲ୍ଡ ଦ୍ରୁତ ଗତିରେ ବଢ଼ିଥିଲା ଏବଂ ଅତ୍ୟଧିକ ଡେଙ୍ଗା ହୋଇଯାଇଥିଲା। ତେବେ ଏତେ ଡେଙ୍ଗା ଏବଂ ଆକାରରେ ବଡ଼ ହୋଇଥିଲେ ମଧ୍ୟ ରେଗିନାଲ୍ଡ ହୃଦୟରୁ ଏବେ ବି ଏକ ଛୋଟ କୁକୁର ଛୁଆ ପରି ବ୍ୟବହାର କରେ ବୋଲି ସାମ୍ କହିଛନ୍ତି। ପର୍ଲର ମାଲିକାଣୀ ଭାନେସା କହିଛନ୍ତି, ଚିହୁଆହୁଆ ପ୍ରଜାତିର ଅନ୍ୟ କୁକୁରଙ୍କ ତୁଳନାରେ ପର୍ଲ ଅତ୍ୟନ୍ତ ଶାନ୍ତ ସ୍ୱଭାବର। ପର୍ଲ ଏବଂ ରେଗିନାଲ୍ଡ ପରସ୍ପରକୁ ଭେଟିବା ସମୟରେ ଉଭୟେ ପ୍ରଥମ ଥର ପାଇଁ ଭେଟୁଥିବା ପରି ମନେ ହେଉ ନ ଥିଲା। ତେଣୁ ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ଭାନେସା କହିଛନ୍ତି।



### ୧୭ ବର୍ଷ ପରେ ସୈଫ୍, ଅକ୍ଷୟ୍ ଏକାଠି

ମୁମ୍ବାଇ

ବଲିଉଡ୍‌ର ୨ ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷର ଲମ୍ବା ଅପେକ୍ଷା ପରେ ପୁଣିଥରେ ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୧୬ରେ ରିଲିଜ୍ ହୋଇଥିବା ଅଭିନେତା ମୋହନଲାଲଙ୍କ ସୁପରହିଟ ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଉଭୟ ଅକ୍ଷୟ ଏବଂ ସୈଫ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟ ଖଳନାୟକ ଭୂମିକାରେ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ଏକ ସସ୍‌ପେନ୍ସ ଥ୍ରୀଲର ଫିଲ୍ମ ହୋଇଥିବା ବେଳେ ଏଥିରେ ସୈଫ୍ ଏବଂ ଅକ୍ଷୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ଶୁଟିଂ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବ। ୨୦୨୬ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ନେଇ ଯୋଜନା ରହିଛି। ପ୍ରକାଶ ଯେ, ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଶେଷଥର ପାଇଁ ଉଭୟ ଅକ୍ଷୟ ଏବଂ ସୈଫ୍ ଏକାଠି ନଜରକୁ ଆସିଥିଲେ।



ସୈଫ୍ ଅଲୀ ଖାନ୍

ଅକ୍ଷୟ କୁମାର

# ଅନୁକୂଳ ବ୍ୟବସାୟିକ ବାତାବରଣରେ ଓଡ଼ିଶା ଅନ୍ୟତମ: ମୁଖ୍ୟମନ୍ତ୍ରୀ



ୱେଭ୍ସ-୨୦୨୫ରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୪।୫ (ରବିନାରାୟଣ ଜେନା)**

**ୱେଭ୍ସ-୨୦୨୫**

ମୁମ୍ବାଇରେ ଅନୁଷ୍ଠିତ ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ସମିଟ୍ (ୱେଭ୍ସ) ୨୦୨୫ ଏକ ପ୍ରଶସ୍ତ ମାର୍ଗ, ଯେଉଁଥିରେ ବିବିଧ କ୍ଷେତ୍ରରେ ନୂତନ ଉଦ୍ୟୋକ୍ତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଓଡ଼ିଶାରେ ନିବେଶ ଲାଗି ଅନୁକୂଳ ବ୍ୟବସାୟିକ ବାତାବରଣ ରହିଛି ବୋଲି ମଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ୱେଭ୍ସ-୨୦୨୫ରେ ଶନିବାର ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଟୁ-ୱାନ୍ ଆଲୋଚନା କରିଥିଲେ। ବି-ଟୁ-ଜି ବୈଠକରେ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ ଓଡ଼ିଶାର ଦ୍ରୁତ ଶିଳ୍ପ ଅଭିବୃଦ୍ଧି ଏବଂ ଅନୁକୂଳ ବ୍ୟବସାୟିକ ବାତାବରଣ ନେଇ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମିଟ୍‌ରେ ମୁଖ୍ୟମନ୍ତ୍ରୀ ଟାଟା ଷ୍ଟିଲ୍, ଶାପୁର୍ଜୀ ପାଲୋନଜୀ ଗ୍ରୁପ୍, ୱାରୀ ଏନର୍ଜିଜ୍ ଏବଂ ଇଣ୍ଡିଆନ୍ ରେୟାର ଆର୍ଥସ୍ ଲିମିଟେଡ୍‌ର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିବା ସହିତ ଉକ୍ତ ଶିଳ୍ପ ପ୍ରକଳ୍ପଗୁଡ଼ିକର କିଭଳି ସମ୍ପ୍ରସାରଣ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ବୈଠକରେ ଜୈନ ଇରିଗେସନ୍ ଲିମିଟେଡ୍ ଏବଂ ଜେଏସ୍‌କେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମୁମ୍ବାଇ ଗସ୍ତରେ ଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଲୋଚନା କରିଥିଲେ। କୃଷି-ପ୍ରକ୍ରିୟାକରଣ, ଜଳସେଚନ ଉପକରଣ ଉତ୍ପାଦନ ଏବଂ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ନିବେଶ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଉକ୍ତ ଶିଳ୍ପ କମ୍ପାନୀଗୁଡ଼ିକ ସହ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ଗୁଗଲ୍ ଇନ୍‌କର୍ପୋରେଟେଡ୍ ଏବଂ କାନାଡିର ଅଟୋମେଶନ ପ୍ରାଇଭେଟ୍ ଲିମିଟେଡ୍ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ପୂର୍ବାନୁମାନିକ ବିପର୍ଯ୍ୟୟ ପରିଚାଳନା, କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ପ୍ରଶାସନ, ସାର୍ବଜନୀନ ସେବା ପ୍ରଦାନରେ ଡାଟା ଡି-ଡୁପ୍ଲିକେଶନ୍ ଏବଂ ଉନ୍ନତ ଡାଟା ଆନାଲିଟିକ୍ସ ଭଳି କ୍ଷେତ୍ରରେ ଡିଜିଟାଲ୍ ସହଯୋଗ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ମହାରାଷ୍ଟ୍ରର ଚାମ୍ବର ଫର୍ ଆଡ୍‌ଭାନ୍ସମେଣ୍ଟ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ସିଏଏସଏମଇ) ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ୟାକେଜିଂରେ ଏମ୍‌ଏସ୍‌ଏମ୍‌ଇର ସହଯୋଗ ସହ ଓଡ଼ିଶାର କଞ୍ଚାମାଲ ଉପଲବ୍ଧତାର ସୁଯୋଗକୁ ଅନୁସନ୍ଧାନ କରିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ୱେଭ୍ସ-୨୦୨୫ରେ ରାଜ୍ୟର ଅଂଶଗ୍ରହଣ ଚଳଚ୍ଚିତ୍ର ପ୍ରଯୋଜକ, ପ୍ରଯୁକ୍ତିବିଦ୍ୟା ପ୍ରତିନିଧି, କ୍ରୀଡ଼ା ମହାସଂଘ, ପର୍ଯ୍ୟଟନ ପରିଚାଳକ ଏବଂ ସୃଜନଶୀଳ ଉଦ୍ୟୋଗୀଙ୍କ ସହିତ ଅଧିକ ସମ୍ପର୍କ ସ୍ଥାପନ ପାଇଁ ପଥ ପ୍ରଶସ୍ତ କରିଥିବା ଜଣାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଭିଜନ-୨୦୩୬ର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ବିଶ୍ୱ ନିବେଶକମାନଙ୍କୁ ଓଡ଼ିଶାର ଅଭିବୃଦ୍ଧି କାହାଣୀର ଅଂଶ ହେବାକୁ ଆମନ୍ତ୍ରଣ କରିଥିଲେ।

**ଏମ୍‌କେସିଜିରେ ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ**

# ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

**ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ନିଯୁକ୍ତି ପାଇଥିବା ଅନେକ ଡାକ୍ତର ନିଜ ଡ୍ୟୁଟି ନ କରି ବହୁ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ସେମାନଙ୍କୁ ନୋଟିସ୍ ପରେ ମଧ୍ୟ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ରାଜ୍ୟରେ ଏଭଳି ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା କୁହାଯାଉଥିବାବେଳେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ହସ୍ପିଟାଲର ୭ ଡାକ୍ତର ରହିଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏପରି କି ୨୦୧୬ ମସିହାରୁ ଏମ୍‌କେସିଜି ମେଡିକାଲ୍‌ରୁ କେତେଜଣ ଡାକ୍ତରଙ୍କ ପତ୍ତା ମଧ୍ୟ ମିଳୁନାହିଁ। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ସତ୍ତ୍ୱେ ସେହି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ସେମାନଙ୍କୁ ଠାବ ମଧ୍ୟ କରାଯାଇପାରି ନାହିଁ। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କୁ ନୋଟିସ କରାଯିବା ସହ ସରକାରଙ୍କୁ ଏନେଇ ଅବଗତ କରାଯାଇଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହୁଛନ୍ତି।**



**ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍‌ପିଟାଲରେ ଦୀର୍ଘଦିନ ଧରି ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ ଏବେ ଜଟିଳ ହେବାରେ ଲାଗିଛି। ଡା. ଲକ୍ଷ୍ମୀକାନ୍ତ ସୟ, ଡା. ସୁନିତା ସାହୁ, ଡା.ବିମରଜିତ ପ୍ରଧାନ, ଡା. ଏଲ. ରବିକୁମାର, ଡା.ଚଇତାଳି ବୋଷ, ଡା.ସୁଶ୍ରୀସଙ୍ଗୀତା କର ଓ ଡା.ରାମଚରଣ ଦେଓ ଅନୁପସ୍ଥିତ ଅଛନ୍ତି। ଏହି ଡାକ୍ତରଙ୍କ ମଧ୍ୟରୁ କେତେ ଜଣ ୨୦୧୬ରୁ ଅନୁପସ୍ଥିତ ଥିବା ବେଳେ ଆଉ କେତେ ଜଣ ୨୦୨୨ ପରଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ଡା. ଲକ୍ଷ୍ମୀକାନ୍ତ ସୟ ୨୦୨୨ ଜାନୁଆରୀରୁ, ଡା.ସୁନିତା ସାହୁ ୨୦୧୮ ନଭେମ୍ବରରୁ, ଡା.ବିମରଜିତ ପ୍ରଧାନ ୨୦୧୬ ସେପ୍ଟେମ୍ବରରୁ, ଡା.ରବିକୁମାର ୨୦୨୦ ଅକ୍ଟୋବରରୁ, ଡା.ଚଇତାଳି ବୋଷ ୨୦୨୧ ଜୁଲାଇରୁ, ଡା.ସୁଶ୍ରୀ ସଙ୍ଗୀତା କର ୨୦୨୩ ଜୁଲାଇରୁ ଓ ଡା.ରାମଚରଣ ଦେଓ ୨୦୧୬ ଅକ୍ଟୋବରରୁ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି ବୋଲି ଭୁବନେଶ୍ୱରର ପ୍ରଦୀପ କୁମାର ପ୍ରଧାନ ନାମକ ବ୍ୟକ୍ତି ମାଗିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଏହି ଡାକ୍ତରମାନେ ସରକାର ଏବଂ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି। ଗତବର୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ରହ୍ମପୁର ଏମ୍‌କେସିଜିକୁ ଆସିଥିବାବେଳେ ଏନେଇ ଅବଗତ କରାଯାଇଥିଲା। ଏମ୍‌କେସିଜି କଲେଜ ଓ ହସପିଟାଲ ପକ୍ଷରୁ ସେମାନଙ୍କୁ ନୋଟିସ ପଠାଯାଇଥିଲା। ମାତ୍ର ଏଯାଏ ସମ୍ପୃକ୍ତ ଡାକ୍ତରମାନେ ନୋଟିସର ଉତ୍ତର ରଖି ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ପ୍ରିନ୍ସିପାଲ ଡିନ୍ ସୁଚିତ୍ରା ଦାସ କହିଛନ୍ତି। ଏନେଇ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର କହିଛନ୍ତି, ଦୀର୍ଘଦିନ ଧରି ଡାକ୍ତର ଅନୁପସ୍ଥିତ ରହିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି କରାଯାଇ ଦୃଷ୍ଟି ଆକର୍ଷଣ କରାଯାଇଛି। ସେ ଘଟଣାର ତଦନ୍ତ କରି ବିଚାର କରିବେ ବୋଲି କହିଛନ୍ତି।

ଭାଜପା ଗଞ୍ଜାମ ଜିଲା ଉପସଭାପତି ରାମ କୁମାର ପାତ୍ର କହିଛନ୍ତି, ଡାକ୍ତର ଅନୁପସ୍ଥିତ ଯୋଗୁ ସ୍ୱାସ୍ଥ୍ୟସେବାରେ ଅସୁବିଧା ହେଉଛି। ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ଆଇଆଇସି ସୁଚିତ୍ରା ପରିଡ଼ା କହିଛନ୍ତି ଯେ, କେବଳ ଅଭିଯୋଗ ପାଇଛୁ। ଡାକ୍ତରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆମର କର୍ତ୍ତୃତ୍ୱ ନାହିଁ। ଜିଲାପାଳ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦି ନିର୍ଦ୍ଦେଶ ଆସେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ କହିବାନୁସାରେ, ରାଜ୍ୟର ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଏଭଳି ନିଜ କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିଛନ୍ତି। ସେମାନଙ୍କୁ କେବଳ ନୋଟିସ୍ ଦିଆଯାଉଥିବା କୁହାଯାଉଛି। ଏପରି କି ଇନ୍‌କ୍ୱାରୀ ଚାଲିଛି ଏବଂ ସରକାରଙ୍କୁ ଲେଖି ଜଣାଇଛୁ ବୋଲି ମେଡିକାଲ କର୍ତ୍ତୃପକ୍ଷ କହୁଛନ୍ତି। ସରକାର ତୁରନ୍ତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।

# ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ମୃତ

**ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି)**

- **ବର୍ଷା ଯୋଗୁ ଜମିରୁ ରାତିରେ ଘରକୁ ଫେରୁଥିଲେ**
- **ଗାଁ ଶ୍ମଶାନରେ ଏକ ସଙ୍ଗେ ହେଲା ଶବଦାହ**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ବାହାଦୁର ନଗର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାହାଦୁର ନଗର ଗ୍ରାମର ଉଚ୍ଛବ ଦଳେଇ (୭୦), ତାଙ୍କ ସ୍ତ୍ରୀ ବେଙ୍ଗ ଦଳେଇ (୬୫) ଓ ନାତି ତଥା ସାଉଁଟି ଦଳେଇଙ୍କ ପୁଅ ଶୁକଦେବ ଦଳେଇ (୧୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା(ନଂ.୧୨୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ବାହାଦୁର ନଗର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶନିବାର ଉଚ୍ଛବ ନିଜ ଘର ପାଖ କେନାଲ ସେପାଖରେ ଥିବା ଜମିକୁ ହଳ କରିବା ପାଇଁ ଟ୍ରାକ୍ଟର ନେଇ ପରିବାର ସହ ଯାଇଥିଲେ। ଜମିରେ ହଳ କରିବା ସମୟରେ ବର୍ଷା ହେବାରୁ ସମସ୍ତେ ସେଠାରେ ଥିବା ଗଛତଳେ ଅଟକି ଯାଇଥିଲେ। ବର୍ଷା ଛାଡ଼ିବା ପରେ ରାତି ୧୨ଟା ସମୟରେ ଟ୍ରାକ୍ଟରରେ ସମସ୍ତେ ବସି ଘରକୁ ଫେରୁଥିଲେ। ହେଲେ ସତେ ଯେମିତି ବାଟରେ ମୃତ୍ୟୁ ସମସ୍ତଙ୍କୁ ଅପେକ୍ଷା କରିଥିଲା। ଆମ୍ବସୌରି-ଖଡ଼ଗପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ବାହାଦୁର ନଗର ଗାଁମୁଣ୍ଡରେ ଟ୍ରାକ୍ଟରଟି କୌଣସି କାରଣରୁ ହଠାତ୍ ଓଲଟି ପଡିଥିଲା। ଫଳରେ ସମସ୍ତେ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଉଚ୍ଛବ ଚାରିନଙ୍ଗଳ ବଜାରରେ ଦୀର୍ଘ ୪୦ ବର୍ଷ ଧରି ମାଛ ବ୍ୟବସାୟ କରି ଆସୁଥିଲେ। ସେଥିପାଇଁ ଚାରିନଙ୍ଗଳ ବଜାରକୁ ମୃତଦେହ ନିଆଯାଇ ସେଠାରୁ ଏକ ଶୋଭାଯାତ୍ରାରେ ଶବାଧାରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ବିକ୍ରମ ରାଉତ, ଇକ୍‌ବାଲ ହୁସେନ, ଚାରିନଙ୍ଗଳ ବଜାର କମିଟି ସଭାପତି ସଞ୍ଜୟ ସାମଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଏକ ସଙ୍ଗେ ସମସ୍ତଙ୍କ ମୃତଦେହ ଦାହ କରାଯାଇଥିଲା।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ

**ମୋରଡ଼ା,୪।୫(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ରବିବାର ରାତି ୯ଟା ୧୫ମି. ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ୩୦ରୁ ଅଧିକ ଶ୍ରମିକ ଆହତ ହୋଇଛନ୍ତି। ଶ୍ରମିକମାନେ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ବାଘଡ଼ା-ମୋରଡା ରାସ୍ତାର ବାଲିଶୁଳିଆ ନିକଟରେ ଭାରସାମ୍ୟ ହରାଇ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ‘ଦୀଘା’ କେବେ ଜଗନ୍ନାଥଧାମ ହୋଇପାରିବ ନାହିଁ: ଆଇନମନ୍ତ୍ରୀ

**ଭୁବନେଶ୍ୱର,୪।୫ (ରବିନାରାୟଣ ଜେନା)**

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲାର ଉପକୂଳବର୍ତ୍ତୀ ସହର ‘ଦୀଘା’ କେବେ ହେଲେ ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ପୃଥ୍ୱୀରାଜ ଖବରଦାତାଙ୍କୁ କହିଛନ୍ତି, ଶ୍ରୀମନ୍ଦିରର ସଂସ୍କୃତି, ସୁରକ୍ଷା ଓ ବ୍ୟବସ୍ଥାକୁ କୌଣସି ପରିପ୍ରେକ୍ଷୀରେ ସାଲିସ କରାଯିବ ନାହିଁ, ଯାହା ଆମର ଦାୟିତ୍ୱ ଆମେ ତୁଲାଇବୁ। ଆମ ସରକାରରେ ଏଭଳି କୌଣସି କଥା ଗ୍ରହଣୀୟ ନୁହେଁ। ଯଦି ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ କିଏ କେଉଁ ଢଙ୍ଗରେ କହୁଥିବେ ତାହା ଅନ୍ୟ କଥା।

ପୃଥ୍ୱୀରାଜ କହିଛନ୍ତି, ସେଠାରେ ଜଗନ୍ନାଥ ଧାମ କରିବାର କୌଣସି କାରଣ ନାହିଁ। ସେମାନେ ମଧ୍ୟ ଜଗନ୍ନାଥ ଧାମ ବୋଲି କହିବାର କିଛି ଅଧିକାର ନାହିଁ। ଜୀବନ ସାରା ଯିଏ କିଛି କରି ନାହାନ୍ତି ସେମାନେ ବଡ଼ବଡ଼ କଥା କହୁଛନ୍ତି, ସେ କଥା ଅପ୍ରାସଙ୍ଗିକ। ବ୍ରହ୍ମ ବିଭ୍ରାଟଠୁ ଆରମ୍ଭ କରି କ’ଣ କ’ଣ ସବୁ କରୁଥିଲେ ସମସ୍ତେ ଜାଣିଛନ୍ତି। ଆମେ ଏ ଦିଗରେ ଯାହା ପଦକ୍ଷେପ ନେବା କଥା ତାହା ନେଇଛୁ। ଆଜିର ଦିନରେ ପଶ୍ଚିମବଙ୍ଗ ବିରୋଧୀ ଦଳ, ସାଧାରଣ ଜନତା ମଧ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏଥିସହିତ ସମସ୍ତେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।

ଏନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଗୋଟିଏ ନିର୍ଯାସରେ ସରକାର ପହଞ୍ଚିବେ। ଆଗାମୀ ଦିନରେ ଠାକୁରଙ୍କ ରୀତିନୀତି ହେଉ କି ସେବା ଯୋଗାଇବା କଥା ହେଉ ସବୁ ଦିଗକୁ ସରକାର ଧ୍ୟାନ ରଖିଛନ୍ତି। ବିଶୃଙ୍ଖଳା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ସେବାୟତମାନେ ସେଠାକୁ ଯାଇଥିଲେ ସେମାନଙ୍କୁ ଡାକି ପଚରାଉଚରା କରାଯାଉଛି। ସେବାୟତମାନେ ଅତିଥି ଭାବେ ଯାଇପାରିବେ। କିନ୍ତୁ ଅନ୍ୟ କେଉଁଠି ସେବା ପୂଜା କରିବା ଭୁଲ୍ କଥା ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ୮ରେ ପୁରୁଷୋତ୍ତମପୁର ଆସିବେ ମୁଖ୍ୟମନ୍ତ୍ରୀ

**ପୁରୁଷୋତ୍ତମପୁର,୪।୫ (ସୀମାଞ୍ଚଳ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗସ୍ତ କରିବେ। ଏହି ଅବସରରେ ସେ ଗାଙ୍ଗଦହଣୀ ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଜିଲାର ସମସ୍ତ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆସି ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର, ଏବିଡିଓ ନିରାକାର ଯେନା, ଜିଲା ଶିକ୍ଷା ଅଧିକାରୀ ଅଜୟ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ କିଶୋର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅନୁକମ୍ପା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟଟି ପ୍ରାକ୍ ସ୍ୱାଧୀନତା (୨୮।୧୦।୧୯୨୫) କାଳରେ ପ୍ରତିଷ୍ଠା ହୋଇଥିଲା। ଏବେ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୪୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

DADLS-21



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ
୫ ମଇ, ୨୦୨୫

ସକାଳ – ଘ.୮.୩୦ ମିନିଟ ସମୟରେ ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି –
ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା
-ମୁଖ୍ୟବକ୍ତା –
ଡଃ ଅଖିଳ ବିହାରୀ ଓତା
ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ ଏବଂ ଲେଖକ
-ପ୍ରାରମ୍ଭିକ ବକ୍ତବ୍ୟ-
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ
ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
-ଧନ୍ୟବାଦ ଅର୍ପଣ-
ଶ୍ରୀ ଧ୍ରୁବ କାଲୋ
ସଭାପତି, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

ବିଶିଷ୍ଟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକ ସଙ୍ଗୀତ ଓ ଜନଜାତି ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0636/2526



**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶବାସୀଙ୍କ ଆଶା ଆକାଂକ୍ଷା ନିଶ୍ଚୟ ପୂରଣ ହେବ। ମୋ ଦାୟିତ୍ୱ ହେଉଛି ସଶସ୍ତ୍ର ବଳ ସହ ମିଶି ଭାରତକୁ ଖରାପ ଦୃଷ୍ଟିରେ ଦେଖୁଥିବା ଲୋକଙ୍କୁ ମୁହଁତୋଡ଼ ଜବାବ ଦେବା। –**ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ସ୍ଥାନ: ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିସ୍ଥଳ, ଇଏସ୍‌ଆଇ ହସ୍ପିଟାଲ ଛକ, ସମୟ: ସକାଳ ୮ଟା ୩୦। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଶ୍ରୀର ୯ମ ଜାତୀୟ ସେମିନାର ଓ ନୃତ୍ୟ ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବନିମ୍ନ ମଜୁରୀ ସୁନିଶ୍ଚିତ ଦାବିରେ ଏଆଇଟିୟୁସି ପକ୍ଷରୁ ଘେରାଉ, ସ୍ଥାନ: ଶ୍ରମ କମିଶନର ଅଫିସ, ଶ୍ରୀୟା ଟକିଜ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଅନବସର ମହୋତ୍ସବ ସମ୍ପର୍କିତ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦେବଦାସୀ ମାହାରୀ ନୃତ୍ୟ ଉତ୍ସବ, ସ୍ଥାନ: ମରିଚିକୋଟ ଛକ, ଧର୍ମଜ୍ୟୋତି ଲଜ୍, ସମୟ: ଅପରାହ୍ନ ୪ଟା ୩୦।
- ଗୁରୁ ମାଗୁଣି ଦାସ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ରଘୁରାଜପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- ଓଷ୍ଟା ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶିବଦୁର୍ଗା ହାଇସ୍କୁଲ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ମିଳନୀ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା,ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।

## ବ୍ରହ୍ମପୁର

- ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ, ସ୍ଥାନ: ଏମ୍‌କେସିଜି, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ–ବ୍ଲକ କାର୍ଯ୍ୟାଳୟ କାମାକ୍ଷାନଗର, ସମୟ–ସକାଳ ୭ଟା।

## ଜଗତ୍‌ସିଂହପୁର

- ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ୨୫୩୨ତମ ଜୟନ୍ତୀ ଉପଲକ୍ଷେ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରପଡ଼ା ସହର, ସମୟ: ସକାଳ ସାଢ଼େ ୮ଟା।
- ଧରଣୀଧର ନାୟକ ସ୍ମୃତି ସମାରୋହ, ସ୍ଥାନ: ଦୁର୍ଗାମଣ୍ଡପ ସମ୍ମୁଖ, ରାଜନଗର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ୬ଷ୍ଠ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା
- ଲଡୁବାବାଙ୍କ ଚନ୍ଦନଯାତ୍ରା ଷଷ୍ଠ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଗ୍ରାମଦେବୀ ମା' ମୁତ୍ୟାଲାମାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ଭାରତଲୀଳା କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ବୈଠକ, ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନେଇ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଉମରକୋଟ ସାଇ ଇଣ୍ଟରନ୍ୟାସନାଲ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜନଶୁଣାଣି ଶିବିର, ସ୍ଥାନ: ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ୧୦ଟା ୩୦।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଦର୍ପନର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ପ୍ରବୋଧ ନନ୍ଦ ଯୋଗେଶ୍ୱର ସଂସ୍ଥା ପକ୍ଷରୁ ଗୀତା ଅଭିଯାନ, ସ୍ଥାନ : ଗଙ୍ଗାଧର ମେହେର ମହାବିଦ୍ୟାଳୟ ଛକ, ସମୟ ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ, ସମୟ: ସକାଳ ୮ଟା।
- ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଓଡ଼ିଶା ଭାଷା ବିକାଶ ମଞ୍ଚ ପକ୍ଷରୁ କାର୍ଲ ମାକ୍ସଙ୍କ ଜୟନ୍ତୀ ପାଳନ, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଡିଜ୍‌ନିଲ୍ୟାଣ୍ଡ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେକ୍ଟର–୧୩, ମେଳଣ ପଡିଆ, ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିର, ସ୍ଥାନ: ହେମଗିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ: ସକାଳ ୭ଟା।
- ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂହ, ଝାରବନ୍ଧ,ସମୟ:ସକାଳ ୭ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ଗୋଠୁଗୁଡ଼ା, ଝାରବନ୍ଧ, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଫିସ ସମ୍ମୁଖରେ ଟ୍ରେଡ୍ ୟୁନିଅନର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: ଜେଲ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି,ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ଉଲୁଣ୍ଡା ବ୍ଲକ ଯାଲୋଏରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଯାଲୋଏ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପିତାମହୁଲ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୭ଟା ୩୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା ସମୟ: ସକାଳ ୭ ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ:କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ସକାଳ ୭ ଟା୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ:ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡ଼ୋଙ୍ଗରୀ ଗାଁ, ସମୟ: ସକାଳ ୮ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ମାନସିକ ଅସ୍ଥିରତା ରହିଲେ ମଧ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆଶା କରୁଥିବା ଦିଗରୁ ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଅବ୍ୟାହତ ରହିବ। ପରିବାରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ମାନସିକ ଧୈର୍ଯ୍ୟ ରହିଥିବା ହେତୁ କୌଣସି ସମସ୍ୟା କାମକୁ ଅଟକାଇପାରିବ ନାହିଁ। ଅର୍ଥନୈତିକ ପ୍ରଗତି ଓ ପାରିବାରିକ ସ୍ଥିରତା ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ମୃଗଶିରା ନକ୍ଷତ୍ରର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** ପୂର୍ବରୁ ରହିଆସିଥିବା ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆରର୍ଦ୍ରା ନକ୍ଷତ୍ର ସକାଶେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ଆଜିର ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**କର୍କଟ** ସାମାଜିକ ସ୍ତରରେ ଆଦର, ଅଭ୍ୟର୍ଥନା ପାଇବା ସାଙ୍ଗକୁ ସମ୍ମାନଜନକ ସ୍ଥିତିରୁ ବହୁତ ଖୁସି ରହିବେ। କର୍ମକ୍ଷେତ୍ରରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ। ପୁନର୍ବସୁ ନକ୍ଷତ୍ର ପାଇଁ ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। କାମର ଚାପ ବୃଦ୍ଧି ଯୋଗୁ ପରିବାରର କେତେକ କାମ ଅଟକି ରହିଯିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇ ନ ପାରନ୍ତି। ପାରିବାରିକ କଳହଜନିତ କାମ ଉତ୍ସାହପ୍ରଦ ହେବ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ କରିବା ଦ୍ୱାରା ଆଜିର କାର୍ଯ୍ୟଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସ୍ଥିତି ବିଶେଷ ଭଲ ରହିବ।

**ତୁଳା** ଆଜି ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ ଏବଂ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଆପଣଙ୍କୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ନିଜର କାମ ହାସଲ ସକାଶେ ସମ୍ପର୍କୀୟମାନଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଜନିତ ମତାନ୍ତର ସୃଷ୍ଟି ହେବା କାରଣରୁ ପାରିବାରିକ କଳହର ଆଶଙ୍କା ରହିଛି। ସାମାଜିକ କ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ବାଣିଜ୍ୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସବୁ କାମ ଠିକ୍ ହୋଇଯିବ। ମୂଳା ନକ୍ଷତ୍ର ପାଇଁ ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ ଅସୁବିଧା ହେବ ନାହିଁ। ସଭାସମିତିରେ ଯୋଗ ଦେଇପାରନ୍ତି କିମ୍ବା ଜମିଜମା କାରବାରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମକର** ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ, ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହେବେ। ବନ୍ଧୁଙ୍କ ସହ ଆଲୋଚନା କରି ମାଙ୍ଗଳିକ କାର୍ଯ୍ୟ ସକାଶେ ଯୋଜନା କରିବେ। ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କୁମ୍ଭ** ଅଟକି ରହିଥିବା କାମ ଆଜି ସୁବିଧାରେ ସମ୍ପନ୍ନ ହୋଇଯିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** ରେବତୀ ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିପ୍ଳବୀ ଧରଣୀଧର ନାୟକ(ଭୂୟାଁ)ଙ୍କ ଜନ୍ମ ଦିବସ, ନୀଳାଦ୍ରି ମହୋଦୟାଷ୍ଟମୀ, ବୈଶାଖ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ସୋମବାର। ରାଶି ନକ୍ଷତ୍ର ଦିବା ଘ.୦୨.୦୨ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୯ ଗତେ ଘ.୦୬.୫୫ ମଧ୍ୟେ, ଘ.୧୦.୨୬ ଗତେ ଘ. ୦୧.୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୬.୫୫ ଗତେ ଘ.୦୮.୩୧ ମଧ୍ୟେ ରାହୁକାଳ।

# ଗଛରେ ପିଟି ହେଲା ବାଇକ୍: ୨ ମୃତ, ଜଣେ ଗୁରୁତର

**ଉଦଳା,୪।୫ (ସନ୍ତୋଷ କୁମାର ବାଗ୍ଛିନୀ)**

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଭଣ୍ଡାର ଛକ ନିକଟରେ ରବିବାର ଅପରାହ୍ନ ସାଢ଼େ ୫ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଶାଳ ଗଛରେ ବାଇକ୍ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାଣୀପୋଖରୀ ଗ୍ରାମର ଡିବାର ତିରିଆ ଏବଂ ବିର୍ସା ପୂର୍ତ୍ତି। ଗୁରୁତର ଅଶ୍ୱକୁଟି ଗ୍ରାମର ଗୋରା ପୂର୍ତ୍ତିଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶରତ ଅଞ୍ଚଳରୁ ବାଇକ୍ ଯୋଗେ ୩ ଯୁବକ କଳମଗଡ଼ିଆ ଅଞ୍ଚଳକୁ ଆସୁଥିବା ବେଳେ ପ୍ରଧାନ ଦେହୁରୀ ସାହି ଛକ ନିକଟରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# କାଳବୈଶାଖୀ: ୧୬ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)**

ରାଜ୍ୟରେ କାଳବୈଶାଖୀ ଜାରି ରହିଛି। ଦିନରେ ଖରା ଗୁଳୁଗୁଳି ଓ ଅପରାହ୍ନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ଜନଜୀବନକୁ ପ୍ରଭାବିତ କରୁଛି। ରବିବାର କାଳବୈଶାଖୀରେ ସାରା ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ସୋମବାର ୧୬ ଜିଲା ପାଇଁ ୟେଲୋ ୱାର୍ନିଂ ଓ ୩ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୟେଲୋ ୱାର୍ନିଂ ଜାରି କରାଯାଇଥିବା ଜିଲାଗୁଡ଼ିକ ମଧ୍ୟରେ ଢେଙ୍କାନାଳ, ଜଗତ୍‌ସିଂହପୁର, କଟକ, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଅନୁଗୋଳ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଓ ପୁରୀ ରହିଛି। ସେହିପରି ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ରହିଛି। ସତର୍କ ସୂଚନା ଜାରି ହୋଇଥିବା ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବର୍ଷା ପ୍ରଭାବରେ ରାଜ୍ୟରେ ତାତି ହ୍ରାସ ପାଇଛି।

# ଉତ୍ତରାଖଣ୍ଡରେ ୩୦୦ କେ.ଜି. ଓଜନର ବାଘ

## ଏସିଆର ସର୍ବବୃହତ୍ ବୋଲି ବନ ବିଭାଗର ଅନୁମାନ

**ଡେରାଡୁନ, ୪।୫**

ଉତ୍ତରାଖଣ୍ଡର ରାମନଗର ଅଞ୍ଚଳରେ ଥିବା ଜିମ୍ କର୍ବେଟ ଜାତୀୟ ଉଦ୍ୟାନ ଅନ୍ତର୍ଗତ ଫାଟୋ ଟୁରିଜମ ଜୋନ୍ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଥିବା ଏକ ବିଶାଳକାୟ ବାଘ ସମ୍ପ୍ରତି ପର୍ଯ୍ୟଟକ ତଥା ବନ୍ୟପ୍ରାଣୀପ୍ରେମୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶାଳକାୟ ଆକାର ହେତୁ ଏହି ବାଘର ନାମ ହରକ୍ୟୁଲେସ୍ ରଖାଯାଇଛି। ବନ ବିଭାଗ କର୍ମଚାରୀଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏହି ବାଘର ଓଜନ ପ୍ରାୟ ୩୦୦ କେ.ଜି. ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୭ ଫୁଟ ରହିଛି। ଉକ୍ତ ଆକଳନ ଅନୁଯାୟୀ, ହରକ୍ୟୁଲେସକୁ ଏସିଆର ସବୁଠାରୁ ବଡ଼ ବାଘ ଭାବେ ମାନ୍ୟତା ମିଳିବା ନେଇ ସମ୍ଭାବନା ଥିବା ବନ କର୍ମଚାରୀ ତଥା ବନ୍ୟପ୍ରାଣୀପ୍ରେମୀମାନେ ଅନୁମାନ କରୁଛନ୍ତି। ହରକ୍ୟୁଲେସକୁ ନେଇ ତେରେଇ ପଶ୍ଚିମ ବନ ଡିଭିଜନର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ପ୍ରକାଶ ଆର୍ଯ୍ୟା କହିଛନ୍ତି, ସେ ତାଙ୍କ ପୂରା କ୍ୟାରିୟରରେ କେବେ ମଧ୍ୟ ଏତେ ବଡ଼ ଏବଂ ବିଶାଳକାୟ ବାଘ ଦେଖିନାହାନ୍ତି। ଏହା ଫାଟୋ ଟୁରିଜମ ଜୋନ୍‌ର ସମୃଦ୍ଧ ଜୈବବିବିଧତା ଏବଂ ବନ ବିଭାଗର ସଫଳ ପରିଚାଳନାକୁ ଦର୍ଶାଉଥିବା ସେ କହିଛନ୍ତି।



ତେବେ ହରକ୍ୟୁଲେସ ଏସିଆର ସବୁଠାରୁ ବଡ଼ ବାଘ ହୋଇଥିବା ନେଇ ବର୍ତ୍ତମାନ ସୁଦ୍ଧା ପ୍ରମାଣିତ ହୋଇ ନ ଥିବାରୁ ଏଥିନିମନ୍ତେ ଧୈର୍ଯ୍ୟ ରଖିବାକୁ ସେ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛନ୍ତି। ବନ ବିଭାଗ ପକ୍ଷରୁ ହରକ୍ୟୁଲେସର ଗତିବିଧି ଉପରେ କଡ଼ା ନଜର ରଖାଯାଉଛି। ଅଧିକାରୀମାନେ ହରକ୍ୟୁଲେସର ଗତିବଧିକୁ ଟ୍ରାକ୍ କରିବା ସହ ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ସମଗ୍ର ଅଞ୍ଚଳରେ କ୍ୟାମେରା ଟ୍ରାପ୍ ବିଛାଇଛନ୍ତି। ଏସିଆର ସବୁଠାରୁ ବଡ଼ ବାଘ ଭାବେ ହରକ୍ୟୁଲେସକୁ ମାନ୍ୟତା ମିଳିଲେ ରାମନଗରସ୍ଥିତ ଫାଟୋ ଟୁରିଜମ ଜୋନ୍‌କୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନଟାଏ**
**ଧାନ ଭିତରେ ଚାଉଳଟାଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣିଥାନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରମର ଗୋରୁ**
**କରମକୁ ଆସେ।**

ନିରାଶ୍ରୟ ବ୍ୟକ୍ତିର ଗାଈ ବାଛୁରୀ ଚରିବାକୁ ଯାଇ ଆପେ ଫେରିଆସୁଥିବାର ଲୋକବିଶ୍ୱାସ ରହିଛି। ସତ୍ ଧର୍ମ ନ୍ୟାୟ ପଥରେ ଚାଲୁଥିବା ବ୍ୟକ୍ତିଙ୍କୁ ଈଶ୍ୱରଙ୍କ କୃପା ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୦୦ ଚାରା ଲଗାଇ ୨ବର୍ଷ ଯାଏ ରକ୍ଷଣାବେକ୍ଷଣ ନିର୍ଦ୍ଦେଶ

## ଜାମିନ ପ୍ରଦାନବେଳେ ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ସଂସ୍କାରଧର୍ମୀ ସର୍ତ୍ତ

**କଟକ,୪।୫(କାର୍ତ୍ତିକ ସାହୁ)**

ଆଗାମୀ ବର୍ଷାଋତୁରେ ୧୦୦ ଚାରା ଲଗାଇବା ପାଇଁ ହାଇକୋର୍ଟ ଜଣେ ଆବେଦନକାରୀଙ୍କୁ ଜାମିନ ପ୍ରଦାନ ବେଳେ ସଂସ୍କାରଧର୍ମୀ ସର୍ତ୍ତ ଆରୋପ କରିଛନ୍ତି। ଚାରା ରୋପଣ କରିବା ପରେ ୨ବର୍ଷ ଯାଏ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ଶୁକ୍ରବାର ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଆବେଦନକାରୀ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଅରୁଣ କୁମାର ନାୟକ। ଏକ ମାମଲାରେ ଗିରଫ ହୋଇ ସେ ୨୦୨୧ ଏପ୍ରିଲ ୪ରୁ ଜେଲରେ ରହିଛନ୍ତି।

ହାଇକୋର୍ଟଙ୍କ ଜାମିନ ସର୍ତ୍ତ ଅନୁଯାୟୀ, ଆବେଦନକାରୀ ଚଳିତ ବର୍ଷାଋତୁରେ ଆମ୍ବ, ନିମ୍ବ, ତେନ୍ତୁଳି ଭଳି ସ୍ଥାନୀୟ କିସମର ୧୦୦ଟି ଚାରା ତାଙ୍କ ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସରକାରୀ ଜମି, ଗୋଷ୍ଠୀଗତ ଜମି କିମ୍ବା ତାଙ୍କ ନିଜର ତଥା ପରିବାର ସଦସ୍ୟଙ୍କ ଜମିରେ ରୋପଣ କରିବେ। ଚାରା ଲଗାଇବା ନିମନ୍ତେ ଉପଯୁକ୍ତ ଜମି ନ ମିଳିଲେ ରାଜସ୍ୱ ଅଧିକାରୀ ତାଙ୍କୁ ଜମି ଚିହ୍ନଟରେ ସହଯୋଗ କରିବେ। ଏଥିସହ ସେ ସ୍ଥାନୀୟ ଥାନାରେ ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ହାଜର ହେବେ। ଜାମିନରେ ଥିବା ପର୍ଯ୍ୟନ୍ତ କୌଣସି ପ୍ରକାର ଅପରାଧରେ ସାମିଲ ହେବେ ନାହିଁ। ମୂଳ ମାମଲାର ସାକ୍ଷୀମାନଙ୍କୁ କୌଣସି ପ୍ରକାର



ପ୍ରଭାବିତ କରିବେ ନାହିଁ। ଉପରୋକ୍ତ ସର୍ତ୍ତରେ କୌଣସି ଖିଲାପ ହେଲେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ସମ୍ପୃକ୍ତ ଥାନାର ଆଇଆଇସି ସ୍ଥାନୀୟ ବନ ଅଧିକାରୀଙ୍କ ସହଯୋଗରେ ଆବେଦନକାରୀ ଚାରା ରୋପଣ କରିଛନ୍ତି କି ନାହିଁ ତଦାରଖ କରିବାକୁ ଆଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଆବେଦନକାରୀ ସ୍ଥାନୀୟ ଥାନାରେ ସତ୍ୟପାଠ ଦାଖଲ କରି ସେ ଚାରା ଲଗାଇ ସାରିଛନ୍ତି ଓ ସେଗୁଡ଼ିକୁ ୨ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ ବୋଲି ଉଲ୍ଲେଖକରି ନିଶ୍ଚିତ କରାଇବେ। ଜିଲା ନର୍ସରି ଅଥବା ଜିଲା ବନ ଅଧିକାରୀ ଆବେଦନକାରୀଙ୍କୁ ଚାରାଗୁଡ଼ିକ ଯୋଗାଇଦେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପାଟକୁରା ଥାନାର ମାମଲା ଅନୁସାରେ ଆବେଦନକାରୀ ଓ ଅପରପକ୍ଷରେ ଥିବା ମହିଳାଙ୍କ ପରିବାର ମଧ୍ୟରେ ହିଂସାତ୍ମକ ମନୋଭାବ ରହିଥିଲା। ୨୦୨୧ ମାର୍ଚ୍ଚ ୨୪ରେ ଆବେଦନକାରୀ ଓ ଅନ୍ୟମାନେ ଅପରପକ୍ଷ ମହିଳାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହାକୁ ମହିଳାଙ୍କ ଅଙ୍କଲ ରମାକାନ୍ତ ନାୟକ ବିରୋଧ କରିଥିଲେ। ମାତ୍ର ଆବେଦନକାରୀ ଓ ଅନ୍ୟମାନେ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପ୍ରହାର କରିଥିଲେ। ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମହିଳାଙ୍କ ଏତଲାକ୍ରମେ ପାଟକୁରା ଥାନାରେ ମାମଲା ରୁଜୁ ହୋଇଥିଲା। କେନ୍ଦ୍ରାପଡ଼ା ସେସନ୍ସ ଜଜ୍ କୋର୍ଟରେ ମାମଲାର ବିଚାର ଚାଲିଛି। ପୂର୍ବରୁ ଆବେଦନକାରୀ ଜାମିନ ଆବେଦନ କରିଥିଲେ। ଟ୍ରାଏଲ କୋର୍ଟ ୪ ମାସ ମଧ୍ୟରେ ବିଚାର ସାରିବାକୁ ହାଇକୋର୍ଟ ୨୦୨୪ ଅଗଷ୍ଟ ୧୨ରେ ଆଦେଶ ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ମାମଲାର ବିଚାର ନ ସରିବାରୁ ଜାମିନ ପ୍ରଦାନ ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଯୁକ୍ତି ଦର୍ଶାଯାଇଥିଲା।

## ସାପ କାମୁଡ଼ାରେ ଝିଅ ମୃତ, ମା' ଓ ପୁଅ ଗୁରୁତର

**କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କୃଷ୍ଣପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଝିଅର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ମୃତା ନାବାଳିକା ହେଲେ ଶମ୍ଭୁନାଥ ଜୁଆଙ୍ଗଙ୍କ ଝିଅ ସୋମବାରୀ(୧୦)। ଗୁରୁତର ଶମ୍ଭୁନାଥଙ୍କ ସ୍ତ୍ରୀ କଇଁତା (୩୨) ଓ ପୁଅ ପରମେଶ୍ୱର (୨) ଚିକିତ୍ସା ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ସମସ୍ତେ ଘରେ ଖାଇପିଇ ତଳେ ଶୋଇଥିଲେ। ରବିବାର ସକାଳୁ ଶମ୍ଭୁନାଥ ସ୍ତ୍ରୀ କଇଁତାଙ୍କୁ ଉଠାଇବାକୁ ଯାଇଥିବା ବେଳେ ଘରେ ଏକ ପାହାଡ଼ିଆ ଚିତି ସାପ ଦେଖିଥିଲେ। କଇଁତାଙ୍କ ସହିତ ଝିଅ ଓ ପୁଅ ଅଚେତ ଅବସ୍ଥାରେ ପଡ଼ିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ପୂର୍ବାହ୍ନ ୧୦ଟାରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଝିଅ ସୋମବାରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ୨ ବର୍ଷର ପୁଅଟି ମା' କ୍ଷୀର ଖାଇଥିବାରୁ ଗୁରୁତର ହୋଇ ପଡ଼ିଥିବା ସନ୍ଦେହ କରାଯାଉଛି। ତାକୁ ଅବଜରଭେଶନରେ ରଖାଯାଇଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି।

# ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ସୁଯୋଗ



**ଡ. ବିରଞ୍ଚି ନାରାୟଣ ସେଠ୍**

ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ସମୟରୁ ଗଣମାଧ୍ୟମର ଭୂମିକା ସମସ୍ତଙ୍କୁ ଜଣା। ଗଣତନ୍ତ୍ରରେ ଗଣମାଧ୍ୟମକୁ ଅଣଦେଖା କରି ଶାସନ କରିବା କଷ୍ଟକର। ଏଥିରେ ଶାସିତ ହେଉଥିବା ଲୋକର କ୍ଷତି ହୁଏ ଏବଂ ଗଣମାଧ୍ୟମକୁ ଦମନ କରି ଲୋକଙ୍କ ପାଇଁ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟ କରିବାଟା ସଫଳ ହୁଏ ନାହିଁ। ସମ୍ବିଧାନର ଧାରା-୧୯ରେ ନାଗରିକ ବାକ୍ ସ୍ୱାଧୀନତା ରହିଛି। ତେଣୁ ଶାସନରେ କିମ୍ବା ସମାଜରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ସମାଲୋଚନା କରି ମତବ୍ୟକ୍ତ କରିବାର ଅଧିକାର ରହିଛି। ବିନା ଭୟ ଓ ସଙ୍କୋଚରେ ଗଣମାଧ୍ୟମ ମତବ୍ୟକ୍ତ କରିପାରିବ। ସବୁଠାରୁ ବଡ଼ କଥା ହେଉଛି ନିଜ ଭାଷାରେ ମତବ୍ୟକ୍ତ କରିବା। ତାହା କରିପାରିଲେ ପ୍ରକୃତ ଭାବ ତଥା ଚିନ୍ତାଧାରା ଅନେକ ଲୋକଙ୍କ ପାଖରେ ପହଞ୍ଚି ପାରିବ। ସେଥିପାଇଁ ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗର ପାଠ୍ୟକ୍ରମ ଚାଲିଛି। କେଉଁଠି ପିଜି ଡିପ୍ଲୋମା ତ କେଉଁଠାରେ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଦୁଇ ବର୍ଷିଆ ପାଠ୍ୟକ୍ରମ।

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଦେଶର ୬ଟି ସ୍ଥାନରେ ଦିଲ୍ଲୀକୁ ମିଶାଇ ପିଜି ଡିପ୍ଲୋମା, ଡିଗ୍ରୀ ସାମ୍ବାଦିକତାର ବହୁ ଛାତ୍ରୀଛାତ୍ର ଅଧ୍ୟୟନ କରି ବିଭିନ୍ନ ମିଡିଆ ହାଉସ ଓ ଶିକ୍ଷା ବ୍ୟବସ୍ଥାରେ ଦେଶ ବିଦେଶରେ କାର୍ଯ୍ୟରତ। ବହୁ ଛାତ୍ରୀଛାତ୍ର ମଧ୍ୟ ଅଧ୍ୟାପନା କରୁଛନ୍ତି। ବିଭିନ୍ନ ଭାଷାରେ ସାମ୍ବାଦିକତା ପଢ଼ିବାର ସୁଯୋଗ ରହିଛି। ପ୍ରଶ୍ନ ଉଠେ ଯେ, ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପରେ ଛାତ୍ରୀଛାତ୍ରମାନେ କରିବେ କ'ଣ ? କେବଳ ଇଂଲିଶ ଭାଷାରେ ପଢୁଥିବା ଛାତ୍ରୀଛାତ୍ରମାନେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ପଢ଼ିପାରିବେ ଏବଂ ସାମ୍ବାଦିକତାକୁ ବୃତ୍ତି କରିପାରିବେ ; ତାହା ନୁହେଁ। ସାମ୍ବାଦିକତା ପାଠ୍ୟକ୍ରମ ପଢ଼ିଥିବା ଶିକ୍ଷାର୍ଥୀଟିଏ ପାଇଁ ମଧ୍ୟ ଏହା ସହଜ ହୋଇଥାଏ। ଏହା ସଙ୍ଗେ ସଙ୍ଗେ ଟେକ୍ନୋଲୋଜି ଓ ବିଜ୍ଞାନର ଆଧୁନିକୀକରଣ ଯୋଗୁ ଓଡ଼ିଆ ଭାଷାରେ ମଧ୍ୟ ସାମ୍ବାଦିକତା ପଛରେ ନାହିଁ। ଇଂଲିଶ ଖବରକାଗଜ ହେଉ କିମ୍ବା ଟିଭି ଚାନେଲ ମାଧ୍ୟମରେ ଜାତୀୟ ଗଣମାଧ୍ୟମ ତୁଳନାରେ ଓଡ଼ିଆ ଭାଷାର ଗଣମାଧ୍ୟମ ଆଗେଇ ଚାଲିଛି।

**(ଆଇଆଇଏମ୍‌ସି ଓ ଓଡ଼ିଆ ସାମ୍ବାଦିକତା ବିଭାଗର ୨୫ ବର୍ଷ ଅବସରରେ)**

ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ଗତି ଦେଖି ଓଡ଼ିଆ ଭାଷାରେ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିବା ସଙ୍ଗେସଙ୍ଗେ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଯେକୌଣସି ଛାତ୍ରୀଛାତ୍ର ଇଂଲିଶରେ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ସହ ସମକକ୍ଷ ହୋଇପାରୁଛନ୍ତି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ ମଧ୍ୟ ଇଂଲିଶ ଜାତୀୟ ଖବରକାଗଜ ଓ ନ୍ୟୁଜ ଏଜେନ୍ସିରେ ସଫଳତାର ସହ ବହୁବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଇଂଲିଶ ଭାଷା ସହ ମାତୃଭାଷାରେ ଦକ୍ଷତା ରହିଲେ ସାମ୍ବାଦିକତା କ୍ଷେତ୍ରରେ ସଫଳତା ଶୀଘ୍ର ଆସେ। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଚାକିରିର ସୁଯୋଗ ରହିଛି ; ଯଥା ଟିଭି ଦୂରଦର୍ଶନ ସହ ଅନ୍ୟାନ୍ୟ ଚାନେଲ, ଛାପା ଗଣମାଧ୍ୟମ, ଅଲ୍ ଇଣ୍ଡିଆ ରେଡିଓ, ଘରୋଇ ରେଡିଓ ସେଣ୍ଟର, କମ୍ୟୁନିଟି ରେଡିଓ, ଜନସମ୍ପର୍କ, ବିଜ୍ଞାପନ ସଂସ୍ଥା, ଶିଳ୍ପ କାରଖାନାରେ କର୍ପୋରେଟ କମ୍ୟୁନିକେଶନ, ନ୍ୟୁଜ ଏଜେନ୍ସି, ଡିଜିଟାଲ ମିଡିଆ, ୟୁଟ୍ୟୁବ ଚାନେଲରେ ସ୍ୱାବଲମ୍ବୀ ହେବା, ସାମାଜିକ ଗଣମାଧ୍ୟମ, ନ୍ୟୁଜ ପୋର୍ଟାଲ, ସରକାରୀ ସଂସ୍ଥାରେ ଓପିଏସ୍‌ସି ମାଧ୍ୟମରେ(ଓଡ଼ିଆ ସୂଚନା ସେବା) କୃତିତ୍ୱ ଅର୍ଜନ କରିବା ପରେ ଜିଲାସ୍ତରରେ ଓ ଉପଖଣ୍ଡସ୍ତରରେ ଜନସମ୍ପର୍କ ଅଧିକାରୀ, କେନ୍ଦ୍ରୀୟ ସ୍ତରରେ ଆଇଆଇଏସ୍ (ଭାରତୀୟ ସୂଚନା ସେବା) ଅଧିକାରୀ ହୋଇ କେନ୍ଦ୍ର ସରକାର ଅଧୀନରେ କାମ କରିପାରିବେ। ଏହି ପାଠ ଆଧାରରେ ସାମ୍ବାଦିକତାରେ ଉଚ୍ଚଶିକ୍ଷା ଲାଭ କରି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟାପନା ପାଇଁ ଯେଉଁମାନେ ଆଗ୍ରହୀ ସେମାନେ ମଧ୍ୟ ଶିକ୍ଷକତା କ୍ଷେତ୍ରକୁ ଆସିପାରିବେ।

ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଜନସାଧାରଣଙ୍କୁ ଠିକ୍ ଖବର ଦେବାକୁ ହୁଏ। ସବୁବେଳେ କିପରି ବିଶ୍ୱସ୍ତ ସୂତ୍ରରୁ ଖବର ସଂଗ୍ରହ କରିହେବ ଏବଂ ତା'ର ଉପଯୁକ୍ତ ପ୍ରସାର କରିବା ପାଇଁ ତାଲିମ ଓ ଶିକ୍ଷାର ଆବଶ୍ୟକତା ରହିଛି। ଦକ୍ଷ ତାଲିମ ଦେବା ଓ ଠିକ୍ ଭାବେ ଶିକ୍ଷାଦାନ କରାଇବା ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ଦକ୍ଷ ଶିକ୍ଷକଙ୍କ ସଂଖ୍ୟା, ଭିତ୍ତିଭୂମି, ଟେକ୍ନୋଲୋଜିର ସୁବିଧା ଆଦି ଆନୁଷଙ୍ଗିକ ସୁବିଧା ରହିବା ଆବଶ୍ୟକ। ଭାଷାଭିତ୍ତିକ ସାମ୍ବାଦିକତା ପଢ଼ିବା ପାଇଁ ସିଲାବସ୍ ଚାହିଦା ଅନୁଯାୟୀ ଶିକ୍ଷାଦାନ ଓ ତାଲିମ ନେବା ଆବଶ୍ୟକ। ଆମ ରାଜ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ଟେକ୍ନୋଲୋଜି ଥିଲେ ମଧ୍ୟ ଅନୁଭବୀ ଶିକ୍ଷକ, ତାଲିମଦାତାଙ୍କ ସଂଖ୍ୟା କମ୍। ପୁଣି ଅନୁଭବୀ ଓ ଦକ୍ଷ ଶିକ୍ଷୟିତ୍ରୀଶିକ୍ଷକ ଥିଲେ ହେଁ ଭିତ୍ତିଭୂମିର ଅଭାବ ରହିଛି। ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ କୋର୍ସରେ ପିଲାମାନଙ୍କୁ ପ୍ରାକ୍ଟିକାଲ ଦେବାରେ ଊଣା ରହୁଥିବା ଦେଖାଯାଉଛି। ତେବେ ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପାଇଁ ଆଇଆଇଏମ୍‌ସି ଓଡ଼ିଆ, ମରାଠୀ, ମାଲୟାଲମ, ଉର୍ଦ୍ଦୁ ଭାଷାରେ ଶିକ୍ଷା ଓ ତାଲିମ ଦେବା ସହ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରୁଛି। ଏହା ମଧ୍ୟ ଦେଖାଦେଇଛି ବିଭିନ୍ନ ମାତୃଭାଷାରେ ବିଭିନ୍ନ ରାଜ୍ୟରେ ଟିଭି ଚାନେଲ ଓ ଖବରକାଗଜର ଆବୃତ୍ତି ବଢ଼ିବଢ଼ି ଚାଲିଛି।

ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷାରେ ଅଧ୍ୟୟନ ଓ ତାଲିମ ନେଲେ ମଧ୍ୟ ଇଂଲିଶ ଭାଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନର ପରିପକ୍ୱତା ରହିବା ଆବଶ୍ୟକ। ଓଡ଼ିଶାର ଢେଙ୍କାନାଳ ଜିଲାରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନରେ ବହୁ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ସାମ୍ବାଦିକତା ପିଜି ଡିପ୍ଲୋମା ଶିକ୍ଷା ଲାଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ମିଡିଆ ହାଉସ ଓ ଜନ ସମ୍ପର୍କ ବିଭାଗରେ କାର୍ଯ୍ୟରତ। ସେହିପରି ଭାରତ ସରକାର, ଡିଜିଟାଲ ମିଡିଆ ୟୁନିଟ, ଜନ ସମ୍ପର୍କ ସଂସ୍ଥାନରେ ସମ୍ମାନଜନକ ପଦବୀରେ ରହି ଦେଶର ଉନ୍ନତିରେ କାର୍ଯ୍ୟ କରୁଛନ୍ତି। ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳରେ ୨୦୦୧ ମସିହାରୁ ଓଡ଼ିଆ ଭାଷାରେ ପିଜି ଡିପ୍ଲୋମା କୋର୍ସ ସଫଳତାର ସହ ଚାଲିଛି। ତେଣୁ ଓଡ଼ିଆ ଭାଷାରେ ସାମ୍ବାଦିକତା କରି ଅନ୍ୟ ପାଠ ଭଳି ନିଯୁକ୍ତିର ସୁଯୋଗ ପାଇପାରିବେ। ଟେକ୍ନୋଲୋଜି ଓ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଦକ୍ଷ ଓ ଶିକ୍ଷିତ କରିପାରିଲେ କର୍ମନିଯୁକ୍ତି ପାଇବା କିଛି ଅସମ୍ଭବ ନୁହେଁ।

-ସହକାରୀ ପ୍ରଫେସର,
ଆଇଆଇଏମ୍‌ସି, ଢେଙ୍କାନାଳ

## ଅପରାଧ ଖବର

# ୧୭ ପିସ୍ତଲ, ୬୬ ଗୁଳି ଜବତ, ୧୮ ଗିରଫ



ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ହୋଇଥିବା ପିସ୍ତଲ ଓ ଗୁଳି।

**ଛତ୍ରପୁର,୪।୫**
**(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)**

### ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ

ବେଆଇନ ଭାବେ ପିସ୍ତଲ, ଗୁଳି ଆଦି ରଖି ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବା ଅଭିଯୋଗରେ ୧୮ ଜଣଙ୍କୁ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ୧୭ଟି ପିସ୍ତଲ, ୬୬ଟି ଗୁଳି, ୧୬ଟି ମୋବାଇଲ ଫୋନ୍ ଓ ୪ଟି ଖୋକା ଜବତ କରାଯାଇଛି। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହୋଇଥିବା ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଉକ୍ତ ପିସ୍ତଲ ଓ ଗୁଳି ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ। ବାହାର ରାଜ୍ୟର ରାକେଟ୍‌କୁ ଧରିବାକୁ ପୋଲିସର ଏକ ସ୍ପେଶାଲ ଟିମ୍ ଗଠନ ହୋଇଥିବା ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ ପ୍ରଥମ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ ଆକ୍ଟ ଲଗାଇ ମାମଲା ରୁଜୁ ହୋଇଛି। ଆସିକା, କୋଦିନେଡ଼ା, ପୋଲସରା, ଶେରଗଡ଼, ଚମାଖଣ୍ଡି ଓ ଭଞ୍ଜନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଏସବୁ ଜବତ କରିଛି।

ସୂଚନା ଅନୁସାରେ ଶେରଗଡ଼ ଥାନା ପୋଲିସ ପକ୍ଷରୁ ବଡ଼ଗଡ଼ ଗାଁର ରିଣ୍ଟୁ ଓରଫ ପ୍ରଶାନ୍ତ ପ୍ରଧାନ, କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗାଁର ମାଣିଆ ଓରଫ କୁନା ନାହାକ, ଛତ୍ରପୁର ଥାନା ସୁନ୍ଦରପୁର ଗାଁର ପିଣ୍ଟୁ ସାହୁ, ଶେରଗଡ଼ ଥାନା ସଡ଼ଙ୍ଗିପଲ୍ଲୀ ଗାଁର ଅଜିତ ଗୌଡ଼, ସୋରଡ଼ା ଥାନା ଏସ.ଗୁଣ୍ଡୁରିବାଡ଼ି ଗାଁର ସୁରଜ ସୁପ୍ରିୟ ନାୟକ ଓ ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ଗାଁର ଶିଶିର ପଣ୍ଡାଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୫ ପିସ୍ତଲ, ୨୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। ସେହିପରି ଆସିକା ଥାନା ପୋଲିସ ତୁମ୍ପଠେଙ୍ଗାପଲ୍ଲୀ ଗାଁର ଏ.ଶ୍ରୀକାନ୍ତ, ମାମୁଡିଆ ଗାଁର ଶଙ୍କର ଗୌଡ଼, ଗାଙ୍ଗପୁର ଥାନା ବଡସଦର ଗାଁର ପବନା ଓରଫ ଶିବ ଗୌଡ଼ ଓ ଭଞ୍ଜନଗର ଥାନା କାଇଣ୍ଡି ଗାଁର ଶିବ ପ୍ରସାଦ ଜେନାଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୩ ପିସ୍ତଲ, ୧୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। କୋଦିନେଡ଼ା ପୋଲିସ କବିସୂର୍ଯ୍ୟନଗର ଥାନା ବାଲିଆପଲ୍ଲୀ ଗାଁର କମଳ ଲୋଚନ ଗୌଡ଼, କୋଦିନେଡ଼ା ଥାନା ହୁମୁକି ଗାଁର ଧର୍ମରାଜ ଜେନା, ପୋଲସରା ଥାନା ତୋଟାସାହି ଗାଁର ଶୁଭମ ଭୂୟାଁ, ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁର ଜଗନ୍ନାଥ ପ୍ରଧାନ ଓ ପବିତ୍ର ପ୍ରଧାନଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୪ ପିସ୍ତଲ,୧୬ ଗୁଳି ଜବତ ହୋଇଛି। ପୋଲସରା ପୋଲିସ କବିସୂର୍ଯ୍ୟନଗର ଥାନା ପାଇକ ଜମୁନା ଗାଁର ରାକେଶ ଦାଶଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ପିସ୍ତଲ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଚମାଖଣ୍ଡି ପୋଲିସ ନଗରଡିଅ ଟାଙ୍ଗଣାପଲ୍ଲୀ ଗାଁର ପିଣ୍ଟୁ ଓରଫ ବାଳକୃଷ୍ଣ ଶତପଥୀଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ୯ ଗୁଳି ଜବତ କରିଛି। ଭଞ୍ଜନଗର ପୋଲିସ ଚାକୁଣ୍ଡାପଲ୍ଲୀ ଗାଁର କାହ୍ନୁ ଗୌଡ଼ଙ୍କୁ ଗିରଫ କରିଛି। ତାଙ୍କଠାରୁ ପିସ୍ତଲ, ମାଗାଜିନ, ଗୁଳି ଜବତ ହୋଇଛି। ତାଙ୍କ ନାଁରେ ୧୧ଟି ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ଆଇଜି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଏସ୍‌ପି (ଡିଆଇଜି) ରବିକାନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଚୋରି: ଶାଶୁ ଦେହରେ ନିଆଁ ଲଗାଇଲେ ବୋହୂ



ବୋହୂ ଜୟା



ଶାଶୁ ରେଣୁକା ବୈଦ୍ୟ

**ମାଲକାନଗିରି,୪।୫(ଦୁର୍ଯ୍ୟୋଧନ ପାତ୍ର)**

### ଗୁରୁତର ଅବସ୍ଥାରେ ଶାଶୁ ରାୟପୁର ସ୍ଥାନାନ୍ତର

ବୋହୂ ଟଙ୍କା ଚୋରି କରୁଥିବା ଶାଶୁ ଜାଣିପାରିଥିଲେ। ତେଣୁ ବୋହୂ ଶାଶୁଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଶାଶୁ ଗୁରୁତର ହୋଇପଡ଼ିଛନ୍ତି। ଏପରି ଘଟଣା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୧୮ ଗ୍ରାମରେ ଗତ ୨୭ ତାରିଖରେ ଘଟିଛି। ଏ ସମ୍ପର୍କରେ ରେଣୁକା ବୈଦ୍ୟଙ୍କ ପୁଅ ଅବିନାଶ ମାଲକାନଗିରି ଥାନାରେ ସ୍ତ୍ରୀ ଜୟାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୨୫/୨୫ରେ ମାମଲା ରୁଜୁ ହୋଇଛି।

ଏମ୍‌ଭି ୧୮ ଗ୍ରାମର ଅବିନାଶ ବୈଦ୍ୟ ଛତିଶଗଡ଼ କୋଣ୍ଟା ଗ୍ରାମର ଜୟାଙ୍କୁ ୨ ବର୍ଷ ପୂର୍ବେ ବିବାହ କରିଥିଲେ। ଅବିନାଶ ବାହାର ରାଜ୍ୟରେ କାମ କରୁଥିବା ବେଳେ ତାଙ୍କ ମା' ରେଣୁକା ବୈଦ୍ୟ ଓ ବୋହୂ ଜୟା ଦୁହେଁ ଘରେ ରହୁଥିଲେ। ଏମ୍‌ଭି ୧୮ ଗ୍ରାମରେ ଅବିନାଶଙ୍କ ଏକ ଛୋଟ ତେଜରାତି ଦୋକାନ ରହିଛି। ତେବେ ବୋହୂ ଜୟା ପ୍ରାୟ ସମୟରେ ଘରୁ ଟଙ୍କା ଓ ସୁନା ଆଦି ଚୋରି କରୁଥିବା ବେଳେ ଏ ବିଷୟରେ ଶାଶୁ ରେଣୁକା ଜାଣିପାରି ପୁଅ ଅବିନାଶଙ୍କୁ କହିବା ସହ ଘରେ ସିସି କ୍ୟାମେରା ଲଗାଇବା ପାଇଁ କହିଥିଲେ। ଟଙ୍କା ଚୋରି କରୁଥିବା ବିଷୟରେ ଶାଶୁ ରେଣୁକା ଜାଣିବା ପରେ ବୋହୂ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ରେଣୁକା ଘରେ ଶୋଇଥିବା ବେଳେ ବୋହୂ ଜୟା ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘର କବାଟ ବନ୍ଦକରି ୪ ମାସର ପୁଅ ସହ ନିଜ ଗ୍ରାମ ଛତିଶଗଡ଼ କୋଣ୍ଟାକୁ ଚାଲି ଯାଇଥିଲେ। ଏହା ଦେଖି ଗ୍ରାମବାସୀ ରେଣୁକାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରେଣୁକାଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ତାଙ୍କୁ ରାୟପୁରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଜୟାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ପେଟ୍ରୋଲ ପକାଇ ନିଆଁ ଲଗାଇବା ବେଳେ ବୋହୂ ଜୟାଙ୍କ ଦୁଇ ହାତ ପୋଡ଼ିଯାଇଥିବା ଜଣାପଡ଼ିଛି।




## ଡେରାବିଶରେ ଦିନଦ୍ୱିପ୍ରହରରେ ଗୁଳିମାଡ଼: ଯୁବକ ଗୁରୁତର

**ଡେରାବିଶ, ୪।୫ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଇନ୍ଦାଳ ପଞ୍ଚାୟତର ବାଲିସାହି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଦୁର୍ବୃତ୍ତମାନଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। କରାଣ୍ଡିଆ ନଦୀବନ୍ଧରେ କୁଦାନଗରୀ ଥାନା ଅନ୍ତର୍ଗତ ବଡ଼ବେତରା ପଞ୍ଚାୟତ ବିନ୍ଧାଳୋ ଗ୍ରାମର ଗୌତମ ମଲ୍ଲିକ ଓରଫ ବାବୁ (୨୨) ସ୍କୁଟି ଯୋଗେ ଯାଉଥିଲେ। ତାଙ୍କୁ ପିଛା କରିଥିବା ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ହଠାତ୍ ଗୌତମଙ୍କ ଉପରକୁ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଗୌତମଙ୍କ ବାମପଟ ଜଙ୍ଘରେ ଗୁଳି ବାଜିଛି। ଗ୍ରାମବାସୀଙ୍କ ସହାୟତାରେ ଗୌତମଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ପୂର୍ବ ଶତ୍ରୁତା କିମ୍ବା ବାଲିଘାଟକୁ କେନ୍ଦ୍ରକରି ଏହି ଘଟଣା ଘଟି ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଆନ୍ତଃରାଜ୍ୟ ର୍‍ୟାକେଟର ଗୁମର ଖୋଲୁଛି

**ଭୁବନେଶ୍ୱର,୪।୫ (ସତ୍ୟଜିତ୍ ରାଉତ)**

### ମେଡିକାଲ ସିଟ୍ ଡିଲ୍ ମାମଲା
### ଏନ୍‌ଇଇଟି ପରୀକ୍ଷା କେନ୍ଦ୍ରରେ ପୋଲିସର ତଦାରଖ

ମେଡିକାଲ କଲେଜରେ ନାମଲେଖା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା 'ଏନ୍‌ଇଇଟି'ରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରାଇବା ଆଳରେ ଠକୁଥିବା ଆନ୍ତଃରାଜ୍ୟ ର୍‍ୟାକେଟର ୪ଜଣଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଶନିବାର ଗିରଫ କରିଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଜବତ ହୋଇଥିବା ବିଭିନ୍ନ ପରୀକ୍ଷାର୍ଥୀଙ୍କ କାଗଜପତ୍ରକୁ ଯାଞ୍ଚ କରୁଛି। ଅଭିଯୁକ୍ତମାନେ ଠକେଇ ଟଙ୍କାରେ ସୌଖୀନ ଜୀବନ ବିତାଉଥିଲେ। ବାର୍‌ରେ ମଉଜ କରିବା ସହ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟରେ ଫ୍ଲାଟ୍ ଓ ଉପକଣ୍ଠରେ ଜମି କିଣିଥିବା ପୋଲିସ ଜାଣିବାକୁ ପାଇଛି। ର୍‍ୟାକେଟର ଯେଉଁ ସଦସ୍ୟ ଭଲ କାମ କରି ଅଧିକ ଟଙ୍କା ଡିଲ୍ କରିବେ, ସେମାନଙ୍କୁ ବିଦେଶ ଯାତ୍ରା ଅଫର୍ ଦିଆଯାଉଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରୁଛି।

ଅନ୍ୟପକ୍ଷରେ ସର୍ବଭାରତୀୟ ସ୍ତରରେ ରବିବାର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି) ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱରର ୩୨ଟି କେନ୍ଦ୍ରରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଡିସିପି ପ୍ରତୀକ ସିଂ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପୋଲିସ କମିଶନର କହିଛନ୍ତି, ସବୁ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିବା ବେଳେ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଯାଞ୍ଚ ହୋଇଛି। ସବୁ ଠିକ୍ ଥିବା ବେଳେ ନକଲି ପରୀକ୍ଷାର୍ଥୀ ଆସିବା ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇ ଉପାୟରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।



# ଫାଟ କରିବ ଜାତିଗଣନା

ଓଡ଼ିଆରେ ଲୋକେ କହିଥାଆନ୍ତି- 'ବାର ଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁ ଗଲା'। ଏଠାରେ କେଉଁ ନିର୍ଦ୍ଦିଷ୍ଟ ଜାତିକୁ ଉପଲକ୍ଷ୍ୟ କରି କଟାକ୍ଷ କରିବା ଉଦ୍ଦେଶ୍ୟ ନୁହେଁ। ପ୍ରସଙ୍ଗ ହେଲା ଏପ୍ରିଲ ୩୦ରେ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିପିଏ) ୨୦୨୬ରେ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ଅନ୍ତର୍ଭୁକ୍ତ କରିବା ନେଇ ନିଷ୍ପତ୍ତି ନେଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଯୋଗୁ ସମଗ୍ର ଦେଶରେ ନିରାପତ୍ତାକୁ ନେଇ ଗୁଞ୍ଜରଣ ଚାଲିଥିବା ବେଳେ କେନ୍ଦ୍ରର ଭାଜପା ସରକାର ହଠାତ୍ ଏଭଳି କାହିଁକି ପଦକ୍ଷେପ ନେଲେ ତାହା ବୁଝିବା କଷ୍ଟକର ନୁହେଁ। କାରଣ ୨୦୨୪ ନିର୍ବାଚନରେ ଦଳ ଆଶାନୁରୂପ ସଫଳତା ନ ପାଇବା ଓ ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାରୁ ବିରୋଧୀଙ୍କୁ ଝଟକା ଦେବା ଲାଗି ଏଭଳି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ଦେଖାଯାଉଛି। ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଜାତିଭିତ୍ତିକ ଜନଗଣନା ନେଇ ଦାବି କରୁ ଆସୁଥିଲେ। ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା। ହିନ୍ଦୁଙ୍କୁ ଏକତ୍ର କରିବାରେ ବିଶ୍ୱାସ କରୁଥିବା ଭାଜପା ଜାତିକୁ ନେଇ ରାଜନୀତି ଅପେକ୍ଷା ଧର୍ମ ଏକ ବ୍ୟାପକ ପରିସର ହୋଇଥିବାରୁ ସେଥିରୁ ସଫଳତା ନେବାକୁ ସର୍ବଦା ଚାହିଁ ଆସିଛି ଏବଂ ଦୀର୍ଘମିଆଦୀ ଫଳ ମଧ୍ୟ ପାଇଛି। ପରିବର୍ତ୍ତିତ ସ୍ଥିତିରେ ଯେତେବେଳେ ଅଲଗା ପରୀକ୍ଷଣ ସଫଳ ହେଉ ନ ଥିବା ଅନୁଭବ ହେଲା, ସେତେବେଳେ ଭାଜପା ବିରୋଧୀଙ୍କୁ ଜାତିଭିତ୍ତିକ ଜନଗଣନା ଅସ୍ତ୍ରରେ ପାଲଟା ଜବାବ ଦେବାକୁ ଆଗେଇ ଆସିଥିବା ଭଳି ଦିଶୁଛି।

> **ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି, ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବ। କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।**

୨୦୨୦ କୋଭିଡ୍ ମହାମାରୀ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯାଇଥିଲା। ଆଗାମୀ ଜନଗଣନାରେ ଗଣନାକାରୀମାନେ ଘରକୁ ଘର ଯାଇ ଲୋକଙ୍କ ଜାତି ପଚାରିବେ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୧୯୩୧ରେ ଉପନିବେଶୀୟ ସରକାର ଜାତିଭିତ୍ତିକ ଜନଗଣନା କରିଥିଲେ। ହେଲେ ସ୍ୱାଧୀନତା ପରେ ୧୯୫୧ରେ ଜବାହର ଲାଲ ନେହେରୁ ସରକାର ଜନଗଣନାରେ ଜାତିଗଣନାକୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ଦେଶରେ ଏକତା ବଜାୟ ରଖିବା ଓ ଜାତିବିହୀନ ସମାଜ ଗଠନ ଥିଲା ମୂଳ ଲକ୍ଷ୍ୟ। ସେବେଠାରୁ ୨୦୧୧ ଯାଏ କେବଳ ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଗଣନା କରାଯାଉଥିଲା ବେଳେ ଜାତିଭିତ୍ତିକ ହିସାବ କରାଯାଇ ନ ଥିଲା। ୨୦୧୧ ଜନଗଣନାରେ ଉପା-୨ର ମନମୋହନ ସିଂଙ୍କ ସରକାର ସମୟରେ ସାମାଜିକ ଓ ଅର୍ଥନୈତିକ ଜନଗଣନା କରାଯାଇଥିଲେ ମଧ୍ୟ ଜାତି ବିଷୟକୁ ଇଚ୍ଛାକୃତ ରଖାଯାଇଥିଲା। ସେତେବେଳେ ତଥ୍ୟରେ ତାଳମେଳ ନ ରହିବାରୁ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଆସିପାରି ନ ଥିଲା। ଆଗାମୀ ଜନଗଣନାରେ ଜାତିଭିତ୍ତିକ ଗଣନା ଆସିଲେ ତାହା ସମାଜରେ ନୂଆ ବିତର୍କ ସୃଷ୍ଟି କରିବାର ଆଶଙ୍କା ଦେଖାଦେଲାଣି। ତଥାପି ରାଜନୈତିକ ଦଳଗୁଡ଼ିକ ସେଥିପ୍ରତି ଆଗ୍ରହ ଦେଖାଉଛନ୍ତି। ମୁଖ୍ୟ ଲକ୍ଷ୍ୟ ରହୁଛି ରାଜନୈତିକ ଫାଇଦା ଓ ତାହା ତୁଳନାରେ ଦେଶ ମଙ୍ଗଳ ଏମାନଙ୍କ ପାଇଁ ସର୍ବଦା ଗୌଣ ରହିଆସିଛି। ଭାଜପା ଏହି ଚରିତ୍ରଠାରୁ ଯଥେଷ୍ଟ ଦୂରରେ ରହିଆସିଥିଲା। ଏପରିକି ଜନଗଣନାରେ ଜାତିଭିତ୍ତିକ ଗଣନାକୁ ଏହା ପସନ୍ଦ କରୁ ନ ଥିଲା। ସମ୍ଭବତଃ ତା' ପାଇଁ ଏଭଳି ଚିନ୍ତାଧାରା ଆଦର୍ଶ ଭାବେ ବିବେଚିତ ହୋଇଥାଆନ୍ତା। କିନ୍ତୁ ନିର୍ବାଚନୀ ସଫଳତା ପାଇଁ ଏହା ସବୁକିଛି ଜଳାଞ୍ଜଳି ଦେବାକୁ ଚାହିଁଲା ଓ ଶେଷ ନିଷ୍ପତ୍ତି ଶୁଣାଇ ଦେଲା। ଏଭଳି ସ୍ଥଳେ ବିରୋଧୀ ଦଳଗୁଡ଼ିକ ଭାଜପାକୁ ସମାଲୋଚନା କରି ଘୋଷଣାର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତଥାପି ସେମାନଙ୍କ ଦାବିକୁ ସରକାର ଡେରିରେ ଗ୍ରହଣ କରିଥିବାରୁ ଆଶ୍ୱସ୍ତ ହୋଇଛନ୍ତି।

ସବୁ ମଣିଷ ଜନ୍ମରୁ ସମାନ ହୋଇଥାଆନ୍ତି। ସଭ୍ୟତା ଅସମାନତା ସୃଷ୍ଟି କରିଛି। ସିନ୍ଧୁ ସଭ୍ୟତା ଜାତିବିହୀନ ଥିଲେ ମଧ୍ୟ ଶ୍ରେଣୀବିହୀନ ନ ଥିଲା। ସେତେବେଳେ ଉଚ୍ଚ ବର୍ଗ ଓ ଶ୍ରମିକ ଶ୍ରେଣୀ ଦେଖାଦେଇଥିଲା। ବୈଦିକ ଯୁଗକୁ ଦେଖିଲେ କାର୍ଯ୍ୟ ଅନୁଯାୟୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଆଦି ବର୍ଣ୍ଣ ସୃଷ୍ଟି ହୋଇଥିଲେ। ପରବର୍ତ୍ତୀ ସମୟରେ ଅନେକ ଜାତି ଓ ଉପଜାତି ହୋଇଛି। ସବୁ ଜାତି ମଣିଷ ଦ୍ୱାରା ସୃଷ୍ଟି କରାଯାଇଛି। ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବ। କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।

# ସମବାୟରେ ନିର୍ବାଚିତ ପ୍ରତିନିଧି ପଦର ମହତ୍ତ୍ୱ



ପ୍ରତାପ ଚନ୍ଦ୍ର ସାମଲ

ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ତାଙ୍କର ଇଚ୍ଛାକୁ ପ୍ରତିନିଧିତ୍ୱ କରନ୍ତି ନାହିଁ। ସେ ପ୍ରକୃତରେ ନିଜକୁ ନିର୍ବାଚିତ କରିଥିବା ଜନତାଙ୍କର ଆଶା, ଆକାଂକ୍ଷା, ଅଭାବ ଅସୁବିଧା ଓ ଅଧିକାରକୁ ହିଁ ପ୍ରତିନିଧିତ୍ୱ କରିଥାନ୍ତି। ଯେଉଁ ସମୟରେ ଜଣେ ସ୍ୱୟଂଶାସିତ ଗଣତାନ୍ତ୍ରିକ ସଂସ୍ଥା କିମ୍ବା ଅନ୍ୟ ସମସ୍ତ ସ୍ଥାନୀୟ ଗଣତାନ୍ତ୍ରିକ ସଂସ୍ଥା ଏପରିକି ବିଧାନ ପରିଷଦ ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେହି ସମୟଠାରୁ ସେ ନିଜର ଅହଂ ବା ସ୍ୱୟଂର ଚାହିଦାକୁ ସମ୍ପୂର୍ଣ୍ଣ ରୂପେ ବିଲୀନ କରିବା ଆବଶ୍ୟକ। ଏହି ପ୍ରତିନିଧିମାନଙ୍କର ଅଧିକାର ପ୍ରାପ୍ତି ଲାଗି ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରିବାର ଆବଶ୍ୟକ ରହିଛି। ଏହିଠାରୁ ହିଁ ସ୍ୱୟଂଶାସନ ସଂସ୍ଥାରେ ଆତ୍ମଶାସନ ପ୍ରକ୍ରିୟାର ଆରମ୍ଭ ହୁଏ। ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ନିଜକୁ ନିୟନ୍ତ୍ରିଣ କରିବା ଦରକାର। ସେ ନିଜେ ପ୍ରକାଶ କରିବା ଉଚିତ୍ ଯେ ତାଙ୍କର ଇଚ୍ଛା ବା ଅଭିଳାଷ ବୋଲି କିଛି ନାହିଁ। ତାଙ୍କ ପାଇଁ ଯାହା ନିହାତି ଆବଶ୍ୟକ ତାକୁ ସ୍ଥଗିତ ରଖାଯାଇ ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିଙ୍କୁ ପ୍ରାପ୍ତ ହେଉ ବୋଲି ସ୍ୱୀକାର କରିବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ଅଧିକାର ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ବିନିଯୁକ୍ତ ହୋଇ ସେହିମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା ଉଚିତ୍।

ପ୍ରତିନିଧି ପଦରେ ନିହିତ ଥିବା ଏହି ସମସ୍ତ ଅବଧାରିତ ତାତ୍ପର୍ଯ୍ୟ ଓ ମହତ୍ତ୍ୱର ମୂଲ୍ୟବୋଧକୁ ଉପଲବ୍ଧି କରିବା ଏକାନ୍ତ ପ୍ରୟୋଜନ। ମାତ୍ର ଏହା ନ କରିବା ଯୋଗୁ, ଆମେମାନେ ବହୁ ସମୟରେ ଦେଖୁ ଯେ, ଅନେକ ବ୍ୟକ୍ତି ପ୍ରଭାବଶାଳୀ ସ୍ଥାନରେ ଅବସ୍ଥାପିତ ରହି ଅଥବା ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ ପଦବୀରେ ଅବସ୍ଥାପିତ ହୋଇ ସେମାନଙ୍କର ଅଭିଳାଷକୁ ପ୍ରୟୋଗ କରନ୍ତି କିମ୍ବା ସମାଜ ବା ସଂସ୍ଥା ଉପରେ ଲଦି ଦିଅନ୍ତି। ଆଉ ମଧ୍ୟ ଭାବନ୍ତି ଯେ, ସେମାନେ ଯାହାକୁ ଠିକ୍‌ରୂପେ ନିର୍ଦ୍ଧାରଣ କରିଛନ୍ତି, ତାହାହିଁ ଯଥାର୍ଥ କରଣୀୟ। ଏହି ଭ୍ରାନ୍ତ ଧାରଣାରୁ ସେମାନେ ମୁକ୍ତ ହୋଇ ପ୍ରତିନିଧି ପଦର ତାତ୍ପର୍ଯ୍ୟକୁ ଅବଧାରଣା କରିବା ଉଚିତ୍। ପ୍ରକୃତରେ ଏହିସବୁ କ୍ଷେତ୍ରରେ ଯେତେବେଳେ ଏହି ପଦବୀରେ ଅଧିଷ୍ଠିତ ପ୍ରତିନିଧି ଅହଂର ଅଧିକାରକୁ ପ୍ରୟୋଗ କରିଥାନ୍ତି ସେତେବେଳେ କେବଳ ଏହା ସମାପ୍ତ ହୋଇ ନଥାଏ, ବରଂ ସେହି ମସୟରେ ଜନମତର ଆଶା ଆକାଂକ୍ଷା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ପରିପ୍ରକାଶ ଲାଭ କରି ନିଜକୁ ବଳିଷ୍ଠ ଭାବେ ଉପସ୍ଥାପିତ ବା ସାବ୍ୟସ୍ତ କରିପାରେ।




ମନେରଖିବା ଉଚିତ୍, ସମସ୍ତ ଗଣତାନ୍ତ୍ରିକ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନ ପ୍ରକୃତରେ ବିଧାନ ବା ଆଇନରୁ ହିଁ ସୃଷ୍ଟି ହୋଇଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକ ବିଧାନରୁ ଉତ୍ପତ୍ତି ଲାଭ କରିଥିବାରୁ ସେଗୁଡ଼ିକର ପରିଚାଳନା ଦାୟିତ୍ୱରେ ଅଧିଷ୍ଠିତ ପଦବୀଧାରୀଙ୍କର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ବିଶଦଭାବେ ଆଇନରେ ରହିଛି। ଏଣୁ ସେମାନେ ଯଦି ଏହି ଅଧିକାର ପ୍ରୟୋଗ କ୍ଷେତ୍ରରେ ଆଇନର ଉଲ୍ଲଂଘନ କରନ୍ତି, ତେବେ ନକାରାତ୍ମକ ପରିଣାମ ସମ୍ମୁଖକୁ ଆସିଥାଏ। ମାତ୍ର ସେମାନଙ୍କର କାର୍ଯ୍ୟର ଏହି ପରିସୀମା ମଧ୍ୟରେ ସେମାନେ ଯେପରି ଆଇନର ଉଲ୍ଲଂଘନ ନ କରନ୍ତି ସେଥିପାଇଁ ଯତ୍ନବାନ୍ ହେବା ଦରକାର। ମୁଁ ବିଶ୍ୱାସ କରେ ଯେ, ଆଇନର ସଂରକ୍ଷଣ ନ ହେଲେ ପ୍ରକୃତ ମୁକ୍ତି ପ୍ରଦାନ କରେନାହିଁ। ଏହି କ୍ଷେତ୍ରରେ ପ୍ରଖ୍ୟାତ ଇଂଲିଶ୍ କବି 'ମିଲ୍‌ଟନ୍'ଙ୍କର ଗଣିତ ଆସ୍ଥା ବଚନିକାରୁ ଗୋଟିଏ ପଦ ଉଦ୍ଧୃତ ହେଲା 'ଯେତେବେଳେ ସେମାନେ ମୁକ୍ତିକୁ ଅସ୍ୱୀକାର ସହ ଅବ୍ୟାହତ କରନ୍ତି, ସେତେବେଳେ ସେମାନେ ନିଜକୁ ନିୟନ୍ତ୍ରିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି।'

ଉତ୍କଳ ଗୌରବ ମଧୁସୂଦନ ଦାସ ସମଗ୍ର ଭାରତରେ ମଣ୍ଟଫୋର୍ଡ ସାମ୍ବିଧାନିକ ସଂସ୍କାରର ବ୍ୟବସ୍ଥା ଅନୁସାରେ ୧୯୨୧ରେ ଏହାର ପ୍ରାରମ୍ଭିକ ପ୍ରୟୋଗ ହେବା ଅବସ୍ଥାରେ ବିହାର ଓ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗରେ ମନ୍ତ୍ରୀ ପଦରେ ଅଧିଷ୍ଠିତ ରହି ବିହାର ଓ ଓଡ଼ିଶାର ବିଧାନ ପରିଷଦରେ ତା୨୯.୦୭.୧୯୨୧ ସାଲରେ ଗଣତାନ୍ତ୍ରିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଥିଲେ, ତହା ସମସ୍ତ ଗଣତାନ୍ତ୍ରିକ ସଂସ୍ଥା, ସମବାୟ ସଂସ୍ଥା ସହିତ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କ ପ୍ରତି ପ୍ରଯୁଜ୍ୟ। ଯାହା ମଧୁସୂଦନ ଦାସଙ୍କ ମୂଳଲକ୍ଷ୍ୟ ଥିଲା ତାହା ହେଲା କୃଷି, କୃଷକ ଓ ସମବାୟ ସମିତି (ସମବାୟ ଋଣ ଆଇନ ୧୯୦୪) ପ୍ରଣୟନ ପରିପ୍ରେକ୍ଷୀରେ।

କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କୁ ଅନେକ କଥା ଚିନ୍ତା କରିବାକୁ ପଡ଼ିବ। ବର୍ତ୍ତମାନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବିଷୟରେ ଆମ୍ଭମାନଙ୍କ ଦ୍ୱାରା ଏପରି ଚେଷ୍ଟା କରିବା ଆବଶ୍ୟକ, ଯାହା ଦ୍ୱାରା ଆମ ଦେଶର ଆଭ୍ୟନ୍ତରୀଣ ଅଭାବ ପୂର୍ଣ୍ଣ ହେବ ଓ ଦେଶଜାତ ଦ୍ରବ୍ୟ ବିଦେଶକୁ ପ୍ରେରିତ ହେବ। ଏ ବିଷୟରେ ବିହିତ ଉପାୟମାନ ଅବଲମ୍ବନ କରିବାକୁ ପଡ଼ିବ। ସର୍ବପ୍ରଥମେ ଓଡ଼ିଶାର ବିଭିନ୍ନ ସ୍ଥାନର ମୃତ୍ତିକାର ବିଭିନ୍ନ ଶସ୍ୟ ଉତ୍ପାଦିକା ଶକ୍ତି ଜାଣି କେଉଁ ଅଞ୍ଚଳ ମୃତ୍ତିକା କେଉଁ ଫସଲ ପାଇଁ ଅନୁକୂଳ ତାହା ରାସାୟନିକ ଓ ବାସ୍ତବ କଣିକା ଦ୍ୱାରା ସ୍ଥିର କରିବାକୁ ପଡ଼ିବ। କେଉଁ ଖତ ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବଢ଼ିବ, କି ପ୍ରଣାଳୀରେ ଚାଷକଲେ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପନ୍ନ ହେବ, ଏଗୁଡ଼ିକ ସ୍ଥିର କରି କାର୍ଯ୍ୟରେ ପରିଣତ କରିବାକୁ ହେବ। କୃଷି କାର୍ଯ୍ୟରେ ମଧ୍ୟ ସମ୍ମିଳିତ ଚେଷ୍ଟା ଆବଶ୍ୟକ। ସମ୍ମିଳିତ ଚେଷ୍ଟା ଦ୍ୱାରା କୃଷିଜୀବୀମାନଙ୍କର କି ପ୍ରକାର ଉନ୍ନତି ସାଧିତ ହେବ ତହିଁର ଉଦାହରଣ ଭାରତବର୍ଷର ଚା', କୃଷି ଇତ୍ୟାଦି ବ୍ୟବସାୟ ଉପରୋକ୍ତ କୃଷି ଦ୍ୱାରା ଇଉରୋପୀୟ ରାଷ୍ଟ୍ରର ଅନେକ କୃଷିଜୀବୀ ଲାଭବାନ୍ ହେଉଛନ୍ତି। ସମ୍ମିଳିତ ଚେଷ୍ଟା, ମୂଳଧନ, ଉପଯୁକ୍ତ ପରିଚାଳନା ଓ ଉତ୍କୃଷ୍ଟ ଯନ୍ତ୍ର ସାହାଯ୍ୟରେ ଆମ ଦେଶରେ କୃଷିର ଉନ୍ନତି ସାଧିତ ହୋଇପାରେ ଏହା ଆମର ବିଶ୍ୱାସ। ଭାରତବର୍ଷ ତଥା ଓଡ଼ିଶାର କୃଷକମାନେ କୃଷି ଉପରେ ନିର୍ଭର କରନ୍ତି। ଏଥିପାଇଁ ଗୋ ମହିଷାଦିଙ୍କ ସଂଖ୍ୟା ଯେପରି ବୃଦ୍ଧି ହେବ ଓ ଗରିବ କୃଷକମାନେ ଯେପରି ସାହୁକାରମାନଙ୍କର ହସ୍ତଗତ ନ ହୋଇ ସ୍ୱ ସ୍ୱ କୃଷିକାର୍ଯ୍ୟ କରିପାରିବେ ତାହା ବନ୍ଦୋବସ୍ତ କରିବା ଉଚିତ୍। ବର୍ତ୍ତମାନ ଭାରତ ସରକାରଙ୍କର ପ୍ରଚଳିତ ବ୍ୟବସ୍ଥା ଅନୁସାରେ କେତେକ ସମବାୟ ଭଣ୍ଡାର ସଂସ୍ଥାପନା କରାଇବା ନିମନ୍ତେ ପ୍ରାଦେଶିକ ସରକାରମାନେ ଯତ୍ନବାନ ଅଛନ୍ତି। ଗରିବ କୃଷକମାନେ ନିତାନ୍ତ ଲୋଭୀ ସାହୁକାରଙ୍କ ଶୋଷଣରୁ ଯେପରି ମୁକ୍ତ ହେବେ, ସେଥିପାଇଁ ଚେଷ୍ଟା କରିବା ଉଚିତ୍। କୃଷକମାନଙ୍କୁ ଓ କୃଷି ସେବା ସମବାୟ ସମିତିମାନଙ୍କର ପରିଚାଳନା ପରିଷଦର ସଦସ୍ୟଙ୍କୁ କୃଷି ଶିକ୍ଷା ପ୍ରଦାନ କରିବା ସର୍ବମତରେ ବାଞ୍ଛନୀୟ ଏବଂ ନାନା ବିଧି କୃଷିକାର୍ଯ୍ୟ ସେମାନଙ୍କ ଦ୍ୱାରା ଯେପରି ସାଧିତ ହୋଇପାରିବ ସେ ବିଷୟରେ ଅବଲମ୍ବନ ବିଧେୟ। ମଧୁସୂଦନ ଦାସଙ୍କର ଏହା ଥିଲା ମୂଳଲକ୍ଷ୍ୟ ଓ ଯେହେତୁ ସେ ଥିଲେ ନିର୍ବାଚିତ ପ୍ରତିନିଧି ବିହାର-ଓଡ଼ିଶା ମିଳିତ ସରକାରରେ। ମଧୁସୂଦନ ଦାସଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ତା୨୮.୧୨.୧୯୦୪ରିଖରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସମବାୟ ଋଣ ଆଇନ ପ୍ରଣୟନକୁ ସ୍ୱାଗତ କରି କଟକଠାରେ ପ୍ରଜାମାନଙ୍କ ଗହଣରେ ଭାଷଣର ଏହାଥିଲା କିଛି ଅଂଶ। ଏସବୁକୁ ତର୍ଜମା କଲେ ପ୍ରକୃତ ନିର୍ବାଚିତ ପ୍ରତିନିଧି ପଦର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସହଜରେ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେବା ଜଣାପଡ଼େ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶିକ୍ଷାନୁଷ୍ଠାନରେ ବନ୍ଧୁମିଳନ



ଭଗବାନ ଦାଶ

ଏବେ ପ୍ରାୟ ଶିକ୍ଷାନୁଷ୍ଠାନରେ ପୁରୁଣା ସହପାଠୀମାନେ ଏକତ୍ରିତ ହେବାକୁ ଆଗ୍ରହୀ। ସେମାନେ ସମସ୍ତେ ବର୍ତ୍ତମାନର ବରିଷ୍ଠ ନାଗରିକ। କାରଣ ଏ ପ୍ରକାର ବନ୍ଧୁ ମିଳନର ଆୟୋଜନ ସାଧାରଣତଃ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କିମ୍ବା ହୀରକ ଜୟନ୍ତୀରେ କରାଯାଇଥାଏ। ଉପସ୍ଥିତ ବନ୍ଧୁମାନେ ଦୀର୍ଘାୟୁ ନଚୁବା ଅବସରପ୍ରାପ୍ତ। ଏକାଠିହେଲେ ବୟସ ଭୁଲିଯାଇ ପିଲାଦିନ ଦିଶିଯାଏ। ଅନୁଷ୍ଠାନକୁ ଦେଖି ସ୍ମୃତି ରୋମନ୍ଥନର ଅବକାଶ ମିଳେ। ଆମ ଶିକ୍ଷାୟତନ, ଯାହା ଏବେ ଦେଖୁଛେ ତାକୁ ତୁଳନା କରିହୁଏନି। ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ଘର କୋଠା, ଚଟାଣ ମାର୍ବଲ ବା ଟାଇଲ। ପରିବେଶ ଚକାଚକ। କିନ୍ତୁ ଆମ ସମୟର ଗଛ ଛାଇ ଭରା ସ୍କୁଲ ପରିସର ବିରଳ। ପିଲାମାନଙ୍କରି ଆଗଭଳି ବ୍ୟାଗ ବସ୍ତାନି ନାହିଁ। ଶିକ୍ଷକ ହେଉ କି ଶିକ୍ଷାର୍ଥୀ ହୁଅନ୍ତୁ ସମସ୍ତଙ୍କର ହାବଭାବ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର। ସେତେବେଳର ଛାଟ ଆଉ ନାହିଁ। ମୋଟାମୋଟି କହିବାକୁ ଗଲେ ଶିକ୍ଷାନୁଷ୍ଠାନଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ପରଠାରୁ ପିଲାମାନେ ସ୍ୱାଧୀନ। ଆମ ସମୟର ପାଠର ଆଲୋଚନା ଅପେକ୍ଷା ଏବକାର ପାଠର ଆଲୋଚନା ସମ୍ପୂର୍ଣ୍ଣ ଭିନ୍ନ ଓ ବିଦ୍ୟାଳୟ ବହୁମୁଖୀ ଶିକ୍ଷା ବ୍ୟବସ୍ଥାର ଚଳଣିରେ ବନ୍ଧା। ସେତେବେଳର ଖେଳ ବି ବଦଳିଗଲାଣି। ଛାତ୍ରୀଛାତ୍ର ପଢନ୍ତୁ ବା ନ ପଢନ୍ତୁ ମାଡ଼ ଧମକ ଦେବାର ତ ନାହିଁ। ପରୀକ୍ଷାରେ ଆଉ ଫେଲ୍ କେହି ହେବେନି। ପଢ଼ିବେ ଶ୍ରେଣୀ ଡେଇଁବେ। ପଢ଼ା ପିଲା ତ ପଢ଼ିବେ, ନ ପଢ଼ା ପିଲା ଆଉ ପଢ଼ିବାରେ ମନ ଦେବେ ବା କାହିଁକି!

ଉପସ୍ଥିତ ପୂର୍ବତନ ଛାତ୍ରମାନେ ବହୁ ବୟସ୍କ ହେତୁ ବିଦ୍ୟାଳୟର ଶିକ୍ଷକଙ୍କଠାରୁ ମଧ୍ୟ ବହୁତ ବଡ଼ ଏପରିକି ସେମାନଙ୍କର ପିତୃତୁଲ୍ୟ। କେତେକ କ୍ଷେତ୍ରରେ ଛାତ୍ରଟିଏ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଥିଲେ, ତାହା ପୁଣି ଯଦି ଶିକ୍ଷା ବିଭାଗରେ ହୋଇଥାଏ, ସେତେବେଳେ ସେ ଛାତ୍ରଟି ଶିକ୍ଷକଙ୍କଠାରୁ ବେଶ୍ କିଛି ଅଧିକ ସମ୍ମାନ ପାଇଥାଏ। ଉପସ୍ଥିତ ବନ୍ଧୁଙ୍କ ଭିତରେ ଥାଇପାରନ୍ତି ବହୁ ଉଚ୍ଚ ପଦ ପଦବୀଧାରୀ ଅବସରପ୍ରାପ୍ତ ସରକାରୀ ଓ ବେସରକାରୀ କର୍ମଚାରୀ। ଥାଆନ୍ତି ଡାକ୍ତର, ଇଞ୍ଜିନିୟର, ଆଡଭୋକେଟ, ବିଭିନ୍ନ ନାମୀଦାମୀ କମ୍ପାନୀର ମ୍ୟାନେଜର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏବଂ ବଡ଼ ବଡ଼ ଶିକ୍ଷାବିତ୍, ରାଜନେତା ଓ ପ୍ରଶାସନିକ ଅଧିକାରୀ। ମିଳନ, କଥୋପକଥନରୁ ମିଳେ ସେ ସବୁର ପରିଚୟ।

ସମସ୍ତଙ୍କର ପିଲାଙ୍କୁ ଚେତାବନି, ଆମେ କାଲି ତୁମପରି ଛୋଟ ପିଲା ଥିଲୁ। ଆଜି କିଏ କ'ଣ ? ଆଗକୁ ତୁମେ ସବୁ ଏପରି ହେବ। ତୁମ ହାତରେ ତୁମ ଭବିଷ୍ୟତ। ଏଣିକି ଦେଖିବାକୁ ରହୁଛି ଆମ ସ୍କୁଲ ପିଲାମାନେ ତହୁଁ ବଡା ତହୁଁ ବଡା ହୋଇ ଆମ୍ଭଠାରୁ ବଡ଼ ବଡ଼ ଚାକିରି କରିବେ। କିଏ ପ୍ରଶାସକ, କିଏ ରାଜନେତା, କିଏ ଶିଳ୍ପପତି ଇତ୍ୟାଦି ବହୁତ କିଛି। ଆମେ ଆଜି ଯେପରି ଏଠି ଆମ ନାତି ନାତୁଣୀଙ୍କୁ ଦେଖୁଛୁ, ତୁମେ ସେପରି ସୁଯୋଗ ମିଳିଲେ ଏଠି ଆସି ତୁମ୍ଭ ଦାୟାଦଙ୍କୁ ଦେଖିପାରିବ। ବିଦ୍ୟାଳୟର ସୁଖ୍ୟାତି ବ୍ୟାପିବ।

ଆମ ବିଦ୍ୟାଳୟକୁ ଗୋଟିଏ ପରିବାର ଭାବିଲେ, ଜାଣିପାରିବା ଯେ ସମସ୍ତେ ସମସ୍ତଙ୍କର ନିଜର। ବାହାରେ କେହି ଦେଖାହୋଇ ଯେବେ ଜଣାଯାଏ ସେ




ଆମ ସ୍କୁଲର ସେତେବେଳେ ଛାତି କିପରି ଫୁଲି ଉଠେ, ତାହା କେବଳ ଅନୁଭବୀ ହିଁ କେବଳ ଜାଣି ପାରିବେ। ଜଣେ ବ୍ୟକ୍ତି ତାଙ୍କ ଭାଷଣରେ କହୁଥାନ୍ତି ସେହିପରି ଏକ କଥା। ସେ ଜେଏନ୍‌ୟୁ, ଦିଲ୍ଲୀରେ ପ୍ରଫେସର ଥାଆନ୍ତି। ହଠାତ ଜଣେ ଓଡ଼ିଆ ଦେଖାହେଲେ। ଖୁସି ଲାଗିଲା। କଥାବାର୍ତ୍ତାରୁ ସେ ଯେତେବେଳେ ଜାଣିଲେ ପିଲାଟି ଆମ ଏଇ ସ୍କୁଲର ଛାତ୍ର ସେତେବେଳେ ଆଉ ବ୍ୟବଧାନ ରହିଲା ନାହିଁ। ଦ୍ୱିଧା ନ ରଖି କୁଣ୍ଢାଇ ପକାଇଲେ ଆଉ ଘରକୁ ଯିବାକୁ ବାଧ କଲେ। ଏଇ ତ ଅତ୍ମୀୟତା। କହିଲେ ପିଲେ ତୁମେ ଆମେ ଆଉ ଯିଏ ବି ଏ ସ୍କୁଲର ଛାତ୍ର ସମସ୍ତେ ଆମେ ଭାଇ ଭାଇ ପରି। ଏହାଠୁ ଆନନ୍ଦ ଆଉ କ'ଣ ଥାଇପାରେ।

ଏହିପରି ବହୁ ଅନୁଭୂତିସମ୍ପନ୍ନ ଭାଷଣ ଶୁଣି ଶୁଣି ବିଦ୍ୟାଳୟର ଉତ୍ସବ ସରି ସରି ଆସେ। ପ୍ରାୟ ସମସ୍ତଙ୍କ ହାତରେ ବାଡ଼ି। ଅନ୍ଧର ଲଉଡ଼ି ଚାଲିବାର ସାହାରା ସେ। ପରେ ବହୁ ଆଲୋଚନା। ପିଲାମାନେ କାହାର କିଏ କେଉଁଠି ଅଛନ୍ତି, କିପରି ଜୀବନ ଚାଲିଛି, କାହାର ଜୀବନସାଥୀ ଲୁଚିଗଲେଣି ତ କାହାର ଶଯ୍ୟାଶାୟୀ। ଏସବୁ ଆଲୋଚନା ମଧ୍ୟରେ ଥାଏ, ଅମୁକ କାହିଁକି ଆସିଲାନି। ସେ ଭଲ ଅଛି ତ ? ସେ କ'ଣ ଅଛି, ଚାରି ପାଞ୍ଚ ବର୍ଷ ଆଗରୁ ପରା ଚାଲିଗଲାଣି ଇତ୍ୟାଦିର ମନ ଖୋଲା କଥୋପକଥନ, ଆଲୋଚନା ଶିଥିଳ ପ୍ରାଣରେ କାତରତା ଭରିଦିଏ। ସେ ସ୍କୁଲ ଜୀବନରେ କେତେ ଆମୋଦ ପ୍ରମୋଦ ଦେଇପାରୁଥିଲା ତାହା ସ୍ମୃତିରେ ଆସେ। ଏସବୁ ସତ୍ତ୍ୱେ, ଯେତେବେଳେ ସଭା ସରି ସରି ଆସେ, ଝିଅ ବିଦାୟ ସମୟ ପରି ଲାଗେ। ସତେଯେପରି ଆଖି ସେ ସବୁର ସାକ୍ଷୀ। କେହି ଲୁହ ଗଡାନ୍ତିନି ସତ ହେଲେ ଚାହାଣି କଥା କହେ। ଆଉ ଦେଖା ହବ କି ନାହିଁ ତା' ଭଗବାନଙ୍କୁ ଜଣା। ବିଦାୟକୁ ସ୍ୱାଗତ ନ ଜଣାଇ କୋଳେଇ ନେଉଥିବା ବା ଯିବାକୁ ବାଧ ହେଉଥିବାର ଉପଲବ୍ଧି ଆସେ। ଘରକୁ ଗଲେ ମଧ୍ୟ ସେ ଦିନର ଅନୁଭୂତି, ଆଲୋଚନା ମନରେ ବେଶ୍ କିଛିଦିନ ଗୁଞ୍ଜରିତ ହୁଏ। ଆରେ ସେ ତ ଭଲ ପଢୁଥିଲା, କାହିଁକି ଗାଁରେ ଶିକ୍ଷକ ଚାକିରିଟିଏ କଲା। ପଢ଼ିବା ପଢ଼େଇବାରେ ଯାହାର ଆନନ୍ଦ ସେ ବା ଅନ୍ୟ ଚାକିରି କରନ୍ତା କାହିଁକି? ଅର୍ଥ ପଛରେ ନ ଧାଇଁ ନିଜ ମନର ଶାନ୍ତି ପାଇଁ ସେ ଧାଇଁଛି। ସବୁବେଳେ ପଢୁଥାଏ, ଆଉ ପିଲାଙ୍କ ଗହଣରେ ଦିନ କାଟିଦିଏ। ଅବଶ୍ୟ ଯେତେବେଳେ ପିଲାଟିଏ ଆସି ତା'ର ପାଦଧୂଳି ନେଲା, ତା'ର କି ଆନନ୍ଦ। ପିଲାଟିପରା ଜିଲାପାଳ। ଛାତି ତା'ର କୁଣ୍ଢେମୋଟ ହୋଇଯାଉଥାଏ। ସତରେ ଭଲ ଶିକ୍ଷକର ଆଦର କାହିଁ କେତେ ଉପରେ।

ଭଲ ଶିକ୍ଷକର ଆନନ୍ଦ ଛାତ୍ରର ପ୍ରଗତିରେ। ମୋ ଛାତ୍ର ଜଣେ ଜିଲାପାଳ କହିଲା ବେଳକୁ ନିଜେ ରାଜ୍ୟବିହୀନ ରାଜା ସାଜିଯାଏ। ଶିକ୍ଷା ବିକାଶର ବାଟ ଦେଖାଏ। ଭବିଷ୍ୟତ ଗଢ଼ିଦିଏ। ଏ ସବୁର ଆସ୍ଥାନ ହେଉଛି ଏହି ବିଦ୍ୟାଳୟ। ଅନ୍ୟ ଅନୁଷ୍ଠାନଠାରୁ ଏହା ସ୍ୱତନ୍ତ୍ର, ଭିନ୍ନ। କାରଣ ପୃଥିବୀରେ ଯେତେ ଅନୁଷ୍ଠାନ ଅଛି ସେ ସବୁର ପରିଚାଳକଙ୍କର ପ୍ରଥମ ଶିକ୍ଷାଦାତା ହେଉଛି ଏହିପରି ଗୋଟିଏ ଗୋଟିଏ ସ୍କୁଲ। ସର୍ବଶେଷରେ ପୁରୁଣା ସ୍ମୃତି କିଛିଦିନ ପ୍ରତ୍ୟେକଙ୍କର ମନକୁ ଆନ୍ଦୋଳିତ କରେ। ଅତୀତ ଓ ବର୍ତ୍ତମାନକୁ ମନ ଆପେ ଆପେ ଆଗକୁ ଆଣେ। ସମୟ ଯେହେତୁ ସବୁଠାରୁ ବଳବାନ୍, ପ୍ରତ୍ୟେକ ମନୁଷ୍ୟ ତା'ର ସାମାଜିକ ଓ ସାଂସାରିକ ଚଳଣି ଭିତରେ ମନକୁ ମନ ନିଜକୁ ହଜାଇଦିଏ ଓ ବୁଝିଯାଏ।

**ଗୁଣ୍ଡିଚା ବିହାର, ପୁରୀ,**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

କିଛି ଲୋକ ଥାଆନ୍ତି, ଯେଉଁମାନେ ନିଜ ସ୍ୱପ୍ନକୁ ପୂରା କରିବାର ସୁଯୋଗ ପାଆନ୍ତି ନାହିଁ। ହେଲେ ଅନ୍ୟମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ପୂରା ଦମ୍‌ରେ ଲାଗିପଡ଼ନ୍ତି। ଆଉ ଏହି ମାଧ୍ୟମରେ ସେମାନେ ପାଆନ୍ତି କେବଳ ଆତ୍ମସନ୍ତୋଷ। ଠିକ୍ ଏମିତି ଜଣେ ଭିନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍ତରପ୍ରଦେଶ ମେରଟର ଅବସରପ୍ରାପ୍ତ ଜଜ୍ ଡକ୍ଟର ଜ୍ଞାନେନ୍ଦ୍ର କୁମାର ଶର୍ମା। ଅବସର ପରେ ଏବେ ସେ ଏକ ଟ୍ରେନିଂ ସେଣ୍ଟର ଖୋଲି ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଏହି ମାଧ୍ୟମରେ ସେ ଗରିବ ଶ୍ରେଣୀର ଯୁବପିଢ଼ିଙ୍କୁ ସେମାନଙ୍କ ମନ ମୁତାବକ ଶୀର୍ଘ ସ୍ଥାନରେ ପହଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଟ୍ରେନିଂ ସେଣ୍ଟରର ନାଁ ରଖିଛନ୍ତି ପ୍ରଣବ ଜୁଡିସିଆଲ ଏକାଡେମୀ। ତେବେ ଏଭଳି ଏକ ମହତ୍ କାମ କରିବା ପଛରେ ତାଙ୍କର ପ୍ରେରଣା ହେଉଛି ତାଙ୍କର ଏକମାତ୍ର ପୁତ୍ର ପ୍ରଣବ, ଯିଏ କି ୨୦୨୨ରୁ ଏକ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଛନ୍ତି। ପ୍ରଣବ ଜଣେ ନାଁକରା ଓକିଲ ଥିଲେ ଓ ସେ ସୁପ୍ରିମକୋର୍ଟରେ ଜଜ୍ ହେବାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ମୃତ୍ୟୁ ପରେ ତାଙ୍କର ସବୁ ସ୍ୱପ୍ନ ଅଧା ରହି ଯାଇଥିଲା। ଫଳରେ ଏକ ବିରାଟ ମାନସିକ ଆଘାତ ପାଇ ଜ୍ଞାନେନ୍ଦ୍ର ଜୀବନର ସବୁ ଆଶା ହରାଇ ଦେଇଥିଲେ। କିନ୍ତୁ ପୁଅର ସ୍ୱପ୍ନକୁ ନେଇ ସେ ବଞ୍ଚିବାର ଏକ ନୂଆ ସାହାରା ପାଇଥିଲେ। ତେଣୁ ଗରିବ ପିଲାଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୫ ମେ ୧୯୭୬**

- ହୀରାକୁଦ, ସାଲନ୍ଦୀ ଓ ମହାନଦୀର ତ୍ରିକୋଣଭୂମି ଜଳସେଚିତ ଅଞ୍ଚଳର ବିକାଶ ପାଇଁ ତିନୋଟି ଜଳସେଚିତ ଅଞ୍ଚଳ ଉନ୍ନୟନ ସଂସ୍ଥା ଗଠନ କରାଯିବା ନେଇ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଗ୍ରହଣ।
- ହେବିୟସ୍ କର୍ପସ ଆବେଦନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ରାୟ ଦେବା ପରେ ଦିଲ୍ଲୀ ହାଇକୋର୍ଟରେ ଥିବା ଏ ସଂକ୍ରାନ୍ତ ସମସ୍ତ ଆବେଦନ ଖାରଜ କରିଦିଆଯାଇଛି।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 3 | | 5 | | 2 |
| | | | | | 2 | | 9 | 6 |
| | | | 5 | | | | 3 | |
| | | | | | | 1 | 2 | 5 |
| | | | 3 | | | | | |
| 8 | | | | | 7 | 4 | | |
| 2 | 9 | | 6 | | | | | |
| | 5 | 7 | 4 | 8 | | | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 1 | 8 | 6 | 9 | 7 | 4 | 2 |
| 9 | 8 | 4 | 1 | 2 | 7 | 6 | 3 | 5 |
| 7 | 6 | 2 | 4 | 5 | 3 | 9 | 8 | 1 |
| 2 | 7 | 5 | 9 | 8 | 6 | 4 | 1 | 3 |
| 8 | 3 | 9 | 2 | 4 | 1 | 5 | 7 | 6 |
| 4 | 1 | 6 | 3 | 7 | 5 | 2 | 9 | 8 |
| 5 | 9 | 8 | 6 | 1 | 4 | 3 | 2 | 7 |
| 6 | 2 | 3 | 7 | 9 | 8 | 1 | 5 | 4 |
| 1 | 4 | 7 | 5 | 3 | 2 | 8 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ

ମହାଶୟ,

ଖବରରୁ ଜାଣିଲୁ ଯେ, ଶ୍ରୀମନ୍ଦିର ଭିତରୁ ନବକଳେବର ବେଳର ବଳକା ଦାରୁ ଯାଇ ଦୀଘା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ହୋଇଛି। ଏହା ଏକ ସ୍ପର୍ଶକାତର ପ୍ରଶ୍ନ। ଶ୍ରୀମନ୍ଦିରର କେହି ବରିଷ୍ଠ ସେବାୟତ ଏ କାର୍ଯ୍ୟ ସହ ସଂଶ୍ଳିଷ୍ଟ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଏହା ଅଡୁଆରେ ପକାଇବା ସ୍ୱାଭାବିକ। ତେଣୁ ସରକାର ଅବିଳମ୍ବେ ଏକ ତଦନ୍ତ ଘୋଷଣା କରିଦେଲେ। ତଦନ୍ତ ହେବ, ଫଳାଫଳ ଆସିବ, ଦୋଷୀଙ୍କୁ ଦଣ୍ଡ ଦିଆଯିବ। ସେଇ ପୁରୁଣା କଥା, କାଳକ୍ଷେପଣ ନୀତି, ଜନମତକୁ ବିଭ୍ରାନ୍ତ କରିବାର ଉପାୟ। ଆଗରୁ ବହୁ ସ୍ପର୍ଶକାତର ପ୍ରସଙ୍ଗରେ ତଦନ୍ତ କମିଶନ ବସିଛି ଓ ରିପୋର୍ଟ ଆସିଛି, କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହୋଇଛି କି? କ'ଣ ରିପୋର୍ଟ ଆସିଛି ତାହା ଲୋକ ଲୋଚନକୁ ଆସୁଛି କି? ? କେବଳ ଲୋକ ଭୁଲିଯିବା ପର୍ଯ୍ୟନ୍ତ ଖବର ଗଡେଇ ଦିଆଯାଇଛି, କିଛି ଅର୍ଥ ଶ୍ରାଦ୍ଧ ହୋଇଛି। କିଛି ଉଚ୍ଚ ମାନର ଲୋକଙ୍କୁ ପୋଷା ଯାଇଛି। ଏଥର ବି ଅନୁରୂପ ନ ହେବ ସେକଥା କିଏ କହିବ? କେତେଥର ତଦନ୍ତ ସମୟ ବଢ଼ିବ ସେକଥା କେହି ଜାଣନ୍ତି ନାହିଁ। ସରକାରଙ୍କ ପାଇଁ ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି, ଜଗନ୍ନାଥଙ୍କ ଐତିହ୍ୟ ବଡ଼ ନୁହେଁ, କ୍ଷମତାର ସିଂହାସନ ତାଙ୍କ ପାଇଁ ବଡ଼। ସେମାନଙ୍କ ଭିତରେ ଗଜପତି କପିଳେନ୍ଦ୍ର ଦେବଙ୍କ ମନ ନାହିଁ କି ସାହସ ନାହିଁ। ତେଣୁ ସେମାନେ କିଛି ବି କରିବେ ନାହିଁ। ଯଦି ରାଜ୍ୟବାସୀ ଜଗନ୍ନାଥ ଧର୍ମ ସଂସ୍କୃତିକୁ ରକ୍ଷା କରିବାକୁ ଚାହାନ୍ତି ତେବେ ସେମାନଙ୍କୁ କିଛି କରିବାକୁ ହେବ।

**-ପ୍ରଭାତ କୁମାର ଦାସ, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ-ବେଳା ପରେ ଖେଳିଲା
କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ!
-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**୭ରୁ ବ୍ରହ୍ମେଶ୍ୱର ଦୋଳଯାତ୍ରା**

ଭୁବନେଶ୍ୱର, (ସୌମ୍ୟରଞ୍ଜନ ରାଉତ)- ବ୍ରହ୍ମେଶ୍ୱରପାଟଣା ଛକ ମେଳଣ ପଡ଼ିଆରେ ତିନିଦିନିଆ ୯୯ତମ ବ୍ରହ୍ମେଶ୍ୱର ଭାଗବତ ପଞ୍ଚୁଦୋଳ ମେଳଣ ଲାଗି ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖରୁ ଏହି ଦୋଳଯାତ୍ରା ଗ୍ରାମ ପରିକ୍ରମା କରି ଜମାଣ ହେବ। ଏଥିରେ ବ୍ରହ୍ମେଶ୍ୱର ସମେତ ବଡ଼ଗଡ଼, ଲକ୍ଷ୍ମୀସାଗର, କେଶୁରା, ବାସୁଆଘାଇ ଓ ବାଙ୍କୁଆଳ ଗ୍ରାମର ଦୋଳ ଠାକୁର ସାମିଲ ହେବେ। ଏହି ମେଳରେ ଅପେରା ପାର୍ଟି ଅଶୋକ ସମ୍ରାଟ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯିବ ବୋଲି ମେଳଣ କମିଟି ସଭାପତି ସତିଶ ପ୍ରସାଦ ପଟ୍ଟନାୟକ କହିଛନ୍ତି। କମିଟି ସମ୍ପାଦକ ବାବୁଲି ବେହେରା, କର୍ପୋରେଟର ମଳୟ ମହାପାତ୍ର ଉପସ୍ଥିତ ଥିଲେ।

# 'ଅଳିଆଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ' ଅଭିଯାନରେ ଜନପ୍ରତିବାଦ: '୭ ଦିନରେ ନିଷ୍ପତ୍ତି ନ ହେଲେ ମନ୍ତ୍ରୀ, ସଚିବଙ୍କ ଘରକୁ ଅଳିଆ ଫିଙ୍ଗାଯିବ'



ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଆୟୋଜିତ ଜନପ୍ରତିବାଦ ଅଭିଯାନ।

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଓ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡ ହଟାଇବା ଦାବିରେ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ରବିବାର ଜନପ୍ରତିବାଦ କରାଯାଇଛି। ସ୍ଥାନୀୟ ଲୋକେ ଏକାଠି ହୋଇ ସୈନିକ ସ୍କୁଲ ମୁଖ୍ୟ ପ୍ରବେଶଦ୍ୱାରରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ମାନବଶୃଙ୍ଖଳ ମାଧ୍ୟମରେ ଧାରଣାରେ ବସିବା ସହ ଶୋଭାଯାତ୍ରା କରିଛନ୍ତି। ଡମ୍ପିଂୟାର୍ଡ ହଟାଇବା ପାଇଁ ୭ ଦିନ ଭିତରେ ନିଷ୍ପତ୍ତି ନ ହେଲେ ନଗର ଉନ୍ନୟନ ମନ୍ତ୍ରୀ, ସଚିବ, ବିଏମ୍‌ସି ମେୟର ଓ କମିଶନରଙ୍କ ସରକାରୀ ବାସଭବନ ଆଗରେ ପ୍ରତୀକାତ୍ମକ ଭାବେ ଅଳିଆ ଫିଙ୍ଗାଯିବ ବୋଲି ଅଭିଯାନ ପକ୍ଷରୁ ନିଷ୍ପତ୍ତିନିଆଯିବା ସହ ଚେତାବନୀ ଦିଆଯାଇଛି। ଅଳିଆ ଗନ୍ଧ ହେଲେ ସେମାନେ ବୁଝିପାରିବେ ଅଞ୍ଚଳବାସୀମାନେ କିପରି ହଇରାଣ ହେଉଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ସ୍ଥାନୀୟ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଅଭିଭାବକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଧାରଣାରେ ବସିଥିଲେ। ଏହି ଅଭିଯାନରେ ସେନା ସେବା ଅଧିକାରୀ କର୍ଣ୍ଣେଲ ଜେକେ ଶତପଥୀ, ଜର୍ଦ୍ଦମାନ ସିଂହ, କ୍ୟାପ୍ଟେନ୍ ଏସ୍.ଏସ୍. ଦେବ, ଜେକେ ମହାନ୍ତି, ବିଶ୍ୱୟ ମହାପାତ୍ର, ରାଜ୍ୟ କର୍ମଚାରୀ ମହାମଞ୍ଚ ଉପଦେଷ୍ଟା ପ୍ରଭାତ ମହାନ୍ତି, ରଙ୍ଗଚରଣ ପ୍ରଧାନ, ଅଶୋକ ପାଲ୍ରାଟ୍ଟି, ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ, ମହାସଚିବ ଶଶାଙ୍କ ପାଇକରାୟ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଭକ୍ତକାରୀ ତ୍ରିପାଠୀ, ଶ୍ରୀବତ୍ସ ନାୟକ, ପ୍ରତିଶ୍ରୁ ବାରା, ସୁବ୍ରତ ସାହୁ, ମିଟୁ ଜେନା, ପ୍ରତାପ ପରିଡ଼ା, ସରୋଜ ରାଉତରାୟ, ଚିତ୍ତାରଞ୍ଜନ ବାରିକ, ପ୍ରତାପ ସାହୁ, ସୈନିକ ସ୍କୁଲ ଅଭିଭାବକ ସଂଘ ସଭାପତି ଆଶୁତୋଷ ମିଶ୍ରଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତି ପ୍ରତ୍ୟାହାର ଓ ଅସ୍ଥାୟୀ ଡମ୍ପିଂୟାର୍ଡକୁ ହଟାଇବା ପାଇଁ ସୈନିକ ସ୍କୁଲ ଚତୁଃପାର୍ଶ୍ୱ ଅଞ୍ଚଳ ଗାଡ଼କଣ, ରଙ୍ଗମାଟିଆ, ଅଦିମାତା କଲୋନୀ, ଲକ୍ଷ୍ମୀବିହାର, ଆଚାର୍ଯ୍ୟ ବିହାର, ଭିଏସ୍ଏସ୍ ନଗର, ଡମଣା, ବାଣୀବିହାର ଆଦି ଅଞ୍ଚଳର ଯୁବକ ଓ ବୁଦ୍ଧିଜୀବୀମାନେ ଜନପ୍ରତିବାଦରେ ସାମିଲ ହୋଇଥିଲେ।

## ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ପୁରୁଣା ଭୁବନେଶ୍ୱର,୪।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ଏବଂ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ରବିବାର ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହୃଷୀକେଶ ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଡ. ନୀତି ରଞ୍ଜନ ଚାନ୍ଦ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ସମ୍ପାଦକ ଧୀରେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଡ.ଆଲୋକ କୁମାର ସାହୁ ଏବଂ ଡ.ଅରଣ୍ୟ ବେହେରାଙ୍କ ନେତୃତ୍ୱରେ ଚିକିତ୍ସାଦଳ ଅଂଶଗ୍ରହଣ କରିଥିଲେ। ଲୋକଙ୍କ ମୋତିଆବିନ୍ଦୁ, ଡ୍ରାଇ ଆଖି ପରୀକ୍ଷା ସହିତ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ସହିତ ମାଗଣା ଔଷଧ ଏବଂ ଚଷମା ବଣ୍ଟନ କରାଯାଇଥିଲା। ସରୋଜ ପଣ୍ଡା, ଗୌରୀ ପ୍ରସାଦ ମହାନ୍ତି, ଜ୍ଞାନରଞ୍ଜନ ବଟ୍ଟୁ, ସତ୍ୟବ୍ରତ ନନ୍ଦ, ବିଜୟ କୁମାର ମଲିଆ, ଅମିତ କୁମାର ମଲିଆ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ର ବିଦ୍ୟାକୁ ଆଭୂଷଣ କରନ୍ତୁ : ବାଚସ୍ପତି



ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ଡମାଣ୍ଡୋସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଛାତ୍ରୀଛାତ୍ରମାନେ ଜୀବନରେ ବିଦ୍ୟାକୁ ଆଭୂଷଣ ଭାବରେ ଗ୍ରହଣ କରି ତାହାର ଠିକ୍ ଯତ୍ନ ନିଅନ୍ତୁ। ପ୍ରତି ଛାତ୍ର ଭାରତର ଜଣେ ଶୃଙ୍ଖଳିତ, ଦେଶପ୍ରେମୀ ତଥା ସମର୍ପିତ ନାଗରିକ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ନମିତା ପଟ୍ଟନାୟକ ଯୋଗଦେଇ ଯୋଗ ହିଁ ଜୀବନ। ଉତ୍ତମ ସ୍ୱାସ୍ଥ୍ୟ ଦ୍ୱାରା ଜଣେ ଉତ୍ତମ ଛାତ୍ର ହୋଇ ଜୀବନରେ ଆଗକୁ ବଢ଼ି ପାରିବେ ବୋଲି ସେ କହିଥିଲେ। ପତଞ୍ଜଳୀ ଯୋଗ କେନ୍ଦ୍ରର ଓଡ଼ିଶା ରାଜ୍ୟ ମୁଖ୍ୟ ସୁଧାଂଶୁ ଶେଖର ଅଧିକାରୀ, ଉତ୍କଳିକା ବିଭାଗ ପୂର୍ବତନ ନିର୍ଦ୍ଦେଶକ ତଥା ଐତିହାସିକ ପ୍ରଫେସର ଡ. ନିହାର ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ମିନାକ୍ଷୀ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟ ସଭାପତି ଇଂ. ସ୍ମିତିରଞ୍ଜନ ବଳ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସ୍ଥାୟୀ ସମ୍ପାଦକ ଈଶ୍ୱର ଚନ୍ଦ୍ର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଉଦ୍ୟୋଗୀ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ମହିଳା ଉଦ୍ୟୋଗୀମାନେ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ, ସାହାସର ସହ ନିର୍ମାଣ କରନ୍ତୁ ଏବଂ ଗର୍ବର ସହ ନେତୃତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଜାତୀୟ ମହିଳା ଏଣ୍ଟରପ୍ରିନ୍ୟୁର୍‌ସିପ୍ କାଉନ୍‌ସିଲ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ମହିଳା ବାଣିଜ୍ୟ ମେଳାର ରବିବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏପରି କହିଛନ୍ତି। ସେ କହିଲେ, ଆତ୍ମ ମର୍ଯ୍ୟାଦା, ସୃଜନଶୀଳତା ଓ ସାହସର ସହ ମହିଳା ଉଦ୍ୟୋଗୀମାନେ ଭାରତର ବିକାଶ କାହାଣୀର ନୂତନ ଅଧ୍ୟାୟ ଲେଖୁଛନ୍ତି। ସେମାନେ ହେଉଛନ୍ତି ଏ ଜାତିର ଗର୍ବ ଏବଂ ଭବିଷ୍ୟତ ପିଢ଼ି ପାଇଁ ଆଲୋକବର୍ତ୍ତିକା। ଏକ ସମୃଦ୍ଧ ଏବଂ ସଶକ୍ତ ଭାରତର ଦୃଷ୍ଟିକୋଣ ସହିତ ଆଗକୁ ବଢ଼ିବାକୁ ରାଜ୍ୟପାଳ ସେମାନଙ୍କୁ ଆହ୍ୱାନ ଜଣାଇଥିଲେ। ଆଇସିସି ଓଡିଶା ଚାପ୍ଟରର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କନ୍‌ଭେନ ର୍ ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ କୋ-କନ୍‌ଭେନର୍ ସ୍ୱାତୀ କେଜ୍ରିୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ। କୋ-କନ୍‌ଭେନର୍ ସୁମା ଦେବୀ ଦାଶ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨୪ ଶିଶୁଙ୍କୁ ଆର୍ଥିକ ସହାୟତା, ୧୧୪ ଶ୍ରମିକଙ୍କୁ ପରିଚୟପତ୍ର

### ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ଦିବସ

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ଭୁବନେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ ଜିଲା ଜଜ୍ କୋର୍ଟସ୍ଥିତ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ବିଭାଗୀୟ ଶ୍ରମ କମିଶନର ଅଜୟ କୁମାର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଓ ଦୌରା ଜଜ୍ ଶ୍ରମିକଙ୍କ ପାଇଁ ଆଇନରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପାଇବାକୁ ଉପସ୍ଥିତ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୪ ଜଣ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପାଇଁ ମୋଟ ୧,୫୬,୪୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଦୁଇଜଣଙ୍କୁ ୧ଲକ୍ଷ ଟଙ୍କାର ବୈବାହିକ ସହାୟତା, ୪ ଜଣଙ୍କୁ ୧୧ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ଏବଂ ଅନ୍ତିମ ସଂସ୍କାର ପାଇଁ ୩ ଜଣଙ୍କୁ ୧୫ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏଥିସହ ୧୧୪ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପ୍ରାଧିକରଣର ସଚିବ ସଲୋମୀ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପରିବାର ଅଦାଲତ ଜଜ୍ ମଦନ ଲାଲ କେଡିଆ, ଅତିରିକ୍ତ ଜିଲା ବିଚାରପତି ଦେବାଶିଷ ରାଉତ, ବରିଷ୍ଠ ଦେୱାନି ବିଚାରପତି ମୁସାରତ ଯାହିନ ପ୍ରମୁଖ ଉପସ୍ଥିତ ଥିଲେ। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ୱେତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ପ୍ରାଧିକରଣଙ୍କ ନ୍ୟାୟ ଅଧିକାର ମିତ୍ର ଯଶ୍ମିନ୍ ଗିରି, ଆକାଂକ୍ଷା ସାମଲ, ଏଲ୍. କୁମାର, ଅର୍ପିତା ମହାନ୍ତି ଓ ମହେଶ ରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ବାଲିଘାଟ ବନ୍ଦ କରିବାକୁ ଏମ୍‌ପିଙ୍କୁ ଗ୍ରାମବାସୀଙ୍କ ଗୁହାରି

ବାଲକାଟୀ,୪।୫(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ଝିଣ୍ଟି ବାଲିଘାଟ ଖନନକୁ ବନ୍ଦ କରିବାକୁ ରବିବାର ସ୍ଥାନୀୟ ବାସିନ୍ଦା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ସ୍ଥାନୀୟ ଗ୍ରାମବାସୀ ଗୁହାରି କରିଛନ୍ତି। ପ୍ରକାଶଥାଉ କି, ଏମ୍‌ପି ଷଡ଼ଙ୍ଗୀ ବାଲିପାଟଣା ବ୍ଲକ ଆଳିଶି ଶାସନରେ ଭାଜପାର ଏକ ମିଶ୍ରଣ ପର୍ବ ସଭାରେ ଯୋଗଦେବାକୁ ଝିଣ୍ଟି ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଅଟକାଇ ବାଲିଘାଟ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ, ଝିଣ୍ଟି ବାଲିଘାଟ ଚାଲିଲେ ନଦୀ ସଂଲଗ୍ନ ବନ୍ଧ ଦୁର୍ବଳ ହେବା ସହ ଧନ ଜୀବନ କ୍ଷୟକ୍ଷତି ହେବ। ନଦୀବନ୍ଧ ଦୁର୍ବଳ ସହିତ ବନ୍ୟା ସମୟରେ ଘଳିଆ ପଡ଼ି ଗାଁ ଗଣ୍ଡା ଜଳାର୍ଣ୍ଣବ ହେବ। ୨୦୨୦ ମସିହାରୁ ଏହି ବାଲିଘାଟ ବନ୍ଦ ପଡ଼ିଥିବାବେଳେ ନିର୍ବାଚନମଣ୍ଡଳୀର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଘାଟ ସଂଲଗ୍ନ ରାସ୍ତା କିଣି ଏବେ ନଦୀଗର୍ଭକୁ ରାସ୍ତା ତିଆରି କରୁଥିବା ଦେଖାଯାଇଛି। ଏହି ରାସ୍ତା ନିର୍ମାଣ ଦ୍ରୁତ ଗତିରେ ଚାଲିଛି। ଖୁବ୍‌ଶୀଘ୍ର ନଦୀରୁ ବାଲି ଖନନ ହେବାର ବ୍ୟବସ୍ଥା ମଧ୍ୟ ଚାଲିଛି। ଅତୀତରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବାଲିଅନ୍ତା ତହସିଲଦାରଙ୍କୁ ହାତ କରି ଏହି ବାଲିଘାଟରୁ ବାଲି ତାଡ଼ି ଗଣ୍ଡ ସୃଷ୍ଟି କରିଥିଲେ। ଏହି ଗଣ୍ଡରେ ବୁଡ଼ି ୨ ଜଣ ଛାତ୍ରଙ୍କ ଜୀବନ ଯାଇଥିବାରୁ ସେହି ସମୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହି ବାଲିଘାଟ ନିକଟରେ ତେରବାଟିଆ ବ୍ରିଜ୍ ନିର୍ମାଣ ଚାଲିଛି। ୬୦ ମିଟର ଦୂରରେ ଇଣ୍ଡିଆନ୍ ଅଏଲ୍‌ର ପାଇପ୍‌ଲାଇନ ଯାଇଛି। ତେଣୁ ବାଲିଘାଟ ପୁନର୍ବାର ନ ଚାଲିବାକୁ ଲୋକେ ଏମ୍‌ପିଙ୍କ ନିକଟରେ ଗୁହାରି କରିଥିଲେ। ଏମ୍‌ପି ଲୋକଙ୍କ ଗୁହାରି ଶୁଣି ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ୧୦ମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବି.କେ. ପବ୍ଲିକେଶନ ପ୍ରକାଶକ ବିଜୟ କୁମାର ମହାପାତ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସକ୍ୟୁରିଟି ଫୋର୍ସର ଡେପୁଟି କମାଣ୍ଡାଣ୍ଟ ଲଳିତେନ୍ଦୁ ମହାନ୍ତି, ସାମାଜିକ କର୍ମୀ ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ ଦେଶ ନିର୍ମାଣରେ ସାମାଜିକ ଅନୁଷ୍ଠାନର ଗୁରୁତ୍ୱ ଓ ଯୁବ ସମାଜ ପରିବର୍ତ୍ତନର ବାହକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ନିଶା ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଓ ସଚେତନତା ଆଦି କାର୍ଯ୍ୟକ୍ରମ କରାଯାଉଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଅଭିନେତା ଚନ୍ଦନ କର, ସମାଜସେବୀ ଲଡ୍ଡୁଗୋପାଳ ମହାପାତ୍ର, ନୀଳିମା ଦାସ, ଲୋପାମୁଦ୍ରା ସାହୁ, ପଦ୍ମିନୀ ପରିଡ଼ା ଓ ଯୁବନେତା ଦିବ୍ୟସିଂହ ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା କାର୍ଯ୍ୟକ୍ରମକୁ ଭାଗ୍ୟଶ୍ରୀ ମହାନ୍ତି, ବିନୋଦ କୁମାର ରାଉତ, କ୍ଷୀରୋଦ କୁମାର ଜେନା, ପିଆଲି ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।


ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

## ଖୁବ୍‌ଶୀଘ୍ର ନିର୍ମାଣ ହେବ ଭିଏସ୍‌ଏସ୍ ନଗର ସର୍ଭିସ ରୋଡ୍


ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓ ତାଙ୍କ ଟିମ୍ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ସମସ୍ୟା ଦେଖିଲେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗରରେ ଦୀର୍ଘଦିନ ଧରି ନିର୍ମାଣ ଚାଲିଥିବା ରେଳ ଓଭରବ୍ରିଜ କାମ ଧିମେଇ ଯାଇଛି। କାମ ପାଇଁ ସମ୍ପୃକ୍ତ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ନେଇ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଏପ୍ରିଲ ୨୮ରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ. ଦୁର୍ଗାଚରଣ ବେହେରାଙ୍କ ସହିତ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ସର୍ଭିସ ରୋଡ୍ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ହେବ ବୋଲି ମୁଖ୍ୟଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ଇଂ. ବେହେରା, ସୁପରିଣ୍ଟେଣ୍ଡେଣ୍ଟ ଇଂ. ସୁନ୍ଦରମାଧବ ପାଢ଼ୀ, ଜେଇ ବିମଳ ଦାଶ ଓ ଠିକାଦରଙ୍କ ସହିତ ବହୁ ଅଧିକାରୀ ଶନିବାର ଭିଏସ୍‌ଏସ୍ ନଗର ରାସ୍ତାର ଦୁରବସ୍ଥା ପରିଦର୍ଶନ କରି ଖୁବ୍‌ଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ବୋଲି କହିଛନ୍ତି। ଏହାପୂର୍ବରୁ ବିଭାଗୀୟ ଅଧିକାରୀମାନେ ଠିକାଦାରଙ୍କ ସହିତ ଆଲୋଚନା କରି ବର୍ଷା ଆସିବା ପୂର୍ବରୁ କିପରି ସର୍ଭିସ ରୋଡ୍ ଓ ଡ୍ରେନ ନିର୍ମାଣ କାମ ଶେଷହେବ ସେଥିପାଇଁ ଯୋଜନା କରିଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ଦାସ, ଚିନ୍ତାମଣି ବାରିକ ଓ ଶଶୀଭୂଷଣ ଦାସ ପ୍ରମୁଖ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ଆଳିଶି ଶାସନରେ ଭାଜପାର ମିଶ୍ରଣ ପର୍ବ

ବାଲିପାଟଣା,୪।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଳିଶି ଶାସନ ପଞ୍ଚାୟତରେ ରବିବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ବିରଞ୍ଚି ଭୋଇ, ସମିତିସଭ୍ୟା ଗୀତା ଭୋଇଙ୍କ ସମେତ ବିଭିନ୍ନ ଦଳର କର୍ମୀ ଏବଂ ମକୁନ୍ଦଦାସପୁର ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ମୁସ୍‌ଲିମ ସମ୍ପ୍ରଦାୟର ମହିଳା ଓ ପୁରୁଷ ଭାଜପାରେ ସାମିଲ ହୋଇଛନ୍ତି। ଜଗବନ୍ଧୁ ଜେନା ସ୍ୱାଗତ ଭାଷଣ ଦେବା ପରେ ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗୋପୀନାଥ ଯୁବ ସଂଘ ପକ୍ଷରୁ ଆୟୋଜିତ ଏହି ସମାବେଶରେ ସଂଘର ସମ୍ପାଦକ ପ୍ରଶାନ୍ତ ମିଶ୍ର ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପି ଷଡ଼ଙ୍ଗୀ ଏକ ଗୋଷ୍ଠୀ କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଦୁଷ୍ମନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ଦ୍ୱାରିକାନାଥ ଚୌଧୁରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ପୂର୍ବତନ ପ୍ରଶାସକ ଅଶୋକ ପଟ୍ଟନାୟକ, ଭାଜପା ନେତା ବସନ୍ତ ନାୟକ, ମାଗୁଣି ଚରଣ ସେଠୀ, ଶିବ ମଲ୍ଲିକ, ତାପସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

## ମିଟ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍‌ରେ ଓଡ଼ିଶା ପର୍ଯ୍ୟଟନ

### ଓଡ଼ିଶାରେ ମାଇସ୍ ଟୁରିଜମ୍‌ର ସମ୍ଭାବ୍ୟ ବିକାଶ ନେଇ ଆଲୋଚନା

ଭୁବନେଶ୍ୱର, ୪।୫(ସୌମ୍ୟରଞ୍ଜନ ରାଉତ)

ମିଟ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ ରବିବାର ରାଜସ୍ଥାନ ରାଜଧାନୀ ଜୟପୁରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଓଡିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡିଶାରେ ମାଇସ୍ ଟୁରିଜମର ସମ୍ଭାବ୍ୟ ବିକାଶ ବିଷୟରେ ନିବେଶକଙ୍କ ସହ ସେ ଆଲୋଚନା କରିଥିଲେ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ ବର୍ତ୍ତମାନର ସରକାରଙ୍କୁ ପ୍ରଶଂସା କରିବା ସହ ଓଡିଶାର ପର୍ଯ୍ୟଟନ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ସମସ୍ତ ରାଜ୍ୟ ପାଇଁ ଅନୁକରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ଦିବ୍ୟା କୁମାରୀ ମଧ୍ୟ ଉପସ୍ଥିତ ଥିଲେ।



ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ କନ୍‌କ୍ଲେଭ୍‌ରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ।

## ରାଜେନ୍ଦ୍ର ପତିଙ୍କୁ 'ନଟରାଜ କଳା ସମ୍ମାନ'

### ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୪।୫ (ସୌମ୍ୟରଞ୍ଜନ ରାଉତ)

ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ କଟକର ପ୍ରଥମ ବାର୍ଷିକ ଉତ୍ସବ ଏବଂ କଳାକାର ସମ୍ମାନ ଉତ୍ସବ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଶିବ ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ. ମୁଖ୍ୟବକ୍ତା ଭାବେ ଚଇତି ଘୋଡ଼ା ନୃତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ଗୀତିକାର ଡ. ଲଳିତ ନାରାୟଣ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ବିଭିନ୍ନ ଲୋକକଳାକୁ ବଞ୍ଚାଇ ରଖିଥିବା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କଳା କ୍ଷେତ୍ରରେ ଜୀବନ ବ୍ୟାପି ସାଧନା ନିମନ୍ତେ କଳାକାର ରାଜେନ୍ଦ୍ର ପତିଙ୍କୁ 'ନଟରାଜ କଳା ସମ୍ମାନ – ୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନ ସ୍ୱରୂପ କୋଡ଼ିଏ ହଜାର ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପାଲା ଗାୟକ ଗୋପାଳ ପଣ୍ଡା, ଚଇତି ଘୋଡ଼ା ନୃତ୍ୟ ଶିଳ୍ପୀ ମନମୋହନ ସାମଲ, ଯାତ୍ରା ଜଗତରେ ଉଚ୍ଚ କୋଟିର ପ୍ରତିଭା ପାଇଁ ଲକ୍ଷ୍ମୀଧର ନାୟକ ଏବଂ ଡଲି ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମାଜସେବା ଓ ଯାତ୍ରା ଜଗତର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ୩୦ଜଣ କଳାକାର ଓ କର୍ମଚାରୀଙ୍କୁ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ପରିଚାଳନା ଅଧ୍ୟକ୍ଷ ବିଦ୍ୟୁଭୂଷଣ ରଥ, ଉପଦେଷ୍ଟା ଶିତିକଣ୍ଠ ମହାନ୍ତି , ଆଶିଷ ରଞ୍ଜନ ଦାସ, ଭାବଗ୍ରାହୀ ପଣ୍ଡା, ଭାରତ ଭୂଷଣ ନାଥ ଯୋଗଦେଇଥିଲେ। ବରିଷ୍ଠ ଉପଦେଷ୍ଟା ଡ. ମନୋରଞ୍ଜନ ପଣ୍ଡା ଓ ଶାଶ୍ୱତ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

ODISHA HYDRO POWER CORPORATION LTD.
OHPC ISO 9001-14001 18001 Certified
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ସଂକ୍ଷେପରେ

### ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର



ବାଲୁଗାଁ,୪।୫(ସଂଗ୍ରାମ ପାଇକରାୟ)

୧୬ନଂ. ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ସୋଲରୀ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଅନ୍ୟ ଏକ ଟ୍ରକ୍ ପଛରେ ପିଟିହେବା ଫଳରେ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ସୁନାମୁହିଁ ଗ୍ରାମର ମନୋଜ କୁମାର ନାୟକ। ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶରୁ ଏକ ଲୁହା ଗ୍ରୀଲ୍ ବୋଝେଇ ଟ୍ରକ୍ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ମନୋଜ ସେଥିରେ ଡ୍ରାଇଭର ଥିଲେ। ଅପରାହ୍ନ ୪ଟାରେ ବାଲୁଗାଁ ବାଇପାସ୍ ରାସ୍ତାର ସୋଲରୀ ଢାବା ନିକଟରେ ଆଗରେ ଯାଉଥିବା ଏକ ଟ୍ରକ ପଛକୁ ଲୁହା ଗ୍ରୀଲ୍ ବୋଝେଇ ଟ୍ରକଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ ଟ୍ରକର ସମ୍ମୁଖ ଭାଗ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ମନୋଜ ଚାପି ହୋଇ ରହିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ମନୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ମେଡିକାଲ ଏବଂ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଲୁଗାଁ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୪।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଦରୁଲ୍ଲ ହସନ୍‌ଖାଁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର ଶିକ୍ଷୟିତ୍ରୀ ସସ୍ମିତା ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସମିତିସଭ୍ୟ ରଞ୍ଜନ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ବଳିୟାରସିଂହ, ମୋ ସ୍କୁଲ ସମ୍ପାଦକ ସୁରେଶ ସାମନ୍ତରାୟ, ଶିକ୍ଷାବିତ୍ କାଳୀ ଚରଣ ଜୟସିଂହ, ମାଧବ ଚନ୍ଦ୍ର ବିଶ୍ୱାଳ, ଜୟକୃଷ୍ଣ ଫତେସିଂହ, ବିଶ୍ୱରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦାୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଗ୍ରାମବାସୀ ଓ ଅନ୍ୟମାନେ ତାଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ।

# ବଢୁଛି ଖଣ୍ଡୋଲାଇଟ୍ ପଥର ଚୋରାଚାଲାଣ

- ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ
- ରାଜସ୍ୱ ହରାଉଛନ୍ତି ସରକାର



ନିରାକାରପୁର,୪।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବଢ଼ିଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର, ମୋରମ, କଳାମୁଗୁନି ପଥର, ଖଣ୍ଡୋଲାଇଟ୍ ତଥା ବଉଳମାଳା (ମନ୍ଦିର ନିର୍ମାଣରେ ବ୍ୟବହୃତ) ପଥର ଚାଲାଣ କରୁଛନ୍ତି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ଏଠାରୁ ପଥର ଜିଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଜରିମାନା ଆଦାୟ ସତ୍ତ୍ୱେ ଫରକ ପଡୁନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି, ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର ରହିଛି।

ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଦେଉଳି-ଅରାଙ୍ଗ ମୌଜା ଅଞ୍ଚଳରେ ଖଣ୍ଡୋଲାଇଟ୍ ପଥର ରହିଛି। ମାଫିଆମାନେ କେତେଜଣ ପ୍ରଶାସିନକ ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଖଣ୍ଡୋଲାଇଟ୍ ପଥର ବେଧଡ଼କଭାବେ ଚୋରାଚାଲାଣ କରୁଛନ୍ତି। ମାଫିଆମାନେ ଲାଭବାନ୍ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି। ଗୋଚର ଜମି ଏବଂ କାଜୁ ଜଙ୍ଗଲରୁ ଗଛକାଟି ପଥର ଖନନ କରି ଚୋରାଚାଲାଣ କରୁଛନ୍ତି। ଖନନ ହେଉଥିବା ସ୍ଥାନ ପୋତା ଯାଉନାହିଁ। ଫଳରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ଗୋରୁ ପଡ଼ି ମୃତ୍ୟୁବରଣ କରୁଥିବା ନଜିର ରହିଛି। ସେହିପରି କାଜୁ, ଆକାଶିଆ, ପଟାସ ଆଦି ଗଛ କଟାଯାଇ ରାତିଅଧିଆ ବାହାର ଜିଲାକୁ ଚାଲାଣ କରାଯାଉଛି। ବିଭିନ୍ନ ଯନ୍ତ୍ରାଂଶରେ ଖନନ ଯୋଗୁ ଶବ୍ଦ ଶୁଣି ହାତୀ, ବାର୍‌ହା ଏବଂ ଜଙ୍ଗଲୀ ଜୀବଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି। ରାତିଦିନ ଟ୍ରକ, ଟ୍ରାକ୍ଟର, ହାଇୱାରେ ଚଳାଚଳ ଯୋଗୁ ଗ୍ରାମ୍ୟ ରାସ୍ତା ନଷ୍ଟ ହେଉଛି। ଏହି ପଥର ଚୋରାଚାଲାଣ ରୋକିବା ଲାଗି ସ୍ଥାନୀୟ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ କିପରି ପଳାଉଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଓଡ଼ିଶା ଖଣି ନିଗମ ଅଧିକାରୀ(କଟକ) ସମ୍ବିତ ସାହୁ କହିଛନ୍ତି, ପୂର୍ବରୁ ଥରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପଥର ଜବତ କରାଯିବା ସହ ଗାଡ଼ି ସିଜ୍ କରିଥିଲୁ। ଏପରିକି ଉକ୍ତ ଜାଗାର ମାଲିକଙ୍କୁ ମଧ୍ୟ ନୋଟିସ୍ କରାଯାଇଥିଲା। ପୁଣି ସେଠାରେ ପଥର କଟାଯାଉଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

# ଚିନାବାଦାମ ବିକ୍ରି ପାଇଁ ମଣ୍ଡି ଖୋଲାଯାଉ



ବିକ୍ରି ପାଇଁ ରଖାଯାଇଥିବା ଚିନାବାଦାମ ବସ୍ତା।

କୃଷ୍ଣପ୍ରସାଦ,୪।୫ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଅନେକ ଚାଷୀ ପରିବାର ଚିନାବାଦାମ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ଅମଳ ଚିନାବାଦାମ ଚାଷୀମାନେ ସରକାର ଧାର୍ଯ୍ୟ କରିଥିବା ଉଚିତ ମୂଲ୍ୟରେ ବିକ୍ରି କରି ପାରୁନାହାନ୍ତି। କୃଷି ବିଭାଗ କିମ୍ବା ସେବା ସମବାୟ ସମିତି ଜରିଆରେ ବ୍ଲକ ଅଞ୍ଚଳରେ ମଣ୍ଡି ଖୋଲି ଚାଷୀଙ୍କଠାରୁ ସରକାର ଯଦି ଚିନାବାଦାମ କ୍ରୟ କରନ୍ତେ, ଚାଷୀମାନେ ଉପକୃତ ହେବା ସହ ଅଭାବୀ ଚିନାବାଦାମ ବିକ୍ରିର ଶିକାର ହୁଅନ୍ତେ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଚିନାବାଦାମ କ୍ରୟ ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଚାଷୀମାନେ ଶାଗମାଛ ଦରରେ ଦଲାଲଙ୍କୁ ଚିନାବାଦାମ ବିକ୍ରି କରୁଛନ୍ତି। ଫଳରେ ଚାଷୀମାନେ ଉପଯୁକ୍ତ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ମଣ୍ଡି ଜରିଆରେ ଉଚିତ ମୂଲ୍ୟରେ ଚିନାବାଦାମ କ୍ରୟ କରିବାକୁ କୃଷକ ନେତା ଦୀପକ କୁମାର ଜେନା ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ବ୍ଲକ କୃଷି ଅଧିକାରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲା କୃଷି ଅଧିକାରୀ ଏବଂ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭାଜପାରେ ମିଶିଲେ ୩ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ନୂତନ କର୍ମୀମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରୁଛନ୍ତି।

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

**୬ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଲେ**

ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉତ୍ତର ଖୋର୍ଦ୍ଧା ମଣ୍ଡଳ ବରସାହି ପଞ୍ଚାୟତର ଠାକୁରପଡ଼ା ଗ୍ରାମଠାରେ ରବିବାର ଭାରତୀୟ ଜନତା ପାର୍ଟି (ଭାଜପା)ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଅତିଥି ଭାବେ ଯୋଗଦେଇ ନୂତନ କର୍ମୀଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଉତ୍ତର ଖୋର୍ଦ୍ଧା ବିଜେଡିର ଗଡ଼ଭାବେ ପରିଚିତ। ଏହି ମିଶ୍ରଣ ପର୍ବରେ ବିଜେଡିର ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ପୂର୍ବତନ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ତଥା ବର୍ତ୍ତମାନର ବରସାହି ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। କେରଙ୍ଗ ପଞ୍ଚାୟତକୁ ବାଦ୍‌ଦେଲେ ଗଡ଼ହଳଦିଆ, ମଲ୍ଲିପୁର, ଟାଙ୍ଗିଆପଡ଼ା ନାଳିପଡା ଅର୍ଜୁନପୁର, ବରସାହି ଏବଂ ପୁରୁସାହି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଶତାଧିକ ୱାର୍ଡ ସଭ୍ୟ ଓ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଉପସଭାପତି ଡାକ୍ତର ବେହେରା, ପୂର୍ବତନ ଖୋର୍ଦ୍ଧା ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିରଞ୍ଜନ ମହାପାତ୍ର, ସଂଗ୍ରାମ କେଶରୀ ସାମନ୍ତସିଂହାର, ମନୋରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ର, ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳାଇ, ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନା, ନାରୀ ନେତ୍ରୀ ପ୍ରବୀଣା ଭଞ୍ଜ, ରୋଜିନାରାୟଣୀ ଦାସ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତ୍ସ୍ନାମୟୀ ବଡ଼ଜେନା, ଜଟଣୀ ନଗର ଭାଜପା ନେତା ସତୀଶ ଶର୍ମା, ହାଡ଼ିବନ୍ଧୁ ମହାରଣା, ରମେଶ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ହସ ଦିବସ ପାଳିତ

ବେଗୁନିଆ,୪।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଶ୍ରୀଜଗନ୍ନାଥ ସଙ୍ଗୀତାୟନ କକ୍ଷ ପରିସରରେ ରବିବାର ବିଶ୍ୱ ହସ ଦିବସ ପାଳିତ ହୋଇଯାଇଛି। ଶ୍ୱେତପଦ୍ମ ସାହିତ୍ୟ ଓ ସେବା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଦିବସରେ 'ହସ କେଉଁଠି ଲୁଚିଛି' ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଚାର୍ଯ୍ୟ ବିନୋଦ ବିହାରୀ ଦାସ ବେଦପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କବି ସତ୍ୟନାରାୟଣ ସାମନ୍ତରାୟ ଯୋଗଦେଇଥିଲେ। ବକ୍ତାଭାବେ ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, ସମ୍ମାନିତ ଅତିଥିଭାବେ ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ ଉପସ୍ଥିତ ଥିଲେ। ଅନ୍ତର ଭିତରୁ ହସିଲେ ମନର ଭାବକୁ ପ୍ରଭାବିତ କରେ। ସବୁବେଳେ ଖୁସିରେ ହସିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ, ଶ୍ରୀକୁମାର ସାହୁ, ସୋମନାଥ ସାହୁ, ଲକ୍ଷ୍ମୀଧର ମହାରଣା, ରଘୁନାଥ ସାହୁ, ପ୍ରତାପ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଦୀପ୍ତ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ବ୍ୟବସାୟରେ ସ୍ୱଚ୍ଛତା, ସଚ୍ଚୋଟତା ଜରୁରୀ



ବୈଠକରେ ଡିଷ୍ଟ୍ରିବ୍ୟୁଟର ଆସୋସିଏଶନର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଡିଷ୍ଟ୍ରିବ୍ୟୁଟର ଆସୋସିଏଶନର ଏକ ବୈଠକ ଶଶିକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୀତା ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଷ୍ଟ୍ରିବ୍ୟୁଟର ଆସୋସିଏଶନର ସଭାପତି ପରମେଶ ସୁବୁଦ୍ଧି, ଓଡ଼ିଶା ବ୍ୟବସାୟୀ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା, ଆଇନ ଉପଦେଷ୍ଟା ଶକ୍ତି ଶଙ୍କର ମିଶ୍ର, ଖୋର୍ଦ୍ଧା ଥାନାଧିକାରୀ ସଞ୍ଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଭ୍ୟମାନଙ୍କ ଭିତରେ ଏକତା, ବ୍ୟବସାୟରେ ସ୍ୱଚ୍ଛତା ଏବଂ ସଚ୍ଚୋଟତା ଜରୁରୀ ବୋଲି ମହାସଂଘ ସମ୍ପାଦକ ପଣ୍ଡା ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ନୟାଗଡ଼, ଦଶପଲ୍ଲା, ବେଗୁନିଆ, ଜଟଣୀ, ଟାଙ୍ଗୀ, ବାଲୁଗାଁ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରିବା ପାଇଁ ସ୍ଥିର କରାଯାଇଛି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ଖାଉଟି ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମ୍ପାଦକ ଗୋପାଳ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ବୈସରନ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ପରେ ପାକିସ୍ତାନ ନାଗରିକଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ନିକଟରେ ଗୁଜରାଟର ଅହମଦାବାଦ ଏବଂ ସୁରଟରୁ ଏକ ହଜାରରୁ ଊର୍ଦ୍ଧ୍ୱ ବାଂଲାଦେଶୀ ଅନୁପ୍ରବେଶକାରୀ ଧରାପଡ଼ିଛନ୍ତି। ତେବେ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଆକଳନ କରାଯାଇ ନ ଥିବା ବେଳେ ଖୋର୍ଦ୍ଧା ଜିଲାରେ ପ୍ରାୟ ୫ହଜାର ବାଂଲାଦେଶୀ ରହୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବହୁ ବାଂଲାଦେଶୀ ଚଞ୍ଚକତା ପୂର୍ବକ ଆଧାରକାର୍ଡ, ରାଶନକାର୍ଡ ହାତେଇବା ସହିତ ଘର କରି ସ୍ଥାୟୀ ବାସିନ୍ଦା ହୋଇସାରିଥିବା ଦେଖିବାକୁ ମିଳିଛି। ରାଜନୈତିକ ବ୍ୟକ୍ତିବିଶେଷ ନିଜର ରାଜନୀତି ଫାଇଦା ଉଠାଇବା ଏବଂ ଭୋଟବ୍ୟାଙ୍କ ରାଜନୀତି ସ୍ୱରୂପ ସେମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଆସୁଛନ୍ତି। ଫଳରେ ଏମାନଙ୍କ ସଂଖ୍ୟା ବଢୁଥିବା ଆଲୋଚନା ହେଉଛି। ଅନ୍ୟପଟେ ଜିଲାପାଳ ଏବଂ ଏସ୍‌ପି କାର୍ଯ୍ୟାଳୟଠାରୁ ଅନତିଦୂର ଜଙ୍ଗଲରେ ଏକ ଶିକ୍ଷାନୁଷ୍ଠାନ ରହିଛି। ସେଠାରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ସୁଯୋଗ ଦିଆଯାଉଛି। ପିଲାଙ୍କୁ ପ୍ରଶିକ୍ଷଣ ଆଳରେ ସେଠାରେ କ'ଣ କରାଯାଉଛି ତାହାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସେଠାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାନବାହାନ ଯାତାୟାତ କରୁଛି। ପ୍ରଶାସନ ନିକଟରେ ଏନେଇ ଖବର ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ସଂକ୍ରାନ୍ତରେ କେତେଜଣ ବ୍ୟକ୍ତି ଡିଜିପିଙ୍କୁ ଚିଠି ଲେଖି ଜଣାଇଛନ୍ତି। ଖୁବ୍‌ଶୀଘ୍ର ସେଠାରେ ଚଢ଼ାଉ ହୋଇପାରେ ବୋଲି କୁହାଯାଉଛି। ନିକଟରେ ଗୋଇନ୍ଦା ବିଭାଗ ମଧ୍ୟ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ କିମ୍ବା ଏସ୍‌ପିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଜେଡିର ସାଙ୍ଗଠନିକ ବୈଠକ

ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଇଶାଣୀ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସାମାଜିକ କର୍ମୀ ଭିକାରୀ ଚରଣ ସାହୁ, ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ବିଜେଡି କର୍ମୀ ଯୋଗଦେଇ ଦଳ ପାଇଁ କାର୍ଯ୍ୟ କରି ଏକଜୁଟ ରହିବା ପାଇଁ ଶପଥ ନେଇଥିଲେ।

# ଗୋପାଳଜୀଉ ମନ୍ଦିର ହେଉଛି ପାବନ ତୀର୍ଥକ୍ଷେତ୍ର

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

**ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ଶୀର୍ଷକ ଆଲୋଚନାଚକ୍ର**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ନୀଳାଚଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ଶୀର୍ଷକ ଆଲୋଚନାଚକ୍ର ଗୀତା ଭବନ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଆବାହକ ପ୍ରଭାତ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଖୋର୍ଦ୍ଧା ମାଟିର ସମ୍ପର୍କ ଅତି ନିବିଡ଼। ଗଡ଼ଖୋର୍ଦ୍ଧାସ୍ଥିତ ଗୋପାଳଜୀଉ ଓ ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ। ଗଡ଼ଖୋର୍ଦ୍ଧା ଛକ ଠାରୁ ୨୦୦ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ମାଦଳାପାଞ୍ଜି ଅନୁଯାୟୀ ମୋଗଲ ଆକ୍ରମଣ ସମୟରେ ପ୍ରଥମ ରାମଚନ୍ଦ୍ର ଦେବ ଖ୍ରୀ. ୧୫୭୫ରେ ଏଠାରେ ଶ୍ରୀଜଗନ୍ନାଥଙ୍କ ପ୍ରଥମ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଶ୍ରୀମନ୍ଦିର ରତ୍ନସିଂହାସନ ପୁନଃ ସଂସ୍ଥାପନ କରାଇଥିଲେ। ପୁନଶ୍ଚ ଖ୍ରୀ.୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଏଠାରେ ଅବସ୍ଥାନ କରିଥିଲେ। ଏହି ସମୟରେ ଭକ୍ତ ସାଲବେଗ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବାରୁ ଏହି ସ୍ଥାନର ଗୁରୁତ୍ୱ ବହନ କରେ। ଗଡ଼ଖୋର୍ଦ୍ଧାଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ସମ୍ମାନିତ ଅତିଥିଭାବେ ଗୀତା ଭବନ ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ବହୁ ବର୍ଷ ଧରି ଏହି ମନ୍ଦିର ଭଗ୍ନ ଅବସ୍ଥାରେ ରହିବା ପରେ ୨୦୧୪ ଜୁନ ୨୬ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏ ସମ୍ପର୍କରେ ଜାଣିବା ପରେ ୨୦୦୭ରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ। ରେଭିନ୍ୟୁ ବଙ୍ଗଳାରେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୪ ଜୁନ ୨୭, ୨୮ ଏବଂ ୨୯ ତାରିଖରେ ତିନିଦିନ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିସମୟରେ ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାପତି ଭୀମସେନ ମିଶ୍ର, ସମ୍ପାଦକ ରବି ନାରାୟଣ ମିଶ୍ର, ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଠାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ଢାଞ୍ଚାରେ ଅନୁଷ୍ଠିତ ହୋଇଥାଏ। ମନ୍ଦିର ପରିଚାଳନା ଲାଗି ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କମିଟି ଗଠନ କରାଯାଇଛି। ଆଲୋଚନାଚକ୍ରର ଆବାହକ ପାଣିଗ୍ରାହୀ ସ୍ୱାଗତ ଭାଷଣରେ କହିଥିଲେ, ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ.୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ନବକଳେବର କରାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି କାର୍ଯ୍ୟ ପାଇଁ ଗଜପତି ରାମଚନ୍ଦ୍ର ଦେବ ସମଗ୍ର ଭାରତ ବର୍ଷରେ ପ୍ରଶଂସିତ ହେବା ସହ ଶ୍ରୀମନ୍ଦିର ସେବାୟତ, ୧୬ ଶାସନ ବ୍ରାହ୍ମଣ ତାଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ଭୂଷିତ କରିଥିଲେ। ପୁନଶ୍ଚ ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଖ୍ରୀ.୧୬୦୭ରେ ମୋଗଲ ଆକ୍ରମଣ ଯୋଗୁ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରରୁ ଏଠାକୁ ସ୍ଥାନାନ୍ତର ହୋଇ ୩ମାସ ୪ଦିନ ଅବସ୍ଥାନ କରିଥିଲେ। କାଳିଆ ସାଆନ୍ତ ଏଠାରେ ଗୁପ୍ତଭାବେ ପୂଜା ପାଉଥିଲେ। ମାଦଳା ପାଞ୍ଜିରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି- ସେବକ ପରମେଶ୍ୱରଙ୍କୁ ନେଇ ଖୋର୍ଦ୍ଧାରେ ଗୋପାଳ ଦେଉଳେ ବିଜେ କରାଇଲେ। ଏଣୁ ଏହି ଗୋପାଳଜୀଉ ମନ୍ଦିର ସମଗ୍ର ହିନ୍ଦୁ ସମାଜ ପାଇଁ ପରମପାବନ ତୀର୍ଥକ୍ଷେତ୍ର। ଭକ୍ତ ସାଲବେଗ ଏଠାରେ ପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ମତ ଦିଅନ୍ତି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ତକି ଖାଁ ଖୋର୍ଦ୍ଧା ଆକ୍ରମଣ ସମୟରେ ଗଜପତି ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ବୋଲଗଡ଼ରେ ଅବସ୍ଥାନ କରିଥିଲେ। ସେଠାରୁ ପୁନଶ୍ଚ ପୁରୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏହି ଗୋପାଳଜୀଉ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ଆଲୋଚନାଚକ୍ରରେ ଖବରଦାତା ଲୋହିତ ନାରାୟଣ ମହାପାତ୍ର, ସୁଶାନ୍ତ ପାଲଟାସିଂହ, ମନୋରଞ୍ଜନ ଦାଶ, ଲୋକନାଥ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂସ୍କୃତି ଗବେଷକ ନିର୍ମଳ ଚନ୍ଦ୍ର ଦାଶ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ଜଣାଣ, ଶ୍ରୀଜଗନ୍ନାଥ ଅଷ୍ଟକମ୍ ପାଠ କରାଯାଇଥିଲା।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

OHPC ODISHA HYDRO POWER CORPORATION LTD.
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ସଂକ୍ଷେପରେ

### ଡ. ରୂପଶ୍ରୀ ମିଶ୍ରଙ୍କ କବିତା କଳିକା ଉନ୍ମୋଚିତ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଡ. ରୂପଶ୍ରୀ ମିଶ୍ରଙ୍କ କବିତା ସଙ୍କଳନ 'କବିତା କଳିକା' ରବିବାର ପୁରରେ କଲ୍ୟାଣ ମଣ୍ଡପ ପରିସରରେ ଉନ୍ମୋଚନ ହୋଇଯାଇଛି। ଶ୍ରୀକ୍ଷେତ୍ର ଲେଖକ ସାହିତ୍ୟ ପକ୍ଷରୁ ହରପ୍ରିୟା ମିଶ୍ରଙ୍କ ସ୍ମୃତିରେ ପ୍ରକାଶିତ ଏହି ସଂକଳନକୁ ଅନୁଷ୍ଠାନର ସଭାପତି କବି କୃଷ୍ଣଚନ୍ଦ୍ର ରଥ, ସମ୍ପାଦକ ଶିବପ୍ରସନ୍ନ ମିଶ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଗାୟିକା ବନ୍ଦି ମିଶ୍ର ମିଳିତ ଭାବେ ଉନ୍ମୋଚନ କରିଥିଲେ। କବି ସୁରେଶ ପଟ୍ଟନାୟକ, ସଦାଶିବ ମିଶ୍ର, ରବୀନ୍ଦ୍ର ନାଥ ପଟ୍ଟନାୟକ, ଶିକ୍ଷାବିତ୍ ଭାରତୀ ଭୂଷଣ ଦାଶ, ବିପିନ ଦଳାଇ, କମଳାକାନ୍ତ ଦାଶ, ଖବରଦାତା ନାରାୟଣ ଦାଶ, ସୁଲୋଚନା ମିଶ୍ର, ଡ. ବିଶ୍ୱଜିତ ମିଶ୍ର ଓ ଇଞ୍ଜିନିୟର ବିଶ୍ୱପ୍ରୀତି ମିଶ୍ର ପ୍ରମୁଖ ଯୋଗଦେଇ କବିତା ସଂକଳନର ସଫଳତା ଉପରେ ଆଲୋକପାତ କରିଥିଲେ। କବି ବିଜୟଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଜଳଦାନ ସେବା ଶିବିର

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍) ୟୁନିଟ୍ ପକ୍ଷରୁ ସ୍ୱର୍ଗଦ୍ୱାର ରୋଡ୍ ଜାଗିଆପିରେ ଲୋକଙ୍କୁ ଦହି ସର୍ବତ ବଣ୍ଟନ କରାଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ, ପଥଚାରୀଙ୍କ ପାଇଁ ଏହି ଶିବିର ଆୟୋଜନ କରାଯାଇଛି। ମହାବିଦ୍ୟାଳୟର ପ୍ରାଚାର୍ଯ୍ୟା ଡ. ହରପ୍ରିୟା ଦାଶ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ଛାତ୍ର ଉପରେ ପକ୍ଷୀମାନଙ୍କ ନିମନ୍ତେ ମାଟିପାତ୍ରରେ ପାଣି ରଖିବା ପାଇଁ କହିଥିଲେ। ଜଳଦାନ ଶିବିରକୁ ଜାତୀୟ ସେବା ଯୋଜନା ଅଧିକାରୀ ଅଭିଜିତ୍ ପଣ୍ଡା ପରିଚାଳନା କରିଥିଲେ। ଏହି ଶିବିର ଆଗାମୀ ଦିନରେ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା,୪।୫(ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ ଗୋପ ବ୍ଲକ ଅଧୀନ କଦମ୍ବପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୨୮ ବର୍ଷ ଶିକ୍ଷକତା କରି ସେ ଅନେକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ବହୁ ଛାତ୍ରୀଛାତ୍ର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ ନିମାପଡ଼ାରେ ସ୍ଥାନୀୟ ଏକ ମଣ୍ଡପରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ଅକ୍ଷୟ ବେହେରା ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମାକାନ୍ତ ବେହେରା, ନିବେଦିତ୍ତ ମିଶ୍ର, ଅଶୋକ ବେହେରା, ପ୍ରଦ୍ୟୁମ୍ନ ବେହେରା, ସୁଦର୍ଶନ ବେହେରା, ପ୍ରତାପ ପଣ୍ଡା ଏବଂ ପ୍ରଫୁଲ୍ଲ କର ପ୍ରମୁଖ ଉପସ୍ଥିତ ରହି ବେହେରାଙ୍କ ଗୁଣଗାନ କରିଥିଲେ।

# 'ମହାପ୍ରଭୁ ଶ୍ରୀଜଗନ୍ନାଥ ବ୍ରହ୍ମଦାରୁ ସ୍ୱରୂପ'

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)



ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ପୁରୀ ପକ୍ଷରୁ ୟୁଥ ହଷ୍ଟେଲ ପରିସରରେ ରବିବାର ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ନୀଳାଦ୍ରି ମହୋଦୟାଷ୍ଟମୀ ଓ ଶ୍ରୀଜଗନ୍ନାଥ' ଶୀର୍ଷକ ବିଷୟ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ଚକ୍ରକୁ ଶ୍ରୀମନ୍ଦିର ସୂପକାର ସେବକ ଭଗବାନ ସୁଆର ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବା ଶ୍ରୀମନ୍ଦିର ପ୍ରତିଷ୍ଠା ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ହୋଇଥିଲା। ଏହା ବ୍ରହ୍ମ ପୁରାଣରୁ ପ୍ରମାଣ ମିଳେ। ସେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନାଦବ୍ରହ୍ମ, ଧ୍ୱନିବ୍ରହ୍ମ, ଜ୍ଞାନବ୍ରହ୍ମ, ଅବ୍ୟକ୍ତବ୍ରହ୍ମ ଓ ଶବ୍ଦବ୍ରହ୍ମ ରୂପେ ଅଭିହିତ କରାଯାଏ। ନୀଳାଦ୍ରି ମହୋଦୟ ଅଷ୍ଟମୀଠାରୁ ମହାପ୍ରଭୁଙ୍କ ଦୈନିକ ନୀତି ଓ ସେବା ପୂଜା ପ୍ରଚଳନ ହେଉଛି। ସେହିପରି ସମ୍ମାନିତ ବକ୍ତାଭାବେ ପ୍ରାଧ୍ୟାପିକା ଡ. ପ୍ରତିଭାରାଣୀ ସାମଲ ଯୋଗଦେଇ କହିଲେ, ଶ୍ରୀଜଗନ୍ନାଥ ସଂସ୍କୃତିରେ ଶାବର ସଂସ୍କୃତି ସହ ସର୍ବଭାରତୀୟ ସଂସ୍କୃତିର ଆଧ୍ୟାତ୍ମିକ ସମନ୍ୱୟ ଘଟିଛି। ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଲେ, ଶ୍ରୀଜଗନ୍ନାଥ ଦର୍ଶନ ଭାରତର ଅଦ୍ୱିତୀୟ ଓ ଏହାର ବିକଳ୍ପ ନାହିଁ। ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ସସ୍ମିତା ସାହୁ, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଟ୍ରଷ୍ଟ ଉପଦେଷ୍ଟା ପୁଷ୍କର ମହାପାତ୍ର, ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ ସୁଶ୍ରୀ କ୍ରିଷ୍ଣା ଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଐତିହାସିକ ମଦନମୋହନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ପ୍ରମୋଦ କୁମାର ପଣ୍ଡା, ଡ. ପ୍ରମୋଦ ଦଳାଇ, ଡା. ସୌମ୍ୟକାନ୍ତ ପଣ୍ଡା, ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଡ. ହରପ୍ରିୟା ଦାସ, ଗବେଷକ ନାରାୟଣ ନନ୍ଦ, ସ୍ମୃତି ପଟ୍ଟନାୟକ, ଡ. ଅଭିମନ୍ୟୁ ଭୂୟାଁ, ସାରଙ୍ଗଧର ଷଡ଼ଙ୍ଗୀ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଇଂ. କେଶବ ଚନ୍ଦ୍ର ପାତ୍ର, ଡ. କାର୍ତ୍ତିକ କୁମାର ଦାସ, ଡ. ସସ୍ମିତା ମିଶ୍ର, ଆଶାଲତା ପ୍ରଧାନ ଏବଂ ରଚିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିବିଧ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଚନ୍ଦ୍ରମଣି ଦାଶ, ଦେବୀଦତ୍ତ ମିଶ୍ର ତୃପ୍ତି ପଣ୍ଡା, ଅର୍ଣ୍ଣପୂର୍ଣ୍ଣା ଦେବୀ, ଶ୍ରୀଧର ସ୍ୱାଇଁ, ରାଜେଶ ବେହେରା ପ୍ରମୁଖ ଆଲୋଚନା ଚକ୍ର ପରିଚାଳନରେ ସହଯୋଗ କରିଥିଲେ।

# ୧୩୪ ଫିଡ୍‌ବ୍ୟାକ୍ ସଂଗ୍ରହ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ପକ୍ଷରୁ ପ୍ରଥମ ଥର ପାଇଁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ନରେନ୍ଦ୍ରକୋଣ ଠାରେ ଫିଡ୍‌ବ୍ୟାକ ସେଣ୍ଟର ଖୋଲାଯାଇଛି। ରବିବାର ଚନ୍ଦନ ଯାତ୍ରାର ପଞ୍ଚମ ଦିନରେ ଅନେକ ଭକ୍ତଙ୍କ ସମାଗମ ନରେନ୍ଦ୍ରକୋଣଠାରେ ହୋଇଥିଲା। ଏଥିରେ ଖୋଲାଯାଇଥିବା ଫିଡ୍‌ବ୍ୟାକ ସେଣ୍ଟରରେ ୧୩୪ ଜଣ ଭକ୍ତ ନିଜର ଅନୁଭୂତି ପରିପ୍ରକାଶ କରିଛନ୍ତି। ୧୨୦ ଜଣ ଚଳିତ ବର୍ଷ ଚନ୍ଦନ ଯାତ୍ରାର ବ୍ୟବସ୍ଥାକୁ ବଡ଼ ଆନନ୍ଦ ଓ ସନ୍ତୋଷ ସହ ବିବେଚନା କରିଥିଲେ। ୧୪ ଜଣ ଭକ୍ତ ସାମାନ୍ୟ ପରିବର୍ତ୍ତନ ପାଇଁ ମତ ଦେଇଛନ୍ତି। ଏହି ଫିଡ୍‌ବ୍ୟାକ ସେଣ୍ଟର ମାଧ୍ୟମରେ ପୁରୀ ପୋଲିସ ଭକ୍ତଜନଙ୍କ ମତାମତ ଗ୍ରହଣ କରି ବୃହତ ପ୍ରତିକ୍ରିୟା ସଂଗ୍ରହ କରିଛନ୍ତି, ଯାହା ଭବିଷ୍ୟତରେ ଆହୁରି ଉନ୍ନତ ବ୍ୟବସ୍ଥା ଗଠନ ପାଇଁ ସହାୟକ ହେବ। ପୁରୀ ପୋଲିସ ଏହି ପଦକ୍ଷେପକୁ ଅନ୍ୟାନ୍ୟ ତୀର୍ଥସ୍ଥଳ ଓ ବଡ଼ ପୂଜାପାର୍ବଣରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ଦେଇଛି।

# ସାରଙ୍ଗଯୋଡ଼ିରେ ବାଦୀପାଲା ଉଦ୍‌ଯାପିତ


ବାଦୀପାଲା ଅନୁଷ୍ଠିତ ହେଉଛି ।

ସାକ୍ଷୀଗୋପାଳ,୪।୫(ଭରତ ରାଉତ)

ଲୋକକଳା ଗ୍ରାମ ସାରଙ୍ଗଯୋଡ଼ି ପାଲା ମଣ୍ଡପରେ ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ବାଦୀପାଲା ରବିବାର ଶେଷ ହୋଇଛି। ରାଜ୍ୟର ୨ ଖ୍ୟାତନାମା ଗାୟକ ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ସାଂସ୍କୃତିକ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ଓ ସୁବଳ ଚରଣ ମହାପାତ୍ରଙ୍କ ମଧ୍ୟରେ ୫ଦିନ ଅନୁଷ୍ଠିତ ବାଦୀପାଲା ଅବସରରେ ଅତ୍ୟନ୍ତ ରୁଚିପୂର୍ଣ୍ଣ ଉଚ୍ଚକୋଟୀର ସାହିତ୍ୟ ଆଲୋଚନା ଦେଖିବାକୁ ମିଳିଥିଲା। ପାଲା କମିଟି କର୍ମକର୍ତ୍ତା ହରିହର ବାରିକ, ସୁଧାକର ନାଥି, କେଦାରନାଥ ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ମହାଦେବ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ, ସନାତନ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଗଜେନ୍ଦ୍ର ପଲେଇ ଓ ବୃନ୍ଦାବନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ପଣ୍ଡିତ ରବିନାରାୟଣ ଦାଶଙ୍କ ଦ୍ୱାରା ନାରାୟଣ ପୂଜା କରାଯାଇଥିଲା। ଚଳିତବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ପାଲା ଉପଭୋଗ କରିବା ଉଭୟ ଗାୟକଙ୍କୁ ଉତ୍ସାହିତ କରିଥିଲା। ୪୬ ବର୍ଷ ଧରି ସାରଙ୍ଗଯୋଡ଼ି ଦେଶକୋଠ ତତ୍ତ୍ୱାବଧାନରେ ସ୍ଥାନୀୟ ସଂସ୍କୃତିପ୍ରେମୀ ଜନସାଧାରଣ ଏଠାରେ ଏହି ପରମ୍ପରା ବଜାୟ ରଖିଆସିଛନ୍ତି।

# ମଙ୍ଗଳା କ୍ରିକେଟ୍ ଏକାଡେମୀ ଚାମ୍ପିୟନ

## ତୁଷାରକାନ୍ତି ସ୍ମାରକୀ କ୍ରିକେଟ୍

ଅସ୍ତରଙ୍ଗ,୪।୫(ମମତା ଜେନା)

କାକଟପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଦିବସରେ ପୁରୀ ପାୟୋନିୟର କ୍ରିକେଟ କ୍ଲବକୁ ହରାଇ କାକଟପୁର ମଙ୍ଗଳା ଏକାଡେମୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି।

ଟସ୍ ଜିତି ପ୍ରଥମେ କାକଟପୁର ମଙ୍ଗଳା ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୩୪ ବଲରେ ୫ଟି ଛକା, ୪ଟି ଚୌକା ସହାୟତାରେ ୭୩ ରନ୍ ଓ ସରୋଜ ପଣ୍ଡା ୩୭ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ପୁରୀ ପାୟୋନିୟର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମୟଙ୍କ ପଟ୍ଟନାୟକ ୭୩ ରନ ସଂଗ୍ରହ କରିଥିଲେ। ଅମ୍ପାୟର ଭାବେ ସତ୍ୟବ୍ରତ ମହାପାତ୍ର ଓ ତ୍ରିଭୁବନ ଦାଶ ଖେଳ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ପୁରୀ ଜିଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଉପଦେଷ୍ଟା ତୁଷାରକାନ୍ତ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପ୍ରେମାନନ୍ଦ ଗୋଛାୟତ, ପ୍ରକାଶ ଦାଶ, ଧୀରେନ ଚାନ୍ଦ ପ୍ରମୁଖ ଯୋଗଦେଇ ଚାମ୍ପିୟନ ମଙ୍ଗଳା ଏକାଡେମୀକୁ ଟ୍ରଫି ସହ ନଗଦ ଟଙ୍କା ଓ ରନର୍ ଅପ୍ ପାୟୋନିୟର ସ୍ପୋର୍ଟିଂକୁ କପ୍ ସହ ନଗଦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିଶ୍ୱଭୂଷଣ ବିହାରୀ ଓ ମ୍ୟାନ୍ ଅଫ୍ ଦ ସିରିଜ୍ ଚିତ୍ତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ଟୁଲୁ ଗୋଛାୟତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

# ଶ୍ରୀପୁରୁଷୋତ୍ତମ ବାଟିକାରେ ଶ୍ରୀମଦ୍ ଦେବୀ ଭାଗବତ କଥାମୃତ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମଦ୍‌ଦେବୀ ଭାଗବତ କଥାମୃତ କାର୍ଯ୍ୟକ୍ରମ ଚକ୍ରତୀର୍ଥ ରୋଡସ୍ଥିତ ଶ୍ରୀପୁରୁଷୋତ୍ତମ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜରାଜେଶ୍ୱରୀଙ୍କ ପୂଜା ଏବଂ କଥା ଶ୍ରବଣର ସୁଯୋଗ ଉପଲବ୍ଧ ହେବ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ଶ୍ରୀମଦ୍ ଦେବୀ ଭାଗବତ କଥା ଜ୍ଞାନ ଯଜ୍ଞ ଚାଲିବ। ଚେନ୍ନାଇରୁ ଆସିଥିବା ବିଜୟ ଗୁରୁଜୀ କଥାମୃତ ସମ୍ପାଦନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶନିବାର ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ବିଜୟ ଗୁରୁଜୀ ଯୋଗଦେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ମଦ ଜବତ, ଜଣେ ଗିରଫ

ଡେଲାଙ୍ଗ,୪।୫(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ପୋଲିସ ଜେନାପୁର-୧ ଗ୍ରାମରୁ ବିପୁଳ ପରିମାଣର ମଦ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜେନାପୁର-୧ ଗ୍ରାମର ଦୋଳ ଗୋବିନ୍ଦ ବେହେରା(୬୦)। ଡେଲାଙ୍ଗରେ ଅନାସ୍ଥାକୁ ନେଇ ନିର୍ବାଚନ ଚାଲୁଥିବା ବେଳେ ପୋଲିସ ଟିମ୍ ଉପସ୍ଥିତ ଥିଲେ। ପୋଲିସର ଅନ୍ୟ ଏକ ଟିମ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ବେଳେ ଗୋବିନ୍ଦଙ୍କ ଘରେ ବିପୁଳ ପରିମାଣର ବିଦେଶୀ ମଦ ଗଚ୍ଛିତ ଥିବା ଖବର ମିଳିଥିଲା। ଏସ୍ଆଇ ଶୁଭଶ୍ରୀ ନନ୍ଦଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ବିପୁଳ ପରିମାଣର ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ୧୬୪/୨୫ରେ ଏକ ମାମଲା ରୁଜୁ କରାଯାଇ ଦୋଳଗୋବିନ୍ଦଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ବିନୋଦିନୀ ବେହେରା ସୂଚନା ଦେଇଛନ୍ତି।

# ଶିକ୍ଷକ ସଂଘ ପକ୍ଷରୁ ପଦୋନ୍ନତି ସମ୍ମାନ, ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକର ସମସ୍ତ ଶିକ୍ଷକ ସଂଘ, ମଣ୍ଡଳ ଶିକ୍ଷାଧିକାରୀ କର୍ମଚାରୀଙ୍କ ପକ୍ଷରୁ ଏକ ପଦୋନ୍ନତି ସମ୍ମାନ ଉତ୍ସବ, ଅବସରକାଳୀନ ସମ୍ବର୍ଦ୍ଧନା ସ୍ଥାନୀୟ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ବନ୍ଧୁଗ୍ରାମ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି, ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଦ୍ୱୀତିକାନ୍ତ ପ୍ରଧାନ, ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା, ନିମାପଡ଼ା ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ଭୋଇ, ପ୍ରତିଭା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରଧାନ ଓ ବନ୍ଧୁଗ୍ରାମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେନାପତି ଉଚ୍ଚ ପଦବୀକୁ ପଦୋନ୍ନତି ପାଇଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହାନ୍ତି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କୃତୀ ପ୍ରତିଭା ଶିକ୍ଷାବିତ୍‌ଙ୍କୁ ବ୍ଲକର ବିଭିନ୍ନ ଶିକ୍ଷକ ସଂଘ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବିଇଓଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ତ୍ରିଲୋଚନ କର, ନିର୍ମଳ ମିଶ୍ର, ପ୍ରତାପ ସାବୁତଙ୍କ ସମେତ ବହୁ ଶିକ୍ଷକ ଉତ୍ସବରେ ସଂଯୋଜନା ଓ ପରିଚାଳନା କରିଥିଲେ।

# ଶ୍ରୀସଦାଶିବ ପରିସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସର ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀନିବାସ ବରଖେଡ଼ିଙ୍କ ପୃଷ୍ଠପୋଷକତାରେ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀ ଜୟଦେବ ସଭାଗାରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କମଲେଶ ମିଶ୍ର ଯୋଗଦେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଦ୍ୱୈତ ବେଦାନ୍ତ ବିଭାଗର ମୁଖ୍ୟ ପ୍ରଫେସର ଶମ୍ଭୁନାଥ ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧର୍ମଶାସ୍ତ୍ର ବିଭାଗର ଅଧ୍ୟାପକ ଡକ୍ଟର ପ୍ରକାଶ କୁମାର ଶତପଥୀ ବେଦ ପାଠ କରିଥିଲେ। ସର୍ବଦର୍ଶନ ବିଭାଗର ବିଭାଗ ମୁଖ୍ୟ ଗୌରପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ। ଅଦ୍ୱୈତ ବେଦାନ୍ତ ବିଭାଗର ଅଧ୍ୟାପକ ଡ. ବିଭୁଦତ୍ତ ମିଶ୍ର ସଂଯୋଜନା କରିଥିଲେ।

# କଣାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କଣାସ, ୪।୫(ବିଭୂତି ଭୂଷଣ ତ୍ରିପାଠୀ)

ଲୋକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ କଣାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସ୍ଥାୟୀ ସଭାପତି ସୁବାସ ଚନ୍ଦ୍ର ଗଜେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିୟାରସିଂହ, କୋଷାଧ୍ୟକ୍ଷ ସୁକାନ୍ତ କିଶୋର ସାମନ୍ତରାୟ, କର୍ମକର୍ତ୍ତା ଶିକ୍ଷାବିତ କସ୍ତୁରୀ ଚରଣ ଚମ୍ପତି, ସାମାଜିକ କର୍ମୀ ଶ୍ରୀକାନ୍ତ ପାଇଯୋଶୀ, ଖବରଦାତା କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ୍ ସାରଥି ଜେନା ପ୍ରମୁଖ ଯୋଗଦେଇ ଚଳିତ ବର୍ଷ କଣାସ ମହୋତ୍ସବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।


ପୁରୀ ବଚପନ୍ ବିଦ୍ୟାଳୟରେ ସମର କ୍ୟାମ୍ପର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ପିଲାମାନେ ।

# ମା' ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

ଅସ୍ତରଙ୍ଗ,୪।୫(ମମତା ଜେନା)

କାକଟପୁର ସାଡ଼େଙ୍ଗା ପାଟପୁରଠାରେ ୪ ଦିନ ବ୍ୟାପୀ ମା' ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ନିକଟସ୍ଥ ପ୍ରାଚୀ ନଦୀରୁ ନୂଆ ମନ୍ଦିର ପର୍ଯ୍ୟନ୍ତ ଏକ କଳସ ଯାତ୍ରା ହୋଇଥିଲା। ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ କରାଯିବା ସହିତ ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଧାନାଧିବାସ, ଦ୍ୱିତୀୟ ଦିନରେ ଜଳଯାତ୍ରା ଓ ଅଗ୍ନିସ୍ଥାପନ, ତୃତୀୟ ଦିନରେ ମା'ଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ୪ର୍ଥ ଦିନରେ ଠାକୁରାଣୀଙ୍କ ବିମାନ ଯାତ୍ରା ମହାଆଡମ୍ବର ସହ ଗାଁ ପରିଭ୍ରମଣ କରିଥିଲା। ସନ୍ଧ୍ୟାରେ ମା'ଙ୍କ ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଶେଷଦିନ ପ୍ରସାଦ ସେବନ ସହିତ ପୂର୍ଣ୍ଣାହୁତି ହୋଇଥିଲା। ମା'ଙ୍କ ଅପାର ମହିମା ରହିଛି। ମା'ଙ୍କ ପାଦୁକ ପାଣି ପାଇଲେ ହଇଜା, ଝାଡ଼ାବାନ୍ତି ଭଲ ହୁଏ, ମାନସିକ ରଖିଲେ ପୂରଣ କରିଥାଏ ମା' ବୋଲି ଆଖପାଖ ଗାଁ ଲୋକଙ୍କ ବିଶ୍ୱାସ ରହିଛି। ଗାଁର ଯୁବକମାନେ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ବଡ଼ ଭୂମିକା ତୁଲାଇଥିଲେ। ଚଣ୍ଡିମାତା ୟୁଥ୍ କ୍ଲବ ମୁଖ୍ୟ ବିପ୍ଳବ ମହାନ୍ତି, ମଙ୍ଗରାଜ ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଛି।

# ବିଳମ୍ବ ହେବ ଆମ୍ବ ଉତ୍ପାଦନ

- ଅସ୍ତରଙ୍ଗରେ କାଳବୈଶାଖୀ ପ୍ରଭାବ, ଆମ୍ବ ଝଡ଼ିବାରୁ ଚିନ୍ତାରେ ଚାଷୀ
- ବଜାରରେ ବେଙ୍ଗାଲୁରୁ ଓ କୋଲକାତା ଆମ୍ବର ରାଜୁତି

ଅସ୍ତରଙ୍ଗ,୪।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଚଳିତବର୍ଷ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ମାର୍ଚ୍ଚ ଶେଷ ଓ ଏପ୍ରିଲ ଦ୍ୱିତୀୟ ସପ୍ତାହ ଆଡ଼କୁ ଆମ୍ବ ଅମଳ ହେବାକୁ ଥିବାବେଳେ ଏବେ ଯାଏ ଅମଳ ହୋଇନାହିଁ। ଏହା ଆହୁରି ବିଳମ୍ବ ହେବା ନେଇ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲା ଅସ୍ତରଙ୍ଗ ବଜାରରେ ରାସାୟନିକ ସ୍ପ୍ରେ ଓ କାର୍ବାଇଟ୍ ଦିଆ କୋଲକାତା ଓ ବେଙ୍ଗାଲୁରୁ ଆମ୍ବ ବିକ୍ରି ବଢ଼ିବାରେ ଲାଗିଛି। ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗାଁରେ ପ୍ରତ୍ୟେକ ବର୍ଷ ଭଲ ଆମ୍ବ ହୁଏ।

ତଥ୍ୟ ଅନୁଯାୟୀ, ୨୦୨୧ରେ ଅସ୍ତରଙ୍ଗ ବ୍ଲକରେ ୫ରୁ ୧୦ ଟନ୍ ଆମ୍ବ ଉତ୍ପାଦନ ହୋଇଥିବା ବେଳେ ଚଳିତବର୍ଷ ଭଲ ଉତ୍ପାଦନ ହେବ ବୋଲି ଆଶା କରାଯାଇଥିଲା। ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଆମ୍ବ ଅମଳ ହେବା ଆଶା କରାଯାଉଥିବା ବେଳେ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ପଶ୍ଚିମାଝଡ଼ ବା କାଳବୈଶାଖୀ ପ୍ରଭାବରେ ଏହା ବିଳମ୍ବିତ ହେଉଥିବା ବେଳେ ଉତ୍ପାଦନ ମଧ୍ୟ ହ୍ରାସ ପାଇବା ନେଇ ଚାଷୀ ମନୋଜ ମହାନ୍ତି ଆଶଙ୍କା କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଚାଷୀ ରମେଶ ମହାନ୍ତି କହିଛନ୍ତି, ଗତବର୍ଷ ବଗିଚାରୁ ୫୦ କୁଇଣ୍ଟାଲ ଆମ୍ବ ବିକ୍ରି ହୋଇଥିଲା। କିନ୍ତୁ ଏ ବର୍ଷ କାଳବୈଶାଖୀ ଯୋଗୁ ଅଧା ଉତ୍ପାଦନ ମଧ୍ୟ ହେବ କି ନାହିଁ ତାହା ସନ୍ଦେହ। ଏ ସମ୍ପର୍କରେ କୃଷି ବିଭାଗ ଅଧିକାରୀ ଡି. ଅର୍ପିତା କହିଛନ୍ତି, କାଳବୈଶାଖୀ ଯୋଗୁ ଆମ୍ବ ଗଛରୁ ଫୁଲ ଓ ଛୋଟ ଫଳ ଝଡ଼ି ପଡୁଛି। ଏହାକୁ ରୋକିବା ପାଇଁ କୃଷକମାନଙ୍କୁ ନିୟମିତ ଜଳସେଚନ ଓ ପୋକ ନିୟନ୍ତ୍ରଣ ପାଇଁ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ଅନେକ କୃଷକ ଏହି ପାଗ ପରିବର୍ତ୍ତନ ଯୋଗୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କା କରୁଛନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ ବଜାରରେ ବେଙ୍ଗାଲୁରୁ ଓ କୋଲକାତା ଆମ୍ବର ଆଦୃତି ଅଧିକ ଥିବା ଦେଖିବାକୁ ମିଳିଛି। ବେଙ୍ଗାଲୁରୁ ଆମ୍ବ ଆକାରରେ ଛୋଟ ଓ ମିଠା ସ୍ୱାଦ ଯୋଗୁ ଗ୍ରାହକଙ୍କ ମନ ଜିଣୁଛି। ସେହିପରି କୋଲକାତା ଆମ୍ବର ବଡ଼ ଆକାର ଓ ରସାଳ ହେବା କାରଣରୁ ବଜାରରେ ଏହାର ଚାହିଦା ରହିଥିବା ବ୍ୟବସାୟୀ ସୁବାସ ସାହୁ କହିଛନ୍ତି। ଅସ୍ତରଙ୍ଗ ବ୍ଲକରେ ଆମ୍ବ ଉତ୍ପାଦନ ହ୍ରାସ ପାଇଲେ ଚଢ଼ାଦର ରହିବା ନେଇ ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।



OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ଶନିଦେବଙ୍କ ପୀଠରେ ଯଜ୍ଞ

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅଧୀନ ବ୍ରହ୍ମପୁର ପଞ୍ଚାୟତ ଶ୍ରୀରାମ ଗ୍ରାମରେ ଶନିଦେବଙ୍କ ସପ୍ତଦଶ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଭକ୍ତ ଯୋଗଦେଇ ଗ୍ରହରାଜ ଶନିଙ୍କ ଆଶୀର୍ବାଦ ନେଇଥିଲେ। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଯଜ୍ଞରେ ଯୋଗ ଦେଇଥିଲେ।

# ୪ ଦଫା ଦାବି ପୂରଣ ନ ହେଲେ ଟ୍ରକ୍ ଧର୍ମଘଟ

ଖୁଣ୍ଟୁଣୀ,୪।୫(ସଚ୍ଚିଦାନନ୍ଦ ପଣ୍ଡା)

ରାଜ୍ୟରେ ମାଲ ପରିବହନ କରି ଟ୍ରକ୍ ମାଲିକମାନେ ସେବା ଯୋଗାଇ ଆସୁଥିବାବେଳେ ତାଙ୍କ ଦାବିକୁ ପୂର୍ବ ସରକାର ଗୁରୁତ୍ୱ ଦେଇନାହାନ୍ତି। ଏନେଇ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ସଭାଗୃହରେ ରବିବାର ରାଜ୍ୟ ଟ୍ରକ ମାଲିକ ମହାସଂଘ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୧ ମସିହା ଭଡ଼ା ନିର୍ଦ୍ଧାରଣ ବୈଷୟିକ କମିଟି ରିପୋର୍ଟ କାର୍ଯ୍ୟକାରୀ କରିବା, ଆଗାମୀ ଦିନରେ ଟ୍ରକ୍‌ର ସର୍ବନିମ୍ନ ଭଡ଼ା ଧାର୍ଯ୍ୟ, ଟୋଲଗେଟ୍‌ଗୁଡ଼ିକରେ ମାଲ ପରିବହନ କରୁଥିବା ସଂସ୍ଥାଠାରୁ ଟ୍ୟାକ୍ସ ଆଦାୟ କରିବା, ପାଇପ୍‌ଲାଇନ ଓ ଟ୍ରେନ୍‌ଯୋଗେ ମାଲ ନେଲେ ଟ୍ରକ୍‌ଗୁଡ଼ିକ କେତେ ଭାଗ ମାଲ ପରିବହନ କରିବେ ତାହା ନିର୍ଦ୍ଧାରଣ କରିବା ଆଦି ୪ ଦଫା ଦାବି ନେଇ ରବିବାର ଆୟୋଜିତ ରାଜ୍ୟ ଟ୍ରକ ମାଲିକ ମହାସଂଘ ସାଧାରଣ ପରିଷଦ ବୈଠକରେ ଉପସ୍ଥାପନ କରାଯାଇଛି। ଏହି ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଟ୍ରକ୍ ଧର୍ମଘଟ କରାଯିବ ବୋଲି ରାଜ୍ୟ ସମ୍ପାଦକ ରବି ନାରାୟଣ ଶତପଥୀ ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ଆମର ଆଶାକୁ ମୋହନ ସରକାର ପୂର୍ଣ୍ଣ କରିବେ ବୋଲି ଭରସା ରଖି ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ମୁଖ୍ୟ ଉପଦେଷ୍ଟା ଆଠଗଡ଼ ଭାଜପା ନେତା ଅଭୟ ବାରିକ୍‌ଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ମାଲିକମାନେ ତାଙ୍କ ନିକଟରେ ଦାବି ଜଣାଇଛନ୍ତି। ଦାବି ପୂରଣ ହେଲେ ୨୦ ଲକ୍ଷ ପରିବାର ଉପକୃତ ହେବା ସହ ଭାଜପା ନିକଟରେ କୃତଜ୍ଞତା ପ୍ରକାଶ କରିବେ ବୋଲି ମହାସଂଘ ସମ୍ପାଦକ ଶତପଥୀ କହିଥିଲେ।

ଭାଜପା ନେତା ଅଭୟ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଭାପତି ମନୋଜ ମିଶ୍ର, ଭାଇସ୍ ପ୍ରେସିଡେଣ୍ଟ ଦିଲୀପ ତ୍ରିପାଠୀ, ସମ୍ପାଦକ ଅଶୋକ ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଉମେଶ ଦଳାଇ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ନାୟକ, ଜ୍ଞାନରଞ୍ଜନ ତ୍ରିପାଠୀ ଓ ଗଦାଧର ସାହୁ ପ୍ରମୁଖ ଟ୍ରକ୍ ମାଲିକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଭୟ ଟ୍ରକ୍ ମାଲିକଙ୍କ ବିଭିନ୍ନ ଦାବିକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ରାଜ୍ୟ ସଂଘ ସଭାପତି ବିଭୂତି ଭୂଷଣ ଦାସ, କାର୍ଯ୍ୟକାରୀ ସଭାପତି ଦିଲୀପ ପାଣି, ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ପ୍ରଧାନ, ଉପସଭାପତି ଶିବ ପ୍ରସାଦ ମିଶ୍ର, ସହସମ୍ପାଦକ ସୁଶାନ୍ତ ବାରିକ ଓ ସମ୍ପାଦକ-୧ ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଶତାଧିକ ଟ୍ରକ୍ ମାଲିକ ଏଥିରେ ଯୋଗଦେଇ ନିଜର ମତ ରଖିଥିଲେ।



ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘର କର୍ମକର୍ତ୍ତାମାନେ।

**ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘର ସାଧାରଣ ପରିଷଦ ବୈଠକ**

## ପହଲଗାମ୍ ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା

ଖୁଣ୍ଟୁଣୀ,୪।୫(ସଚ୍ଚିଦାନନ୍ଦ ପଣ୍ଡା)

ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଭାରତୀୟଙ୍କ ପାଇଁ କଖଡ଼ି ଶ୍ରୀରାମ ବରିଷ୍ଠ ନାଗରିକ ସଂଘ (ନଦୀକୂଳ) ପକ୍ଷରୁ ଶନିବାର ଶୋକସଭା ଓ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୃତ ବ୍ୟକ୍ତିଙ୍କ ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ କଖଡ଼ି ହାଇସ୍କୁଲ ଛକଠାରୁ ଶୋଭାଯାତ୍ରା ବାହାରିଥିଲା। ସଂଘ ସଭାପତି ବେଣୁଧର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରାରେ ସଂଘ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଧଳ, ସମ୍ପାଦକ କିରଣ ବିହାରୀ ଖଟୁଆ, ବଂଶୀଧର ଶତପଥୀ, ବାମଦେବ ସୂତାର, ପ୍ରଫୁଲ୍ଲ ଖଟୁଆ, ଧୈର୍ଯ୍ୟଧର ମହାନ୍ତି, ଗୌରାଙ୍ଗ ଅମହନ୍ତ, ବିଷ୍ଣୁଚରଣ ମହାରଣା, ରସାନନ୍ଦ ସ୍ୱାଇଁ, ପ୍ରହ୍ଲାଦ ବିଶ୍ୱାଳ ଓ ମିହିର ଶତପଥୀ ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ଜାତୀୟ ପତାକା, ମହମବତି ଧରି ଭାରତ ମାତା କି ଜୟ, ପାକିସ୍ତାନୀ ମୁର୍ଦ୍ଦାବାଦ, ସନ୍ତ୍ରାସବାଦୀ ଦମନ କର ଇତ୍ୟାଦି ନାରା ଦେଇ ହାଇସ୍କୁଲଠାରୁ ବଜାର ପରିକ୍ରମା କରି ନଦୀକୂଳ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ଘଣ୍ଟିଖାଲଠାରେ ସୌମ୍ୟରଞ୍ଜନ ଧଳ ଓ ଶିଶିର ଧଳଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲା।



ପହଲଗାମ୍ ଆକ୍ରମଣ ଘଟଣା: ମୃତକଙ୍କ ଉଦ୍ଦେଶ୍ୟରେ କଖଡ଼ି ଶ୍ରୀରାମ ବରିଷ୍ଠ ନାଗରିକ ସଂଘ(ନଦୀକୂଳ) ପକ୍ଷରୁ ଆୟୋଜିତ ମହମବତି ଶୋଭାଯାତ୍ରା।

## ବେଆଇନ ଚାଲାଣବେଳେ ୧୦ ଗୋରୁ ଉଦ୍ଧାର, ଗାଡ଼ି ଜବତ

ଚୌଦ୍ୱାର,୪।୫(ଆଶୁତୋଷ ଦାସ)

ଚୌଦ୍ୱାର ଉପକଣ୍ଠ ବିରୂପା ବ୍ୟାରେଜ୍ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ରବିବାର ସ୍ଥାନୀୟ ଗୋରକ୍ଷକ କର୍ମୀ ୧୦ ଗୋରୁଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ଏକ ଗାଡ଼ିରେ ଗୋରୁ ଭର୍ତ୍ତିହୋଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ଗୋରକ୍ଷକ କର୍ମୀ ଉକ୍ତ ଗାଡ଼ିର ପିଛା କରିଥିଲେ। ବିରୂପା ବ୍ୟାରେଜ୍ ନିକଟରେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଚାଳକ ଗାଡ଼ିକୁ ଚୌଦ୍ୱାର ଆଡ଼କୁ ବୁଲାଇ ଦ୍ରୁତ ଗତିରେ ପଳାଇ ଯାଉଥିଲେ। ହେଲେ ଗୋରକ୍ଷକ କର୍ମୀ ଓ ସ୍ଥାନୀୟ ଲୋକେ ଗାଡ଼ିର ପିଛା କରି ଥର୍ମାଲ ରୋଡ଼ର କାଳୀ ମନ୍ଦିର ନିକଟରେ ଅଟକାଇଥିଲେ। ଲୋକେ ରୁଣ୍ଡ ହୋଇଯିବାରୁ ଚାଳକ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଗୋରକ୍ଷକ କର୍ମୀ ଅନ୍ୟ ଏକ ଗାଡ଼ିରେ ଉଦ୍ଧାର କରାଯାଇଥିବା ଗୋରୁଙ୍କୁ ସ୍ଥାନୀୟ ଏକ ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି। ଗୋରୁ ବୋଝେଇ ଗାଡ଼ିଟି କେଉଁଠୁ କେଉଁ ସ୍ଥାନକୁ ଯାଉଥିଲା ତାହା ଜଣାପଡ଼ିନାହିଁ।


କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ରବିବାର ଆୟୋଜିତ ଅନ୍ତରଙ୍ଗ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ। (ଫଟୋ: ରାଜକିଶୋର)

## ରାଜେନ୍ଦ୍ର ପତିଙ୍କୁ 'ନଟରାଜ କଳା ସମ୍ମାନ'

ଭୁବନେଶ୍ୱର,୪।୫(ସୌମ୍ୟରଞ୍ଜନ ରାଉତ)

ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ କଟକର ପ୍ରଥମ ବାର୍ଷିକ ଉତ୍ସବ ଏବଂ କଳାକାର ସମ୍ମାନ ଉତ୍ସବ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଶିବ ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ. ମୁଖ୍ୟବକ୍ତା ଭାବେ ଚଇତି ଘୋଡ଼ା ନୃତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ଗୀତିକାର ଡ. ଲଳିତ ନାରାୟଣ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ବିଭିନ୍ନ ଲୋକକଳାକୁ ବଞ୍ଚାଇ ରଖିଥିବା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କଳା କ୍ଷେତ୍ରରେ ଜୀବନ ବ୍ୟାପି ସାଧନା ନିମନ୍ତେ କଳାକାର ରାଜେନ୍ଦ୍ର ପତିଙ୍କୁ 'ନଟରାଜ କଳା ସମ୍ମାନ - ୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନ ସ୍ୱରୂପ କୋଡ଼ିଏ ହଜାର ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପାଲା ଗାୟକ ଗୋପାଳ ପଣ୍ଡା, ଚଇତି ଘୋଡ଼ା ନୃତ୍ୟ ଶିଳ୍ପୀ ମନମୋହନ ସାମଲ, ଯାତ୍ରା ଜଗତରେ ଉଚ୍ଚକୋଟୀର ପ୍ରତିଭା ପାଇଁ ଲକ୍ଷ୍ମୀଧର ନାୟକ ଏବଂ ଡଲି ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମାଜସେବା ଓ ଯାତ୍ରା କ୍ଷେତ୍ରରେ ପାରଦର୍ଶିତା ପାଇଁ ୩୦ଜଣ କଳାକାର ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ପରିଚାଳନା ଅଧ୍ୟକ୍ଷ ବିଦ୍ୟୁଭୂଷଣ ରଥ, ଉପଦେଷ୍ଟା ଶିତିକଣ୍ଠ ମହାନ୍ତି , ଆଶିଷ ରଞ୍ଜନ ଦାସ, ଭାବଗ୍ରାହୀ ପଣ୍ଡା, ଭାରତ ଭୂଷଣ ନାଥ ଯୋଗଦେଇଥିଲେ। ବରିଷ୍ଠ ଉପଦେଷ୍ଟା ଡ. ମନୋରଞ୍ଜନ ପଣ୍ଡା ଓ ଶାଶ୍ୱତ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଯଶପଡ଼ା ଚୈତ୍ର ମହୋତ୍ସବ ଉଦ୍‌ଯାପିତ

କଟକ ସଦର,୪।୫(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ଯଶପଡ଼ାଠାରେ ଆୟୋଜିତ ୩ ଦିନିଆ ଚୈତ୍ର ପର୍ବ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାମାଜିକ କାର୍ଯ୍ୟକର୍ତ୍ତା ସୁରୂପ ସୁମନ ଦାସ, ହିନ୍ଦୁ ଜାଗରଣ ମଞ୍ଚର ପ୍ରାନ୍ତର ସଙ୍ଗଠକ ତନ୍ମୟ ଦାସ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ସହର ପରିବେଶର ଆଭାସ ଦେବା ମୁଖ୍ୟ ଲକ୍ଷ୍ୟ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ସଭାରେ ବିରଞ୍ଚି କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥ ଚୌଧୁରୀ ସଂଯୋଜନା କରିଥିଲେ। ଶେଷରେ ରାଜ୍ୟର ପ୍ରତିଷ୍ଠିତ କଳାକାର ଓ ନୃତ୍ୟ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଯଶପଡ଼ା ଚୈତ୍ର ମହୋତ୍ସବ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## 'ବିଦ୍ୟାପୁରୀ ଥିଲା ପୀତାମ୍ବର ମିଶ୍ରଙ୍କ ତପୋଭୂମି'



ସ୍ମୃତି ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ବିଦ୍ୟାପୁରୀ ପକ୍ଷରୁ ସାରସ୍ୱତ ପୀଠ ସାରଳା ଭବନରେ ରବିବାର ବିଶିଷ୍ଟ ପ୍ରକାଶକ ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ତଥା ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ. ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ଓ କବି ପ୍ରସନ୍ନ କୁମାର ଜେନା ଯୋଗଦେଇ କହିଥିଲେ ଯେ, ବିଦ୍ୟାପୁରୀ ଥିଲା ପୀତାମ୍ବର ମିଶ୍ରଙ୍କ ତପୋଭୂମି। ବିଭିନ୍ନ ସାହିତ୍ୟ ପୁସ୍ତକ ପ୍ରକାଶନ ସହ ପାଠକଙ୍କ ନିକଟରେ ସେଗୁଡ଼ିକୁ ପହଞ୍ଚାଇବାରେ ତାଙ୍କର ଭୂମିକା ପ୍ରଶଂସନୀୟ। ଜଣେ ଲେଖକ, ପ୍ରକାଶକ ଭାବେ ସେ ଓଡ଼ିଶାରେ ସୁବିଦିତ ଥିଲେ ବୋଲି ଜେନା କହିଥିଲେ। ବିଶିଷ୍ଟ ଅତିଥି ଭାବେ କବି ଡ. ବିଜୟାନନ୍ଦ ସିଂ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ସୁନାମଣି ରାଉତ ଓ ସାହିତ୍ୟିକା ଡ. ବୈଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ପୀତାମ୍ବର ମିଶ୍ରଙ୍କ ଜୀବନ ଓଡ଼ିଆ ସାହିତ୍ୟ ପାଇଁ ଉତ୍ସର୍ଗୀକୃତ ଥିଲା। ଲେଖକ ଓ ପାଠକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସହ ଉପାଦେୟ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ବିଦ୍ୟାପୁରୀର ସ୍ୱତ୍ୱାଧିକାରୀ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିବାବେଳେ ପ୍ରକାଶକ ବିଜୟ କୁମାର ପଢ଼ିହାରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସ୍ଥାୟୀ ଜମିପଟ୍ଟା ମିଳିନି: ରାସ୍ତା, ବିଦ୍ୟୁତ୍ ସମସ୍ୟା ସୁଧୁରିନି

ଫୁଲନଖରା,୪।୫(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମର ୫୮ନଂ. ୱାର୍ଡ ଅଧୀନ ନୂଆଗଡ଼ ଗ୍ରାମରେ କେତେଜଣ ବାସିନ୍ଦା ବିଦ୍ୟୁତ୍, ରାସ୍ତା ଓ ସ୍ଥାୟୀ ଜମିପଟ୍ଟା ସହିତ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏ ନେଇ ଗ୍ରାମବାସୀ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ସରକାରଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରିଛନ୍ତି। ଦୀର୍ଘବର୍ଷ ଧରି କୁଆଖାଇ ନଦୀଗର୍ଭରେ ଜମି ହରାଇଥିବା ଲୋକଙ୍କୁ ସରକାର ସ୍ଥାୟୀ ପଟ୍ଟା ଯୋଗାଇ ଦେବାକୁ କହି ଭଣ୍ଡାଇ ଚାଲିଛନ୍ତି। କେତେଜଣ ଲୋକଙ୍କୁ ସ୍ଥାୟୀ ପଟ୍ଟା ଦେଇଥିବାବେଳେ ଆଉ କେତେଜଣ ଲୋକ ସରକାରୀ ଜମିରେ ବସବାସ କରୁଛନ୍ତି। କୁଆଖାଇ ନଦୀଗର୍ଭରେ ଲୋକଙ୍କ ଜମିଗୁଡ଼ିକ ଲୀନ ହେବାରୁ ୧୯୩୩ ମସିହାରେ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସରକାରୀ ସ୍ଥାନରେ ବସତି ସ୍ଥାପନ କରିଆସୁଥିଲେ। ସେମାନଙ୍କୁ ସ୍ଥାୟୀ ପଟ୍ଟା ଯୋଗାଇଦେବା ପାଇଁ ସେହି ସମୟରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ସ୍ଥାୟୀ ଜମି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଏକ ମାମଲା ୮୯/୩୪-୩୫ ରୁଜୁ ହୋଇଥିଲା। ଏହି ମାମଲା ବଳରେ ଗ୍ରାମର କେତେଜଣ ଲୋକଙ୍କୁ ସରକାର ଜମି ଯୋଗାଇ ଦେଇଥିବାବେଳେ ଆଉ କେତେଜଣ ଅଦ୍ୟାବଧି ସ୍ଥାୟୀ ଜମିପଟ୍ଟା ପାଇପାରୁ ନାହାନ୍ତି। ଗ୍ରାମ୍ୟ ରାସ୍ତାଗୁଡ଼ିକୁ କେତେଜଣ ଅକ୍ତିଆର କରିଥିବାରୁ ଯାତାୟାତରେ ଅସୁବିଧା ହେଉଛି। ସ୍କୁଲ୍ ବସ୍ ଓ ଆମ୍ବୁଲାନ୍ସ ଚଳାଚଳ କରିପାରୁନାହିଁ। ଟ୍ରାନ୍ସଫର୍ମର ୧୦୦ କିଲୋ ମେଗାୱାଟ୍ ହୋଇଥିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଛି। ଏନେଇ ଗ୍ରାମବାସୀ ଗୋପାଳପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରି ସୁଫଳ ପାଇପାରୁନାହାନ୍ତି। ଗ୍ରାମର ବିକ୍ରମ ଶତପଥୀ, ଯୋଗେନ୍ଦ୍ର ପ୍ରଧାନ, ଅରୁଣ ଦାସ, ଶିବୁନ ନାୟକ, କ୍ଷୀରୋଦ ନାୟକ, ନିରଞ୍ଜନ ବେଉରା, ସ୍ମୃତିରଞ୍ଜନ ବେଉରା ଓ ବୈରାଗୀ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'ବିଦ୍ୟାଳୟ ଭିତ୍ତିଭୂମି ବିକଶିତ କରିବା ଜରୁରୀ'

କଟକ,୪।୫(କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ 'ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ' ଶୀର୍ଷକ ଆଲୋଚନାଚକ୍ର ନୟାସଡ଼କସ୍ଥିତ ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିକ୍ଷା ଓ ଶୈଶବର ଯତ୍ନ ନିମନ୍ତେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକଶିତ କରିବା ଜରୁରି ବୋଲି କହିଛନ୍ତି। ମୁଖ୍ୟ ବକ୍ତା ବିଶ୍ୱ ଶିକ୍ଷକ ସଙ୍ଗଠନର ସଭାପତି ଡ.ଅମିୟ କୁମାର ମହାନ୍ତି ଶିକ୍ଷା ଏକ ଚିରାଚରିତ ଧାରା କହିବା ସହ ପ୍ରତ୍ୟେକ ପିଲା ପାଠ ପଢ଼ିବେ ଏବଂ ଏଥିରୁ କେହି ବଞ୍ଚିତ ହୋଇ ରହିବେ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଟକ ସହରକୁ ବୁଦ୍ଧିଜୀବୀମାନଙ୍କ ସହର ଭାବେ ଅବତାରଣା କରି ଏକତା ମାଧ୍ୟମରେ ସବୁକିଛି ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଜାତୀୟ ଶିକ୍ଷାନୀତି -୨୦୨୦ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଶିକ୍ଷାର ବାତାବରଣ ତିଆରି କରିବ ବୋଲି କହିଥିଲେ।

ଏଆଇଏଫ୍‌ଇଏ ସଭାପତି ସୁଧୀର କୁମାର ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ନବ କୁମାର କର୍ମାକାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୂଳ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଓଲ୍‌ଷ୍ଟାର ସଭାପତି ବିକ୍ରମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଖିଳ ଭାରତୀୟ ଶିକ୍ଷକ ମହାସଂଘର ପଦାଧିକାରୀଙ୍କ ସମେତ ମିଥିଲେଶ ଶର୍ମା, କୋଷାଧ୍ୟକ୍ଷ ମନୋଜ କୁମାର, ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ବରିଷ୍ଠ ନେତୃତ୍ୱ କମଳ ଲୋଚନ ବିଶ୍ୱାଳ, ଓଡ଼ିଶା ଅବସର ପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଅଜୟ କୁମାର ସାମଲ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶଙ୍କ ସମେତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ ସଂଘର ସମସ୍ତ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଶିକ୍ଷା ଏବଂ ଶୈଶବର ଯତ୍ନ ଶୀର୍ଷକ ଆଲୋଚନାଚକ୍ରରେ ମେୟର ସୁବାସ ଚନ୍ଦ୍ର ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ ଅନ୍ୟମାନେ।

**ଶିକ୍ଷା ଏବଂ ଶୈଶବର ଯତ୍ନ ଶୀର୍ଷକ ଆଲୋଚନା ଚକ୍ର**

## ବ୍ଲାକ୍‌ମେଲ୍ କରି ମା', ଝିଅଙ୍କୁ ବଳାତ୍କାର

ଭୁବନେଶ୍ୱର,୪।୫(ସତ୍ୟଜିତ୍ ରାଉତ)

ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଯୁବକ ବ୍ଲାକମେଲ୍ କରିମହିଳା ଓ ତାଙ୍କ ୧୪ବର୍ଷୀୟା ନାବାଳିକା ଝିଅଙ୍କୁ ଏକାଧିକ ଥର ବଳାତ୍କାର କରିଛନ୍ତି। ଏନେଇ ଅଭିଯୋଗକ୍ରମେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ରବିଟକିଜ୍ ଛକ ନିକଟରେ ରହୁଥିବା ଯାଜପୁର ଜିଲା ଚମକା ଥାନା ଅଞ୍ଚଳର ସରୋଜ କୁମାର ବେହେରା ଓରଫ ରବି (୨୨)। ରବି ପୀଡ଼ିତାଙ୍କ ଭଡ଼ାଘର ପାଖରେ ଅନ୍ୟଜଣଙ୍କ ଘରେ ଘରୋଇ ସହାୟକ ଭାବେ କାମ କରନ୍ତି। କୋର୍ଟଚାଲାଣ ପରେ ରବିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ମହିଳା ଜଣକ ପରିବାର ସହ ବଡଗଡ ଥାନା ଅଞ୍ଚଳରେ ରହୁଛନ୍ତି। ଅଭିଯୁକ୍ତ ରବି ତାଙ୍କ ପଡ଼ୋଶୀଙ୍କ ଘରେ କାମ କରୁଥିବା ବେଳେ ମହିଳାଙ୍କ ସହ ପରିଚିତ ହୋଇଥିଲେ। ପରେ ପିଡ଼ୀତା ଓ ତାଙ୍କ ଝିଅଙ୍କୁ ରବି ଟାର୍ଗେଟ୍ କରିଥିଲେ। ମା', ଝିଅ ବାଥ୍‌ରୁମ୍‌ରେ ଗାଧୋଇବା ବେଳେ କୌଶଳ କରି ରବି ନିଜ ମୋବାଇଲରେ ଫଟୋ ଓ ଭିଡିଓ ଶୁଟ୍ କରିଥିଲେ। ଏହାପରେ ଉକ୍ତ ଫଟୋ ଓ ଭିଡିଓକୁ ଆଧାର କରି ରବି ବ୍ଲାକମେଲ୍ କରିଥିଲେ।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
OHPC
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ସଂକ୍ଷେପରେ

### ଲୁନା ଚୋରିକରି ସିକ୍ୟୁରିଟି ଗାର୍ଡ ଗିରଫ

ଭୁବନେଶ୍ୱର,୪।୫(ସତ୍ୟଜିତ୍ ରାଉତ)

ଲୁନା ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁରର ମୁନୁ ଓରଫ୍ ପ୍ରକାଶ ସାମଲ(୪୦)। ପ୍ରକାଶଙ୍କଠାରୁ ଉକ୍ତ ଚୋରି ଲୁନା ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସଞ୍ଜୟ ସେନାପତି ହେଉଛନ୍ତି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା 'ୱାର୍ଲ୍ଡ ଓଫ୍ ପେଟ୍'ର ପ୍ରୋପ୍ରାଇଟର। ସେ ପ୍ରକାଶଙ୍କୁ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ଦେଇଥିଲେ। ପ୍ରକାଶ ଗତ ଏପ୍ରିଲ ୧୩ ଅପରାହ୍ନରେ ଅଫିସରୁ ଚାବି ନେଇ ଏକ ଟିଭିଏସ୍ ଏକ୍ସେଲ ଲୁନା ଚୋରିକରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୯୭/୨୦୨୫) ରୁଜୁକରି ତଦନ୍ତ କରିଥିଲା। ପୋଲିସ ଟିମ୍ ରେଲ୍‌ୱେ ଷ୍ଟାଡିୟମ ନିକଟରେ ଚଢ଼ାଉ କରି ପ୍ରକାଶଙ୍କୁ ଧରିବା ସହ ତାଙ୍କ ପାଖରୁ ଚୋରି ଲୁନା ଜବତ କରିଥିଲା।

### ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଭୁବନେଶ୍ୱର, ୪।୫ (ସୌମ୍ୟରଞ୍ଜନ ରାଉତ)

ବିନ୍ଦୁ ସାହିତ୍ୟ ସମାଜର ୧୦ମ ବାର୍ଷିକୋତ୍ସବ ଲୋହିଆ ଏକାଡେମୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ଓ ସୁସାହିତ୍ୟକ ଡ. ରଘୁନାଥ ପାଢୀ ଶର୍ମା ଯୋଗଦେଇ ଓଡିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ବାଦଲ କୁମାର ମହାନ୍ତିଙ୍କୁ ୨୦୨୪-୨୦୨୫ ପାଇଁ 'ବିନ୍ଦୁ ସାହିତ୍ୟ ସମ୍ମାନ' ଏବଂ ଦେବବ୍ରତ ଜେନା, ଆଶୁତୋଷ ମେହେର, ସୁରଞ୍ଜନ ପାତ୍ର ଓ ଅନୁରାଧା ମିଶ୍ରଙ୍କୁ 'ବିନ୍ଦୁ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ କବିମାନେ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲାକ୍‌ମେଲ୍ କରି ମା', ଝିଅଙ୍କୁ ବଳାତ୍କାର

ଭୁବନେଶ୍ୱର,୪।୫(ସତ୍ୟଜିତ୍ ରାଉତ)

ରାଜଧାନୀ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଯୁବକ ବ୍ଲାକମେଲ୍ କରି ମହିଳା ଓ ତାଙ୍କ ୧୪ବର୍ଷୀୟା ନାବାଳିକା ଝିଅଙ୍କୁ ଏକାଧିକ ଥର ବଳାତ୍କାର କରିଛନ୍ତି। ଏନେଇ ଅଭିଯୋଗକ୍ରମେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ରବିଟକିଜ୍ ଛକ ନିକଟରେ ରହୁଥିବା ଯାଜପୁର ଜିଲା ଚମକା ଥାନା ଅଞ୍ଚଳର ସରୋଜ କୁମାର ବେହେରା ଓରଫ ରବି (୨୨)। ରବି ପୀଡିତାଙ୍କ ଭଡ଼ାଘର ପାଖରେ ଅନ୍ୟଜଣଙ୍କ ଘରେ ଘରୋଇ ସହାୟକ ଭାବେ କାମ କରନ୍ତି।

**ଘରୋଇ ସହାୟକ ଗିରଫ**



କୋର୍ଟଚାଲାଣ ପରେ ରବିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ମହିଳା ଜଣକ ପରିବାର ସହ ବଡଗଡ ଥାନା ଅଞ୍ଚଳରେ ରହୁଛନ୍ତି। ଅଭିଯୁକ୍ତ ରବି ତାଙ୍କ ପଡ଼ୋଶୀଙ୍କ ଘରେ କାମ କରୁଥିବା ବେଳେ ମହିଳାଙ୍କ ସହ ପରିଚିତ ହୋଇଥିଲେ। ପରେ ପିଡ଼ୀତା ଓ ତାଙ୍କ ଝିଅଙ୍କୁ ରବି ଟାର୍ଗେଟ୍ କରିଥିଲେ। ମା', ଝିଅ ବାଥରୁମ୍‌ରେ ଗାଧୋଇବା ବେଳେ କୌଶଳ କରି ରବି ନିଜ ମୋବାଇଲରେ ଫଟୋ ଓ ଭିଡିଓ ଶୁଟ୍ କରିଥିଲେ। ଏହାପରେ ଉକ୍ତ ଫଟୋ ଓ ଭିଡିଓକୁ ଆଧାର କରି ରବି ବ୍ଲାକମେଲ୍ କରିବା ଆରମ୍ଭ କରିଥିଲେ। ସେସବୁକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ମା' ଓ ଝିଅଙ୍କୁ ଏକାଧିକଥର ବଳାତ୍କାର କରିଥିଲେ। ମହିଳା ଓ ତାଙ୍କ ଝିଅ ଲୋକଲଜ୍ଜା ପାଇଁ ଚୁପ ରହିଥିଲେ। ଏପରିକି ସ୍ୱାମୀ ବାହାରକୁ କାମ କରିବାକୁ ଯାଉଥିବା ବେଳେ ରବି ଏହି କାମ କରୁଥିଲେ। ଏପରିକି ଅଭିଯୁକ୍ତ ରବି ଉଭୟ ମା ଓ ଝିଅଙ୍କୁ ଅଧିକାଂଶ ସମୟରେ ଗାଳିଗୁଲଜ କରିବା ସହ ନାନା ଧମକ ଦେଉଥିଲେ। ପରେ ରବି ଉକ୍ତ ଫଟୋ ଓ ଭିଡିଓକୁ ପିଡ଼ୀତା ଏବଂ ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦେଇଥିଲେ। ସ୍ୱାମୀ ଏହା ଦେଖି ପଚାରିବାରୁ ଘଟଣା ବିଷୟରେ ନିଜ ପତ୍ନୀଙ୍କଠୁ ରବିଙ୍କ କଳା କାରନାମା ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ପୀଡିତା ମହିଳାଙ୍କ ଏତଲାକ୍ରମେ ପୋଲିସ ଶନିବାର ଏକ ମାମଲା (ନଂ.୨୩୮/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ରବିଙ୍କ ନାମରେ ପୂର୍ବରୁ ଯାଜପୁର ଥାନାରେ ଏକ ମାମଲା ରହିଥିବା ପୋଲିସ କହିଛି।



ନୃତ୍ୟାର୍ଚ୍ଚନା ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଅଷ୍ଟମ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବରେ ଅତିଥିମାନେ ନୃତ୍ୟଗୁରୁ ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ' ପ୍ରଦାନ କରୁଛନ୍ତି।

# ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'

ଭୁବନେଶ୍ୱର, ୪।୫ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟାର୍ଚ୍ଚନା ନୃତ୍ୟାନୁଷ୍ଠାନ ପକ୍ଷରୁ ଅଷ୍ଟମ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାଧାଶ୍ୟାମ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଅତିଥି ଭାବେ ବିଧାନସଭାର ପୂର୍ବତନ ସଚିବ ଦାଶରଥୀ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଡା. ବିଶ୍ୱନାଥ ପଟ୍ଟନାୟକ, ସାହିତ୍ୟିକ କିଶୋର ଚନ୍ଦ୍ର ଦାସ, ଗୁରୁ ସୁରେଶ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହରିୟାଣା ଗୁରୁଗ୍ରାମଠାରେ ସ୍ଥାପିତ 'ନୃତ୍ୟଧାରା'ର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଗୁରୁ ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶୀ ନୃତ୍ୟଶିଳ୍ପୀ ଗାୟତ୍ରୀ ରଣବୀର, ଚନ୍ଦ୍ରକାନ୍ତ ସୂତାର, ଡ. ଶୁଭଶ୍ରୀ ପଟ୍ଟନାୟକ, ନୃତ୍ୟଗୁରୁ ଲୀମା ଦାସଙ୍କୁ 'ନୃତ୍ୟାର୍ଜନା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ନୃତ୍ୟାର୍ଚ୍ଚନା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଗର କୁମାର ଖୁଣ୍ଟିଆ, ଲୀମା ଦାସ ଓ ହରପ୍ରିୟା ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



'ନୃତ୍ୟାର୍ଚ୍ଚନା'ର ଶିଳ୍ପୀମାନେ ଓଡ଼ିଶୀରେ 'ସ୍ଥାୟୀ' ନୃତ୍ୟ ପରିବେଷଣ କରୁଛନ୍ତି।

# ଶ୍ମଶାନରେ ଚାରାରୋପଣ

ବାଳକାଟୀ,୪।୫(ମନୋଜ ମଣ୍ଡଳ)

ବାଳକାଟୀସ୍ଥିତ ପ୍ରତାପଶାସନ ହାଇସ୍କୁଲର ପୁରାତନ ଛାତ୍ରଙ୍କୁ ନେଇ ଏକ 'ସକାଳର ସ୍ୱଚ୍ଛତା' ଅନୁଷ୍ଠାନ ଗଠନ ହୋଇଛି। ଏହି ଅନୁଷ୍ଠାନ ଆରମ୍ଭ ପରଠୁ ସ୍ଥାନୀୟ ଅଞ୍ଚଳର ମେଳଣପଡ଼ିଆର ଅଳିଆ ଆବର୍ଜନା, ମେଡିକାଲ ପରିସର, ସାପ୍ତାହିକ ହାଟ, କଲେଜ ପ୍ରାଙ୍ଗଣ, ମଦନମୋହନ ମନ୍ଦିର ତ ପୁଣି କେତେବେଳେ ସ୍ୱପ୍ନେଶ୍ୱର ମନ୍ଦିର ସଫେଇ କରି ବୁଦ୍ଧିଜୀବୀଙ୍କ ପ୍ରଶଂସା ଭାଜନ ହୋଇପାରିଛି। ଅନୁଷ୍ଠାନର ମୂଳ ଲକ୍ଷ ଅଞ୍ଚଳକୁ ଏକ ସ୍ୱଚ୍ଛ ଓ ଆଦର୍ଶ ଗ୍ରାମରେ ପରିଣତ କରିବା ସହ ନିଜ ଗ୍ରାମ ଶ୍ମଶାନକୁ ସ୍ୱର୍ଗଦ୍ୱାର ସଦୃଶ କରିବା. ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ଏହି ପୁରାତନ ଛାତ୍ର ମନେ ରଥିଜେମା ଗାଁ ଶ୍ମଶାନକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜିମା ମୟ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ପ୍ରତି ରବିବାର ସକାଳୁ ଏହି ଶ୍ମଶାନ ସଫେଇ କରିବା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିସହ ନଦୀ ପଠା ସଂଲଗ୍ନ ଏହି ଶ୍ମଶାନ ଚାରିପାଖରେ ସବୁଜିମା ମୟ କରିବାକୁ ସଂକଳ୍ପ ବଦ୍ଧ ହୋଇଛନ୍ତି। ଏହି ଅବସରରେ ରବିବାର ଅନୁଷ୍ଠାନ ପକ୍ଷରୁ ଅରବିନ୍ଦ ସାହୁ, ପ୍ରଶାନ୍ତ ବାରିକ୍, ଅସିତ ଦାଶ, ଗୋପାଳ ବେହେରା, ଗୋବିନ୍ଦ ବେହେରା, ରଞ୍ଜନ ସାହୁ, ପ୍ରଭାକର ବାରିକ୍, ବାବୁଲି ସାହୁ, ରାହୁଲ ପୃଷ୍ଟିଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଛାତ୍ର ଓ ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି ପ୍ରମୁଖ ମିଶି ଚାରାରୋପଣ କରିଥିବା ଦେଖାଯାଇଥିଲା। ଲଗାଯାଇଥିବା ଚାରା କିଭଳି ଆଗାମୀ ଦିନରେ ବଢ଼ି ଦ୍ରୁମରେ ପରିଣତ ହେବ ସେଥିପାଇଁ ନିଷ୍ପତି ନିଆଯାଇଥିଲା।

# ମାଟ୍ରିକ୍ ରେଜଲ୍ଟ ଆଣିଲା ଆଶାଏଁ ପିଲାଙ୍କ ପାଇଁ ନିଆରା ଖୁସି

ଭୁବନେଶ୍ୱର,୪।୫ (ସୁଚିସ୍ମିତା ସାହୁ)



ମାଟ୍ରିକ୍ ରେଜଲ୍ଟ ଆଶାଏଁ ପିଲାଙ୍କ ମନରେ ନିଆରା ଖୁସି ସହ ନୂଆ ଆଶା ଭରିଦେଇଛି। ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲୁଥିବା 'ଆମ ପାଠଶାଳା'ର ୮ ଜଣ ପିଲା ଦଶମ ଶ୍ରେଣୀ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ସନ୍ତୋଷୀ ଦାସ, ମୋନା ସିଂ, ଲକ୍ଷ୍ମୀଧର କଳା, ଅବିନାଶ ମହାରଣା, ଏସ୍.କେ. ସଲିମ, ପି. ଲକ୍ଷ୍ମୀ ରେଡ୍ଡୀ ଓ ପାୟଲ ବେହେରା। ଏମାନେ ଚିନ୍ତାମଣିଶ୍ୱର ହାଇସ୍କୁଲ, ଚନ୍ଦ୍ରଶେଖରପୁର ଫେଜ୍-୨ ହାଇସ୍କୁଲ, ଉମଣା ହାଇସ୍କୁଲ ଓ ଗାଡ଼କଣର ଗାଡ଼େଶ୍ୱର ହାଇସ୍କୁଲରେ ପଢୁଥିଲେ। ଦିନେ ଏମାନେ ପାଠପଢ଼ାରେ ଡୋରିବାନ୍ଧି କିଏ ଜରି ବୋତଲ ଗୋଟାଉଥିଲେ ତ କିଏ ବାଳଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପୁଣି କିଏ କୁସଙ୍ଗ ଆଉ କୁଅଭ୍ୟାସରେ ପଡ଼ି ଅବାଟକୁ ଚାଲିଯାଉଥିଲେ। ସବୁ ପରିସ୍ଥିତିକୁ ପଛରେ ପକାଇ ଆଶାଏଁ ଅନୁଷ୍ଠାନ ସେମାନଙ୍କ ହାତରେ ପୁଣି କଲମ ଧରାଇବା ସହ ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ପ୍ରୟାସ ଜାରି ରଖିଥିଲା। ଏଇ ପିଲାମାନେ ଦଶମ ଶ୍ରେଣୀରେ କୃତକାର୍ଯ୍ୟ ହୋଇ କେବଳ ନିଜ ପାଇଁ ନୂଆ ରାହା ସୃଷ୍ଟି କରିପାରିଛନ୍ତି ତାହା ନୁହେଁ, ବରଂ ସେମାନଙ୍କ ଭଳି ଶହ ଶହ ଅସହାୟ ପିଲାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ସଫଳତାର ଶ୍ରେୟ ସମସ୍ତ ଶୁଭେଚ୍ଛୁ ଓ ସହଯୋଗୀଙ୍କର ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି।

# ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ

ଭୁବନେଶ୍ୱର, ୪।୫(ବନ୍ଦନା ସେଠୀ)

**ପ୍ରଥମ ଅଧିବେଶନରେ ୨୦୦ ଅପିଲ୍ ମାମଲା ଗ୍ରହଣ**

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରବିବାର ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ତତ୍ତ୍ୱାବଧାନରେ ଉନ୍ନତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ଜଡିତ ଅପିଲ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ କର୍ତ୍ତୃପକ୍ଷ ଏହି ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୮୦୦ରୁ ଅଧିକ ବିଚାରାଧୀନ ଅପିଲ ମାମଲା ମଧ୍ୟରୁ ପ୍ରଥମ ଅଧିବେଶନରେ ୨୦୦ ମାମଲା ଗ୍ରହଣ ଓ ସମାଧାନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହ ଜଡିତ। ସମ୍ପ୍ରତି ଆପିଲେଟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା, ଆଇନ ଅନୁଯାୟୀ ଅପିଲ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସେହିପରି ଅବଶିଷ୍ଟ ମାମଲାଗୁଡିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ କାର୍ଯ୍ୟ କରାଯିବ। ନାଗରିକ କୈନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ଆଇନ, ୧୯୮୨ ଅନୁଯାୟୀ ଦାଏର ଅପିଲ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନମା ଦିଆଯାଇଛି।

# ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୫ (ଅଭୟ ଦାଶ)

ଦେଶର ବିଶିଷ୍ଟ ନ୍ୟୁରୋସର୍ଜନ ତଥା ୨୦୨୫ର ପଦ୍ମ ପୁରସ୍କାର ବିଜେତା ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କୁ ଶନିବାର ଶିକ୍ଷା ଓ ଅନୁସନ୍ଧାନ ବା ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସହ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିଭିନ୍ନ ଆଲୋଚନା ସହିତ ଶୁଭେଚ୍ଛା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୫ ଏପ୍ରିଲ ୨୮ରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ଡା. ଅଶୋକ ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ବିଶେଷ କରି ଭେଷଜ ବିଜ୍ଞାନ କ୍ଷେତ୍ରରେ ଡା. ଅଶୋକ କୁମାର ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଥିଲା। ଦେଶର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ମହାପାତ୍ର ସୋଆର ପୂର୍ବତନ କୁଳପତି ଭାବେ ଦାୟିତ୍ୱ ତୁଲାଇ ସାରିଥିବାବେଳେ ବର୍ତ୍ତମାନ ସେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦବୀରେ ଅଧିଷ୍ଠିତ ଅଛନ୍ତି।



ପଦ୍ମ ପୁରସ୍କାର ବିଜେତା ପ୍ରଫେସର ଅଶୋକ ମହାପାତ୍ରଙ୍କୁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ସେହିପରି ପୂର୍ବରୁ ସେ ନୂଆଦିଲ୍ଲୀସ୍ଥିତ ଏମ୍ସର ନ୍ୟୁରୋସର୍ଜରି ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଭୁବନେଶ୍ୱର ଏମ୍ସର ମଧ୍ୟ ପ୍ରଥମ ନିର୍ଦ୍ଦେଶକ ଭାବେ ପ୍ରଫେସର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଅପରପକ୍ଷରେ ବିଶ୍ୱର ଶ୍ରେଷ୍ଠ ୫ ନ୍ୟୁରୋସର୍ଜନଙ୍କ ମଧ୍ୟରେ ପ୍ରଫେସର ମହାପାତ୍ରଙ୍କୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଛି।

ନିକଟରେ ନୂଆଦିଲ୍ଲୀରୁ ଫେରିବା ପରେ ପ୍ରଫେସର ମହାପାତ୍ର ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ପ୍ରଫେସର ନାୟକ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ନବଯୌବନଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନିରନ୍ତର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶ

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

**ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି**

ଚଳିତ ବର୍ଷ ରଥଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିଶ୍ଚିତ କରାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ରବିବାର ଲୋକସେବା ଭବନଠାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଅଧୀନ ବିଭିନ୍ନ ନିର୍ଦ୍ଦେଶାଳୟ ପକ୍ଷରୁ ହୋଇଥିବା ପ୍ରାକ୍-ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା, ଔଷଧ ଓ ମାନବସମ୍ବଳ ପ୍ରସ୍ତୁତ ରଖିବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୨୬ ନବଯୌବନ ଦର୍ଶନରୁ ୮ ଜୁଲାଇ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, କେ.ଡି.ଏମ.ଏମ୍ ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେଶନରୋଡ୍, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟି.ବି.ଆଇ.ଡି.ଏଚ୍ ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରାଯିବ। ସେହିପରି ଚଳିତବର୍ଷ ଅଧିକ ସଂଖ୍ୟକ ଫାଷ୍ଟଏଡ୍ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ୩ଟି ସିଫ୍ଟରେ ୨୪ଘଣ୍ଟା ଭିତ୍ତିରେ କାର୍ଯ୍ୟ କରିବେ। ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ବହୁମୁଖୀ ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି, ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ୩ଟି, ପୁରୀ-ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ-କୋଣାର୍କ ରାସ୍ତାରେ ୪ଟି, ପୁରୀ-ସାତପଡ଼ା ରାସ୍ତାରେ ୨ଟି ଏହିପରି ମୋଟ୍ ୩୩ଟି ଫାଷ୍ଟଏଡ୍ ସେବାକେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକ ସ୍ତରରେ ନିଷ୍ପତ୍ତି ହୋଇଛି। ଏହାବାଦ୍ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ। ଅତିରିକ୍ତ ୭ଟି ୧୦୮-ଆମ୍ବୁଲାନ୍ସ ଜାତୀୟ ରାଜପଥ ନଂ. ୨୦୩ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବ। ରଥଯାତ୍ରା ସମୟରେ ଜରୁରିକାଳୀନ ସେବା ନିଶ୍ଚିତ କରିବା ପାଇଁ ୩୦୦ରୁ ଅଧିକ ବିଶେଷଜ୍ଞ, ଡାକ୍ତର, ସଂକ୍ରାମକ ରୋଗ ବିଶେଷଜ୍ଞ, ଫାର୍ମାସିଷ୍ଟ, ନର୍ସିଂ ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଖାଦ୍ୟ ନିରାପତ୍ତା ଅଫିସର, ଡ୍ରେସର ଏବଂ ସହାୟକମାନଙ୍କୁ ନିୟୋଜିତ କରାଯିବ। ପର୍ଯ୍ୟାପ୍ତ ପରିମାଣର ଔଷଧ, ବ୍ଲଡ୍ ବ୍ୟାଙ୍କରେ ଅଧିକ ବ୍ଲଡ୍ ୟୁନିଟ ମହଜୁଦ, ତୁରନ୍ତ ସେବା ପ୍ରଦାନକାରୀ ଦଳ ଗଠନ ଓ ଅଧିକ ବେଡ୍ ସ୍ଥାପନ ଆଦି କାର୍ଯ୍ୟ ନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡା. ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର, ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର





ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଜଗନ୍ନାଥ ମନ୍ଦିରର 'ଜଗନ୍ନାଥ ଧାମ' ନାମକରଣକୁ ବିରୋଧ କରିବା ସହ ପୁରୀ ଜଗନ୍ନାଥ ଧାମ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଦାବି କରି ୱି ଫର୍ ଭୁବନେଶ୍ୱରର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।





କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳି ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ନ୍ୟାୟ ଦାବି କରି ଏବିଭିପି ପକ୍ଷରୁ କିଟ୍ ସମ୍ମୁଖରେ ବିକ୍ଷୋଭ।

# ରୋଗୀ ସେବା ବିପର୍ଯ୍ୟସ୍ତ: ୬୪ ସ୍ଥାନରେ ୬ ଡାକ୍ତର

**ବାଙ୍କୀ , ୪।୫ (ଶୁଭେନ୍ଦୁ ମହାପାତ୍ର):**



ଚିକିତ୍ସାଳୟରେ ଶଯ୍ୟାଗୁଡିକ ଖାଲିପଡିଛି ।



ରକ୍ତଭଣ୍ଡାର ଗୃହରେ ତାଲା ଝୁଲୁଛି ।

କଟକ ଜିଲା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ ରହିଛି। ଫଳରେ ରୋଗୀସେବା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଉପରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିର୍ଭରଶୀଳ। ମାତ୍ର ଡାକ୍ତର ଅଭାବରୁ ବହୁ ସମୟରେ ରୋଗୀମାନେ ଚିକିତ୍ସିତ ହେବାକୁ ଆସି ହନ୍ତସନ୍ତ ହେଉଛନ୍ତି। ଏହାପରେ ସେମାନେ ଘରୋଇ କ୍ଲିନିକ୍‌ରେ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି।

ବାଙ୍କୀ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ୧୯୫୫-୫୬ରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ନିର୍ମାଣ କରାଯାଇଥିଲା। ପୂର୍ବରୁ ବାଙ୍କୀବାସୀ ସହଜ ସୁବିଧାରେ ଡାକ୍ତର ଦେଖାଇବା ସହ ମେଡିସିନ ପାଇପାରୁଥିଲେ। କିନ୍ତୁ ଆଜକୁ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ଯୋଗୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଉପରୁ ଲୋକଙ୍କ ଭରସା ତୁଟିଗଲାଣି।

ଲୋକେ ବାଙ୍କୀରେ ଗଢ଼ି ଉଠିଥିବା ଘରୋଇ କ୍ଲିନିକ ନଚେତ୍ ଖୋର୍ଦ୍ଧା, ବେଗୁନିଆ, କଟକ, ଭୁବନେଶ୍ୱରରେ ଥିବା ସରକାରୀ କିମ୍ବା ବେସରକାରୀ ଚିକିତ୍ସାଳୟକୁ ଚାଲିଯାଉଛନ୍ତି। ସରକାରୀ ତାଲିକା ଅନୁଯାୟୀ ଏହି ଚିକିତ୍ସାଳୟରେ ୬୪ ଡାକ୍ତରୀ ପଦବୀ ଥିଲାବେଳେ ମାତ୍ର ୬ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ସମ୍ପୃକ୍ତ ଡାକ୍ତରମାନେ ଏଠାରେ ପାଳି କରି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହି ଚିକିତ୍ସାଳୟରେ ଅଧ୍ୟକ୍ଷ ପଦବୀ ଖାଲିଥିବା ବେଳେ ଡାକ୍ତର ବନବାସୀ ବେହେରା ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ସରକାରୀ ନିୟମ ଅନୁସାରେ ଏଠାରେ ୨ ଜଣ ଅସ୍ଥିଶଲ୍ୟ ଡାକ୍ତର ରହିବା କଥା। ମାତ୍ର କୌଣସି ଡାକ୍ତର ନ ଥିବାରୁ ଏଠାରେ ସର୍ଜରି ହୋଇପାରୁନାହିଁ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ୨ ଜଣଙ୍କ ନିଯୁକ୍ତି ସ୍ଥାନରେ କେହି ନାହାନ୍ତି। ଶିଶୁ ବିଭାଗରେ ୪ ଜଣଙ୍କ ସ୍ଥାନରେ ୨ ଜଣ ଥିବା ବେଳେ ମେଡିସିନ ସ୍ପେସିଆଲିଷ୍ଟ ପଦବୀ ଖାଲିପଡ଼ିଛି। ଆସିଷ୍ଟାଣ୍ଟ ସର୍ଜନ ୩ ଜଣଙ୍କ ସ୍ଥାନରେ ଜଣେ ଥିବା ବେଳେ ଆନାସ୍ଥେସିଆ ଡାକ୍ତର କେହି ନାହାନ୍ତି। ଏହାଛଡ଼ା ଦନ୍ତ ଓ ନିଦାନ ବିଭାଗର କୌଣସି ଡାକ୍ତର ନଥିବା ବେଳେ ୬ ଫାର୍ମାସିଷ୍ଟଙ୍କ ସ୍ଥାନରେ ୪ ଜଣ ରହିଛନ୍ତି। ଏହାଛଡ଼ା ୧୯ ଜଣଙ୍କ ସ୍ଥାନରେ ୧୪ ନର୍ସ କାର୍ଯ୍ୟ କରୁଛନ୍ତି। ସେହିପରି ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର ଭାବେ ୩୫ ଜଣଙ୍କୁ ନିଯୁକ୍ତି ଦିଆଯିବା କଥା, ମାତ୍ର ଜଣେ ଅଧିକାରୀ ଏହି କାର୍ଯ୍ୟ ତୁଲାଉଛନ୍ତି। ବିଭିନ୍ନ ପଦବୀ ଖାଲି ପଡ଼ିବା ଯୋଗୁ ବାଙ୍କୀର ବିଭିନ୍ନ ଆଡ଼ୁ ଆସୁଥିବା ରୋଗୀମାନେ ଡାକ୍ତର ଦେଖାଇବା ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ସମୟରେ ମେଡିସିନ କାଉଣ୍ଟରରେ ଆବଶ୍ୟକ ମୁତାବକ ଷ୍ଟାଫ୍ ରହୁନଥିବାରୁ ମେଡିକାଲର ଝାଡ଼ୁଦାର ଓ ଅନ୍ୟାନ୍ୟ ଷ୍ଟାଫ୍ ଔଷଧ ବିତରଣ କରୁଥିବା ଭିଡିଓ କିଛି ଦିନ ପୂର୍ବେ ସୋସିଆଲ ମିଡିଆରେ ଘୂରି ବୁଲୁଥିଲା।

ଅପରପକ୍ଷେ ଦୁର୍ଘଟଣାଗ୍ରସ୍ତ ଓ ରକ୍ତହୀନତା ରୋଗୀମାନଙ୍କୁ ସୁବିଧାରେ ରକ୍ତ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟରେ ଏକ ରକ୍ତଭଣ୍ଡାର ଗୃହ ନିର୍ମାଣ କରାଯାଇଥିଲା। ଏହାର ଭୂମି ପୂଜନ ୨୦୧୨ ଜୁଲାଇରେ ତତ୍କାଳୀନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କରିଥିଲେ। ୨୦୧୫ ଅକ୍ଟୋବରରେ ଉକ୍ତ ଗୃହକୁ ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କଟକ ଜିଲା ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ତତ୍କାଳୀନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଲୋକାର୍ପଣ କରିଥିଲେ। ମାତ୍ର ଏହାପରଠାରୁ ଉକ୍ତ ରକ୍ତଭଣ୍ଡାର ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି।

**ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ**

- ପାଳି କରି ଆସୁଛନ୍ତି, ଡାକ୍ତର, କର୍ମଚାରୀ,
- ଡାକ୍ତର ଅଭାବରୁ ରୋଗୀସେବା ବିପର୍ଯ୍ୟସ୍ତ
- ଉଦ୍‌ଘାଟନ ପରଠୁ ରକ୍ତ ଭଣ୍ଡାରରେ ତାଲା

ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଦାୟିତ୍ୱରେ ଥିବା ବେହେରା କହିଛନ୍ତି, ଚିକିତ୍ସାଳୟରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ଅଭାବ ରହିଛି। ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଲିଖିତଭାବେ ଅବଗତ କରାଯାଇଥିଲେ ମଧ୍ୟ ତାହା ପୂରଣ ହୋଇ ପାରୁନାହିଁ। ଡାକ୍ତର ଅଭାବ ସତ୍ତ୍ୱେ ବିଭିନ୍ନ ପ୍ରାନ୍ତରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଯଥାସମ୍ଭବ ସେବା ଯୋଗାଇ ଦେବାପାଇଁ ଉଦ୍ୟମ କରାଯାଉଛି। ସରକାରଙ୍କ ତରଫରୁ ଅଭାବୀ ଡାକ୍ତର ପଦବୀ ପୂରଣ ସହ ଅଧିକ କର୍ମଚାରୀ ଯୋଗାଇ ଦିଆଗଲେ ରୋଗୀମାନେ ସମ୍ପୂର୍ଣ୍ଣ ସେବା ପାଇପାରିବେ ବୋଲି ବେହେରା କହିଛନ୍ତି। ଏହି ଚିକିତ୍ସା କେନ୍ଦ୍ରର ଗୁରୁତ୍ୱକୁ ଉପଲବ୍ଧି କରି ଉପରୋକ୍ତ ପଦବୀଗୁଡ଼ିକ ପୂରଣ କରିବା ପାଇଁ ବୁଦ୍ଧିଜୀବୀ, ସମାଜସେବୀ, ସାମାଜିକ କର୍ମୀ ଓ ସାଧାରଣ ଜନତା ଦାବି କରିଛନ୍ତି।

## ଆକାଉଣ୍ଟାଣ୍ଟ, ଡାଟା ଏଣ୍ଟ୍ରି ସଂଘର କର୍ମକର୍ତ୍ତା ଚୟନ

**ସାଲେପୁର,୪।୫(ଅରବିନ୍ଦ ଭୂୟାଁ):**

କଟକ ଜିଲା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକ୍ ସଭାପତି ଦିଲୀପ କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ କଟକ ଜିଲାର ୧୧ଟି ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଏଡିଇଓଙ୍କ ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ କଟକ ଜିଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ କଟକ ଜିଲା ସଭାପତି ଭାବେ ଗାୟତ୍ରୀ ପଣ୍ଡା, ସମ୍ପାଦକ ଭାବେ ସୁଜିତ୍ ଜେନା, ଉପସଭାପତି କୃଷ୍ଣଚନ୍ଦ୍ର କର, କୋଷାଧ୍ୟକ୍ଷ ଭାବେ ଦିଲୀପ ରାଉତ, ସହସମ୍ପାଦକ ମନୋଜ ବେହେରା, ସହ କୋଷାଧ୍ୟକ୍ଷ ରୂପେ ଅମିନା ନାୟକ ମନୋନୀତ ହୋଇଥିଲେ। ଏଥିରେ କଟକ ଜିଲାର ୧୧ଟି ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ସଂଘ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରାଯିବ। ଏହି ଅବସରରେ ନୂତନ ଭାବେ ମନୋନୀତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ବେହେରା, ସନ୍ତୋଷ ଜେନା, ମାନସ କୁମାର ସ୍ୱାଇଁ, ବିଭୂତି ଭୂଷଣ ବାରିକ, ସଂଜୟ କୁମାର ନାୟକ, ହୃଦାନନ୍ଦ ସାହୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ ।

## ମଣ୍ଡି ଖୋଲିବାରେ ବିଳମ୍ବ: ଚିନ୍ତାରେ ଚାଷୀ

**ବାଙ୍କୀ,୪।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ଚଳିତ ବର୍ଷ କଟକ ଜିଲାରେ ରବି ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି। ଫଳରେ ବାଙ୍କୀ ଉପଖଣ୍ଡରେ ଡାଲୁଆ ଧାନ ଚାଷ କରିଥିବା ଚାଷୀମାନେ ଧାନ ଅମଳ କରି ବିକ୍ରିକରି ପାରୁନାହାନ୍ତି । ଅଦିନିଆ କାଳବୈଶାଖ ବର୍ଷା ଯୋଗୁ ବର୍ଷା ଏବଂ ପବନରେ ଶହ ଶହ ଏକର ଡାଲୁଅ ଧାନ ଫସଲ ନଷ୍ଟ ହୋଇଛି। ଧାନକୁ ଖରାରେ ଶୁଖାଇ ଚାଷୀମାନେ ବେପାରୀଙ୍କୁ ୧୬ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଏଥିଯୋଗୁ ସେମାନେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।

## ଆଧୁନିକ ଯନ୍ତ୍ରପାତି, ଡ୍ରୋନରେ ସର୍ଭେକୁ ଗୁରୁତ୍ୱ



କର୍ମଶାଳାରେ ଯୋଗଦେଇଥିବା କାଉନ୍‌ସିଲର ଓ ଠିକା ସଂସ୍ଥାର କର୍ମଚାରୀମାନେ ।

**ବାଙ୍କୀ,୪।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର) :**

**ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ମାଷ୍ଟର ପ୍ଲାନ୍ କର୍ମଶାଳା**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୭ ୱାର୍ଡରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ମାଷ୍ଟରପ୍ଲାନ ଅନୁଯାୟୀ କରିବା ପାଇଁ ସ୍ଥିର ହୋଇଛି। ଏହି ଯୋଜନାର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପାଇଁ ନିକଟରେ ପରିଷଦ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଏଥିରେ ଯୋଗ୍ୟ ବିବେଚିତ ହୋଇଥିବା ବୈଷୟିକ ସଂସ୍ଥା ଇକୋମେଟ୍ରିକ୍ସ କନସଲଟାନ୍ସି ପ୍ରାଇଭେଟ୍ ଲିମିଟେଡ୍‌କୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ସଂସ୍ଥା ଆଗାମୀ ୬ମାସ ମଧ୍ୟରେ ପରିଷଦର ସମସ୍ତ ୧୭ ୱାର୍ଡରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରିବ। ଏହା ପୂର୍ବରୁ ଠିକାସଂସ୍ଥା କର୍ମଚାରୀ ଓ ପରିଷଦର ସମସ୍ତ କାଉନ୍‌ସିଲରଙ୍କୁ ନେଇ ଏନ୍‌ଏସି ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଯନ୍ତ୍ରପାତି, ଡ୍ରୋନ ମାଧ୍ୟମରେ ସର୍ଭେ କରାଇବା ପାଇଁ କର୍ମଶାଳାରେ କୁହାଯାଇଛି। ପ୍ରତ୍ୟେକ ୱାର୍ଡର ବର୍ଷାଜଳକୁ ଡ୍ରେନ ମାଧ୍ୟମରେ ଅଣାଯାଇ ମୁଖ୍ୟଡ୍ରେନରେ ପକାଯିବ । ଏହାଉପରେ ଉକ୍ତ ପାଣିକୁ ମହାନଦୀ କିମ୍ବା ତା'ର ଶାଖା ନଦୀରେ ପକାଯିବା ପାଇଁ ବ୍ୟବସ୍ଥା କରାଯିବ। ସର୍ଭେ କାର୍ଯ୍ୟ ପରେ ପରିଷଦ ମଞ୍ଜୁରୀ କରାଯାଇ ଆଇଏଲ୍‌ଡବ୍ଲ୍ୟୁଙ୍କ ଠାରୁ ବୈଷୟିକ ମଞ୍ଜୁରୀ କରାଯିବ। ଏହି ଡ୍ରେନେଜ ବ୍ୟବସ୍ଥାର ବିପିଆରକୁ ଅନୁମୋଦନ ନିମନ୍ତେ ନଗର ଉନ୍ନୟନ ବିଭାଗକୁ ପଠାଯିବ। ସରକାର ବର୍ଷାଜଳ ନିଷ୍କାସନ ପାଇଁ ଗୁରୁତ୍ୱ ଦେଉଥିବାରୁ ଏହି ମାଷ୍ଟର ପ୍ଲାନ ଅନୁଯାୟୀ ଡ୍ରେନେଜ ବ୍ୟବସ୍ଥା ହେଲେ ବର୍ଷା ଦିନେ ବାଙ୍କୀ ସହର ଜଳବନ୍ଦୀ ସମସ୍ୟାରୁ ସ୍ଥାୟୀ ଭାବେ ମୁକ୍ତି ପାଇପାରିବ ବୋଲି କର୍ମଶାଳାରେ କୁହାଯାଇଥିଲା।

ଇକୋମେଟ୍ରିକ୍ସ ସଂସ୍ଥାର ବୈଷୟିକ ଅଧିକାରୀ ଓ ଯନ୍ତ୍ରୀମାନେ ଏଥିରେ ଉପସ୍ଥିତ ରହି କିଭଳି ସର୍ଭେ କାର୍ଯ୍ୟ କରାଯିବ ସେ ସମ୍ପର୍କରେ କାଉନସିଲରମାନଙ୍କୁ ଅବଗତ କରାଇଥିଲେ। ଏହି ସର୍ଭେ କାର୍ଯ୍ୟରେ ସବୁପ୍ରକାର ସହଯୋଗ କରିବା ପାଇଁ କାଉନସିଲରମାନଙ୍କୁ ଅନୁରୋଧ କରିଥିଲେ। କର୍ମଶାଳାରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ରମେଶ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତାମତ ଦେଇଥିଲେ ।

## ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'

**ଭୁବନେଶ୍ୱର, ୪।୫ (ସୌମ୍ୟରଞ୍ଜନ ରାଉତ):**

ନୃତ୍ୟାର୍ଚ୍ଚନା ନୃତ୍ୟାନୁଷ୍ଠାନ ପକ୍ଷରୁ ଅଷ୍ଟମ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାଧାଶ୍ୟାମ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଅତିଥି ଭାବେ ବିଧାନସଭାର ପୂର୍ବତନ ସଚିବ ଦାଶରଥୀ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଡା. ବିଶ୍ୱନାଥ ପଟ୍ଟନାୟକ, ସାହିତ୍ୟିକ କିଶୋର ଚନ୍ଦ୍ର ଦାସ, ଗୁରୁ ସୁରେଶ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହରିୟାଣା ଗୁରୁଗ୍ରାମଠାରେ ସ୍ଥାପିତ 'ନୃତ୍ୟଧାରା'ର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଗୁରୁ ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶୀ ନୃତ୍ୟଶିଳ୍ପୀ ଗାୟତ୍ରୀ ରଣବୀର, ଚନ୍ଦ୍ରକାନ୍ତ ସୂତାର, ଡ. ଶୁଭଶ୍ରୀ ପଟ୍ଟନାୟକ, ନୃତ୍ୟଗୁରୁ ଲୀମା ଦାସଙ୍କୁ 'ନୃତ୍ୟାର୍ଜନା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ନୃତ୍ୟାର୍ଚ୍ଚନା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଗର କୁମାର ଖୁଣ୍ଟିଆ, ଲୀମା ଦାସ ଓ ହରପ୍ରିୟା ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର, ୪।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ମହାନଦୀ କୂଳରେ ଅବସ୍ଥିତ ମା'ନାରାୟଣୀଙ୍କ ପୀଠରେ ଗତ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଗ୍ରାମବାସୀ ଓ ନାରାୟଣୀ ପରିଚାଳନା କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ଅବସରରେ କଳସ ଯାତ୍ରା, ଘଟ ସ୍ଥାପନ, ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ, ସୂର୍ଯ୍ୟ ପୂଜା, ଗୋ ପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ ଓ ଆହୁତି ପ୍ରଦାନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଜନ ସନ୍ଧ୍ୟା, ପ୍ରବଚନ ଓ ସହ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା। ଏହାଛଡା ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ପହଞ୍ଚି ତାଙ୍କ ଦର୍ଶନ କରିବା ସହ ସେଠାରେ ବସିଥିବା ଦୋକାନ ବଜାର ବୁଲି ଦେଖିଥିଲେ। ପୀଠ କମିଟି ପକ୍ଷରୁ ସମସ୍ତ ଆଗନ୍ତୁକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରଘୁନାଥପୁର ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ ଥିଲା।



ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

## ମିଟ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭରେ ଓଡ଼ିଶା ପର୍ଯ୍ୟଟନ

ଭୁବନେଶ୍ୱର, ୪।୫(ସୌମ୍ୟରଞ୍ଜନ ରାଉତ): ମିଟ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ ରବିବାର ରାଜସ୍ଥାନ ରାଜଧାନୀ ଜୟପୁରରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ରାଜ୍ୟ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଓଡିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଓଡିଶାରେ ମାଇସ୍ ଟୁରିଜମର ସମ୍ଭାବ୍ୟ ବିକାଶ ବିଷୟରେ ନିବେଶକଙ୍କ ସହ ସେ ଆଲୋଚନା କରିଥିଲେ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ ବର୍ତ୍ତମାନର ସରକାରଙ୍କୁ ପ୍ରଶଂସା କରିଥିଲେ।

## କାଳବୈଶାଖୀ : କୁଆପଥର ବୃଷ୍ଟି

**ବାଙ୍କୀ, ୪।୫( ଶୁଭେନ୍ଦୁ ମହାପାତ୍ର):**

ଶନିବାର ରାତିରେ ହଠାତ୍‌କାଳବୈଶାଖୀର ତାଣ୍ଡବ ଲୀଳା ଦେଖିବାକୁ ମିଳିଛି। ଦ୍ରୁତ ଗତିରେ ପବନ ବୋହିବା ସାଙ୍ଗକୁ ବର୍ଷା ଓ କୁଆପଥର ବୃଷ୍ଟି ହୋଇଥଲା। ଫଳରେ ଯାତାୟତ ବାଧା ହୋଇଥିବା ବେଳେ ରାତି ତମାମ ବିଦ୍ୟୁତ୍ ବନ୍ଦ ରହିଥିଲା। କେଉଁଠି ବଡ ଗଛ ଡାଳ ପଡ଼ିଥିଲାବେଳେ ଅନ୍ୟ କେଉଁଠି ଆଜବେଷ୍ଟସ ଓ ଚାଳ ଛପର ଘର ଉଡ଼ିଯାଇଛି। ଏଥିସହ କୁଆପଥର ମାଡ଼ ଯୋଗୁ ସେହି ସମୟରେ ଯାତାୟତ କରୁଥିବା ବାଟୋଇ ଆଘାତପ୍ରାପ୍ତ ହୋଇଛନ୍ତି।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

## ମାଟ୍ରିକ୍ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୪।୫(ଅରବିନ୍ଦ ଭୂୟାଁ)**

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସାଲେପୁର ପକ୍ଷରୁ ଚଳିତବର୍ଷ ମାଟ୍ରିକ୍ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ ପରିସରରେ ରବିବାର ସମ୍ବର୍ଦ୍ଧିତ କରାଯାଇଛି। କମିଟି ସମ୍ପାଦକ ମିହିର କୁମାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଭାରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ଡ. ଗିରୀଶ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଡ. ହଳଧର ସାହୁ, ଡ. ଉମେଶ ଚନ୍ଦ୍ର ପତି, ଖବରଦାତା ଅକ୍ଷୟ ଦାଶ, ପ୍ରାକ୍ତନ ବିଇଓ ଜଗବନ୍ଧୁ ଶତପଥୀ, ଡା. କିଶୋର ଚନ୍ଦ୍ର ଦାସ, ଆଇନଜୀବୀ ବିଜୟ କେତନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଇତ୍ୟବସରରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ତଥା ଟାଙ୍ଗୀ ବିଇଓ କୁନ୍ତଳା ଖଟୁଆ, ସଂଘମିତ୍ରା କର, ସଞ୍ଜୟ ମହାପାତ୍ର, ବବ୍ରୁବାହାନ ପ୍ରଧାନ, ମହେଶ୍ୱର ଗୋଛାୟତ ଏବଂ କୃତୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଇଂ. ବିଜୟ ସାହୁଙ୍କୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାନସ ସାହୁ, ଚିତ୍ତରଞ୍ଜନ ଶତପଥୀ, ବସନ୍ତ କୁମାର କର, ଜଗନ୍ନାଥ ସାହୁ, ନିମାଇଁ ବିଶ୍ୱାଳ, ପ୍ରସନ୍ନ କୁମାର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ଶରୀର, ଉଲ୍ଲାସ ମନ ପାଇଁ ହସ ମୁଖ୍ୟ ଔଷଧ

**ବିଶ୍ୱ ହସ ଦିବସ ପାଳିତ**

**ବଡ଼ମ୍ବା,୪।୫(ମାୟାଧର ମଲ୍ଲିକ):**

ବଡ଼ମ୍ବାସ୍ଥିତ ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ବିଶ୍ୱ ହସ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପୁଷ୍ପଲତା ପାଣିଗ୍ରାହୀ ଯୋଗଦେଇ ସୁସ୍ଥ ଶରୀର ଓ ଉଲ୍ଲାସ ମନ ପାଇଁ ହସ ମୁଖ୍ୟ ଔଷଧ ବୋଲି କହିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରି ବେଦପାଠ ସହ ଡ. ପୁଷ୍ପଲତା ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇଥିଲେ। ସାଧାରଣ ସମ୍ପାଦକ ଅଶୋକ କୁମାର ଧଳ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ସହ ସୁସ୍ଥ ଶରୀର, ସୁସ୍ଥ ମନ ଓ ହରମୋନ ସୃଷ୍ଟି ପାଇଁ ହସ ବ୍ୟାୟାମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟପକ୍ଷେ ସକାଳେ ୧୦ ଥର ହାସ୍ୟାସନ କଲେ ସୂର୍ଯ୍ୟ କିରଣରୁ ଭିଟାମିନ୍-ଡି ମିଳିଥାଏ। ହସ ଏକ ଯୋଗ ଓ ବିଜ୍ଞାନ ବୋଲି ଅଧ୍ୟକ୍ଷ ମହାନ୍ତି ମତବ୍ୟକ୍ତ କରିଥିଲେ। ଏଥିରେ ଟିଏସ୍‌ଜି ଗୁରୁକୁଳ ସ୍କୁଲ ଅଧ୍ୟକ୍ଷା ସ୍ନେହଲତା ସାହୁ, ସାମାଜିକ କର୍ମୀ ବିଜୟ ମିଶ୍ର, ଦେବରାଜ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ସ୍ୱାସ୍ଥ୍ୟକର୍ମୀ ଜହ୍ନ ରୂପା ମଲ୍ଲିକ, ମମତା ସାମନ୍ତ, ଗୀତାଞ୍ଜଳି ମହାନ୍ତି, ବୈଜୟନ୍ତୀ ମହାରଣା, ସାଇ ସଗୁନ ମହାନ୍ତି, ଶିବ ବେହେରା, ଆୟୁଷ ନାୟକ, ସୁମିତ ମଲ୍ଲିକ, ଶୁଭମ୍ ପ୍ରିୟା ସାହୁ, ଶୁଭଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ହସ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୋଲଗଡ଼,୪।୫(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ କଳାଙ୍ଗ କାହ୍ନୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ହୋତା ଏ-୧ ଗ୍ରେଡ ଉତ୍ତୀର୍ଣ୍ଣ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଜୋଚିନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ସ୍ୱାଇଁ, ନାଏବ ସରପଞ୍ଚ ପ୍ରଭାତ କୁମାର ସ୍ୱାଇଁ, ପୂର୍ବତନ ଶିକ୍ଷକ ଅଚ୍ୟୁତ ସ୍ୱାଇଁ, ଶିକ୍ଷକ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ରହି ଅର୍ପିତା ହୋତା, ଶୁଭସ୍ମିତା ଗୁରୁ(୫୦୦ ମାର୍କ) ଓ ପ୍ରାଚୀ ପ୍ରିୟଦର୍ଶିନୀ(୪୯୧ମାର୍କ) ପ୍ରମୁଖ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉକ୍ତ ଛାତ୍ରୀମାନେ କୃତିତ୍ୱ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ସମସ୍ତେ ପ୍ରଶଂସା କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଅନ୍ୟ ବିଦ୍ୟାର୍ଥୀଙ୍କୁ ପ୍ରେରଣା ଯୋଗାଇବ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ହୋତା ଧନ୍ୟବାଦ ଦେଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ

ନିରାକାରପୁର,୪।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ସରପାରି ପଞ୍ଚାୟତ ବଘେଇପୁଟସ୍ଥିତ ଅନନ୍ତେଶ୍ୱର ଦେବଙ୍କ ପୀଠରେ ଦୀର୍ଘ ୪ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସହ ଶନିବାର ଉଦ୍ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା ଆଦି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଚଣ୍ଡୀପାଠ, ମହାମୃତ୍ୟୁଞ୍ଜୟ ସହିତ ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଲିଙ୍ଗରାଜ ମାର୍ଥା ପୌରୋହିତ୍ୟ କରିଥିବା ବେଳେ ରମେଶ ମଙ୍ଗରାଜ, ଶଙ୍କର ବେହେରା, ନାରାୟଣ ଶତପଥୀ, ରଙ୍କନାଥ ମଙ୍ଗରାଜ, ଲକ୍ଷ୍ମୀଧର ମାଝୀ, ପ୍ରଦ୍ୟୁମ୍ନ ମାର୍ଥା, ପୂର୍ବତନ ଜିଲାପରିଷଦ ସଭ୍ୟ ସୁକାନ୍ତ ମଙ୍ଗରାଜଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମେଗା ଚକ୍ଷୁ ଚିକିତ୍ସା ଶିବିର

ପୁରୁଣା ଭୁବନେଶ୍ୱର,୪।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ଏବଂ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ରବିବାର ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହୃଷୀକେଶ ତ୍ରିପାଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଡ. ନୀତି ରଞ୍ଜନ ଚାନ୍ଦ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ସମ୍ପାଦକ ଧୀରେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଡ.ଆଲୋକ କୁମାର ସାହୁ ଏବଂ ଡ.ଅରଣ୍ୟ ବେହେରାଙ୍କ ନେତୃତ୍ୱରେ ଚିକିତ୍ସାଦଳ ଅଂଶଗ୍ରହଣ କରିଥିଲେ। ଲୋକଙ୍କ ମୋତିଆବିନ୍ଦୁ, ଡ୍ରାଇ ଆଖି ପରୀକ୍ଷା ସହିତ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ସହିତ ମାଗଣା ଔଷଧ ଏବଂ ଚଷମା ବଣ୍ଟନ କରାଯାଇଥିଲା। ସରୋଜ ପଣ୍ଡା, ଗୌରୀପ୍ରସାଦ ମହାନ୍ତି, ଜ୍ଞାନରଞ୍ଜନ ବଟୁ, ସତ୍ୟବ୍ରତ ନନ୍ଦ, ବିଜୟ କୁମାର ମଲିଆ, ଅମିତ କୁମାର ମଲିଆ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲାକ୍‌ମେଲ୍ କରି ମା', ଝିଅଙ୍କୁ ବଳାତ୍କାର

ଭୁବନେଶ୍ୱର,୪।୫(ସତ୍ୟଜିତ୍ ରାଉତ)

**ଘରୋଇ ସହାୟକ ଗିରଫ**


ସରୋଜ କୁମାର ବେହେରା

ରାଜଧାନୀ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଯୁବକ ବ୍ଲାକମେଲ୍ କରି ମହିଳା ଓ ତାଙ୍କ ୧୪ବର୍ଷୀୟା ନାବାଳିକା ଝିଅଙ୍କୁ ଏକାଧିକ ଥର ବଳାତ୍କାର କରିଛନ୍ତି। ଏନେଇ ଅଭିଯୋଗକ୍ରମେ ବଡ଼ଗଡ଼ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ରବିଟକିଜ୍ ଛକ ନିକଟରେ ରହୁଥିବା ଯାଜପୁର ଜିଲା ଟମକା ଥାନା ଅଞ୍ଚଳର ସରୋଜ କୁମାର ବେହେରା ଓରଫ ରବି (୨୨)। ରବି ପୀଡିତାଙ୍କ ଭଡ଼ାଘର ପାଖରେ ଅନ୍ୟଜଣଙ୍କ ଘରେ ଘରୋଇ ସହାୟକ ଭାବେ କାମ କରନ୍ତି। କୋର୍ଟଚାଲାଣ ପରେ ରବିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ମହିଳା ଜଣକ ପରିବାର ସହ ବଡଗଡ ଥାନା ଅଞ୍ଚଳରେ ରହୁଛନ୍ତି। ଅଭିଯୁକ୍ତ ରବି ତାଙ୍କ ପଡ଼ୋଶୀଙ୍କ ଘରେ କାମ କରୁଥିବା ବେଳେ ମହିଳାଙ୍କ ସହ ପରିଚିତ ହୋଇଥିଲେ। ପରେ ପିଡ଼ୀତା ଓ ତାଙ୍କ ଝିଅଙ୍କୁ ରବି ଟାର୍ଗେଟ୍ କରିଥିଲେ। ମା', ଝିଅ ବାଥୁରମ୍‌ରେ ଗାଧୋଇବା ବେଳେ କୌଶଳ କରି ରବି ନିଜ ମୋବାଇଲରେ ଫଟୋ ଓ ଭିଡିଓ ଶୁଟ୍ କରିଥିଲେ। ଏହାପରେ ଉକ୍ତ ଫଟୋ ଓ ଭିଡିଓକୁ ଆଧାର କରି ରବି ବ୍ଲାକମେଲ୍ କରିବା ଆରମ୍ଭ କରିଥିଲେ। ସେସବୁକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ମା' ଓ ଝିଅଙ୍କୁ ଏକାଧିକଥର ବଳାତ୍କାର କରିଥିଲେ। ମହିଳା ଓ ତାଙ୍କ ଝିଅ ଲୋକଲଜ୍ଜା ପାଇଁ ଚୁପ ରହିଥିଲେ। ଏପରିକି ସ୍ୱାମୀ ବାହାରକୁ କାମ କରିବାକୁ ଯାଉଥିବା ବେଳେ ରବି ଏହି କାମ କରୁଥିଲେ। ଏପରିକି ଅଭିଯୁକ୍ତ ରବି ଉଭୟ ମା ଓ ଝିଅଙ୍କୁ ଅଧିକାଂଶ ସମୟରେ ଗାଳିଗୁଲଜ କରିବା ସହ ନାନା ଧମକ ଦେଉଥିଲେ। ପରେ ରବି ଉକ୍ତ ଫଟୋ ଓ ଭିଡିଓକୁ ପିଡ଼ୀତା ଏବଂ ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦେଇଥିଲେ। ସ୍ୱାମୀ ଏହା ଦେଖି ପଚାରିବାରୁ ଘଟଣା ବିଷୟରେ ନିଜ ପତ୍ନୀଙ୍କଠୁ ରବିଙ୍କ କଳା କାରନାମା ବିଷୟରେ ଜାଣିବାକୁ ପାଇଥିଲ। ଏନେଇ ପୀଡିତା ମହିଳାଙ୍କ ଏତଲାକ୍ରମେ ପୋଲିସ ଶନିବାର ଏକ ମାମଲା (ନଂ.୨୩୮/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ରବିଙ୍କ ନାମରେ ପୂର୍ବରୁ ଯାଜପୁର ଥାନାରେ ଏକ ମାମଲା ରହିଥିବା ପୋଲିସ କହିଛି।

# ଶୁଭ୍ରାଂଶୁ ସଭାପତି, ଦିଲୀପ ସମ୍ପାଦକ


ଜିଲା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଜିଲା ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ**

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଜିଲା ପ୍ରେସ୍ କ୍ଲବ(ଡିପିସି)ର ନୂତନ କର୍ମକର୍ତ୍ତା ଚୟନ ରବିବାର ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଚଳିତବର୍ଷ ପୁଣି ଥରେ ସଭାପତି ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଦିଲୀପ ପଟ୍ଟନାୟକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଲଳିତ ମୋହନ ମହାପାତ୍ର ଓ ପ୍ରସନ୍ନ ପାଇକରାୟ ଉପସଭାପତି, ସୟଦ ଲିଆକତ ଅଲ୍ଲୀ ସହ ସମ୍ପାଦକ, ରଞ୍ଜିତ କୁମାର ପାଟ୍ଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ ଯୁଗ୍ମ ସମ୍ପାଦକ, ଶୁଭକାନ୍ତ ମହାପାତ୍ର କୋଷାଧ୍ୟକ୍ଷ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା ଆଇନ ପରାମର୍ଶଦାତା, ଡିପିସି କୋର କମିଟି ଆବାହକଭାବେ ପ୍ରକାଶ କୁମାର ହାତୀ ଏବଂ ପ୍ରସାର ସଂଯୋଜକଭାବେ ସନ୍ତୋଷ ଚୌଧୁରୀ ପ୍ରମୁଖ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟଭାବେ ଜିତେନ୍ଦ୍ର ଭଞ୍ଜ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ଗୋପାଳ କୃଷ୍ଣ ଦାସ, ରଞ୍ଜିତ ସାମନ୍ତରାୟ, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ଡିପିସିର ଉପଦେଷ୍ଟା ବରିଷ୍ଠ ଖବରଦାତା ତପନ ନାୟକ ନିର୍ବାଚନ ଅଧିକାରୀ ଏବଂ ସହଯୋଗୀ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା କର୍ମକର୍ତ୍ତା ଚୟନ ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ସଂଘ ପକ୍ଷରୁ ବାର୍ଷିକ ଖସଡ଼ା ଏବଂ ଉତ୍ସବ ଆୟୋଜନ ନେଇ ନିଷ୍ପତ୍ତି ହୋଇଛି।

# '୭ ଦିନରେ ନିଷ୍ପତ୍ତି ନ ହେଲେ ମନ୍ତ୍ରୀ, ସଚିବଙ୍କ ଘରକୁ ଅଳିଆ ଫିଙ୍ଗାଯିବ'



ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ରବିବାର ଜନପ୍ରତିବାଦ କରାଯାଉଛି।

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

**'ଅଳିଆଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ' ଅଭିଯାନରେ ଜନପ୍ରତିବାଦ**

ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଓ ସ୍କୁଲ ନିକଟ ଅସ୍ଥାୟୀ ଡମ୍ପିୟାର୍ଡ ହଟାଇବା ଦାବିରେ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ରବିବାର ଜନପ୍ରତିବାଦ କରାଯାଇଛି। ସ୍ଥାନୀୟ ଲୋକେ ଏକାଠି ହୋଇ ସୈନିକ ସ୍କୁଲ ମୁଖ୍ୟ ପ୍ରବେଶଦ୍ୱାରରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ମାନବଶୃଙ୍ଖଳ ମାଧ୍ୟମରେ ଧାରଣାରେ ବସିବା ସହ ଶୋଭାଯାତ୍ରା କରିଛନ୍ତି। ଡମ୍ପିୟାର୍ଡ ହଟାଇବା ପାଇଁ ୭ ଦିନ ଭିତରେ ନିଷ୍ପତ୍ତି ନ ହେଲେ ନଗର ଉନ୍ନୟନ ମନ୍ତ୍ରୀ, ସଚିବ, ବିଏମ୍‌ସି ମେୟର ଓ କମିଶନରଙ୍କ ସରକାରୀ ବାସଭବନ ଆଗରେ ପ୍ରତୀକାତ୍ମକ ଭାବେ ଅଳିଆ ଫିଙ୍ଗାଯିବ ବୋଲି ଅଭିଯାନ ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ଚେତାବନୀ ଦିଆଯାଇଛି। ଅଳିଆ ଗନ୍ଧ ହେଲେ ସେମାନେ ବୁଝିପାରିବେ ଅଞ୍ଚଳବାସୀମାନେ କିପରି ହୀନସ୍ତା ହେଉଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି। ସ୍ଥାନୀୟ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଅଭିଭାବକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଧାରଣାରେ ବସିଥିଲେ। ଏହି ଅଭିଯାନରେ ସେନା ସେବା ଅଧିକାରୀ କର୍ଣ୍ଣେଲ ଜେକେ ଶତପଥୀ, ଜର୍ଦ୍ଦମାନ ସିଂହ, କ୍ୟାପ୍ଟେନ୍ ଏସ୍.ଏସ୍. ଦେବ, ଜେକେ ମହାନ୍ତି, ବିସ୍ମୟ ମହାପାତ୍ର, ରାଜ୍ୟ କର୍ମଚାରୀ ମହାମଞ୍ଚ ଉପଦେଷ୍ଟା ପ୍ରଭାତ ମହାନ୍ତି, ରଙ୍ଗଚରଣ ପ୍ରଧାନ, ଅଶୋକ ପାଲ୍‌ଟାସିଂ, ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ମହାସଚିବ ଅଶୋକ ପାଇକରାୟ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଭକ୍ଷକାରୀ ତ୍ରିପାଠୀ, ଶ୍ରୀଦ୍ଵେଶ୍ୱର ନାୟକ, ପ୍ରୀତିଶ୍ ବାସା, ସୁବ୍ରତ ସାହୁ, ମିଟୁ ଜେନା, ପ୍ରତାପ ପରିଡ଼ା, ସରୋଜ ରାଉତରାୟ, ଚିନ୍ତାମଣି ବାରିକ, ପ୍ରତାପ ସାହୁ, ସୈନିକ ସ୍କୁଲ ଅଭିଭାବକ ସଂଘ ସଭାପତି ଆଶୁତୋଷ ମିଶ୍ରଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତି ପ୍ରତ୍ୟାହାର ଓ ଅସ୍ଥାୟୀ ଡମ୍ପିୟାର୍ଡକୁ ହଟାଇବା ପାଇଁ ସୈନିକ ସ୍କୁଲ ଚତୁଃପାର୍ଶ୍ୱ ଅଞ୍ଚଳ ଗାଡ଼କଣ, ରଙ୍ଗମାଟିଆ, ଆଦିମାତା କଲୋନୀ, ଲକ୍ଷ୍ମୀବିହାର, ଆଚାର୍ଯ୍ୟ ବିହାର, ଭିଏସ୍ଏସ୍ ନଗର, ଡମଣା, ବାଣୀବିହାର ଆଦି ଅଞ୍ଚଳର ମୁରବି ଓ ବୁଦ୍ଧିଜୀବୀମାନେ ଜନପ୍ରତିବାଦରେ ସାମିଲ ହୋଇଥିଲେ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା

ନିରାକାରପୁର,୪।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଗୋଳବାଇ ପଞ୍ଚାୟତ ମା' ଭଗବତୀଙ୍କ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ରବିବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ମଲାଗୁଣି ନଦୀଠାରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା ବ୍ରତଧାରୀ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ସାଲାମଣ୍ଡନ, ସର୍ବଦେବଦେବୀ ଆବାହନ, ସୂର୍ଯ୍ୟପୂଜା, ଧେନୁପୂଜା ଆଦି ହୋଇଥିଲା। ଆସନ୍ତା ୬ ତାରିଖରେ ଏହାର ପୂର୍ଣ୍ଣାହୁତି ଦିବସ ଥିବାରୁ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିବେଦନ କରାଯାଇଛି।

### ଲୁନା ଚୋରିକରି ସିକ୍ୟୁରିଟି ଗାର୍ଡ ଗିରଫ

ଭୁବନେଶ୍ୱର,୪।୫(ସତ୍ୟଜିତ୍ ରାଉତ)

ଲୁନା ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁରର ମୁନୁ ଓରଫ୍ ପ୍ରକାଶ ସାମଲ(୪୦)। ପ୍ରକାଶଙ୍କଠାରୁ ଉକ୍ତ ଚୋରି ଲୁନା ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସଞ୍ଜୟ ସେନାପତି ହେଉଛନ୍ତି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା 'ୱାର୍ଲ୍ଡ ଓଫ୍ ପେଟ୍'ର ପ୍ରୋପ୍ରାଇଟର। ସେ ପ୍ରକାଶଙ୍କୁ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ଦେଇଥିଲେ। ପ୍ରକାଶ ଗତ ଏପ୍ରିଲ ୧୩ ଅପରାହ୍ଣରେ ଅଫିସରୁ ଚାବି ନେଇ ଏକ ଟିଭିଏସ୍ ଏକ୍ସେଲ ଲୁନା ଚୋରିକରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୯୭/୨୦୨୫) ରୁଜୁକରି ତଦନ୍ତ କରିଥିଲା। ପୋଲିସ ଟିମ୍ ରେଲ୍‌ୱେ ଷ୍ଟାଡିୟମ ନିକଟରେ ଚଢ଼ାଉ କରି ପ୍ରକାଶଙ୍କୁ ଧରିବା ସହ ତାଙ୍କ ପାଖରୁ ଚୋରି ଲୁନା ଜବତ କରିଥିଲା।

# ଅଞ୍ଚଳର ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ


ବୈଠକରେ ବୋଲଗଡ ଉନ୍ନୟନ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବୋଲଗଡ଼,୪।୫(ଦେବବ୍ରତ ହୋତା)

ବୋଲଗଡ଼ ଉନ୍ନୟନ ପରିଷଦର ଏକ ବୈଠକ ରବିବାର ସ୍ଥାନୀୟ ଟାଉନ କ୍ଲବ ସଭଗୃହରେ ଐତିହାସିକ ରବୀନ୍ଦ୍ର ପରିଡାଙ୍କ ଆବାହକତ୍ୱ ଏବଂ ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସାଧାରଣ ସମ୍ପାଦକ ରଘୁନାଥ ଦଳବେହେରା ଗତ ଅଧିବେଶନର ବିବରଣୀ ପଠନ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ମାର୍ଥା ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସୂଚନା ଦେଇଥିଲେ। ପୂର୍ବ ସରକାର ବୋଲଗଡ଼ ବ୍ଲକକୁ ନୂତନଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଥିଲେ ବି ସରକାରୀ ନଥିପତ୍ରରେ ଅଦ୍ୟାବଧି ମାନ୍ୟତା ମିଳି ନ ଥିବାରୁ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରାଯାଇଥିଲା। ଏନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ। ଅସ୍ଥାୟୀ ଭାବେ ଜେଏମ୍ଏଫ୍‌ସି କୋର୍ଟ ଶୀଘ୍ର ଆରମ୍ଭ କରାଯିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୋଲଗଡ଼ ରେଳ ପାସେଞ୍ଜର ହଲ୍ଟକୁ ରେଳଷ୍ଟେସନ ମାନ୍ୟତା ପ୍ରଦାନ ଘୋଷଣା କରିବା ଦୀର୍ଘଦିନ ପରେ ବି ପୂର୍ବତଟ ରେଳ ଡିଭିଜନ ଏହି ଉନ୍ନୟନ କାର୍ଯ୍ୟରେ ବିଳମ୍ବ କରୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ପରିଷଦ ସଦସ୍ୟମାନେ ଖୋର୍ଦ୍ଧାରୋଡସ୍ଥିତ ଡିଆରଏମ୍‌ଙ୍କୁ ଭେଟି ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି। ଅନୁରୂପଭାବେ ବ୍ଲକ ଛକଠାରୁ ରେଳ ଷ୍ଟେଶନ ଦେଇ ନନ୍ଦପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ଗ୍ରାମ୍ୟରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପରିଣତ କରି ଶୀଘ୍ର ପକ୍କା ସଡ଼କ ନିର୍ମାଣ କରିବାକୁ କମିଟି ସଦସ୍ୟମାନେ ବ୍ଲକ ପ୍ରଶାସନ ନିକଟରେ ଦାବି ଜଣାଇବେ ବୋଲି ଆଲୋଚନା ହୋଇଥିଲା। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଅଭାବରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶେଷରେ ଉପସଭାପତି ଲଲାଟେନ୍ଦୁ କେଶରୀ ସିଂ ଧନ୍ୟବାଦ ଦେଇଥଲେ।

# ୨୪ ଶିଶୁଙ୍କୁ ଆର୍ଥିକ ସହାୟତା, ୧୧୪ ଶ୍ରମିକଙ୍କୁ ପରିଚୟପତ୍ର

**ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ଦିବସ**

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ଖୋର୍ଦ୍ଧା ଜିଲା ଆଇନସେବା ପ୍ରାଧିକରଣ ଭୁବନେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ ଜିଲା ଜଜ୍ କୋର୍ଟସ୍ଥିତ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ବିଭାଗୀୟ ଶ୍ରମ କମିଶନର ଅଜୟ କୁମାର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଓ ଦୌରା ଜଜ୍ ଶ୍ରମିକଙ୍କ ପାଇଁ ଆଇନରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପାଇବାକୁ ଉପସ୍ଥିତ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୪ ଜଣ ଶିଶୁଙ୍କୁ ଉନ୍ନତମାନର ଶିକ୍ଷା ପାଇଁ ମୋଟ ୧,୫୬,୪୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଦୁଇଜଣଙ୍କୁ ୧ଲକ୍ଷ ଟଙ୍କାର ବୈବାହିକ ସହାୟତା, ୪ ଜଣଙ୍କୁ ୧୧ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ଏବଂ ଅନ୍ତିମ ସଂସ୍କାର ପାଇଁ ୩ ଜଣଙ୍କୁ ୧୫ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏଥିସହ ୧୧୪ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପ୍ରାଧିକରଣର ସଚିବ ସଲୋମୀ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପରିବାର ଅଦାଲତ ଜଜ୍ ମଦନ ଲାଲ କେଡିଆ, ଅତିରିକ୍ତ ଜିଲା ବିଚାରପତି ଦେବାଶିଷ ରାଉତ, ବରିଷ୍ଠ ଦେୱାନି ବିଚାରପତି ମୁସାରତ ଯାହିନ ପ୍ରମୁଖ ଉପସ୍ଥିତ ଥିଲେ। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱେତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ, ଆଇନ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ପ୍ରାଧିକରଣଙ୍କ ନ୍ୟାୟ ଅଧିକାର ମିତ୍ର ଯଶ୍ମିନ୍ ଗିରି, ଆକାଂକ୍ଷା ସାମଲ, ଏଲ୍. କୁମାର, ଅର୍ପିତା ମହାନ୍ତି ଓ ମହେଶ ରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଟାଙ୍ଗୀ,୪।୫(ରଘୁନାଥ ସାହୁ)

ଟାଙ୍ଗୀ ଗ୍ରାମର ଆରାଧ୍ୟ ବଳରାମ ଦେବଙ୍କ ପୀଠରେ ୨୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଡିଗୀ ପୋଖରୀଠାରେ ପୂଜାର୍ଚ୍ଚନା ପରେ ମାନସିକଧାରୀମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲେ। ବୈଦିକ ବ୍ରାହ୍ମଣମାନେ ଯୋଗଦେଇ ସୂର୍ଯ୍ୟ ପୂଜା, ଧେନୁ ପୂଜା, ଶାଳାପୂଜା, ଦେବାର୍ଚ୍ଚନ, ଘୃତାହୁତି ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ଆଚାର୍ଯ୍ୟଭାବେ ଶୁଭ୍ରାଂଶୁ ଶେଖର ମିଶ୍ର କାର୍ଯ୍ୟ ନିର୍ବାହ କରିଥିବା ବେଳେ ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ, ପ୍ରକାଶ ଆଚାର୍ଯ୍ୟ, ସୁବ୍ରତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଯଜ୍ଞ କମିଟି ସଭାପତି ଡା. ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, ସରପଞ୍ଚ କିଶୋର କୁମାର ବେହେରା, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବଦତ୍ତ ମହାନ୍ତି, ପ୍ରଫୁଲ୍ଲ ରାଉତ, ଘନଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରଣା, ସନାତନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ସମୟରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'




ଭୁବନେଶ୍ୱର, ୪।୫ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟାର୍ଚ୍ଚନା ନୃତ୍ୟାନୁଷ୍ଠାନ ପକ୍ଷରୁ ଅଷ୍ଟମ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାଧାଶ୍ୟାମ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଅତିଥି ଭାବେ ବିଧାନସାର ପୂର୍ବତନ ସଚିବ ଦାଶରଥୀ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଡା. ବିଶ୍ୱନାଥ ପଟ୍ଟନାୟକ, ସାହିତ୍ୟିକ କିଶୋର ଚନ୍ଦ୍ର ଦାସ, ଗୁରୁ ସୁରେଶ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହରିୟାଣା ଗୁରୁଗ୍ରାମଠାରେ ସ୍ଥାପିତ 'ନୃତ୍ୟଧାରା'ର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଗୁରୁ ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶୀ ନୃତ୍ୟଶିଳ୍ପୀ ଗାୟତ୍ରୀ ରଣବୀର, ଚନ୍ଦ୍ରକାନ୍ତ ସୂତାର, ଡ. ଶୁଭଶ୍ରୀ ପଟ୍ଟନାୟକ, ନୃତ୍ୟଗୁରୁ ଲୀମା ଦାସଙ୍କୁ 'ନୃତ୍ୟାର୍ଚ୍ଚନା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ନୃତ୍ୟାର୍ଚ୍ଚନା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଗର କୁମାର ଖୁଣ୍ଟିଆ, ଲୀମା ଦାସ ଓ ହରପ୍ରିୟା ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ଶୋଚନୀୟ, ଲୋକେ ହଇରାଣ

ବୋଲଗଡ଼,୪।୫(ଦେବବ୍ରତ ହୋତା)


ରାସ୍ତାରେ ପାଣି ଜମି ରହିଛି।

ଲୋକଙ୍କ ଗମନାଗମନ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ନୂତନ ରାସ୍ତା ନିର୍ମାଣ, ରାସ୍ତା ମରାମତି ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ତେବେ ଜନପ୍ରତିନିଧି ଏବଂ ପ୍ରଶାସନର ଅବହେଳାରୁ ରାସ୍ତା ଅବସ୍ଥା ଶୋଚନୀୟ ହେବା ସହ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ବହୁ ରାଜସ୍ୱ ଗ୍ରାମଦେଇ ଯାଇଥିବା ବେଗୁନିଆ-ଲୋଧାଚୁଆ ପିଡବ୍ଲୁଡି ପିଚୁ ରାସ୍ତାର ମୁଗମଣ୍ଡା ଗ୍ରାମ ଛକ ନିକଟରେ ଖାଲ ହୋଇ ପାଣି ଜମୁଛି। ଏହି ମୁଖ୍ୟ ରୋଡ୍ ଛକଠାରୁ ମୁଗମଣ୍ଡା ନୁଆସାହି ଓ ଗ୍ରାମ ଶ୍ମଶାନ ଦେଇ ବୋରିକ ଯାଇଥିବା ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ସେଥିରେ ପାଣି ଜମି ରହି ଗ୍ରାମବାସୀଙ୍କ ଯାତାୟାତରେ ବାଧା ଉପୁଜିଛି। ଏହି ରାସ୍ତାର ମରାମତି ପାଇଁ ବାରମ୍ବାର ଜନପ୍ରତିନିଧି ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପଥର ବୋଝେଇ ଗାଡ଼ି ଯାତାୟାତ କରିବାରୁ ରାସ୍ତାର ଏପରି ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୫।୨୦୨୫

| | |
|---|---|
| ୫,୩୧,୭୪୮ ଟଙ୍କା | |
| ସୁନା | ୨.୩୦୦ ଗ୍ରାମ୍ |
| ରୁପା | ୧୯.୯୦୦ ଗ୍ରାମ୍ |

# ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ରୋଗୀ ହନ୍ତସନ୍ତ

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଏବେ ଉପର ଚକଚକିଆ ଭିତର ଫମ୍ପା ସଦୃଶ ହୋଇପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ନିର୍ଭର କରନ୍ତି। ହେଲେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇ ବହୁଳ ଭାବେ ହଟହଟା ଓ ହନ୍ତସନ୍ତ ହେଉଛନ୍ତି। ଚିକିତ୍ସା ସୁବିଧା ନ ପାଇ ବହୁ ରୋଗୀ ଅଧିକ ଖର୍ଚ୍ଚାନ୍ତ ହୋଇ ବାଧ ହୋଇ ପୁରୀ, ଭୁବନେଶ୍ୱର, କଟକ ଆଦି ମେଡିକାଲକୁ ଯାଉଛନ୍ତି। ମୁଖ୍ୟତଃ ଏଠାରେ ମହିଳା, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁ ଦୈନିକ ବହୁ ସଂଖ୍ୟାରେ ମହିଳା ରୋଗୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ମେଡିକାଲରେ ମୋଟରେ ୨୦ ଜଣ ଡାକ୍ତର ରହିବା ପାଇଁ ନିୟମ ରହିଥିବାବେଳେ ବର୍ତ୍ତମାନ ମାତ୍ର ୭ ଜଣ ଡାକ୍ତର ଅଛନ୍ତି। ୧୩ଟି ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଖାଲିପଡ଼ିଛି। ଏଠାରେ



ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ।

ମେଡିସିନ, ସର୍ଜରୀ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏଠାରେ ଥିବା ଏକ୍ସ-ରେ ମେଶିନଟି ଦୀର୍ଘଦିନ ଧରି ଖରାପ ଓ ଅଚଳ ହୋଇପଡ଼ିବାରୁ ରୋଗୀମାନେ ବହୁ ହଟହଟା ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇ ବାହାରେ ଏକ୍ସ-ରେ କରୁଛନ୍ତି। କିନ୍ତୁ ଏତେ ଅବ୍ୟବସ୍ଥା ସତ୍ତ୍ୱେ କାୟାକଳ୍ପ ଟିମ୍ ଏହି ମେଡିକାଲ ପରିଦର୍ଶନ କରି କାୟାକଳ୍ପ ସମ୍ମାନ ପ୍ରଦାନ କରିଛନ୍ତି। ହେଲେ ମେଡିକାଲରେ ଏତେ ସଂଖ୍ୟକ ଡାକ୍ତର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ କୁହାଯାଉଛି। ଚିକିତ୍ସା ସୁବିଧାରୁ ବଞ୍ଚିତ ରୋଗୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡାକ୍ତର ପ୍ରବୀଣ କୁମାର ଜେନାଙ୍କୁ ପଚାରିବାରେ, ମେଡିକାଲରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ସଚିବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖାଲି ପଡ଼ିଥିବା ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯିବାକୁ ଦାବି ହେଉଛି। ମେଡିକାଲକୁ ଡିଜିଟାଲ ଏକ୍ସ-ରେ ମେଶିନ ଯୋଗାଇ ଦେବାକୁ ନିମାପଡ଼ାବାସୀ ଦାବି କରିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଥିବାବେଳେ ନିମାପଡ଼ା ମେଡିକାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା, ଚିକିତ୍ସା ସୁବିଧାରୁ ରୋଗୀମାନେ ବଞ୍ଚିତ ହେଉଥିବା ଏବେ ନିମାପଡ଼ାବାସୀଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇପଡ଼ିଛି।

## ରଥଖଳାରୁ...

# ତିନି ରଥର ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ



ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଶନିବାର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥଚାଳିକୁ କରତୀ ସେବକ ଯୋଗାଇଥିବା ମୋଟ ୪୦ ଗୋଟି ତୁମ୍ବ ଗଡ଼ରୁ ତିନି ରଥର ମହାରଣା ସେବକମାନେ ୬ ଟି ଲେଖାଏଁ ମୋଟ ୧୮ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିଲେ। ରବିବାର କାର୍ଯ୍ୟ ଶେଷ ସୁଦ୍ଧା ତିନିରଥର ମୋଟ ୨୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ରବିବାର ନିର୍ମାଣ କାର୍ଯ୍ୟ ଶେଷସୁଦ୍ଧା ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ମହାରଣାମାନେ ୧୦ଟି ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିବାବେଳେ ଦେବୀ ରଥର ମହାରଣା ସେବକମାନେ ୮ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ୪୨ ଗୋଟି ଚକ ପାଇଁ ୪୨ଟି ତୁମ୍ବର ଆବଶ୍ୟକ ଥିବାବେଳେ କରତୀ ସେବକମାନେ ଆଜିସୁଦ୍ଧା ୪୧ଟି ତୁମ୍ବ ଗଡ଼ କରି ଯୋଗାଉଛନ୍ତି। ଚିହ୍ନଟ ହୋଇଥିବା ତୁମ୍ବ କାଠକୁ କରତୀ ସେବକ କଟିଂ କଲାପରେ ଉକ୍ତ ତୁମ୍ବ ଗଡ଼ ପୋଲା ପଡ଼ିବା ନଜରକୁ ଆସିବାରେ ତାଳଧ୍ୱଜ ରଥ ମୁଖ୍ୟ ମହାରଣା, ଦେବୀ ରଥ ମୁଖ୍ୟ ମହାରଣା ଏବଂ ରଥ ଅମିନ ରଥ ଖଳାରେ ଗଚ୍ଛିତ ଥିବା ଅନ୍ୟ ତୁମ୍ବ କାଠକୁ ଚିହ୍ନଟ କରିଛନ୍ତି। ଆସନ୍ତାକାଲି (ସୋମବାର) କରତୀ ସେବକମାନେ ଚିହ୍ନଟ ତୁମ୍ବ କାଠକୁ କଟିଂ କରି ଯୋଗାଇବ। ଅପରପକ୍ଷରେ ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳ ପାଇଁ ସେଡ୍ ପ୍ରସ୍ତୁତ ସହ ଶାଳ ପ୍ରସ୍ତୁତ ଶେଷ ହେବା ପରେ ଶାଳ କାର୍ଯ୍ୟକ୍ଷମ ହୋଇଛି। ତିନି ରଥର ମୁଖ୍ୟ ଓଝା ସେବକମାନେ କମାର ଶାଳ ପୂଜା ସହ ତିନି ରଥର ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ କରିଛନ୍ତି। ରବିବାର କାର୍ଯ୍ୟ ଶେଷବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅର କଣ୍ଟା ପ୍ରସ୍ତୁତ ସହ ବାକି ଚକ ଗୁଡ଼ିକର ଅର କଣ୍ଟା ନିର୍ମାଣ ପାଇଁ ଜି.ଆଇ ଲୁହା ରଡ୍ ମାପ ପ୍ରକାରେ କଟିଂ କରଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଶ୍ରୀଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ

କୋଣାର୍କ,୪।୫(ଜ୍ୟୋତିରାଜ ମହାନ୍ତି)

ସ୍ଥାନୀୟ କିଙ୍ଗସ କୋକୋ ଇକୋ ରିସର୍ଟ ପରିସରରେ କୋଣାର୍କ ଜ୍ଞାନ ମଞ୍ଚ ପକ୍ଷରୁ ଶ୍ରୀଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ହରମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପୁରୀର ବିଶିଷ୍ଟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, କ୍ଷୀରୋଦ ରାୟ ମହାପାତ୍ର, ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ. ଦୁର୍ଗା ପ୍ରସାଦ ମିଶ୍ର, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଐତିହାସିକ ଡ. ସନ୍ତୋଷ ମିତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନ, ଦର୍ଶନ, ଉପନିଷଦ, ଶ୍ରୀମଦ୍ ଭଗବତ୍ ଗୀତା ଓ ବ୍ରହ୍ମସୂତ୍ର ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆଜି ଯଦି ସମଗ୍ର ଭାରତବର୍ଷରେ ସନାତନ ବୈଦିକ ଧର୍ମର ଅମୃତ ଧାରା ବହିଚାଲିଛି, ତା'ର ସମସ୍ତ ଶ୍ରେୟ ଭଗବାନ ସରୂପ ଶ୍ରୀଆଦି ଶଙ୍କରାଚାର୍ଯ୍ୟଙ୍କର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡ. ମିନତୀ ମିଶ୍ର ଶ୍ରୀଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ କିଛି ଶ୍ଳୋକ ଆବୃତ୍ତି କରିଥିଲେ।

### ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ସୋସିଆଲ୍ ମିଡିଆ ଟିମ୍ ଘୋଷଣା

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଓଡ଼ିଶା ୟୁନିଟ୍ ଏହାର ରାଜ୍ୟ ସୋସିଆଲ ମିଡିଆ ଟିମ୍ ମଙ୍ଗଳବାର ଘୋଷଣା କରିଛି। ଯେଉଁଥିରେ ପୁରୀରୁ ମନୋଜ କୁମାର ବେହେରାଙ୍କ ସହ ଅନ୍ୟ ୩ ଯୁବ ସଂଗଠକଙ୍କୁ ସୋସିଆଲ ମିଡିଆର ଗୁରୁଦାୟିତ୍ୱ ଦିଆଯାଇଛି। ମନୋଜଙ୍କୁ ଜିଲା ଦାୟିତ୍ୱରୁ ପଦୋନ୍ନତି ଦେଇ ରାଜ୍ୟ ଟିମ୍‌ରେ ସାମିଲ କରାଯାଇଛି। ତାଙ୍କୁ ରାଜ୍ୟ ସୋସିଆଲ ମିଡିଆର ଯୁଗ୍ମ ସଂଯୋଜକ ଭାବେ ଦଳ ନିଯୁକ୍ତି ଦେଇଥିବା ବେଳେ ଜିଲା ସଂଯୋଜକ ଭାବେ ରମାକାନ୍ତ ମଙ୍ଗରାଜ, ଦୀପ୍ତି ରଞ୍ଜନ ପ୍ରଧାନ ଏବଂ ବ୍ରଜବନ୍ଧୁ ସ୍ୱାଇଁଙ୍କୁ ଦଳ ଦାୟିତ୍ୱ ଦେଇଛି, ଯାହା ତୃଣମୂଳସ୍ତରରେ ଡିଜିଟାଲ୍ ପ୍ରସାରକୁ ସୁଦୃଢ଼ କରିବା ଉପରେ ସଂଗଠନର ଧ୍ୟାନକୁ ପ୍ରତିଫଳିତ କରିବ। ନବନିଯୁକ୍ତ ସଦସ୍ୟମାନେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ୍ ଖାଡ୍‌ଗେ, ସଂଗଠନର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ଓଡ଼ିଶା ଅଧ୍ୟକ୍ଷ ସୁଦର୍ଶନ ଦାସ, ଓଡ଼ିଶା ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ଆଦିତ୍ୟ ନାଗ ଓ ଅଞ୍ଜନ ସିଂହକୁ ଧନ୍ୟବାଦ ଜଣାଇଛନ୍ତି।

# ପୁରୀ ସଂସ୍କୃତିକୁ ନେଇ ସିନେମା 'ଗଣ୍ଡ ଭୈରବ'

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ଆର୍ ଆର୍ ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ତଥା ରମେଶ ବାରିକଙ୍କ ପ୍ରଯୋଜିତ ଓଡ଼ିଆ ସିନେମା 'ଗଣ୍ଡ ଭୈରବ' ଶୁଟିଂ ପୁରୀରୁ ଆରମ୍ଭ ହୋଇ ଶ୍ରୀମନ୍ଦିର ନିକଟରେ ଶେଷ ହୋଇଛି। ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଶଙ୍କର ତ୍ରିପାଠୀ ଲେଖିଥିବାବେଳେ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଏବଂ ଚିତ୍ର ଉତ୍ତୋଳନ ବି. ସତୀଶ କରିଛନ୍ତି। ଏହାର ନାୟକ ଦେବାଶିଷ ପାତ୍ର ଓ ନାୟିକା ଶିବାନୀ ଚୌଧୁରୀ ରହିଥିବାବେଳେ ବିକାଶ ଦାସ, ପୃଥ୍ୱୀରାଜ ନାୟକ, ସୁଶୀଲ ମିଶ୍ର, ସୋମା ଭୌମିକ, ଶମ୍ଭୁ ଖୁଣ୍ଟିଆ ଏବଂ ନୀତିଆ ନନା ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି। ଏହାର ସଙ୍ଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଦେଇଥିବା ବେଳେ ଏହାର ସହକାରୀ ନିର୍ଦ୍ଦେଶକ ଭାବେ ବାପି କାର୍ଯ୍ୟ କରିଛନ୍ତି। ସୀତାବିବାହ, ଶ୍ରୀଲୋକନାଥ, ଶ୍ରୀଶ୍ରୀ ପତିତପାବନ, ନୀଳମାଧବ, ଅଦିନମେଘ, ଚିଲିକା ତୀରେ, ସିନ୍ଦୂର ବିନ୍ଦୁ, କାବେରୀ, ସାକ୍ଷୀ ରହିଲା ମୋ ସିଂହଦୁଆର, ପୁଷ୍କରା, ଆଶ୍ରମ ଓ ବଦ୍ରି ମିଶ୍ରଙ୍କ ସଦ୍ୟ ଚଳଚ୍ଚିତ୍ର 'ଆଜିର ରେବତୀ' ପରେ 'ଗଣ୍ଡଭୈରବ' ପୁରୀକୁ ନେଇ ନିର୍ମାଣ ହୋଇଛି। ଶ୍ରୀମନ୍ଦିର ଓ ପୋଲିସ ପ୍ରଶାସନର ସହଯୋଗକ୍ରମେ ମଙ୍ଗଳବାର ଏହି ଚଳଚ୍ଚିତ୍ରର ଉଦ୍‌ଯାପନ ଶୁଟିଂରେ କାହାଣୀକାର ତଥା ଗୀତିକାର ଡ. ବଦ୍ରି ମିଶ୍ର, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖକ ଶ୍ୟାମା ପ୍ରସାଦ ମିଶ୍ର, ବିଶିଷ୍ଟ ଖବରଦାତା ଏବଂ ସାମାଜିକ କର୍ମୀ ମଧୁସୂଦନ ମିଶ୍ର ଏବଂ ପୁରୀ ସଂସ୍କୃତି ଓ ପରମ୍ପରାର ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସିଂହଦ୍ୱାରଠାରେ ଉପସ୍ଥିତ ରହି ସଫଳ କାମନା କରିଥିଲେ। ଏହି ସିନେମାଟି ଶ୍ରୀମନ୍ଦିର ସହିତ ଜଡ଼ିତ ଏକ ବୋଝିଆ ପରିବାରର ଜଣେ ଯୁବକର ଜୀବନ କାହାଣୀକୁ ନେଇ ପର୍ଯ୍ୟବସିତ ହୋଇଥିବା ବେଳେ ଦେବାଶିଷ ପାତ୍ରଙ୍କ ସର୍ବଶ୍ରେଷ୍ଠ ଅଭିନୟ ସହ ବୟସର ବୃଦ୍ଧି ସହିତ ଶରୀରର ରୂପାନ୍ତରୀକରଣ ମଧ୍ୟ ଦେଖିବାକୁ ମିଳିବ, ଯାହାକି ପୂର୍ବରୁ ପ୍ରାୟ କୌଣସି ଓଡ଼ିଆ ସିନେମାରେ ଦେଖାଯାଇ ନାହିଁ। ପୁରୀ ସହର, ସାହି ଗଳିକନ୍ଦି ସହିତ ଗଣ୍ଡ ଭୈରବ ଶବ୍ଦର ସଂଯୋଗ ଥିବାରୁ ଏହା ଦର୍ଶକମାନଙ୍କୁ ନିଶ୍ଚୟ ଆକର୍ଷିତ କରିବ ବୋଲି ଚଳଚ୍ଚିତ୍ର ସମୀକ୍ଷକ ଶ୍ୟାମାପ୍ରସାଦ ମିଶ୍ର ଓ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କହିଛନ୍ତି।


ଶ୍ରୀମନ୍ଦିର ସମ୍ମୁଖରେ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଶୁଟିଂ ଶେଷ ହେଲା ।

## ଗୁଣ୍ଡିଚାବିହାର ନଳା ସଫେଇ କଲା କଲିକତା ଟିମ୍

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

କାଳବୈଶାଖୀ ବର୍ଷା ତଥା ରଥଯାତ୍ରାକୁ ଦୃଷ୍ଟିରେ ରଖି ଗୁଣ୍ଡିଚାବିହାର ଓ ସର୍ବୋଦୟନଗରରେ ଥିବା ବଡ଼ନଳା ସଫେଇ କାର୍ଯ୍ୟକୁ କଲିକତାରୁ ଆସିଥିବା ନଳାସଫେଇ ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିଛନ୍ତି। ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଏହି ଟିମ୍ ଗୁଣ୍ଡିଚାବିହାର ଶେଷ ବଡ଼ନଳା ନିକଟରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମର ପୂର୍ଣ୍ଣତା ପାଇଁ ଇଞ୍ଜିନିୟର ସୁପରିଣ୍ଟେଣ୍ଡେଣ୍ଟ ଦେବବ୍ରତ ଷଡ଼ଙ୍ଗୀ ପ୍ରାରମ୍ଭ ପୂଜାର୍ଚ୍ଚନା କରିଥିବା ବେଳେ ଅଞ୍ଚଳର ପୁରାତନ ସଦସ୍ୟ ବଦ୍ରି ମିଶ୍ର ଓ ଜଟାଧାରୀ ନନ୍ଦ ନଡ଼ିଆ ବାଡ଼େଇଥିଲେ। ଗୁଣ୍ଡିଚାବିହାର ସାହି ବାସିନ୍ଦାଙ୍କ ସମେତ ଡାକ୍ତର ଜଗନ୍ନାଥ ମହାପାତ୍ର, ଅଶୋକ ମହାପାତ୍ର, ପ୍ରଫେସର ବିମଳ ପ୍ରସାଦ ମହାନ୍ତି, ଅଶୋକ ରଥ, କୃତୀବାସ ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର, ଚିତ୍ତରଞ୍ଜନ ପଟ୍ଟନାୟକ, ସନ୍ତୋଷ ଦାଶ, ଅକ୍ଷୟ ମିଶ୍ର, ମନୋରଞ୍ଜନ ଖଟୁଆ, ଯଶୋବନ୍ତ ପ୍ରତାପ ସିଂହସାମନ୍ତ, ଅସୀମ ଅଧିକାରୀ, ସୁରେନ୍ଦ୍ର ସାମନ୍ତରାୟ, ଯୋଗେନ୍ଦ୍ର ପ୍ରତାପ ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## 'ପୁରୀରେ ବିମାନବନ୍ଦର ହେଲେ ପରିବେଶ ପ୍ରଭାବିତ ହେବ'

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ହେଲେ ଉପକୂଳ ଅଞ୍ଚଳର ପରିବେଶ ପ୍ରଭାବିତ ହେବା ସହ ଶ୍ରୀମନ୍ଦିର ତଥା ଅନ୍ୟାନ୍ୟ କୀର୍ତ୍ତିରାଜି ଉପରେ କୁପ୍ରଭାବ ପକାଇବ। ତେଣୁ ଏହି ପ୍ରସ୍ତାବିତ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଶନିବାର ପ୍ରଗତିଶୀଳ ପାଠଚକ୍ର ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସମେତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ ଭଳି ଏକ ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳର ସୁରକ୍ଷା ପାଇଁ ବ୍ୟାପକ ବନୀକରଣର ଆବଶ୍ୟକ ଥିବାସ୍ଥଳେ ଏଠାରେ ବିମାନବନ୍ଦର ନିର୍ମାଣ ହେଲେ ଲକ୍ଷ ଲକ୍ଷ ବୃକ୍ଷ ଛେଦନ ସହ ବାଲିବନ୍ତ ନିଶ୍ଚିହ୍ନ ହେବ। ପରିବେଶ ଧ୍ୱଂସ ପାଇବା ସହ ଅନେକ ବନ୍ୟପ୍ରାଣୀ ଓ ପଶୁପକ୍ଷୀ ଲୋପ ପାଇଯିବେ। ଉଚ୍ଚଶକ୍ତିସମ୍ପନ୍ନ ଇଂଜିନ୍ ବିଶିଷ୍ଟ ବିମାନ ଉଡାଣରୁ ଜାତ ଶବ୍ଦ ଯୋଗୁ ଶ୍ରୀମନ୍ଦିର ଓ ସମୁଦ୍ର ଜୀବ ପ୍ରଭାବିତ ହେବେ। 'ଅନ୍ତର୍ଜାତୀୟ ବେସାମରିକ ବିମାନ ଚାଳନା କୌଶଳ ସଂସ୍ଥା ଭାରତ ଭଳି ଏହାର ସଭ୍ୟଭୁକ୍ତ ଦେଶଗୁଡ଼ିକୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବିମାନ ବନ୍ଦର ନ କରିବାକୁ ଏବଂ ଥିବା ବିମାନ ବନ୍ଦର ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିବା ବେଳେ ଉକ୍ତ ନିର୍ଦ୍ଦେଶକୁ ଉପେକ୍ଷା କରି ଏଠାରେ ବିମାନ ବନ୍ଦରର ପରିକଳ୍ପନା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଗତିଶୀଳ ପାଠଚକ୍ର ପକ୍ଷରୁ ପ୍ରଶ୍ନ କରାଯାଇଛି। ଏ ନେଇ ଏକ ହଜାର ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

# ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପିପିଲି,୪।୫(ଦୁର୍ଗାମାଧବ ମିଶ୍ର)

ଶୁକ୍ରବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ପିପିଲି ଶିକ୍ଷା ଜିଲାର ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଫଳାଫଳ ହାର ଗତବର୍ଷ ଅପେକ୍ଷା ଅଧିକ ବୃଦ୍ଧି ପାଇଛି। ଫଳାଫଳ ପ୍ରାୟ ୯୦ ପ୍ରତିଶତ ହୋଇଥିବାବେଳେ ଏ-୧ରେ ୩ ଏବଂ ଏ-୨ରେ ୯ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ଏବଂ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀ ୫୦୦ରୁ ଅଧିକ ନମ୍ବର ରଖିଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଆଗାମୀ ପିଢିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଆଣିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷକ ଅଶୋକ ସ୍ୱାଇଁ ଉକ୍ତ ପିଲାଙ୍କୁ ଉତ୍ସାହିତ କରିବାକୁ କିଛି ଅର୍ଥ ରାଶି ମଧ୍ୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଭିଭାବକ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର,୪।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତର କଦମ୍ବପାଟଣା ଗ୍ରାମସ୍ଥ ୟୁଜିଏମ୍ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରାଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ମୁଖ୍ୟବକ୍ତା ଭାବେ ଗୋପ ବ୍ଲକ ଏବିଓ ଦୀପ୍ତିକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ରାଧା ଦାମୋଦର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୁରେଶ ସ୍ୱାଇଁ, ଗୋପ ବ୍ଲକ ଶିକ୍ଷକଙ୍କ ସମ୍ପାଦକ ସରୋଜ କୁମାର ମିଶ୍ର, ଶିକ୍ଷକ ସଂଘ ସଭାପତି ଅଜୟ ରଥ, ଜିଲା ଶିକ୍ଷକ ସଂଘ ସମ୍ପାଦକ ଶୁଭଦତ୍ତ ନାୟକ, ସିଆର୍‌ସିସି ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନର ସମସ୍ତ ସାମଗ୍ରୀ

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପତିତପାବନପାଟଣା ଗ୍ରାମର ବିପିନ ସାହୁଙ୍କ ଭେରାଇଟି ଷ୍ଟୋରରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନରେ ଥିବା ୨ ଫ୍ରିଜ୍, ୨ ଫ୍ୟାନ, ବିଦ୍ୟୁତ୍ ସାମଗ୍ରୀ ସମେତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ସରୋଜକାନ୍ତ ସାହୁ କହିଛନ୍ତି। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।


ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି ।

# ଭାଜପାରେ ମିଶିଲେ ୩ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ

## ୬ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଲେ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉତ୍ତର ଖୋର୍ଦ୍ଧା ମଣ୍ଡଳ ବରସାହି ପଞ୍ଚାୟତର ଠାକୁରପଡ଼ା ଗ୍ରାମଠାରେ ରବିବାର ଭାରତୀୟ ଜନତା ପାର୍ଟି (ଭାଜପା)ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଅତିଥି ଭାବେ ଯୋଗଦେଇ ନୂତନ କର୍ମୀଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଉତ୍ତର ଖୋର୍ଦ୍ଧା ବିଜେଡିର ଗଡ଼ଭାବେ ପରିଚିତ। ଏହି ମିଶ୍ରଣ ପର୍ବରେ ବିଜେଡିର ୩ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ପୂର୍ବତନ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ତଥା ବର୍ତ୍ତମାନର ବରସାହି ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। କେରଙ୍ଗ ପଞ୍ଚାୟତକୁ ବାଦ୍‌ଦେଲେ ଗଡ଼ହଳଦିଆ, ମଲ୍ଲିପୁର, ଟାଙ୍ଗିଆପଡ଼ା ନାଳିପଡା ଅର୍ଜୁନପୁର, ବରସାହି ଏବଂ ପୁରୁସାହି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଶତାଧିକ ୱାର୍ଡ ସଭ୍ୟ ଓ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଉପସଭାପତି ଡାକ୍ତର ବେହେରା, ପୂର୍ବତନ ଖୋର୍ଦ୍ଧା ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିରଞ୍ଜନ ମହାପାତ୍ର, ସଂଗ୍ରାମ କେଶରୀ ସାମନ୍ତସିଂହାର, ମନୋରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ର, ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳାଇ, ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନା, ନାରୀ ନେତ୍ରୀ ପ୍ରବୀଣା ଭଞ୍ଜ, ରୋଜିନାରାୟଣୀ ଦାସ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତ୍ସ୍ନାମୟୀ ବଡ଼ଜେନା, ଜଟଣୀ ନଗର ଭାଜପା ନେତା ସତୀଶ ଶର୍ମା, ହାଡ଼ିବନ୍ଧୁ ମହାରଣା, ରମେଶ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ନୂତନ କର୍ମୀମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରୁଛନ୍ତି।

# ନବଯୌବନଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ

## ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

ଚଳିତ ବର୍ଷ ରଥଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିଶ୍ଚିତ କରାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ରବିବାର ଲୋକସେବା ଭବନଠାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ଅଧୀନ ବିଭିନ୍ନ ନିର୍ଦ୍ଦେଶାଳୟ ପକ୍ଷରୁ ହୋଇଥିବା ପ୍ରାକ୍-ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା, ଔଷଧ ଓ ମାନବସମ୍ବଳ ପ୍ରସ୍ତୁତ ରଖିବା ପାଇଁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୨୬ ନବଯୌବନ ଦର୍ଶନରୁ ୮ ଜୁଲାଇ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, କେ.ଡି.ଏମ.ଏମ୍ ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେଶନରୋଡ୍, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟି.ବି.ଆଇ.ଡି.ଏଚ୍ ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରାଯିବ। ସେହିପରି ଚଳିତବର୍ଷ ଅଧିକ ସଂଖ୍ୟକ ଫାଷ୍ଟଏଡ୍ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ୩ଟି ସିଫ୍ଟରେ ୨୪ଘଣ୍ଟା ଭିତ୍ତିରେ କାର୍ଯ୍ୟ କରିବେ। ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ବହୁମୁଖୀ ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି, ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ୩ଟି, ପୁରୀ-ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ-କୋଣାର୍କ ରାସ୍ତାରେ ୪ଟି, ପୁରୀ-ସାତପଡ଼ା ରାସ୍ତାରେ ୨ଟି ଏହିପରି ମୋଟ୍ ୩୩ଟି ଫାଷ୍ଟଏଡ୍ ସେବାକେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକ ସ୍ତରରେ ନିଷ୍ପତ୍ତି ହୋଇଛି। ଏହାବାଦ୍ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ। ଅତିରିକ୍ତ ୭ଟି ୧୦୮-ଆମ୍ବୁଲାନ୍ସ ଜାତୀୟ ରାଜପଥ ନଂ. ୨୦୩ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବ। ରଥଯାତ୍ରା ସମୟରେ ଜରୁରିକାଳୀନ ସେବା ନିଶ୍ଚିତ କରିବା ପାଇଁ ୩୦୦ରୁ ଅଧିକ ବିଶେଷଜ୍ଞ, ଡାକ୍ତର, ସଂକ୍ରାମକ ରୋଗ ବିଶେଷଜ୍ଞ, ଫାର୍ମାସିଷ୍ଟ, ନର୍ସିଂ ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଖାଦ୍ୟ ନିରାପତ୍ତା ଅଫିସର, ଡ୍ରେସର ଏବଂ ସହାୟକମାନଙ୍କୁ ନିୟୋଜିତ କରାଯିବ। ପର୍ଯ୍ୟାପ୍ତ ପରିମାଣର ଔଷଧ, ବ୍ଲଡ୍ ବ୍ୟାଙ୍କରେ ଅଧିକ ବ୍ଲଡ୍ ୟୁନିଟ ମହଜୁଦ, ତୁରନ୍ତ ସେବା ପ୍ରଦାନକାରୀ ଦଳ ଗଠନ ଓ ଅଧିକ ବେଡ୍ ସ୍ଥାପନ ଆଦି କାର୍ଯ୍ୟ ନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡା. ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର, ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜି ନୀଳାଦ୍ରି ମହୋଦୟାଷ୍ଟମୀ

ପୁରୀ,(ଅଜିତ୍ କୁମାର ମହାନ୍ତି): ପବିତ୍ର ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିକୁ ନୀଳାଦ୍ରି ମହୋଦୟାଷ୍ଟମୀ କୁହାଯାଏ। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ସୋମବାର ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ନୀତି ସମ୍ପନ୍ନ କରାଯିବ। ଏଥିନିମନ୍ତେ ରବିବାର ସପ୍ତମୀ ତିଥିରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ରବିବାର ରାତିରେ ଶ୍ରୀମନ୍ଦିରରେ ଅଧିବାସ ନୀତି ସରିଥିଲା। ଭୋଗ ମଣ୍ଡପ ଘରେ ୧୦୮ ଗରା ଜଳକୁ ଅଧିବାସ କରାଯାଇଛି। ସୋମବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରି ଆଳଟ ଲାଗି ହେବା ପରେ ଅଧିବାସ ଜଳକୁ ସଂସ୍କାର କରାଯାଇ ଅଭିଷେକ ନୀତି ଅନୁଷ୍ଠିତ ହେବ।

# ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କୈଫିୟତ ତଲବ

## ଦେଢ଼ଘଣ୍ଟା ପଚରାଉଚରା କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏବଂ ଅନ୍ୟମାନେ।

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ କୁହାଯିବା ଏବଂ ବିଗ୍ରହ ତିଆରିରେ ପୁରୀର ମହାପ୍ରଭୁଙ୍କ ନବକଳେବର ସମୟର 'ଦାରୁ କାଠ' ବ୍ୟବହାର କରାଯିବା ନେଇ ବିବାଦ ତେଜିବାରେ ଲାଗିଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଭକ୍ତମାନସରେ ବିଭ୍ରାନ୍ତି ସୃଷ୍ଟି ଓ ଶ୍ରୀମନ୍ଦିରର ଗରିମା କ୍ଷୁଣ୍ଣ ଅଭିଯୋଗରେ ବରିଷ୍ଠ ସେବାୟତ ତଥା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦୀର୍ଘ ଦେଢଘଣ୍ଟା ଧରି ପଚରାଉଚରା କରାଯାଇଛି। ପରେ ତାଙ୍କୁ ନୋଟିସ ଦିଆଯାଇ କୈଫିୟତ ତଲବ କରାଯାଇଛି। ନୋଟିସ ପାଇବାର ୭ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଏହି ସମୟ ଭିତରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ କୁହାଯାଇଛି।

ସୂଚନା ଅନୁଯାୟୀ, ରାମକୃଷ୍ଣ ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଶ୍ରୀମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବର ବଳକା ଦାରୁରେ ନିର୍ମିତ ମୂର୍ତ୍ତି ସେହି ଦୀଘା ମନ୍ଦିରକୁ ପ୍ରଦାନ କରିଥିବା ରାମକୃଷ୍ଣ ବଙ୍ଗୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିବା ଅଭିଯୋଗ ହୋଇଥିଲା। ପରେ ଓଡ଼ିଶାର ଗଣମାଧ୍ୟମରେ ସେ ଏହାକୁ ଖଣ୍ଡନ କରିଥିବା ସହ ଅନ୍ୟ ନିମ୍ବକାଠରେ ବିଗ୍ରହ ନିର୍ମାଣ କରି ନେଇ ନିଜେ ତାକୁ ପ୍ରତିଷ୍ଠା କରିଥିବା କହିଥିଲେ। ନବକଳେବରରେ ସଂଗୃହୀତ ଦାରୁ ମଧ୍ୟରୁ ବଳକା ଦାରୁ ଶ୍ରୀମନ୍ଦିର 'ଦାରୁଘର'ରେ ସଂରକ୍ଷିତ ରହିବାର ବିଧି ଥିବାବେଳେ ଆବଶ୍ୟକ ସମୟରେ କେବଳ ଶ୍ରୀବିଗ୍ରହମାନଙ୍କ ବ୍ୟବହାରରେ ବିନିଯୋଗର ବିଧି ତଥା ପରମ୍ପରା ରହିଛି। ଜଣେ ଅଭିଜ୍ଞ ତଥା ବରିଷ୍ଠ ଦଇତାପତି ଭାବେ ସେ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ ରାମକୃଷ୍ଣ ଏଭଳି ବୟାନ ଦେବା ଦ୍ୱାରା ଜଗନ୍ନାଥପ୍ରେମୀଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି ହୋଇଥିବା ନୋଟିସରେ କୁହାଯାଇଛି। ରାମକୃଷ୍ଣଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଅଗଣିତ ଜଗନ୍ନାଥପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିବା ସହ ତାଙ୍କ ଧାର୍ମିକ ଭାବନାରେ ଗଭୀର ଆଘାତ ଦେବା ଏବଂ ଶ୍ରୀମନ୍ଦିରର ଗରିମା ଓ ଐତିହ୍ୟକୁ କ୍ଷୁଣ୍ଣ କରିଥିବା ନୋଟିସରେ ଦର୍ଶାଯାଇଛି।

ଉକ୍ତ ଘଟଣା ନେଇ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ତିନିରଥର ବିଶ୍ୱକର୍ମା ମହାରଣା, ଛତିଶା ନିଯୋଗ ମହାନାୟକ ଏବଂ ଚାରିବାଡ଼ର ବାଡଗ୍ରାହୀ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ମତ ରଖିବା ପାଇଁ ରାମକୃଷ୍ଣଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ରବିବାର ରାମକୃଷ୍ଣ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ନିକଟରେ ନିଜ ପକ୍ଷ ରଖିଛନ୍ତି। ଦୀଘା ଜଗନ୍ନାଥ ମନ୍ଦିରକୁ ଶ୍ରୀମନ୍ଦିରରୁ ଦାରୁ ଯାଇଛି କି ନାହିଁ, କିଭଳି ସେଠାରେ ମୂର୍ତ୍ତି ନିର୍ମାଣ କରାଗଲା, ଏ କ୍ଷେତ୍ରରେ ତାଙ୍କର ଭୂମିକା କ'ଣ ଏବଂ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନେଇ ଆଦି ବିଭିନ୍ନ ପ୍ରଶ୍ନ ତାଙ୍କୁ ପଚରାଯାଇଥିଲା। ସେ ତା'ର ଉତ୍ତର ରଖିଥିଲେ। ଏହି ପଚରାଉଚରା ସମୟରେ ଦଇତାପତି ନିଯୋଗର ସଭାପତି ଗଣେଶ ଦାସମହାପାତ୍ର ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍ୟ ନିଯୋଗର କର୍ମକର୍ତ୍ତାଙ୍କୁ ମଧ୍ୟ ଡକାଯାଇ ଆଲୋଚନା କରାଯାଇଛି। ତେବେ ପଚରାଉଚରା ପରେ ରାମକୃଷ୍ଣ ଗଣମାଧ୍ୟମକୁ କୌଣସି ବିବୃତି ଦେଇନାହାନ୍ତି।

ଅପରପକ୍ଷରେ ଘଟଣାର ତଦନ୍ତ କରାଯାଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦତ୍ତମହାପାତ୍ର ନିଯୋଗ ଦାବି କରିଛି। ଏନେଇ ଦତ୍ତମହାପାତ୍ର ସେବାୟତ କହିଛନ୍ତି, ପୁରୀକୁ ଛାଡ଼ିଦେଲେ ଆଉ କେଉଁଠି ଜଗନ୍ନାଥଧାମ ହୋଇପାରିବ ନାହିଁ। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୁଲ କରିଥିବାରୁ ସେ ମହାପ୍ରଭୁଙ୍କ ଭକ୍ତଙ୍କୁ କ୍ଷମା ମାଗିବା ଆବଶ୍ୟକ। ସେହିପରି ଶ୍ରୀମନ୍ଦିରର ଯେଉଁ ନିଯୋଗ ସେବାୟତ ଯାଇଛନ୍ତି ସେମାନେ ମଧ୍ୟ ସର୍ବସମ୍ମୁଖରେ ଭୁଲ ମାଗିବା ସହ ମହାପ୍ରଭୁଙ୍କୁ କ୍ଷମାପ୍ରାର୍ଥନା କରନ୍ତୁ। ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଦାରୁ ଘରକୁ କେହି ଯାଆନ୍ତି ନାହିଁ। ଆବଶ୍ୟକ ପଡ଼ିଲେ ଦାରୁଘର ଫିଟାଯାଇଥାଏ। ତେଣୁ ୨୦୧୫ ମସିହାରେ କେତେ ଦାରୁଥିଲା ଓ ଏବେ କେତେ ଅଛି ଏବଂ ସେ ଘର ଚାବି କାହା ପାଖରେ ରହିଛି ଆଦି ପ୍ରସଙ୍ଗରେ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ।

# ବଲାଙ୍ଗୀରରୁ ୬ ସାଇବର ଠକ ଗିରଫ



ଗିରଫ ୬ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

କଟକ,୪।୫(କାର୍ତ୍ତିକ ସାହୁ)

**ଠକିନେଇଛନ୍ତି ୭୮ ଲକ୍ଷ**

- ୪.୩ ଲକ୍ଷ ଟଙ୍କା, ୧୬ ଏଟିଏମ୍ କାର୍ଡ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ
- ଷ୍ଟକ୍ ମାର୍କେଟରେ ଅଧିକ ଲାଭ ମିଳିବାର ଲୋଭ ଦେଖାଇଥିଲେ

କଟକ ସାଇବର ଥାନା ପୋଲିସ ଏକ ସାଇବର ଠକେଇ ମାମଲାରେ ବଲାଙ୍ଗୀରର ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବେଲପଡା ଥାନା ଅନ୍ତର୍ଗତ ନାଗାଫେନାର ବିଜୟ କୁମାର ମେହେର(୨୮), ପଲେସିରାର ବିଶ୍ୱମ୍ଭର ଖରସେଲ(୨୭), ପାଟଣାଗଡ଼ ଥାନା ଅନ୍ତର୍ଗତ ବଥର୍ଲାର ରାଜେଶ ତାଣ୍ଡି(୨୦), ବଡ଼ପଡ଼ାର ଅନିଲ ନାୟକ(୨୧), ଜେଲ ଲାଇନପଡ଼ାର ଶ୍ରୀତମ ମେହେର(୧୯) ଓ ସୁନାମୁଣ୍ଡିର ଦୀପକ ଧାରୁଆ(୨୪)। ମାମଲାର ମୁଖ୍ୟ ଅଭିଯୁକ୍ତ ଚିହ୍ନଟ ହୋଇସାରିଛନ୍ତି। ତାଙ୍କୁ ଧରିବାକୁ ସାଇବର ପୋଲିସର ଏକ ଟିମ୍ ରାଜ୍ୟ ବାହାରକୁ ଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ନଗଦ ୪.୩ ଲକ୍ଷ ଟଙ୍କା ସହ ୭ଟି ମୋବାଇଲ ଫୋନ, ୧୬ଟି ଏଟିଏମ୍ କାର୍ଡ, ୧୫ଟି ବ୍ୟାଙ୍କ ପାସ୍‌ବୁକ୍, ୭ଟି ବ୍ୟାଙ୍କ ଚେକ୍, ୩ଟି ସିମ୍‌କାର୍ଡ ଜବତ କରାଯାଇଛି। ୬୬ଟି ଆକାଉଣ୍ଟକୁ ଅଚଳ କରାଯିବା ସହ ସେହି ଆକାଉଣ୍ଟଗୁଡ଼ିକରେ ଥିବା ୭,୩୮,୨୩୭ ଟଙ୍କା ମଧ୍ୟ ଅଚଳ କରିଦିଆଯାଇଛି। ଏନେଇ କଟକ ସାଇବର ଥାନାରେ କେସ୍ ନଂ. ୩୨/୨୦୨୫ ରୁଜୁ ହୋଇଛି। ଏ ନେଇ ରବିବାର କଟକ ସାଇବର ଥାନା ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ, ଏତଲାକାରୀ ଏକ ଟ୍ରେଡିଂ କମ୍ପାନି ସମ୍ପର୍କରେ ଆସିବା ପରେ ତାଙ୍କୁ ଷ୍ଟକ ମାର୍କେଟରେ ଅର୍ଥ ଲଗାଣ କଲେ ଅଧିକ ଲାଭ ମିଳିବାର ପ୍ରତିଶ୍ରୁତି ଦିଆଯାଇଥିଲା। ସାଇବର ଠକମାନଙ୍କ ଲୋଭନୀୟ କଥାରେ ବିଶ୍ୱାସ କରି ଏତଲାକାରୀ ପ୍ରାଥମିକ ଭାବେ ୧୨ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ମାତ୍ର ସାଇବର ଠକମାନେ ପର୍ଯ୍ୟାୟକ୍ରମେ ଏତଲାକାରୀଙ୍କଠାରୁ ବିଭିନ୍ନ ସମୟରେ ମୋଟ ୭୮ ଲକ୍ଷ ଟଙ୍କା ଠକିନେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ। ମାମଲା ରୁଜୁ ପରେ ପୋଲିସ ଅପରାଧୀମାନଙ୍କୁ ଧରିବାକୁ ବୈଷୟିକ ଅନୁସନ୍ଧାନ ଆରମ୍ଭ କରିଥିଲା। ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ନମ୍ବରଗୁଡ଼ିକୁ ଦେଶ ବାହାରୁ ଯାଞ୍ଚ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କର ଟଙ୍କା ଉଠାଣ ଉପରେ ନଜର ରଖାଯାଇଥିଲା। ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ଥିବା ମୋବାଇଲ ନମ୍ବରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଏସିପି ସତ୍ୟଜିତ ଦାଶ, ଏସିପି ପ୍ରମୋଦ କୁମାର ପଟ୍ଟନାୟକ, ଇନ୍ସପେକ୍ଟର ଆର୍. ଜେନା ପ୍ରମୁଖଙ୍କୁ ନେଇ ଗଠିତ ତଦନ୍ତକାରୀ ଟିମ୍ ଅଭିଯୁକ୍ତମାନଙ୍କ ସଂକ୍ରାନ୍ତରେ ଅଧିକ ସୂଚନା ସଂଗ୍ରହ କରିବା ପରେ ବଲାଙ୍ଗୀର ଯାଇଥିଲା।

# ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏତଲା

ପୁରୀ,୪।୫ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଦାରୁକାଠ ଚୋରି ଓ ଦୀଘାକୁ ଜଗନ୍ନାଥ ଧାମ କୁହାଯିବା ପ୍ରସଙ୍ଗ ନେଇ ରବିବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏବଂ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ବିରୋଧରେ ଏହି ଏତଲା ଦିଆଯାଇଛି। ତୁରନ୍ତ ଉପଯୁକ୍ତ ତଦନ୍ତ ସହ ଦାରୁଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି।

ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏତଲାରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରାକୁ ଭାଙ୍ଗି ଦୀଘାକୁ ଶ୍ରୀଜଗନ୍ନାଥ ଧାମ କୁହାଯିବା, ପୁରୀ ଶ୍ରୀମନ୍ଦିର ଦାରୁଘରୁ ଦାରୁକାଠ ଚୋରି କରି ସେଥିରେ ଦୀଘା ମନ୍ଦିର ମୂର୍ତ୍ତି ତିଆରି ସହ ସ୍ଥାପନ କରିଥିବା ରାମକୃଷ୍ଣ ଦାସମହାପାତ୍ର କହିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିର ଦାରୁଗୃହରୁ ଦାରୁଚୋରି ହେବା ଘଟଣାରେ ମୁଖ୍ୟ ପ୍ରଶାସକ ଦାୟୀ। ଶ୍ରୀମନ୍ଦିର ଭିତରେ ସମସ୍ତ ସମ୍ପତ୍ତିର ସୁରକ୍ଷା ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ହାତରେ ଥିବାବେଳେ କିଭଳି ଦାରୁ ଚୋରି ହେଲା ତାହା ପ୍ରଶ୍ନ ହୋଇଛି। ଉକ୍ତ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକା ସନ୍ଦେହଜନକ। ରାମକୃଷ୍ଣ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଭିତିରି ବୁଝାମଣାରେ ଏହି କାର୍ଯ୍ୟ ହୋଇଛି କି ବୋଲି ପ୍ରିୟଦର୍ଶନ ପ୍ରଶ୍ନ କରିଛନ୍ତି। ସେହିପରି ସୂଚନା ଅଧିକାର କର୍ମୀ ଅଭିଷେକ ଦାସ ମଧ୍ୟ ରାମକୃଷ୍ଣଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣି ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଉଲ୍ଲେଖ ଥାଉ କି, ଶନିବାର ସିଂହଦ୍ୱାର ଥାନାରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଏତଲା ଦେଇଥିଲେ।



ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏତଲା ଦିଆଯାଉଛି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ କଂଗ୍ରେସ ନେତା

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଖାନନଗର ରିଂରୋଡ଼ଠାରେ ବ୍ରିଜ ନିର୍ମାଣ ସମୟରେ ସ୍ଲାବ ଖସିବା ଘଟଣା ନେଇ ରବିବାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ଡ. ରାମଚନ୍ଦ୍ର ଖୁଣ୍ଟିଆ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ଏଥିସହ ଏସ୍‌ସିବି ମେଡିକାଲରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଉକ୍ତ ଘଟଣାରେ ମୃତ ୩ କର୍ମଚାରୀଙ୍କୁ ଅନ୍ୟୁନ ୫୦ ଲକ୍ଷ ଟଙ୍କା ଦେବା ଓ ବିଚାର ବିଭାଗୀୟ ତଦନ୍ତ କରିବା ସହ ଆହତ ୨ ଜଣଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ ଓ ଅନ୍ୟୁନ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଖୁଣ୍ଟିଆ ଦାବି କରିଛନ୍ତି। ଗସ୍ତ ସମୟରେ କଂଗ୍ରେସର ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣି ରାଉତ, ଜେ. କାମେଶ୍ୱର ରାଓ, ସୁବାଶିଷ ପଟ୍ଟନାୟକ, ଅମ୍ରିତା ଦାସ, ପ୍ରଭାତୀ ପଟ୍ଟନାୟକ, ଅଜୟ ଗୋଛାୟତ, ସୁରଜିତ ସାହୁ, ଦିଲିପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରିଜ୍ ସ୍ଲାବ ଖସି ୩ ମୃତ ଘଟଣାର ତଦନ୍ତ ଆରମ୍ଭ



ଦୁର୍ଘଟଣାସ୍ଥଳରେ ଟିମ୍‌ର ସଦସ୍ୟମାନେ ଜଣେ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି।

କଟକ,୪।୫(କାର୍ତ୍ତିକ ସାହୁ)

କାଠଯୋଡ଼ି ରିଂବନ୍ଧ ସମ୍ପ୍ରସାରଣ ବ୍ରିଜ ନିର୍ମାଣ ବେଳେ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ତିନିଜଣିଆ ତଦନ୍ତକାରୀ ଦଳ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ଦୁର୍ଘଟଣା ଘଟିଲା ତା'ର ବିଭିନ୍ନ ଦିଗକୁ ତର୍ଜମା କରି ସେମାନେ କାରଣ ଖୋଜିଥିଲେ। ଉକ୍ତ ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ତେଣୁ ଏମାନେ କିପରି ଦୁର୍ଘଟଣାର ଶିକାର ହେଲେ, ଏହା ମନୁଷ୍ୟକୃତ ନା' ଯନ୍ତ୍ରାଂଶଗତ ତ୍ରୁଟି ତାହା ତଦନ୍ତକାରୀ ଟିମ୍ ଅନୁଧ୍ୟାନ କରିଛନ୍ତି। ଏଭଳି ଦୁର୍ଘଟଣାର କାରଣ ବାବଦରେ କ୍ରେନ୍ ଅପରେଟର ହିଁ ଠିକ୍ କଥା କହିପାରିବେ ବୋଲି ତଦନ୍ତକାରୀ ଦଳ ହୃଦ୍‌ବୋଧ କରିଥିଲେ। କ୍ରେନ୍ ଚଳାଇବାବେଳେ ତାହା ଠିକ୍ ଭାବେ କାମ କଲା ନାହିଁ ଅଥବା ଅନ୍ୟ କୌଣସି କାରଣ ଏଥିପାଇଁ ଦାୟୀ ତାହା ସ୍ପଷ୍ଟ ହୋଇପାରିବ। ପୋଲ ନିର୍ମାଣ ଦାୟିତ୍ୱ ନେଇଥିବା ସଂସ୍ଥାର କାର୍ଯ୍ୟ କରୁଥିବା ଯନ୍ତ୍ରୀମାନଙ୍କୁ ତଦନ୍ତକାରୀ ଦଳ ପଚରାଉଚୁରା କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଅଥବା ସ୍ଥାନୀୟ ଲୋକେ ଏ ବାବଦରେ କ'ଣ ଜାଣିଛନ୍ତି ସେନେଇ କେତେକ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆହତମାନେ ସୁସ୍ଥ ହେବା ପରେ ସେମାନଙ୍କୁ ପଚରାଉଚୁରା କରାଯିବ ବୋଲି ତଦନ୍ତକାରୀ ଟିମ୍ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାସ୍ଥଳରେ ପଡ଼ିଥିବା ଭଙ୍ଗା କ୍ରେନ୍ ଓ କ୍ରଂକ୍ରିଟ୍ ସ୍ଲାବକୁ ଟିମ୍ ସଦସ୍ୟ ଦେଖିଥିଲେ। ଏତେ ବଡ଼ ସ୍ଲାବ ଖସିପଡ଼ିବା ପରେ କିପରି ଦୁଇ ଖଣ୍ଡ ହେଲା ତାହାକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। କଟକ ସଦର ଉପଜିଲାପାଳ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ-୨ ଓ ଜିଲା ଶ୍ରମ ଅଧିକାରୀ ତଦନ୍ତକାରୀ ଟିମ୍‌ରେ ସାମିଲ ଅଛନ୍ତି। ଜିଲାପାଳ ଘଟଣାର ତଦନ୍ତ କରି ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଶନିବାର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କଟକ ସଦର ଉପଜିଲାପାଳଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ-୨ ଏବଂ ଜିଲା ଶ୍ରମ ଅଧିକାରୀ ଘଟଣାର ତଦନ୍ତ କରିବେ ବୋଲି ଜିଲାପାଳ ତାଙ୍କ ଚିଠିରେ ସ୍ପଷ୍ଟ କରିଛନ୍ତି।

## ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର, ଜଣେ ଆହତ ଡିସ୍‌ଚାର୍ଜ

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଖାନ୍‌ନଗର ରିଂରୋଡ୍‌ଠାରେ ବ୍ରିଜ ନିର୍ମାଣ ବେଳେ କ୍ରେନ୍ ଭାଙ୍ଗି ସ୍ଲାବ ଖସିପଡ଼ିବା ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକମାନେ ହେଲେ ସାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଅଞ୍ଚଳର ସୌମ୍ୟରଞ୍ଜନ ମଲ୍ଲିକ (୨୯), ଗଞ୍ଜାମ ଜିଲାର ଶିବଶଙ୍କର ପଟ୍ଟନାୟକ (୨୭) ଏବଂ ପଶ୍ଚିମବଙ୍ଗର ସୁବାସ ଚନ୍ଦ୍ର ଭକ୍ତ (୫୮)। ସେହିପରି ଦୁଇଜଣ ଆହତଙ୍କ ମଧ୍ୟରୁ ପୁରୀର ଅରୁଣ ବାରିକ (୩୦)ଙ୍କୁ ରବିବାର ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟ ଜଣେ ଆହତ କଟକ ଆଠଗଡ଼ ଅଞ୍ଚଳର ବିକଳ ଜେନା (୫୬)ଙ୍କର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା ଚାଲିଛି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ଜୟନ୍ତ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ତେଲଙ୍ଗାନାକୁ ଆଲୋକିତ କରିବ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା

ଭୁବନେଶ୍ୱର,୪।୫: (ଅଭୟ ଦାଶ)

**୧୦ରୁ ୭୨ତମ ମିସ୍ ୱାର୍ଲ୍ଡ ସଂସ୍କରଣ**



ନାଗାର୍ଜୁନ ସାଗର ପର୍ଯ୍ୟଟନସ୍ଥଳ।

ଆସନ୍ତା ୧୦ ତାରିଖରୁ ୭୨ତମ ମିସ୍ ୱାର୍ଲ୍ଡ ସଂସ୍କରଣ ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଏହାର ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ୧୨ରୁ ୩୧ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ୧୨୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରିବେ। ସେହିଭଳି ୧୫୦ରୁ ଅଧିକ ଦେଶରେ ଏହାର ପ୍ରସାରଣ କରାଯିବ। ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ତେଲଙ୍ଗାନାର ଆଲୋକିତ ସାଂସ୍କୃତିକ ସମୃଦ୍ଧି, ଐତିହ୍ୟ ସ୍ଥଳ ଏବଂ ଆଧୁନିକ ଭିତ୍ତିଭୂମିକୁ ପ୍ରଦର୍ଶନ କରିବା ପାଇଁ ଏକ ଅତୁଳନୀୟ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ପଦକ୍ଷେପ ସରକାରଙ୍କ ପର୍ଯ୍ୟଟନ ବୃଦ୍ଧିରେ ସହାୟକ ହେବାସହ ୧୫ହଜାର କୋଟିରୁ ଅଧିକ ଆକର୍ଷଣୀୟ ପୁଞ୍ଜି ନିବେଶର ଆକଳନ ରହିଛି। ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ପାଇଁ ସରକାରଙ୍କ ବ୍ୟାପକ ଯୋଜନାର ଏହା ଏକ ପ୍ରମୁଖ ପଦକ୍ଷେପ ପାଲଟିବ। ଏହି ରଣନୈତିକ ପଦକ୍ଷେପର ଅଂଶ ସ୍ୱରୂପ ମିସ୍ ୱାର୍ଲ୍ଡ ପ୍ରତିଯୋଗୀମାନେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିବେ। ଏଥିରେ ହଜାର ସ୍ତମ୍ଭ ମନ୍ଦିର, ୱାରାଙ୍ଗଲ ଦୁର୍ଗ, ଭଦ୍ରକାଳୀ ମନ୍ଦିର, ରାମପ୍ପା ମନ୍ଦିର (ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ), ନାଗାର୍ଜୁନ ସାଗର, ପୋଞ୍ଚମପାଲି (ହସ୍ତତନ୍ତ ବୁଣା ପାଇଁ ପ୍ରସିଦ୍ଧ) ଏବଂ ମହାବୁବ୍‌ନଗରର ପ୍ରାଚୀନ ପିଲ୍ଲାଲାମାରି ଟ୍ରି ଭଳି ପ୍ରତୀକାତ୍ମକ ସ୍ଥଳ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ହାଇଦ୍ରାବାଦରେ ୭୨ତମ ମିସ୍ ୱାର୍ଲ୍ଡ ସଂସ୍କରଣ ଆୟୋଜନକୁ ନେଇ ଆମେ ବେଶ୍ ଉତ୍ସାହିତ। ତେଲଙ୍ଗାନାକୁ ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ ସ୍ଥଳ ଭାବେ ପ୍ରତିଷ୍ଠା କରିବାର ଦୃଷ୍ଟିକୋଣ ସହ ସମନ୍ୱୟ ରଖି ରାଜ୍ୟ ସରକାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବ୍ୟବହାର କରି ତେଲଙ୍ଗାନାର ବିବିଧ ପର୍ଯ୍ୟଟନ ସ୍ଥାନକୁ ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛନ୍ତି। ସେହିପରି ଏହି ଉଚ୍ଚ-ପ୍ରଭାବଶାଳୀ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ତେଲଙ୍ଗାନା ଅଭୂତପୂର୍ବ ବିଶ୍ୱ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତୁତ ରହିଛି। ରାଜ୍ୟକୁ ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନିତ କରିବ। ଐତିହ୍ୟ ଏବଂ ଆଧ୍ୟାତ୍ମିକ ପର୍ଯ୍ୟଟନଠାରୁ ଆରମ୍ଭ କରି ହସ୍ତତନ୍ତ, ସୁସ୍ଥତା ଏବଂ ଚଳଚ୍ଚିତ୍ର ପର୍ଯ୍ୟଟନ ପର୍ଯ୍ୟନ୍ତ ଏଥିରେ ଯୋଡିହେବ। ଏହି ପଦକ୍ଷେପ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ତେଲଙ୍ଗାନାର ଅନନ୍ୟ ପରିଚୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରିବ ବୋଲି କୁହାଯାଇଛି।

# ଆଉ କମିବନି ସୁନା ଦର

**ବିବାହ, ବ୍ରତଘର, ଜନ୍ମଦିନ ଭଳି ଉତ୍ସବରେ ସୁନା ଅଳଙ୍କାର ଉପହାର ଦେବା ଓଡ଼ିଶାବାସୀ ଉଚିତ୍ ମଣନ୍ତି। ମହିଳା ହୁଅନ୍ତୁ କି ପୁରୁଷ ସ୍ୱର୍ଣ୍ଣାଳଙ୍କାରରେ ସଜେଇହେବାକୁ ପସନ୍ଦ କରନ୍ତି। ସୁନା ପରିଧାନର ଉପକାରିତା ଉଭୟ ବିଜ୍ଞାନ ଓ ବାସ୍ତୁଶାସ୍ତ୍ରରେ ରହିଛି। ତେବେ ଦିନକୁ ଦିନ ବଢ଼ୁଥିବା ଦର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞ ଓ ବ୍ୟବସାୟୀଙ୍କ ଆକଳନ ଅନୁସାରେ ଆଗାମୀ ଦିନରେ ସୁନାଦରରେ ବଡ଼ ହ୍ରାସ ନ ହୋଇପାରେ।**



ଭାରତରେ ସୁନା ମୂଲ୍ୟ ଅନେକ କାରଣରୁ ପ୍ରଭାବିତ ହୋଇଥାଏ। ଅନ୍ତର୍ଜାତୀୟ ସୁନା ମୂଲ୍ୟ, ଭାରତୀୟ ଟଙ୍କା ଓ ଆମେରିକୀୟ ଡଲାର ମଧ୍ୟରେ ବିନିମୟ ହାର, ସ୍ଥାନୀୟ ଚାହିଦା, ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ଅକ୍ଷୟତୃତୀୟା, ଦୀପାବଳି ଓ ଧନ୍ତେରସ୍ ଭଳି ପ୍ରମୁଖ ପର୍ବ ସମୟରେ ସୁନା ଦର ସର୍ବାଧିକ କମ୍ ବେଶି ହୋଇଥାଏ। ଦେଶରେ ଏପର୍ଯ୍ୟନ୍ତ ସୁନାର ଏକକ ହାର ସ୍ଥିର ହୋଇ ନ ଥିବାରୁ ଦେଶର ବିଭିନ୍ନ ସହରରେ ସୁନାର ମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଓଡ଼ିଶା ଭଳି ଅନ୍ୟାନ୍ୟ ରାଜ୍ୟ ଓ ସହରଗୁଡ଼ିକରେ ସ୍ଥାନୀୟ ଟିକସ ଏବଂ ଅଳଙ୍କାର ତିଆରି ଚାର୍ଜ ବ୍ୟତୀତ ଅନ୍ୟ କେତେକ କାରଣ ମଧ୍ୟ ସୁନାର ମୂଲ୍ୟକୁ ପ୍ରଭାବିତ କରୁଛି। ଜାତୀୟସ୍ତରରେ ଲଗାତର ସୁନା ଦର ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ସୁନା ଦର ୧୦ ଗ୍ରାମ ପ୍ରତି ୧ଲକ୍ଷ ଟଙ୍କା ନିକଟବର୍ତ୍ତୀ ରହିଛି। ଟ୍ରମ୍ପଙ୍କ ଟାରିଫ୍ ରାଜ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ସବୁ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି। ତେଣୁ ସୁନା ଦର କମିବା ଆଶା ମଧ୍ୟ କ୍ଷୀଣ ହୋଇଛି। ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ସୋଭେରିନ୍ ଗୋଲ୍ଡ ବଣ୍ଡ୍ ବନ୍ଦ ହେବା ପରେ ବାସ୍ତବ ସୁନାରେ ପୁଞ୍ଜିନିବେଶ ପାଇଁ ନିବେଶକମାନେ ଚାହିଁବସିଛନ୍ତି। କାରଣ ବାସ୍ତବ ସୁନା ସେମାନଙ୍କୁ ଅଧିକ ରିଟର୍ନ ଦେଉଛି। ଏଭଳିସ୍ଥଳେ କେନ୍ଦ୍ରୀୟ ବ୍ୟାଙ୍କ ଯଦି ଷ୍ଟକ୍ ବଜାରକୁ ଛାଡ଼ିବେ ତେବେ ସୁନାଦର କମିବ। ମାତ୍ର ସେଭଳି ସମ୍ଭାବନା ଆଗାମୀ ଦିନରେ ଦେଖାଯାଉନାହିଁ। ସେପଟେ ଅଳଙ୍କାର ବ୍ୟବସାୟୀଙ୍କ କାରବାର ମଧ୍ୟ ମାନ୍ଦା ପଡ଼ିଛି। ସୁନାର ବର୍ଦ୍ଧିତ ମୂଲ୍ୟ ନିବେଶକଙ୍କୁ ସୁହାଉଥିବାବେଳେ ସାଧାରଣ ଲୋକ ବିବାହ, ଜନ୍ମଦିନ ଆଦିରେ ସୁନା କିଣିବାକୁ ଡରିଲେଣି।

## ରାଜ୍ୟରେ ୪୮୬୨ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ

ଆଇଏସ୍ ୧୪୧୭ ଏବଂ ଆଇଏସ୍ ୨୧୧୨ ହେଉଛି ଭାରତ ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ସୁନା ଓ ରୁପା ଅଳଙ୍କାରର ହଲ୍‌ମାର୍କିଂ ପାଇଁ ଜାରି କରାଯାଇଥିବା ଭାରତୀୟ ମାନକ। ଆଇଏସ୍ ୧୪୧୭:୨୦୧୬ ସୁନା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥିବା ବେଳେ ଆଇଏସ୍ ୨୧୧୨:୨୦୧୪ ରୁପା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥାଏ। ତେବେ ରାଜ୍ୟରେ ବିଆଇଏସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୪୮୬୨ଟି ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଛି। କଟକ ଜିଲାରେ ସର୍ବାଧିକ ୮୦୯ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଥିବାବେଳେ ବାଲେଶ୍ୱରରେ ୫୪୦, ଖୋର୍ଦ୍ଧା ୫୩୫, ଗଞ୍ଜାମ ୩୩୬, ଯାଜପୁର୨୪୪, ପୁରୀ ୨୧୦, କେନ୍ଦ୍ରାପଡ଼ା ୨୦୪, ସୁନ୍ଦରଗଡ଼ ୧୯୧, ମୟୂରଭଞ୍ଜରେ ୧୯୦ ପ୍ରତିଷ୍ଠାନ ରହିଛି।

### ସୁନା ଦରରେ ବଡ଼ ହ୍ରାସ ସମ୍ଭାବନା ନାହିଁ



"ଗତ ବର୍ଷ ତୁଳନାରେ ସୁନା ଦର ପ୍ରାୟ ୩୨% ବୃଦ୍ଧି ପାଇଛି । ବିକ୍ରି ହୋଇଥିବା ସୁନାର ପରିମାଣରୁ ଜଣାପଡୁଛି ଲୋକମାନେ ସୁନା ଦର ହ୍ରାସକୁ ଅପେକ୍ଷା କରିଛନ୍ତି। ଭାରତରେ ମୁଖ୍ୟତଃ ବିବାହ ଏବଂ ନିବେଶ ପାଇଁ ସୁନା କିଣାଯାଏ। ଯେଉଁ ପରିବାରଗୁଡ଼ିକରେ ବିବାହ ଏବଂ ଉତ୍ସବରେ ସୁନାକିଣା ବାଧ୍ୟତାମୂଳକ, ସେହି ଗ୍ରାହକମାନେ ସେମାନଙ୍କ ବଜେଟ ମୁତାବକ କମ୍ ଓଜନର ଅଳଙ୍କାର ବାଛୁଛନ୍ତି। ତେବେ କିଛି ଗଣମାଧ୍ୟମ ବା ପ୍ରତିଷ୍ଠାନ ପକ୍ଷରୁ ଆଗାମୀ ଦିନରେ ସୁନା ଦର ହ୍ରାସ ନେଇ ଆକଳନ କରାଯାଉଥିବାରୁ ଅନେକ ଗ୍ରାହକ ସୁନା ଦର କମିବ ବୋଲି ଆଶା ରଖିଛନ୍ତି। ବାସ୍ତବ କଥା ହେଉଛି, ସୁନା ଦରରେ ଆଗାମୀ ଦିନରେ ବଡ଼ ହ୍ରାସ ହେବାର ସମ୍ଭାବନା ନାହିଁ। ଯେହେତୁ ସୁନା ମୂଲ୍ୟକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବ୍ରାଣ୍ଡଗୁଡ଼ିକୁ ଅଧିକ ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ସ୍ମାର୍ଟ ରଣନୀତି ଆପଣେଇବାକୁ ପଡ଼ିବ। ମେକିଂ ଚାର୍ଜ ହ୍ରାସ କିମ୍ବା ଗ୍ରାହକମାନେ ଆମର ଅଫର ଏବଂ ଆମର ୫ ତାରକା ମୂଲ୍ୟଯୁକ୍ତ ଅନନ୍ୟ ସେବା ଯେପରିକି ଜୀବନବ୍ୟାପୀ ନିଃଶୁଳ୍କ ମରାମତି ସେବା, ପ୍ରତ୍ୟେକ ଅଳଙ୍କାର ସହିତ ବୀମା, ପୁରୁଣା ସୁନା ଉପରେ ଶୂନ୍ୟ ରିହାତି, ପ୍ରତ୍ୟେକ କ୍ରୟରେ ଉପହାର ଏବଂ ପୁରସ୍କାର, ଅନନ୍ୟ ଡିଜାଇନ୍ ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି।

**–ବ୍ରହ୍ମାନନ୍ଦ ମେହେର, ପରିଚାଳନା ନିର୍ଦ୍ଦେଶକ, ଅରୁନ୍ଧତୀ ଗ୍ରୁପ**

### ଗ୍ରାହକ ବିକଳ୍ପ ଅଳଙ୍କାର ବାଛୁଛନ୍ତି



"ଓଡ଼ିଶାରେ ସୁନା ଅଳଙ୍କାର ବିକ୍ରୟ ସମ୍ପର୍କିତ ତଥ୍ୟ ସୀମିତ। ମାତ୍ର ସାରା ଭାରତର ତଥ୍ୟକୁ ଦେଖିଲେ ଓଡ଼ିଶାରେ ମଧ୍ୟ ସୁନା ଚାହିଦା ହ୍ରାସ ପାଇଥିବା କୁହାଯାଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନସିଲ୍ ରିପୋର୍ଟ ଅନୁସାରେ ୨୦୨୩ ମସିହାରେ ଭାରତର ସୁନା ଅଳଙ୍କାର ଚାହିଦାରେ ବାର୍ଷିକ ୬% ହ୍ରାସ ଘଟିଛି, ଯାହା ୫୬୨ ଟନ୍‌କୁ ହ୍ରାସ ପାଇଛି। ୨୦୨୪ ଜୁନ୍ ସୁଦ୍ଧା ସୁନା ମୂଲ୍ୟ ବର୍ଷ ସାରା ୧୮% ବୃଦ୍ଧି ପାଇଛି। ଫଳରେ ଗ୍ରାହକମାନେ କିଣୁଥିବା ସୁନାର ମୂଲ୍ୟ କମାଇଦେଇଛନ୍ତି। ଯୁବ ଗ୍ରାହକମାନେ ପାରମ୍ପରିକ ସୁନା ଅଳଙ୍କାର ଅପେକ୍ଷା ବିକଳ୍ପ ହାଲୁକା ଉତ୍ପାଦ ତଥା ରୁପା ଏବଂ ପ୍ଲାଟିନମ ଅଳଙ୍କାର କିଣୁଛନ୍ତି। ୨୦୨୪ ମସିହାର ଦ୍ୱିତୀୟ ତ୍ରୈମାସିକରେ ଭାରତରେ ସୁନା ଅଳଙ୍କାର ବ୍ୟବହାର ବାର୍ଷିକ ତୁଳନାରେ ୮% ଅର୍ଥାତ୍ ୧୨୯ ଟନ୍‌କୁ ହ୍ରାସ ପାଇଛି। ବିଶେଷକରି ଗ୍ରାମାଞ୍ଚଳର ଗ୍ରାହକମାନେ ୫-୧୦ ଗ୍ରାମ, ସହରାଞ୍ଚଳରେ ୨୦-୫୦ ଗ୍ରାମରେ ସୁନା କିଣା ସୀମିତ ରଖିଛନ୍ତି। ଖିମ୍‌ଜୀ ଜୁଏଲର୍ସ ସମଗ୍ର ଭାରତରୁ ହାଲୁକା ଅଳଙ୍କାରର ସର୍ବବୃହତ୍ କଲେକ୍ସନ ଉପଲବ୍ଧ କରୁଛି। ଅକ୍ଷୟ ତୃତୀୟାରେ ଖିମ୍‌ଜୀ ଜୁଏଲର୍ସ ସମସ୍ତ ସୁନା ଏବଂ ହୀରା ଅଳଙ୍କାର ଉପରେ ମେକିଂ ଚାର୍ଜ ଉପରେ ୫୦% ଛାଡ଼ ଦେଉଛି।

**– ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ, ଖିମ୍‌ଜୀ ଜୁଏଲର୍ସ**

### ଗ୍ରାହକ କମ୍ ପରିମାଣର ସୁନା କିଣୁଛନ୍ତି, କମ୍ ଟଙ୍କାର ନୁହେଁ



"ଓଡ଼ିଶାରେ ସୁନାର ଚାହିଦା ସବୁବେଳେ ରହିଛି। ମାତ୍ର ବିଭିନ୍ନ କାରଣରୁ ସୁନା କ୍ରୟର ପରିମାଣ କମିଥିଲେ ମଧ୍ୟ କମ୍ ଟଙ୍କାର ସୁନା କିଣୁଛନ୍ତି ତାହା ନୁହେଁ। ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଆଗରେ ରହିଛି। ସେହିପରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସୁନା ଚାହିଦା ମଧ୍ୟ ରହିଛି। ଭାରତୀୟ ମହିଳାଙ୍କ ପାଖରେ ପ୍ରାୟ ୨୫ ହଜାର ଟନ୍ ସୁନା ଗଚ୍ଛିତ ରହିଛି। ଯାହା ସମଗ୍ର ବିଶ୍ୱର ଶ୍ରେଷ୍ଠ ୫ ଦେଶରେ ଗଚ୍ଛିତ ସୁନାର ପରିମାଣଠାରୁ ମଧ୍ୟ ଅଧିକ। ସୁନାର ଚାହିଦା ଅନୁସାରେ ସୁନା ଉତ୍ପାଦନ ହେଉ ନ ଥିବାରୁ ଦର ବଢ଼ୁଛି। ମାତ୍ର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପ୍ରତ୍ୟେକ ବର୍ଗର ଲୋକ ସୁନାରେ ନିବେଶ କରିବାକୁ ଚାହୁଁଛନ୍ତି। ବିମୁଦ୍ରୀକରଣ ପରଠାରୁ ଲୋକେ ଟଙ୍କା ସଞ୍ଚୟ କରିବା ପରିବର୍ତ୍ତେ ସୁନାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

**– ସଞ୍ଜୀବ କୁମାର ସାହୁ, ମ୍ୟାନେଜିଂ ପାର୍ଟନର ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ**

### ବଜେଟ୍ ଅନୁସାରେ ଗ୍ରାହକ ସୁନା କିଣୁଛନ୍ତି



"ସୁନାଦର ବୃଦ୍ଧି ସତ୍ତ୍ୱେ ଓଡ଼ିଶା ସୁନାବଜାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଆମ ଷ୍ଟୋର କଥା କହିବାକୁ ଗଲେ ଯଦିଓ ଅକ୍ଷୟ ତୃତୀୟାରେ ବ୍ୟବସାୟ ସାମାନ୍ୟ କମ୍ ରହିଥିଲା। ମାତ୍ର ଏହାର ପୂର୍ବ ଓ ପରଦିନ ବ୍ୟବସାୟ ସ୍ୱାଭାବିକ ରହିଥିଲା। ଏବେ ମଧ୍ୟ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସୁନାଅଳଙ୍କାର ପ୍ରତି ପୂର୍ବପରି ଆଗ୍ରହ ରହିଛି। ସୁନା ଅଳଙ୍କାର କିଣିବାରେ ଯଦିଓ ସହରାଞ୍ଚଳ ଗ୍ରାହକଙ୍କ ସହ ଅଧିକ ମାତ୍ର ଗ୍ରାମାଞ୍ଚଳ ଗ୍ରାହକଙ୍କୁ ମଧ୍ୟ ଦରବୃଦ୍ଧି ପ୍ରଭାବିତ କରିଥିବା ପରି ମନେ ହେଉନାହିଁ। ଆୟ ଅନୁସାରେ ଲୋକ ସୁନାରେ ବ୍ୟୟ କରୁଛନ୍ତି। ଦର କମିବ ବୋଲି ତ କହିହେବନି। ୧ ହଜାର ଟଙ୍କା କମିଲେ ୨ହଜାରରୁ ୧୦ ହଜାର ଟଙ୍କା ବଢ଼ୁଛି। ତେଣୁ ଲୋକମାନେ ଆବଶ୍ୟକ ସମୟରେ ନିଶ୍ଚିତ ଭାବେ ସୁନା କିଣୁଛନ୍ତି।

**– ସିଦ୍ଧେଶ୍ୱର ରଥ, ମାର୍କେଟିଂ ମ୍ୟାନେଜର**
**ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍**

### ବ୍ୟବସାୟୀ କ୍ଷତି ସହୁଛନ୍ତି



"ଯେହେତୁ ସୁନା ଦର ହଠାତ୍ ଏତେ ପରିମାଣରେ ବଢ଼ିଯାଇଛି, ଯାହାଫଳରେ ଲୋକମାନେ ସୁନା କିଣିବା ଏକଦମ୍ କମ୍ କରିଦେଇଛନ୍ତି। ଗତବର୍ଷ ତୁଳନାରେ ଯଦି ଏବର୍ଷର ବିକ୍ରିକୁ ଦେଖିବା ପ୍ରାୟ ୫୦ ପ୍ରତିଶତ କମ୍ ବିକ୍ରି ହୋଇଛି। ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ବର୍ତ୍ତମାନ ଅଳଙ୍କାର ବ୍ୟବସାୟୀ କ୍ଷତି ସହୁଛନ୍ତି। ସୁନା ଦରରେ ଆମେ କମ୍ ବେଶି କରିପାରିବୁନି, ତେଣୁ ମେକିଂ ଚାର୍ଜରେ ରିହାତି ହେଉ ବା ନିଶ୍ଚିତ ଉପହାର ଘୋଷଣା କରାଯାଉଛି। ସେଥିପାଇଁ ବ୍ୟବସାୟୀ ବିଶେଷ ଲାଭବାନ ହେଉନାହାନ୍ତି। ଯେହେତୁ ଅତ୍ୟଧିକ ଦର ବୃଦ୍ଧି ହୋଇଛି, ଆଗାମୀ ଦିନରେ ବେଶି ନ ହେଲେ ମଧ୍ୟ ଦାମ୍ ସାମାନ୍ୟ କମ୍ ହୋଇପାରେ।

**– ଦିଲୀପ କୁମାର ପାତ୍ର, ପରିଚାଳନା ନିର୍ଦ୍ଦେଶକ, ନାରାୟଣ ଜୁଏଲର୍ସ**

## ଓଡ଼ିଶାରେ ସୁନାଖଣି



ରାଜ୍ୟର ସୁନ୍ଦରଗଡ଼, ନବରଙ୍ଗପୁର, କେନ୍ଦୁଝର ଏବଂ ଦେବଗଡ଼ ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି। ସେହିପରି ମାଲକାନଗିରି, ସମ୍ବଲପୁର ଏବଂ ବୌଦ୍ଧ ଆଦି ଜିଲାରେ ଖଣିର ଅନୁସନ୍ଧାନ ଜାରି ରହିଛି। ମୟୂରଭଞ୍ଜର ଯଶିପୁର, ସୁରିଆଗୁଡ଼ା, ରୁଆଁଶି, ଇଡେଲକୁଚା, ମରେଡ଼ିହି, ସୁଲେଇପାଟ ଏବଂ ବାଦାମପାହାଡ଼ ଆଦି ଅଞ୍ଚଳରେ ମଧ୍ୟ ସୁନାଖଣି ଥିବା ଆଶା କରାଯାଉଛି। ଦେବଗଡ଼ ଜିଲାର ଅଡସ-ରାମପଲ୍ଲୀ ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଥିବାବେଳେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ଜି-୨ ସ୍ତରୀୟ ଅନୁସନ୍ଧାନ ଜାରି ରଖିଛି। କେନ୍ଦୁଝର ଜିଲାର ଗୋପୁର-ଗାଜିପୁର, ମାଙ୍କଡ଼ଚୁଆଁ, ସଳେଇକଣା, ଡିମିରିମୁଣ୍ଡାରେ ମଧ୍ୟ ଖଣି ସମ୍ଭାବନା ରହିଛି। ଦେବଗଡ଼ର ଆର୍ଥିକ ବିକାଶ ପାଇଁ ଏହି ସାଧନଗୁଡିକର ବ୍ୟବହାର କରିବାରେ ପ୍ରତିବଦ୍ଧତା ଆଗାମୀ ଦିନରେ ସୁନାଖଣି ବ୍ଲକ୍ ନିଲାମରେ ଦେଖିବାକୁ ମିଳିବ। ଏହ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଇଣ୍ଡିଆ ବୁଲିଅନ୍ ତଥ୍ୟ ଅନୁସାରେ ୨୦୧୫ରୁ ୨୦୨୫ ମଧ୍ୟରେ କେବଳ ୨୦୧୭ ଏବଂ ୨୦୨୧କୁ ବାଦ୍‌ଦେଲେ କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଇଛି। ପ୍ରତ୍ୟେକ ବର୍ଷ ରେକର୍ଡ ହୋଇଥିବା ସର୍ବାଧିକ ସୁନା ଦର ନିମ୍ନରେ ପ୍ରଦାନ କରାଯାଇଛି।**

| ବର୍ଷ | ସର୍ବାଧିକ ସୁନା ଦର (୧୦ ଗ୍ରାମ୍ ପ୍ରତି) |
|---|---|
| ୨୦୧୫ | ୨୬,୪୨୨ ଟଙ୍କା |
| ୨୦୧୬ | ୩୨,୮୩୪ ଟଙ୍କା |
| ୨୦୧୭ | ୩୧,୦୬୦ ଟଙ୍କା |
| ୨୦୧୮ | ୩୩,୨୬୨ ଟଙ୍କା |
| ୨୦୧୯ | ୪୦,୪୧୦ ଟଙ୍କା |
| ୨୦୨୦ | ୫୬,୫୨୦ ଟଙ୍କା |
| ୨୦୨୧ | ୫୨,୯୫୦ ଟଙ୍କା |
| ୨୦୨୨ | ୫୪,୧୧୦ ଟଙ୍କା |
| ୨୦୨୩ | ୬୩,୪୯୦ ଟଙ୍କା |
| ୨୦୨୪ | ୭୯,୮୪୦ ଟଙ୍କା |
| ୨୦୨୫ | ୯୭,୪୧୦(ଏପ୍ରିଲ ୨୧) ଟଙ୍କା |

## ସେମାନେ କୁହନ୍ତି...

### ଗତବର୍ଷର ଏକ ଚତୁର୍ଥାଂଶ ସୁନା ବିକ୍ରି ହୋଇଛି



"ସର୍ବଭାରତୀୟ ସ୍ତରରେ ସୁନା ବିକ୍ରି କମିଛି। ଗତବର୍ଷ ବିକ୍ରିର ଏକ ଚତୁର୍ଥାଂଶ ଚଳିତବର୍ଷ ବିକ୍ରି ହୋଇଛି। ଯଦି ଆମେ ଅକ୍ଷୟ ତୃତୀୟାର ଉଦାହରଣ ଦେଖିବା ଲୋକମାନେ ଶୁଭ ମୁହୂର୍ତ୍ତ ବୋଲି ସୁନା କିଣିବାକୁ ଆସୁଛନ୍ତି। ଯିଏ ଗତବର୍ଷ ଲକ୍ଷେ ଟଙ୍କାର ସୁନା କିଣିଥିଲେ। ସେ ଏବର୍ଷ କେବଳ ନାମକୁ ମାତ୍ର ୧୦ରୁ ୧୫ ହଜାର ଟଙ୍କାର କିଛି ଟିକିଏ କିଣିଛନ୍ତି। ସୁନାଦର ଯେଉଁ ହାରରେ ବଢ଼ୁଛି ସେହି ହାରରେ ହ୍ରାସ ପାଉ ନାହିଁ। ଅକ୍ଷୟତୃତୀୟା ପରଦିନ କିଛି କମିଥିଲା ମାତ୍ର ବଢ଼ୁଥିବା ଦର ଅନୁପାତରେ ତାହା ବହୁତ କମ୍। ଲୋକମାନେ ସୁନାଦର ୫୦ହଜାରକୁ ଖସିବ ବୋଲି ଯେଉଁ ଧାରଣାରେ ଅଛନ୍ତି, ତାହାର ଆଦୌ ହେବ ନାହିଁ। ସୁନା ଦର ହ୍ରାସ ପାଇବା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରୁଛି। ତେଣୁ ସୁନା ଦର କମାଇପାରିବୁନି ମାତ୍ର ମେକିଂ ଚାର୍ଜ କମାଇପାରିବୁ । ତେଣୁ ଗ୍ରାହକଙ୍କ ପାଇଁ ମେକିଂ ଚାର୍ଜ ଉପରେ ହିଁ ରିହାତି ଦେଉଛୁ।

**– ରାମଅବତାର ଅଗ୍ରୱାଲ, ନିର୍ଦ୍ଦେଶକ, ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡ**

### ସୁନା ଦର ୫ରୁ ୧୦% କମିପାରେ



"ସୁନା ଦର ଲକ୍ଷେ ନିକଟବର୍ତ୍ତୀ ହେବା ପରେ ଲୋକମାନେ ସୁନା କିଣିବା ବହୁତ କମେଇଦେଇଛନ୍ତି। ୬୦ରୁ ୭୦ ହଜାର ଥିବା ସୁନା ଦର ହଠାତ୍ ୯୦ ହଜାର ଡେଇଁବା ପରେ ସୁନାବଜାର ମାନ୍ଦା ହୋଇଛି। ତେବେ ଆଗାମୀ ଦିନରେ ସୁନା ଦର ୫ରୁ ୧୦% କମିପାରେ। ତାହାଠାରୁ ଅଧିକ ଦର ଖସିବନି। ଶେ ୟାର ମାର୍କେଟରେ ଦର ସୁଧାର ହୋଇଛି। ମାତ୍ର ସୁନା ଦରରେ ସୁଧାର ହୋଇନି। ତେଣୁ କିଛି ମାତ୍ରାରେ ସୁନା ଦର କମିପାରେ। ଭୁବନେଶ୍ୱର ଏବେ ଗୋଲ୍ଡ ହବ୍ ପାଲଟିଛି। ଯଦି ଗ୍ରାମାଞ୍ଚଳ ଓ ସହରାଞ୍ଚଳ କଥା ଚିନ୍ତା କରିବା ତେବେ ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଭୁବନେଶ୍ୱର ଭଳି ସହରରୁ କ୍ରୟ କରୁଛନ୍ତି। ତେଣୁ ଗ୍ରାମାଞ୍ଚଳ କି ସହରାଞ୍ଚଳରେ ବିକ୍ରି ଅଧିକ ତାହା ଆକଳନ କରିବା ସହଜ ନୁହେଁ। ସୁନା ଦର ୫୦ ହଜାରକୁ କମିବ ବୋଲି ଗୁଜବ ସୃଷ୍ଟି ହେଲା, ଯେଉଁଥିପାଇଁ ଲୋକମାନେ ୨ ମାସ ପର୍ଯ୍ୟନ୍ତ ଆଦୌ ସୁନା କିଣିଲେ ନାହିଁ।

**– ବାବୁରାମ ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ, ସ୍ୱାଇଲ୍ ଗୋଲ୍ଡ**

### ଆହୁରି ଦେଢ଼ଗୁଣା ବଢ଼ିପାରେ ସୁନା ଦର



"ରାତିରାତି ସୁନା ଦର ବୃଦ୍ଧି ପାଉଛି। ସେହି ଅନୁପାତରେ ଲୋକଙ୍କ ଆୟ ବଢ଼ିବା ସମ୍ଭବ ନୁହେଁ। ତେଣୁ ନିହାତି ଭାବେ ସୁନା ବିକ୍ରି କମିଛି। ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ସୁନା ଦର ବଢ଼ିବାରେ ଲାଗୁଛି। ଏହା ମଧ୍ୟରେ ଲୋକମାନେ ସୁନା କିଣିବା ବନ୍ଦ କରିନାହାନ୍ତି, ମାତ୍ର କିଛି ମାତ୍ରାରେ କମାଇଦେଇଛନ୍ତି। ସୁନା ଦର ଯଦି ୨ରୁ ୩ ହଜାର ହ୍ରାସ ପାଏ ତେବେ ବଢ଼ିବା ସମୟରେ ୧୦ରୁ ୧୫ ହଜାର ବଢ଼ିଯାଇପାରେ। ତେଣୁ ସୁନା ଦର ଖସିଲେ ଯେ ଲୋକମାନେ କିଣିବା ପାଇଁ ଅପେକ୍ଷା କରିବେନାହିଁ। ନିଜ ନିଜ ବଜେଟ ମଧ୍ୟରେ ଗ୍ରାମାଞ୍ଚଳ ହେଉକି ସହରାଞ୍ଚଳର ଗ୍ରାହକ ସୁନା କିଣୁଛନ୍ତି। ସହରାଞ୍ଚଳରେ କଷ୍ଟୋମାଇଜଡ୍ ଅଳଙ୍କାର କିଣୁଥିବାବେଳେ ଗ୍ରାମାଞ୍ଚଳରେ ପାରମ୍ପରିକ ସୁନା କିଣୁଛନ୍ତି। ୨୦୨-୨୯ସୁଦ୍ଧା ସୁନାମୂଲ୍ୟ ଦେଢ଼ଗୁଣା ବୃଦ୍ଧି ପାଇବା ନେଇ ବଜାର ଆକଳନ କରାଯାଉଛି। ଆମ ଷ୍ଟୋରରେ ଗତବର୍ଷ ତୁଳନାରେ ଗତବର୍ଷ ତୁଳନାରେ ଏ ବର୍ଷ ଅକ୍ଷୟ ତୃତୀୟାରେ ଯେତିକି ଟଙ୍କାର ସୁନାର ବିକ୍ରି ହୋଇଛି ସେ ତୁଳନାରେ ସୁନାର ପରିମାଣ କମ୍ ପରିମାଣ ରହିଛି।

**–ଶାନ୍ତନୁ କୁମାର ପାତ୍ର, ନିର୍ଦ୍ଦେଶକ, ବିଶ୍ୱମ୍ ଜୁଏଲର୍ସ**

### ଭାରି ଅଳଙ୍କାର ବିକ୍ରି କମିଛି



"ବାହାଘର ଋତୁ ଚାଲିଛି। ତେଣୁ ସୁନା ବିକ୍ରି ହେବା ସ୍ୱାଭାବିକ । ଗ୍ରାହକଙ୍କ ସଂଖ୍ୟା କମିନି। ମାତ୍ର ଗ୍ରାହକ ଆଗରୁ ଯେପରି ଭାରି ଅଳଙ୍କାର ନେଉଥିଲେ ବର୍ତ୍ତମାନ ସେଥିରେ ଟିକେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭୂରାଜନୈତିକ ଅସ୍ଥିରତା ହେଉ ବା ଅନ୍ୟାନ୍ୟ କାରଣରୁ ସୁନାଦର ବଢ଼ୁଛି। ତେଣୁ ସେସବୁ ଯେପର୍ଯ୍ୟନ୍ତ ନିୟନ୍ତ୍ରଣକୁ ନ ଆସିଛି। ସୁନାଦର କମିବ ବୋଲି କହିହେବନି।

**– ଲୋକନାଥ ସୁବୁଦ୍ଧି, ପ୍ରୋପ୍ରାଇଟର, ଲୋକନାଥ ଜୁଏଲର୍ସ**

## ନିବେଶକଙ୍କୁ ସୁହାଉଛି

ସୁନାରେ ନିବେଶ ମୁଦ୍ରାସ୍ଫୀତି ବିରୁଦ୍ଧରେ ଏକ ସୁରକ୍ଷା ଭାବରେ କାର୍ଯ୍ୟ କରେ, ମୁଦ୍ରା ଅବମୂଲ୍ୟାୟନ କିମ୍ବା ବଜାର ଅସ୍ଥିରତା ସମୟରେ କ୍ରୟ ଶକ୍ତି ସଂରକ୍ଷଣ କରେ। ଏହା ଏକ ନିବେଶ ପୋର୍ଟଫୋଲିଓ ମଧ୍ୟରେ ବିବିଧତା ପ୍ରଦାନ କରେ, ଷ୍ଟକ ପରି ପାରମ୍ପରିକ ସମ୍ପତ୍ତିର ବିକଳ୍ପ ପ୍ରଦାନ କରି ବିପଦ ହ୍ରାସ କରେ। ଇତିହାସ ଦେଖିଲେ ସମୟାନୁସାରେ ସୁନାଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଣୁ ଏହାକୁ ସମ୍ପତ୍ତିର ଏକ ନିର୍ଭରଯୋଗ୍ୟ ଭଣ୍ଡାର ଏବଂ ସମ୍ପତ୍ତି ସଂରକ୍ଷଣ ପାଇଁ ଏକ ବିଶ୍ୱସ୍ତ ସମ୍ପତ୍ତ ବୋଲି ବିଚାର କରାଯାଏ। ଷ୍ଟକ କିମ୍ବା ବଣ୍ଡ ପରି, ସୁନା ଡିଫଲ୍ଟ କିମ୍ବା



ଦେବାଳିଆ ବିପଦର ସମ୍ମୁଖୀନ ହୁଏ ନାହିଁ, ଅନିଶ୍ଚିତ ଆର୍ଥିକ ସ୍ଥିତିରେ ଏହା ସୁରକ୍ଷାର ଏକ ସ୍ତର ପ୍ରଦାନ କରେ। ଗଚ୍ଛିତ ସୁନାର ସହଜରେ ବ୍ୟବସାୟୀକରଣ କରାଯାଇପାରିବ ଏବଂ ବିଶ୍ୱବ୍ୟାପୀ ନଗଦରେ ରୂପାନ୍ତରିତ କରାଯାଇପାରିବ, ଯାହା ନିବେଶକମାନଙ୍କୁ ପରିବର୍ତ୍ତିତ ବଜାର ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଲିକ୍ୟୁଡିଟି ପ୍ରଦାନ କରେ।

## ଇଲେକ୍ଟ୍ରୋନିକ୍ସ ଶିଳ୍ପ ବି ବଢ଼ାଉଛି ସୁନାଦର



ନିବେଶ ଓ ଅଳଙ୍କାର କ୍ଷେତ୍ରରେ ସୁନାର ପ୍ରୟୋଗ ସର୍ବାଧିକ ରହିଛି। ମାତ୍ର ଏହା ବ୍ୟତୀତ ବିଭିନ୍ନ ଶିଳ୍ପ ବିଶେଷକରି ଇଲେକ୍ଟ୍ରୋନିକ୍ସ ଏବଂ ଟେକ୍ନୋଲୋଜିରେ ସୁନାର ବ୍ୟବହାର କରାଯାଇଥାଏ। ଇଲେକ୍ଟ୍ରୋନିକ୍ସ ଶିଳ୍ପ ସୁନାର ଏକ ପ୍ରମୁଖ ଗ୍ରାହକ, ଏହାକୁ କନେକ୍ଟର, ୱ୍ୟାରିଂ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ପାଇଁ ବ୍ୟବହାର କରେ। ସୁନ। ମୂଲ୍ୟ ବୃଦ୍ଧି



ଇଲେକ୍ଟ୍ରୋନିକ୍ସ ନିର୍ମାତାଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ। କମ୍ପାନୀଗୁଡ଼ିକ ସକ୍ରିୟ ଭାବରେ ସୁନାର ବିକଳ୍ପ ଖୋଜୁଛନ୍ତି, ଯେପରିକି ରୁପା, ତମ୍ବା ଏବଂ ପାଲାଡିୟମ-ଆବୃତ ତମ୍ବା ଏବଂ କିଛି ନିର୍ଦ୍ଦିଷ୍ଟ ପ୍ରୟୋଗରେ ସୁନା ବ୍ୟବହାରକୁ କମ କରିବା ପାଇଁ ସନ୍ତୁଳିତ ରଣନୀତି ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଯଦିଓ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଏକ ପ୍ରମୁଖ ଗ୍ରାହକ ହୋଇଥିଲେ ମଧ୍ୟ ଏହାର ଚାହିଦା ସୁନା ମୂଲ୍ୟକୁ ପ୍ରଭାବିତ କରୁଥିବା ଏକମାତ୍ର କାରଣ ନୁହେଁ। ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ, ନିବେଶ ଚାହିଦା ଏବଂ ବିଶ୍ୱ ଆର୍ଥିକ ପରିସ୍ଥିତି ଅନ୍ତର୍ଭୁକ୍ତ।

ରିପୋର୍ଟ: ଅନୁରାଧା ମହାରଣା, ଭୁବନେଶ୍ୱର

**ହାତୀ ଆକ୍ରମଣରେ ବୃଦ୍ଧ ମୃତ**

ସମ୍ବଲପୁର,୪।୫(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ନୂଆବାଗଁମାଳ ପଞ୍ଚାୟତ ଅନ୍ତର୍ଗତ ଧଧୋଲୋମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ରବିବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ ବଡ଼େଇ(୬୨)। ସକାଳେ ଗାଁ କ୍ଷେତମୁଣ୍ଡରେ ସନ୍ତୋଷଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ମୃତଦେହ ନିକଟରେ ହାତୀ ପାଦଚିହ୍ନ ଥିବା ଦେଖି ଲୋକେ ପୋଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ଯୁଯୁମୁରା ଥାନା ପୋଲିସ ସହ ପଡ଼ିଆବାହାଲ ରେଞ୍ଜ ଅଧିକାରୀ ସୁନୀଲ ଖ୍ୱାଲାରା, ବଡସାହିର ଫରେଷ୍ଟର ମମତା ଲୁହା ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଏ ନେଇ ଯୁଯୁମୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶୃଙ୍ଖଳା ବୈତରଣୀକୁ ନେଇ ପ୍ରଶାସନିକ ତତ୍ପରତା

**କାନପୁର ଡ୍ୟାମ୍ ପରିଦର୍ଶନ କଲା ଉଚ୍ଚସ୍ତରୀୟ ବୈଷୟିକ ଟିମ୍**



ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ କାନପୁର ଡ୍ୟାମ ପରିଦର୍ଶନ କରୁଛନ୍ତି।

ଯୋଡ଼ା,୪।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଞ୍ଚଳରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମରେ ବୈଷୟିକ ତ୍ରୁଟି ଯୋଗୁଁ ଚିରସ୍ରୋତା ବୈତରଣୀ ନଦୀର ତଳମୁଣ୍ଡ ଶୁଷ୍କ ହୋଇଗଲାଣି। ଏ ସମ୍ପର୍କରେ ଗତ ୨୭ ତାରିଖରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଏକ ଖବର 'କାନପୁରଠାରୁ ବୈତରଣୀରେ ଜଳ ପ୍ରବାହ ବନ୍ଦ' ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୭ଟାରେ ଉନ୍ନୟନ କମିଶନର ତଥା ଓଡ଼ିଶା ସରକାରଙ୍କ ଜଳସମ୍ପଦ ଯୋଜନା ଏବଂ ଅଭିବୃଦ୍ଧି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, କେନ୍ଦୁଝର ଜିଲାପାଳ ବିଶାଳ ସିଂ, ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିଶ୍ୱାଳ, ପ୍ରକଳ୍ପର ମୁଖ୍ୟ ନିର୍ମାଣଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା, ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ, ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଝୁମ୍ପୁରା ଉପଜିଲାପାଳ ଉମାକାନ୍ତ ପାଢ଼ୀ ପ୍ରମୁଖଙ୍କ ସମେତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପ୍ରକଳ୍ପର ବିଭିନ୍ନ ସ୍ଥାନକୁ ଯାଇ ପରିଦର୍ଶନ କରିଥିଲା। କାନପୁର ପ୍ରକଳ୍ପ ଗୃହରେ ପୂର୍ବାହ୍ନ ୧୦ଟାରେ ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ପ୍ରୋଜେକ୍ଟର ମାଧ୍ୟମରେ ଯନ୍ତ୍ରୀମାନେ ବନ୍ଧ ସମ୍ପର୍କରେ ଅବଗତ କରାଇଥିଲେ। କାନପୁର ପ୍ରକଳ୍ପର ଅସମ୍ପୂର୍ଣ୍ଣ ଥିବା କାମଗୁଡ଼ିକ ମଧ୍ୟରେ ସ୍ପିଲ୍ୱେ ସ୍ଲୁଇସ, ୧୨ଟି ରେଡ଼ିଆଲ ଗେଟ, ସ୍କିଲ ୱେ କଂକ୍ରିଟ କାର୍ଯ୍ୟ ରହିଛି, ଯାହାକି ଏବେ ନିର୍ମାଣ କରାଯାଉଛି। ସ୍ପିଲ୍ୱେ ସ୍ଲୁଇସ କାର୍ଯ୍ୟ ଚାଲୁଥିବାରୁ ବୈତରଣୀ ନଦୀକୁ ଜଳ ନିଷ୍କାସନ କରାଯାଇପାରୁନାହିଁ। ନିର୍ମାଣ ପରେ ଏହା ଆରମ୍ଭ କରାଯିବ ବୋଲି ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି। ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ, କାନପୁର ଡ୍ୟାମ୍ ପ୍ରୋଜେକ୍ଟର ସମୀକ୍ଷା କରାଯାଇଛି। ଆସନ୍ତା ଜୁଲାଇ ମାସ ମଧ୍ୟରେ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ସମୁଦାୟ ୨୯ହଜାର ହେକ୍ଟର ଜଳସେଚିତ ଅଞ୍ଚଳ ଥିବା ବେଳେ ଚଳିତବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କମ୍ପାନୀ ଜଳଭଣ୍ଡାରରୁ ଜଳ ଶୋଷି ନେଉଥିବା ପ୍ରଶ୍ନର ଉତ୍ତରରେ କମିଶନର ଗର୍ଗ କହିଥିଲେ ଯେ, ପାନୀୟ ଜଳ ପ୍ରକଳ୍ପ, ଚାଷଜମିକୁ ପାଣି ଦିଆଯିବା ପରେ ଶିଳ୍ପ ପାଇଁ ପାଣି ବ୍ୟବସ୍ଥା କରାଯିବ। ଖଣ୍ଡଧ ବନ୍ଧର ତଳମୁଣ୍ଡ ବୈତରଣୀ ଜଳ ଯାଉ ନ ଥିବାରୁ ପ୍ରାୟ ୧୦ଟିଗ୍ରାମର ଲୋକେ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗପତ୍ର ଦେଇଥିଲେ। ବନ୍ଧ ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ ଗ୍ରାମବାସୀଙ୍କୁ କମିଶନରଙ୍କୁ ଦେଖା କରିବାକୁ ବାରଣ କରିବାରୁ ଶତାଧିକ ଗ୍ରାମବାସୀ କମିଶନର ଗର୍ଗଙ୍କୁ ଘେରିଯାଇ ସେମାନଙ୍କର ଅସୁବିଧା ଜଣାଇବା ସହ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପୂର୍ବନିର୍ଦ୍ଧାରିତ, ବନ୍ଧର ସମୁଦାୟ କ୍ୟାଚମେଣ୍ଟ ଅଞ୍ଚଳ ୩୪୮ ସ୍କୋୟାର କିଲୋମିଟର ହୋଇଥିବା ବେଳେ ଜଳଭଣ୍ଡାର ଉପର ମୁଣ୍ଡରୁ ୨ଟି ଶିଳ୍ପସଂସ୍ଥା ପାଇପ୍ ଲାଇନ ଜରିଆରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ପମ୍ପ ହାଉସ ଓ ଇଣ୍ଟେକ ୱେଲ ନିର୍ମାଣ କରୁଛନ୍ତି। ଏହାଦ୍ୱାରା ବନ୍ଧର ଜଳଭଣ୍ଡାରରେ ଜଳ ହ୍ରାସ ପାଇବା ସହିତ ସରକାରୀ ଜଳ ଯୋଗାଣ, ଚାଷ ପ୍ରଭାବିତ ହେବ ବୋଲି ଚାଷୀ ରମାକାନ୍ତ ମହାନ୍ତ, ଧନେଶ୍ୱର ମହାନ୍ତ, ଶଶିଭୂଷଣ ମହାନ୍ତ, ଦିବାକର ମହାନ୍ତ ଏବଂ ଗ୍ରିଭ୍ୟିତ ଯୋଜୁ ବାରିକ, ସୁଶୀଲ ବେହେରା, ଘନଶ୍ୟାମ ପଲେଇ ପ୍ରମୁଖ ପ୍ରକ୍ରିୟାରେ କହିଛନ୍ତି ଏହି କମିଶନର ଓ ମୁଖ୍ୟ ଯନ୍ତ୍ରୀ ବନ୍ଧ ନିକଟରେ ନିର୍ମାଣାଧୀନ ଇଣ୍ଟେକ ୱେଲ ପରିଦର୍ଶନରେ ନ ଯିବାରୁ ଚାଷୀ ଏବଂ ଗ୍ରିଭ୍ୟିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଏଲ୍ଓସିରେ ଛକାପଞ୍ଝା ସ୍ଥିତି

**୧୦ ଦିନ ହେଲା ଚାଲିଛି ଗୁଳି ବିନିମୟ**

ଶ୍ରୀନଗର/ନୂଆଦିଲ୍ଲୀ,୪।୫

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ବୈସରନରେ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ହିନ୍ଦୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀକରି କେତେକ କୂଟନୈତିକ ପଦକ୍ଷେପ ନେଇଥିବାବେଳେ ଇସଲାମାବାଦ ମଧ୍ୟ ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆତଙ୍କବାଦୀଙ୍କ ଉପରେ 'ବଡ଼ କାର୍ଯ୍ୟାନୁଷ୍ଠାନ' ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। କିନ୍ତୁ ଭାରତ ପକ୍ଷୁ ଅଦ୍ୟାବଧି କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ନୂଆଦିଲ୍ଲୀରେ ତୁହାକୁ ତୁହା ବସୁଥିବା ଉଚ୍ଚସ୍ତରୀୟ ସୁରକ୍ଷା ବୈଠକକୁ ଦେଖି ପାକିସ୍ତାନୀ ସୈନ୍ୟ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ଅବିରତ ଉଲ୍ଲଂଘନ କରୁଛନ୍ତି। ୧୦ ଦିନ ଧରି ଗୁଳିଗୋଳା ବର୍ଷଣ ଜାରି ରହିଥିବାବେଳେ ଭାରତୀୟ ସେନା ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ବିଷୟ ସୋସିଆଲ ମିଡିଆରେ ପ୍ରକାଶ କରୁଛି। ଏଭଳି ସମୟରେ ଏଲ୍ଓସିରେ ଛକାପଞ୍ଝା ସ୍ଥିତି ଲାଗିରହିଥିବାବେଳେ ସୀମାନ୍ତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପାକିସ୍ତାନ ସହ ଉତ୍ତେଜନା ଚରମସୀମାରେ ପହଞ୍ଚୁଥିବାବେଳେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ଭାରତରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି (ଗୋଳାବାରୁଦ କାରଖାନା)ଗୁଡ଼ିକରେ କର୍ମଚାରୀଙ୍କ ଲମ୍ବ ଛୁଟିକୁ ବାତିଲ କରାଯାଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ୨ ଦିନରୁ ଅଧିକ ଛୁଟି ଦିଆଯାଉ ନାହିଁ। ଲମ୍ବ ଛୁଟି ନ ଦେବାକୁ ୧୨ ଅର୍ଡନାନ୍ସ ଫ୍ୟାକ୍ଟ୍ରିକୁ ନେଇ ଗଠିତ ମ୍ୟୁନିସନ୍ସ ଇଣ୍ଡିଆ ଲିଃ (ଏମ୍ଆଇଏଲ) ପକ୍ଷରୁ ଅଧିକାଂଶ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଯୁଦ୍ଧ ଲାଗିରହିଲେ ପାକିସ୍ତାନ ନିକଟରେ ଥିବା ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ୪ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନ ନିକଟରେ ଯୁକ୍ରେନକୁ ୧୫୫ଏମ୍ଏମ୍ ଆର୍ଟିଲେରି ସେଲ୍ ରପ୍ତାନି କରିଥିବାରୁ ଏହାର ସେନା ପାଇଁ ଅସ୍ତ୍ର ନିଅଣ୍ଟ ହୋଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାସତ୍ତ୍ୱେ ପାକିସ୍ତାନ ଭାରତକୁ ବାରମ୍ବାର ଅଣୁଅସ୍ତ୍ର ଆକ୍ରମଣର ଧମକ ଦେବାରେ ଲାଗିଛି।

# ଚାହିଦାରେ ହାଲୁକା ଓଜନର ଗହଣା

**ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧି ବୃଦ୍ଧି**




ସେଲ୍‌ର ଅବଧି ବୃଦ୍ଧି ସମ୍ପର୍କରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ଘୋଷଣା କରୁଛନ୍ତି।

ଭୁବନେଶ୍ୱର,୪।୫(ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖିମଜୀ ଜୁଏଲର୍ସରେ ଅକ୍ଷୟ ତୃତୀୟା କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏପରିକି ଖିମଜୀର ଆକର୍ଷଣୀୟ ଅଫର ଓ ଗହଣାର ମୁତାବକ କଲେକ୍ସନ ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିଭଳି ଖିମଜୀର ଆକର୍ଷଣୀୟ କଲେକ୍ସନ ଓ ହାଲୁକା ଓଜନର ଗହଣା ଉଭୟ ପୁରୁଷ ଓ ମହିଳା ଗ୍ରାହକଙ୍କ ପସନ୍ଦର ଅଳଙ୍କାର ପାଲଟିଥିଲାବେଳେ ଚଳିତ ଅକ୍ଷୟ ତୃତୀୟା ଅଫରର ଏକ ଜବରଦସ୍ତ ପ୍ରତିକ୍ରିୟା ସବୁସ୍ତରରେ ଦେଖିବାକୁ ମିଳିଥିଲା। ଫଳରେ ଖିମଜୀର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲର ଅବଧିକୁ ୨୦୨୫ ମେ ୧୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅପରପକ୍ଷରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିହାତି ସହିତ ମାଗଣା ହୀରା ବାମା ଏବଂ ଆଜୀବନ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପାଇପାରିବେ ବୋଲି ଖିମଜୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଖିମଜୀ ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି, ଆମେ ଆମର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧିକୁ ବୃଦ୍ଧି କରି ବେଶ୍ ଉତ୍ସାହିତ ଅଛୁ। ଓଡ଼ିଶା ବଜାରରେ ସବୁଠାରୁ ବଡ଼ ଏବଂ ସ୍ୱତନ୍ତ୍ର ଅଫର ସହିତ ଆମେ ଆକର୍ଷଣୀୟ ଡିଜାଇନ, କାରିଗରି ଏବଂ ଗୁଣବତ୍ତା ଦୃଷ୍ଟିରୁ ଉତ୍କୃଷ୍ଟ ପ୍ରିମିୟମ୍ ଗହଣାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଉଛୁ। ଆମେ ପାରମ୍ପରିକ ଅଳଙ୍କାରକୁ ହାଲୁକା, ସହଜରେ ମାଲିକାନା ହାସଲ ଏବଂ ସୁନ୍ଦର ଭାବେ ଷ୍ଟାଇଲିସ୍ କରି ପୁନଃ ବ୍ୟାଖ୍ୟା କରୁଛୁ, ଯାହାଦ୍ୱାରା ଗ୍ରାହକ ବିଳାସପୂର୍ଣ୍ଣ ଲୁକ୍କୁ ଉପଭୋଗ କରିପାରିବେ ଏବଂ ଏହାକୁ ବଜେଟ ଅନୁକୂଳ ରଖିପାରିବେ। ସେହିପରି ଗ୍ରାହକଙ୍କ ଅବିଶ୍ୱସନୀୟ ଭଲପାଇବା ଏବଂ ପ୍ରତିକ୍ରିୟା ଅନୁଭବ ଏବଂ ପ୍ରିୟା ଏହା ଆମକୁ ଉଭୟ ପରମ୍ପରା ଏବଂ ଆଧୁନିକ ସୌନ୍ଦର୍ଯ୍ୟକୁ ପାଳନ କରୁଥିବା ସୁନ୍ଦର ଅଳଙ୍କାର ତିଆରି କରିବାକୁ ପ୍ରେରଣା ଦେଉଛି। ଉଲ୍ଲେଖଯୋଗ୍ୟ, ଖିମଜୀ ଜୁଏଲର୍ସର ସମସ୍ତ ୯ଟି (ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା) ଷ୍ଟୋରରେ 'ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍' ର ଅବଧି ୨୦୨୫ ମେ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

# ଜୁନ୍ ୩୦ ସୁଦ୍ଧା ସରିବ ପ୍ରଶାସନିକ ସୀମା ପୁନର୍ଗଠନ

ଭୁବନେଶ୍ୱର,୪।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୦ରୁ ଆରମ୍ଭ ହୋଇଥିବା ପ୍ରଶାସନିକ ସୀମା ପୁନର୍ଗଠନ ନିଷ୍ପତ୍ତିର ଅନ୍ତ ଏବେ ଘଟିବାକୁ ଯାଉଛି। ରାଜସ୍ୱ ବିଭାଗ ପକ୍ଷରୁ ଜନଗଣନା ନିୟମ-୧୯୯୦ର ଅନୁଯାୟୀ ୨୦୨୦ ଅଗଷ୍ଟରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଜୁନ୍ ୩୦ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଜୁଲାଇ ପହିଲାରେ ଅଗ୍ରିମ ଜନଗଣନା ପାଇଁ ପ୍ରଶାସନିକ ସୀମା ସ୍ଥିର କରାଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି। ଏସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ଜନଗଣନା ନିୟମ-୧୯୯୦ରେ ଆଂଶିକ ପରିବର୍ତ୍ତନ କରି ରାଜସ୍ୱ ବିଭାଗ ପକ୍ଷରୁ ପ୍ରଥମେ ୨୦୨୦ ଅଗଷ୍ଟ ୨୧ରେ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାପରେ ୧୦ଥର ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ପ୍ରଶାସନିକ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରି ନ ଥିଲା। ସରକାର ଏବେ ଅଗ୍ରିମ ଜନଗଣନା ଲାଗି ବିଭିନ୍ନ ପ୍ରଶାସନିକ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ଜିଲା, ସବଡିଭିଜନ, ତହସିଲ, ରାଜସ୍ୱ ଗ୍ରାମ, ପୌରାଞ୍ଚଳ ସୀମା ନିର୍ଦ୍ଧାରଣ ଏବଂ ପୁନର୍ଗଠନ କରାଯିବ। ଆଗାମୀ ଜନଗଣନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଜନଗଣନା ପାଇଁ ପ୍ରଶାସନିକ ସୀମା ଆସନ୍ତା ଜୁଲାଇ ୧ ତାରିଖରେ ସ୍ଥିର କରାଯିବ। ଏଥିପାଇଁ ଜୁନ୍ ୩୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଶାସନିକ କ୍ଷେତ୍ରର ସୀମା ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

# 'ନେପାଳୀ ଛାତ୍ରୀଛାତ୍ରଙ୍କୁ କିଟ୍ ପଠାଇବା ବନ୍ଦ କର'

**ନେପାଳ ନ୍ୟାସନାଲ ଆସେମ୍ବ୍ଲିରେ ଦାବି କଲେ ଅନେକ ସାଂସଦ**

କାଠମାଣ୍ଡୁ,୪।୫(ପି.ଟି.)

ଓଡ଼ିଶାର କିଟ୍‌କୁ ନେପାଳୀ ଛାତ୍ରଛାତ୍ରୀଙ୍କୁ ପଠାଇବା ବନ୍ଦ କରାଯିବା ବୋଲି ନେପାଳ ନ୍ୟାସନାଲ ଆସେମ୍ବ୍ଲିରେ ଅନେକ ସାଂସଦ ଦାବି କରିଛନ୍ତି। କିଟ୍ କ୍ୟାମ୍ପସରେ ୩ ମାସ ମଧ୍ୟରେ ୨ ଜଣ ନେପାଳୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ନେପାଳ ସରକାରଙ୍କୁ ଦେଶର କେତେଜଣ ସାଂସଦଙ୍କ ପକ୍ଷରୁ ଏଭଳି ଦାବି କରାଯାଇଛି। କିଟ୍‌ରେ ନାମ ଲେଖାଇବାକୁ ଚାହୁଁଥିବା ନେପାଳୀ ଛାତ୍ରଛାତ୍ରୀଙ୍କୁ ଏନ୍‌ଓସି ପ୍ରଦାନ ନ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ନେପାଳର ଉଚ୍ଚ ସଦନରେ ଚାଲିଥିବା ଜରୁରିକାଳୀନ ଅଧିବେଶନରେ ଜୁଲ ପ୍ରସାଦ ବିଶ୍ୱକର୍ମା ଏବଂ ମଦନ କୁମାରୀ ଶାହାଙ୍କ ସମେତ ଅନେକ ସାଂସଦ କିଟ୍‌ରେ ମୃତ୍ୟୁବରଣ କରିଥିବା ୨ ନେପାଳୀ ଛାତ୍ରୀଙ୍କ ମୃତ୍ୟୁର ବିସ୍ତୃତ ତଦନ୍ତ କରିବା ସହ ସେମାନଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସରକାରଙ୍କୁ ଆହ୍ୱାନ କରିଛନ୍ତି।

# ନିର୍ବାଚନ ଆୟୋଗ ଆପଣାଇବ 'ଇସିଆଇ-ନେଟ୍'

ଭୁବନେଶ୍ୱର,୪।୫(ରବିନାରାୟଣ ଜେନା)

ନିର୍ବାଚନରେ ଅନ୍‌ଲାଇନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ଖୁବ୍‌ଶୀଘ୍ର ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନୂତନ ଆପ୍(ଇସିଆଇ-ନେଟ୍) ଲାଗୁ କରାଯିବ। ଯେଉଁଥିରେ ଭୋଟର, ନିର୍ବାଚନ ଅଧିକାରୀ, ରାଜନୈତିକ ଦଳ ଏବଂ ସାଧାରଣ ନାଗରିକ ସହଜ ଡିଜିଟାଲ ଇଣ୍ଟରଫେସ୍ କରିପାରିବେ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ରବିବାର କୁହାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଦ୍ୱାରା ଏହି ପ୍ଲାଟଫର୍ମର କଳ୍ପନା କରାଯାଇଛି। ଏହାଦ୍ୱାରା ଉପଯୋଗୀ କର୍ମଚାରୀମାନେ ବିଭିନ୍ନ ପ୍ରକାର ଆପ୍ ଡାଉନଲୋଡ୍ କରିବା ସହିତ ବିଭିନ୍ନ ଲଗ୍‌ଇନ୍ ମନେରଖିବାର ଅସୁବିଧାରୁ ମୁକ୍ତ ହେବେ। ତଥ୍ୟ ଠିକ୍ ରହିବା ଲାଗି ଡେଟ୍ଗୁଡ଼ିକୁ କେବଳ ଅଧିକୃତ ଏଆଇଓ ଅଧିକାରୀମାନଙ୍କ ଦ୍ୱାରା ଇନ୍‌ପୁଟ କରାଯିବ। ଯଦି କୌଣସି ଦ୍ୱନ୍ଦ୍ୱ ଘଟେ, ତେବେ ବିଧିବଦ୍ଧ ଫର୍ମରେ ଭରା ଯାଇଥିବା ପ୍ରାଥମିକ ତଥ୍ୟକୁ ବିଧେୟ କରାଯିବ। ଏହି ନୂତନ ପ୍ଲାଟଫର୍ମରେ ଭୋଟର ହେଲ୍‌ପ ଲାଇନ, ଭୋଟର ଟର୍ନଆଉଟ ଆପ୍, ସି-ଭିଜିଲ, ସୁବିଧା-୨.୦, ଇଏସ୍ଏମ୍ଏସ୍, ସକ୍ଷମ ଏବଂ କେୱାଇସି ଆପ୍ ସହ ଅନ୍ୟ ୪୦ଟି ଆପ୍ ଅନ୍ତର୍ଭୁକ୍ତ ରହିବ। ଇସିଆଇନେଟ୍ ଦ୍ୱାରା ପ୍ରାୟ ୧୦୦କୋଟି ଭୋଟର, ୧୦.୫ଲକ୍ଷ ବିଏଲ୍ଓ, ୧୫ଲକ୍ଷ ବିଏଲ୍ଏ, ୪୫ଲକ୍ଷ ମତଦାନ କର୍ମଚାରୀ, ୧୫ହଜାର ୫୯୭ଏଆରଓ, ୪୧୨୩ ଇଆରଓ ଏବଂ ୭୬୭ ଡିଇଓମାନେ ଲାଭାନ୍ୱିତ ହେବେ।

# କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୪।୫(ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୫ର ଅନୁବାଦ ପୁରସ୍କାର ପାଇଁ ଆବେଦନ ଆରମ୍ଭ ହୋଇଛି। ଭାରତୀୟ ଅନୁବାଦକ, ଅନୁବାଦକଙ୍କ ଶୁଭଚିନ୍ତକ ଏବଂ ପ୍ରକାଶକଙ୍କଠାରୁ ଏକାଡେମୀ ଦ୍ୱାରା ସ୍ୱୀକୃତ ୨୪ଟି ଭାଷାରେ ଅନୁବାଦ ପୁସ୍ତକ ଆହ୍ୱାନ କରାଯାଇଛି। ପ୍ରତ୍ୟେକ ବହିର ଏକକପି ନକଲ ସହିତ ଆବେଦନପତ୍ର ଜମା କରିବାକୁ କୁହାଯାଇଛି। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ଓଡ଼ିଆ ଅନୁବାଦ ପୁସ୍ତକଗୁଡ଼ିକ କୋଲକାତାସ୍ଥିତ ଏକାଡେମୀଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ସୂଚନାଯୋଗ୍ୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ୧୯୮୯ ରୁ ପ୍ରତିବର୍ଷ ସ୍ୱୀକୃତ ୨୪ଟି ଭାରତୀୟ ଭାଷାରେ 'ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର' ପ୍ରଦାନ କରୁଛି। ଓଡ଼ିଆ, ଅସମୀୟା, ବଙ୍ଗଳା, ବୋଡୋ, ଡୋଗ୍ରୀ, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମୈଥିଳି, ମାଲାୟାଲମ, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ରାଜସ୍ଥାନୀ, ସଂସ୍କୃତ, ସାନ୍ତାଳୀ, ସିନ୍ଧି, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଭାଷାରେ ଭାରତୀୟ ଲେଖକଙ୍କ ସର୍ବୋତ୍କୃଷ୍ଟ ଅନୁବାଦ ପୁସ୍ତକଙ୍କୁ ଏହି ପୁରସ୍କାର ଦିଆଯାଇଛି। ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ଫଳକ ପ୍ରଦାନ କରାଯାଉଛି।

# ଶଙ୍ଖକୁଦ ବସ୍ତିରୁ ୬ ସନ୍ଦିଗ୍ଧ ଖସିଗଲେ




ତଲାସିବେଳେ ମିଳିଥିବା ପରିଚୟପତ୍ର।

**ଛାନଭିନ୍ କରୁଛି ପୋଲିସ**

ପାରାଦୀପ,୪।୫(ଶରତ ରାଉତ)

ଜଗତସିଂହପୁର ଜିଲା ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଶଙ୍ଖକୁଦ ବସ୍ତି ଉପରେ ରବିବାର ସନ୍ଧ୍ୟାରେ ୬ ଜଣ ସନ୍ଦିଗ୍ଧ ରହିଥିବା ଗୁଞ୍ଜରିଆ ଦେଖିବାକୁ ମିଳିଥିଲା। ସମ୍ଭ୍ରାନ୍ତ ଲୋକଙ୍କ ଚାଲିଚଳଣ ଦେଖି ଶଙ୍ଖକୁଦ ବସ୍ତିର କେତେଜଣ ଲୋକ ସେମାନଙ୍କ ପରିଚୟ ପଚାରିଥିଲେ। ମାତ୍ର ସନ୍ଦିଗ୍ଧ ବ୍ୟକ୍ତିମାନେ ଭିନ୍ନଭିନ୍ନ ନାମ କହିଥିଲେ। ଏଥିରେ ସନ୍ଦେହ ହେବାରୁ ବସ୍ତି ଲୋକେ ସେମାନଙ୍କ ପରିଚୟପତ୍ର ମାଗିଥିଲେ। ତଲାସିବେଳେ ଜଣଙ୍କଠାରୁ ନେପାଳ ଅଏଲ କର୍ପୋରେସନ ଲିମିଟେଡ୍ ନାମକ ସଂସ୍ଥାର ଆଇଡି କାର୍ଡ ମିଳିଛି। ସେଥିରେ ତାଙ୍କ ନାମ ୱାସିମ ଆଲାମ ଓ ଘର ଜମ୍ମୁ କଶ୍ମୀର ରାଜୌରୀରେ ବୋଲି ଦର୍ଶାଯାଇଛି। କିନ୍ତୁ ଉକ୍ତ ବ୍ୟକ୍ତି ବିହାର ଅଞ୍ଚଳର ବୋଲି ନିଜ ପରିଚୟ ଦେଇଛନ୍ତି। ସେମାନଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହାପରେ ଜଣେ ହାବିଲଦାର ପହଞ୍ଚି ସନ୍ଦିଗ୍ଧମାନଙ୍କ ପରିଚୟ ପଚାରିବାବେଳେ ଜଣ ଜଣ କରି ସନ୍ଦିଗ୍ଧମାନେ ସମୁଦ୍ରକୂଳ ଆଡ଼କୁ ପଳାଇଯାଇଥିଲେ। ଏହାପରେ ଏସ୍‌ପି ସୁରିନ୍ଦର ନାଥ, ମେରାଇନଥାନାଧିକାରୀ କଲ୍ୟାଣୀ ଷଡ଼ ସମେତ ଅନ୍ୟ ଅଧିକାରୀ ପହଞ୍ଚିଲେ ମଧ୍ୟ ସେମାନଙ୍କର ପତ୍ତା ମିଳି ନ ଥିଲା। ରିପୋର୍ଟ ଲେଖାହେବା ଯାଏ ପାରାଦୀପ ଅଞ୍ଚଳରେ ଥିବା ୫ ଥାନା ପୋଲିସ ବିଭିନ୍ନ ସ୍ଥାନରେ ସେମାନଙ୍କ ସମ୍ପର୍କରେ ଯାଞ୍ଚ କରୁଛି। ଘଟଣା ସମ୍ପର୍କରେ ଏସ୍‌ପି କଲ୍ୟାଙ୍କୁ ପଚାରିଲେ କୁହନ୍ତି, ଖବରପାଇ ସେମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କାହାରିକୁ ପାଇ ନ ଥିଲେ। ପଳାଇଯାଇଥିବା ବ୍ୟକ୍ତି ସନ୍ଦିଗ୍ଧ କି ସାଧାରଣ ନାଗରିକ ଯାଞ୍ଚ କଲାପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ମିଳିତ ନିର୍ମାଣର ସଫଳ ସ୍ମୃତିଚିହ୍ନକୁ ଶହେଜଣ ସାଇତି ରଖିଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

**ଐତିହ୍ୟର ଓଡ଼ିଶା**



ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଗୁମ୍ଫରେ ଥିବା ନବଗ୍ରହ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**■ ଏକ ସମୟରେ ୧୦୦ଟି ନଡ଼ିଆ ମଙ୍ଗଳ କାମନା ପାଇଁ ଭଙ୍ଗାଯାଇଥିଲା**

**■ ପଦ୍ମଦଣ୍ଡ ଉପରେ ମାଣିକ୍ୟ ଖଞ୍ଜା ଯାଇଥିଲା**

କଳସ ସ୍ଥାପନ ପୂର୍ବରୁ ଶାସ୍ତ୍ରୀୟ ବିଧିରେ ଶାନ୍ତିହୋମ ହୋଇଥିଲା। ପଞ୍ଚାମୃତ ପ୍ରସ୍ତୁତ ହୋଇ ସଂସ୍କାର କରାଯାଇଥିଲା। କଳସ ସହିତ 'ପଦ୍ମଦଣ୍ଡ' ମଧ୍ୟ ସମାନ ଭାବରେ ଏକାଠି ସଂସ୍କାରିତ ହେବାପରେ ଶିଳ୍ପୀମାନେ ସବା ଉପରକୁ ଉଠାଇଥିଲେ। ଧ୍ୱଜପଦ୍ମ ନିର୍ମିତ ହୋଇଥିଲା ପଥରରେ। ଧ୍ୱଜପଦ୍ମ ସଂସ୍କାର ହେବାପରେ ଗୁରୁଙ୍କୁ ଆପଣେ ବସ୍ତ୍ର ଆଚ୍ଛାଦନ କରି ପ୍ରଣାମ ହୋଇଥିଲେ। ପୋଥିରେ ବର୍ଣ୍ଣନା ଅନୁସାରେ ଏହି କାର୍ଯ୍ୟ କରୁଥିଲେ ଭୋଇବିଡ଼ି ରାଜଗୁରୁ (ଭୁବନେଶ୍ୱର ରାଜଗୁରୁ)। ସେ ପଞ୍ଚାମୃତରେ ସ୍ନାନ କରିବା ପରେ ଯେତେବେଳେ ମନ୍ତ୍ର ଉଚ୍ଚାରଣ କଲେ, ସେତେବେଳେ ଏକ ଅଭିନବ ପରମ୍ପରା ସୃଷ୍ଟି ହୋଇଥିଲା। ତାରିପରେ ଶହେଜଣ କାରିଗର ୧୦୦ଟି ନଡ଼ିଆ ଧରି ଧାଡ଼ିରେ ଠିଆ ହୋଇଥିଲେ। ପ୍ରଥମେ ମନ୍ତ୍ର ଉଚ୍ଚାରଣରେ ଶେଷ ପାଦରେ ଶିଳ୍ପୀ ଗଙ୍ଗା ମହାପାତ୍ର ନଡ଼ିଆ ବାଡ଼େଇ ଶୁଭ କାମନା କରିଥିଲେ। ତା'ପରେ ପରେ ଶହେ କାରିଗର ଏକ ସମୟରେ ନଡ଼ିଆ ବାଡ଼େଇ ମୁଣ୍ଡିଆ ମାରିଥିଲେ। ସମସ୍ତେ କଳସ ଏବଂ ଧ୍ୱଜ ପଦ୍ମକୁ ପରିକ୍ରମା କରି ପ୍ରଣାମ ମୁଦ୍ରାରେ କିଛି ସମୟ ରହିବା ପରେ ମୁଖଶାଳାରେ ଲାଗିଥିବା ପାଷାଣକାଠରେ ଖଣ୍ଡେ ଖଣ୍ଡେ 'ସ୍ମାରକୀ' ସ୍ୱରୂପ ନେଇଥିଲେ। ଅକ୍ଳାନ୍ତ ପରିଶ୍ରମ, ଅମାପ ନିଷ୍ଠା ଓ ଆମ୍ବିକ ଏକାଗ୍ରତାରେ ସେମାନେ ନିର୍ମାଣ କରିଥିବା ସ୍ମୃତିଚିହ୍ନ ସ୍ୱରୂପ ସେ କାଠଗୁଡ଼ିକୁ ନେଇଥିଲେ, ମିଳିତ ନିର୍ମାଣର ସଫଳ ସ୍ମୃତି।

ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ଅହରହ ଚାଲୁ ରଖିଥିଲେ ଶିଳ୍ପୀମାନେ। ତେବେ ଗଦାଧର ମହାପାତ୍ର ସିଂହାସନ ନିର୍ମାଣ ଶେଷପର୍ଯ୍ୟାୟ ଦେଉଥିବାବେଳେ, ରାମ ମହାପାତ୍ର ତିନିଜଣ ବରିଷ୍ଠ ଶିଳ୍ପୀଙ୍କୁ ନେଇ କଳାହାଟ ଦୁଆରର ଦ୍ୱାରବନ୍ଧ ଖୋଦେଇରେ ବ୍ୟସ୍ତ ଥିଲେ। ସହଯୋଗ ପଠୁଥିଆ ଥିଲେ ବାରଜଣ। ସପ୍ତ ଅଶ୍ୱ ନିର୍ମାଣ ସରିବାରୁ ନାରାୟଣ ମହାପାତ୍ର ଖଣ୍ଡିବା କାମ ଆରମ୍ଭ କରିସାରିଥିଲେ।

ମୁଖଶାଳାର ଦକ୍ଷିଣ ପାର୍ଶ୍ୱରେ ନବଗ୍ରହ ବିଗ୍ରହ ଲାଗିବାର ନିଷ୍ପତ୍ତି ହୋଇଥିଲା। ଦେବୀହାଟ ଉତ୍ତାରଣ ନବଗ୍ରହ ବିଗ୍ରହ ହେବେ ଗୋଟିଏ ପଥରରେ। ଠିକ୍ ସେହି ମାପରେ ଉତ୍ତର ପାର୍ଶ୍ୱରେ ଲାଗିବା ପାଇଁ ଗଙ୍ଗା ମହାପାତ୍ର ବାରଜଣ ଶିଳ୍ପୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଅନୁସନ୍ଧାନରୁ ଜଣାଯାଇଛି ପାଞ୍ଚଟି ନବଗ୍ରହ ଶିଳା କୋଣାର୍କଠାରେ ଲାଗିଥିଲା। ଗୋଟିଏ ମାତ୍ର ଖଣ୍ଡିତ ଶିଳା ଏବେ ଅଛି, ଯାହା ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରର ପ୍ରବେଶ ଦ୍ୱାର ଉପରେ ଲାଗିଛି। ବୋଷ୍ଟନ ସଂଗ୍ରହାଳୟରେ ନବଗ୍ରହ ଶିଳାକୁ ଖଣ୍ଡିତ କରିଦିଆ ପରେ କେବଳ 'ଶୁକ୍ର'ଙ୍କର ଏକକ ବିଗ୍ରହ ସ୍ଥାନ ପାଇଛି। ଅନ୍ୟ ଆଠ ଗ୍ରହଙ୍କର ବିଗ୍ରହ କେଉଁଠି କେଉଁଠି ରହିଛି ଆମକୁ ଠାବ କରିବାକୁ ହେବ।

ସେହିପରି 'ପଦ୍ମଦଣ୍ଡ'ର କୌଣସି ସନ୍ଧାନ ଆମେ ପାଇ ନାହୁଁ। ପୂର୍ବ ସଂଖ୍ୟାରେ ପଦ୍ମଦଣ୍ଡ ସମ୍ପର୍କରେ ଆମେ ସୂଚନା ମାତ୍ର ଦେଇଥିଲୁ। ପଦ୍ମଦଣ୍ଡ ଥିଲା ଆଠହାତ ଉଚ୍ଚତାବିଶିଷ୍ଟ। ସୂତ୍ରଧର ଶିବେଇ ସାମନ୍ତରା ନିଜେ ଏହି ଦଣ୍ଡ ନିର୍ମାଣ କରିଥିଲେ। ଦଣ୍ଡ ଉପରେ ପଦ୍ମଫୁଲର ଚିହ୍ନ ରହି, ପୁଣି ମଝିରେ ଏକ ରନ୍ଧ୍ର ସୃଷ୍ଟି କରାଯାଇ 'ମାଣିକ୍ୟ' ଖଞ୍ଜାଯାଇଥିଲା।

ମୁଖଶାଳାର ଚଟାଣ ପଥର ପକାଇ ସଜେଇବା କାର୍ଯ୍ୟ ସୂତ୍ରଧର ଦାୟିତ୍ୱ ଦେଉଥିଲେ ବାର ମହାପାତ୍ର ଓ କ୍ଷେତ୍ରବାସୀ ମହାରାଣାଙ୍କୁ। ସେମାନେ ୪୦ଜଣ ପଥୁରିଆଙ୍କର ସହଯୋଗ ନେଇଥିଲେ। ରାଜଗୁରୁଙ୍କ ପରାମର୍ଶରେ ସୂତ୍ରଧର ସ୍ୱୟଂ ପଟକେର ମାପ ଦେଉଥିଲେ। ସୂତ୍ରଧର ଶିବେଇ ସାମନ୍ତରା ପ୍ରତ୍ୟେକ କାମ ପ୍ରତି ନଜର ରଖିବା ତାଙ୍କର ନିର୍ମାଣ କାର୍ଯ୍ୟପ୍ରତି ସଚେତନ ଭାବାବେଗକୁ ସ୍ପଷ୍ଟ କରେ। ବେଙ୍କିଭିତର ନିର୍ମାଣ ଆଦେଶ ଦେଲା କେଳେକୁ ଦେଖିଲେ ଶିଳ୍ପୀ ରାଜକର୍ମଚାରୀ କେତେକ ଉପହାର ନେଇ ସୂତ୍ରଧରଙ୍କ ଶିବିର ପାଖରେ ପହଞ୍ଚିଲେ। ରାଜାଡ଼ିଲା ମହାଶ୍ରମଙ୍କ 'ଜେନାମଣି'ଙ୍କ ଜନ୍ମଦିନ ଅବସରରେ ରାଜଦେଇ ଆସିଛି। ଏହାର ଉପହାର ଶିବିରଗୁଡ଼ିକୁ ଯାଇ ଶିଳ୍ପୀଙ୍କୁ ବାଣ୍ଟିବା ପାଇଁ ସୂତ୍ରଧର ଆଦେଶ ଦେଲେ। ଜନ୍ମଦିନ ଅବସରରେ ବିଭିନ୍ନ ଶିଳ୍ପୀ ଶିବିର ପାଇଁ ଭିନ୍ନ ଭିନ୍ନ ଦିନରେ ଭୋଜି କରିବାକୁ ସୂତ୍ରଧର ସମ୍ମତି ଦେଲେ। ଚାରିଶିବିର ପାଇଁ ଚାରିଦିନ ପଥୁରିଆ, ପାଇଟିଆଙ୍କ ପାଇଁ ଗୋଟିଏ ଦିନ। ନାରୀ କାମିକା, ଗାଈଆଳ, ପାନ, ପାଣି, ଯୋଗାଉଥିବା ବ୍ୟକ୍ତି, ଘୋଡ଼ସବାର, ଭାଗିଆଳ, ଶଗଡ଼ିଆ ଓ ସୁରକ୍ଷାକର୍ମୀଙ୍କ ପାଇଁ ଗୋଟିଏ ଦିନ। ଏହିପରି ଛଅଦିନ ଭୋଜି ହୋଇଥିଲା। ଦୁଇଜଣ ରୋଷେୟା ନାରୁ ପଣ୍ଡା ଓ ବିଶି ପଣ୍ଡାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ସହଯୋଗ କରିଥିଲେ। ନିର୍ମାଣ କାର୍ଯ୍ୟ ଚାଲିଥିଲା, ଭୋଜିଭାତ ବା ଖୁସିକାରିରେ ସବୁକିଛି ସହଜ ଭାବରେ ହେଉଥିଲା। ଗଜପତି ନିର୍ମାଣ ବେଳ କାର୍ଯ୍ୟ କରାଯାଇଥିବା ବୋଲି ଯେଉଁମାନେ ଲେଖିଥିଲେ... ସେମାନଙ୍କୁ ଆମେ ଆଉ କ'ଣ କହିବା!

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ଭାରତ ପାଇଁ ବିଜୟୀ ସୂଚକ ଗୋଲ କରିଥିବା ନବନୀତ କୌର।

**ପର୍ଥ,୪।୫(ପି.ଟି.)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ତା'ର ଅଷ୍ଟ୍ରେଲିଆ ଟୁର ଶେଷ କରିଛି। ସିରିଜ୍‌ରେ ୫ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳ ଲାଗି ଏହା ଏକମାତ୍ର ବିଜୟ। ଏଥିପୂର୍ବରୁ ଭାରତୀୟ ଦଳ, ଅଷ୍ଟ୍ରେଲିଆ ଏ' ଦଳଠାରୁ ୩-୫ ଓ ୨-୩ ଗୋଲରେ ଓ ପରେ ଅଷ୍ଟ୍ରେଲିଆ ସିନିୟର ଦଳଠାରୁ ୦-୨ ଓ ୨-୩ ଗୋଲରେ ପରାଜିତ ହୋଇଥିଲା। ରବିବାର ପର୍ଥ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଷ୍ଟ୍ରାଇକର ନବନୀତ କୌର ଭାରତ ପାଇଁ ବିଜୟୀ ସୂଚକ ଗୋଲ କରିଥିଲେ।

ଅଷ୍ଟ୍ରେଲିଆ ଟୁରର ଅନ୍ତିମ ମ୍ୟାଚରେ ଭ୍ରମଣକାରୀ ଦଳ ତା'ର ଶ୍ରେଷ୍ଠ ହକି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ

**ମହିଳା ହକି ସିରିଜ୍**

ଅତ୍ୟଧିକ ଆଟାକିଂ ହକି ଖେଳି ଦୁଇଟି ପେନାଲ୍ଟି କର୍ନର ହାସଲ କରିଥିଲା। ହେଲେ ଭାରତୀୟ ଡିଫେନ୍ସ ବିଭାଗ ଉଭୟ ପେନାଲ୍ଟିକୁ ବେକାର କରି ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରର ୨୧ତମ ମିନିଟ୍‌ରେ ଭାରତୀୟ ଦଳର ଉପ ଅଧିନାୟିକା ନବନୀତ ଏକ ଚମତ୍କାର ଫିଲ୍ଡ ଗୋଲ କରିଥିଲେ, ଯାହା ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲା। ହେଲେ କେହି ଭାରତୀୟ ଡିଫେନ୍ସଭାଗକୁ ଭେଦ କରିପାରି ନ ଥିଲେ।





ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୩ତମ କୁମାର ସୁରେନ୍ଦ୍ର ସିଂ ବନ୍ଧୁକଚାଳନାର ୧୦ମିଟର ଏୟାର ରାଇଫଲ୍ ବଧିର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ମୋହିତ କୁମାର ପାସୱାନ।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ପିକେଲବଲ ଉଦ୍‌ଯାପିତ

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ରାଜ୍ୟ ର୍‍ୟାଙ୍କିଙ୍ଗ୍ ପିକେଲବଲ ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ଆଦିତ୍ୟ ରିକ୍ରିଏଶନାଲ କ୍ଲବ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ମୋଟ ୬୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ବର୍ଷରୁ କମ୍ ବାଳକରେ ବିନାୟକ ବେହେରା ସ୍ୱର୍ଣ୍ଣ, ହେର୍ନେକ ସିଂ ରୌପ୍ୟ, ଅକ୍ଷଜ କୁମାର ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଡବଲ୍ସରେ ରୋନିକ ମେହେର ଓ ହେର୍ନେକ ସିଂ ଯୋଡ଼ି ସ୍ୱର୍ଣ୍ଣ ଓ ବିନାୟକ ବେହେରା ଓ ଅକ୍ଷଜ କୁମାର ରୌପ୍ୟ ଜିତିଛନ୍ତି। ୧୯ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ଅଂଶୁମାନ ବାବୁ ଏବଂ ଡବଲ୍ସରେ ଅଂଶୁମାନ-ଏକଲବ୍ୟ ମହାପାତ୍ରଙ୍କ ଯୋଡ଼ି ସ୍ୱର୍ଣ୍ଣ ପାଇଛନ୍ତି। ୩୦ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ସୁମିତ ପଣ୍ଡା ଏବଂ ଡବଲ୍ସରେ ରୋଶନ ମିଶ୍ର-ସୁମିତ ଯୋଡ଼ି ସ୍ୱର୍ଣ୍ଣ ଜିତିଥିବାବେଳେ ୪୦ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ସନ୍ତୋଷ ଜେନା ଏବଂ ଡବଲ୍ସରେ ସନ୍ତୋଷ-ସୁନୀଲ ସାହୁଙ୍କ ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୫୦ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସରେ ମଧ୍ୟ ସନ୍ତୋଷ ଜେନା ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ପ୍ରସିଦ୍ଧି ଏବଂ ଡବଲ୍ସରେ ଅନିଷା ପାଣିଗ୍ରାହୀ ଓ ଏସ. ଲଳିତା କୁମାରୀ ସ୍ୱର୍ଣ୍ଣ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସରେ ଯଶରାଜ ନାୟକ ଓ ପ୍ରସିଦ୍ଧି ପୋଦ୍ଦାର ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ପିକେଲବଲ ଆସୋସିଏଶନ ଉପ ସଭାପତି ଆଦିତ୍ୟ ପାତ୍ର, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଆୟୋଜକ କମିଟି ମୁଖ୍ୟ ପ୍ରଦୀପ ସିଂ ଏବଂ ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରାଜ୍ୟରେ ପିକେଲ ବଲ୍‌ର ବିକାଶରେ ଏହି ପ୍ରତିଯୋଗିତା ବିଶେଷ ସହାୟକ ହୋଇପାରିବ ବୋଲି ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।


## ଜନ୍ମବାର୍ଷିକ ଶୁଭେଚ୍ଛା



**ସାଇ ଶାଶ୍ୱତ ମଲ୍ଲିକ (ଶୁଭ)**
ସ୍ଥାନ- ଜନ୍ମଜୟପୁର, ପୋଷ୍ଟ- ଫୁଲନଖରା, ଜିଲ୍ଲା- ଖୋର୍ଦ୍ଧା।
ମହାପ୍ରଭୁ ଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ-ମାତା, ପିତା ଓ ଗୁରୁଜନମାନେ
ଧ-୩୯୮


# ହେଲ୍ ବିଜେତା

**ପ୍ରେଗ୍, ୪।୫ (ଏପି):** ଇଥିଓପିଆର ଲେମି ବର୍‌ହାନୁ ହେଲ୍ କ୍ରମାଗତ ଦ୍ୱିତୀୟ ବର୍ଷ ପ୍ରେଗ୍ ଇଣ୍ଟରନ୍ୟାଶନାଲ ମାରାଥାନ ରେସ୍ ଜିତିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦେଶର ବର୍ତୁକାନ୍ ୱେଲ୍ଡ ମହିଳା ଟାଇଟଲ ବିଜୟୀ ହୋଇଛନ୍ତି। ୨୦୧୬ରେ ବୋଷ୍ଟନ ମାରାଥନ ଜିତିଥିବା ହେଲ୍ ୪୨.୧୯୫ କି.ମି ଦୀର୍ଘ ବିଶିଷ୍ଟ ରେସ୍‌ର ୩୦ କି.ମି. ପୂର୍ବରୁ କେନିଆର ଫେଲିକ୍ସ କିପ୍‌କୋଚ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ସେ ୨ ଘଣ୍ଟା ୫ ମିନିଟ୍ ୧୪ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ।

# ଉତ୍ତର ଜୋନ୍ ଦଳ ବିଜେତା

**ଶ୍ରୀ ସତ୍ୟସାଇ କ୍ରିକେଟ ଲିଗ୍**

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ ଗତ ୨ରୁ ୪ ପର୍ଯ୍ୟନ୍ତ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ରାଜ୍ୟ ସ୍ତରୀୟ ଫାଇନାଲ ମ୍ୟାଚ ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ଓଡ଼ିଶାର ଉତ୍ତର ତଥା ଦକ୍ଷିଣ ଦଳଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଜୋନ ଦଳ ବିଜୟ ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ଶ୍ରୀ ସତ୍ୟ ସେବା ସଂଗଠନ ଭାରତର ଜୋନ ସଭାପତି ନାରାୟଣ ପ୍ରସାଦ ସର, ସାଂଯୋଜକ ଅଞ୍ଜନୀ ପଟ୍ଟନାୟକ ଏବଂ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ଓଡ଼ିଶା ରାଜ୍ୟ ନିର୍ବାହକ ଶୀତଳ ସ୍ୱରୂପ ତ୍ରିପାଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।





ଟ୍ରଫି ସହ ବିଜେତା ଉତ୍ତର ଜୋନ୍ ଦଳ ।

# ଚିଡୋ ଓବି ସର୍ବକନିଷ୍ଠ ଖେଳାଳି

**ଲଣ୍ଡନ, ୪।୫ (ଏପି):** ଚିଡୋ ଓବି ମାଞ୍ଚେଷ୍ଟର ୟୁନାଇଟେଡ୍ ତରଫରୁ ଏକ ପ୍ରିମିୟର ଲିଗ୍ ମ୍ୟାଚ ଆରମ୍ଭ କରିବାରେ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରବିବାର ବ୍ରେଣ୍ଟଫୋର୍ଡ ବିପକ୍ଷ ମ୍ୟାଚରେ ଦଳର ଷ୍ଟ୍ରାଇକର ଭାବେ ଖେଳିଥିଲେ। ତାଙ୍କର ବୟସ ୧୭ ବର୍ଷ ୧୫୬ ଦିନ । ଓବି ହେଉଛନ୍ତି ଡେନମାର୍କରୁ ଜଣେ ୟୁଥ୍ ଇଣ୍ଟରନ୍ୟାଶନାଲ ଖେଳାଳି। ଗତବର୍ଷ ସେ ଆର୍ସେନାଲରୁ ଆସି ୟୁନାଇଟେଡ୍ ଦଳରେ ଯୋଗ ଦେଇଛନ୍ତି। ଏହି ସିଜନରେ ସେ ଲିଗ୍‌ରେ ସେ ୫ଥର ଖେଳିଛନ୍ତି, ମାତ୍ର ଜଣେ ଦଳର ଖେଳାଳି ଭାବେ। ସେ ଏପର୍ଯ୍ୟନ୍ତ ସ୍କୋର କରିପାରି ନାହାନ୍ତି।


# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200



## FOR RENT

For rent (Residential/Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

3BHK flat Ashok Nagar, Rajmahal Sqr. 9437778642. D-382

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384

## LOST

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ବିନୋଦ କୁମାର ବାରିକ ତାଙ୍କର ମୂଳ ଖତିଆନ କ୍ରମିକ ନମ୍ବର- ୧୩୬, ପ୍ରଜାଙ୍କ ନାମ ଗୌରାଙ୍ଗ ଚରଣ ମହାନ୍ତି ସହିତ ଅନ୍ୟାନ୍ୟ କାଗଜପତ୍ର ଯାହାକି ତାଙ୍କ ହ୍ୟାଣ୍ଡ ବ୍ୟାଗ୍‌ରେ ଥିଲା। ସେଗୁଡ଼ିକୁ ପୁରୀଘାଟ ଅଞ୍ଚଳରେ କେଉଁଠି ହଜାଇଦେଇଛନ୍ତି। କେହି ସହୃଦୟ ବ୍ୟକ୍ତି ସେସବୁ ପାଇଥିଲେ ଦୟାକରି ଆଡ୍‌ଭୋକେଟ୍ ଏନ୍. ସି. ପଟ୍ଟନାୟକ ମୋବାଇଲ ନଂ- 9853311189 କିମ୍ବା ଶ୍ରୀରାମ ଫାଇନାନ୍ସର ମହାନଦୀ ବିହାର, କଟକ ଶାଖାରେ ଏହି ବିଜ୍ଞପ୍ତି ପ୍ରକାଶନର ୭ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ଉକ୍ତ କାଗଜପତ୍ରଗୁଡ଼ିକ ଅପବ୍ୟବହାର କରାଗଲେ ସମ୍ପୃକ୍ତ ବ୍ୟକ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ । ଧ-୩୯୨

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## AFFIDAVIT

ମୋର ନାମ ତପସ୍ୱିନୀ ଭୂୟାଁ ବିବାହ ପରେ ପରିବର୍ତ୍ତନ ହୋଇ ତପସ୍ୱିନୀ ପ୍ରଧାନ ହୋଇଛି। ଏକ ରିଲିଆନ୍ସ ବୀମା ପଲିସିରେ ପ୍ରପୋଜାଲ ନମ୍ବର A3813814 ରେ ତପସ୍ୱିନୀ ଭୂୟାଁ ରହିଛି। ଆଫିଡାଭିଟ୍ ମାଧ୍ୟମରେ ଘୋଷଣା କରୁଛି, ମୋର ପ୍ରକୃତ ନାମ ତପସ୍ୱିନୀ ପ୍ରଧାନ, ସ୍ୱାମୀ ନିର୍ମଳ ପ୍ରଧାନ, ହଦୁଆ, ଆଳି, କେନ୍ଦ୍ରାପଡ଼ା। ଧ-୩୯୦

By virtue of an affidavit sworn before the Executive Magistrate, Kotpad, Vide No.- CFR-1521 Dtd. 01.05.2025, I, Sanjeeb Kumar Panigrahi of At/P.O.- Dhamanahandi, P.S.- Kotpad, Dist.- Koraput declare that, I have changed my son's name from Sayam Panigrahi to SOYAM SHREE PANIGRAHI. Henceforth, he shall be known as Soyam Shree Panigrahi for all purposes.
Sd./-
Sanjeeb Kumar Panigrahi
D-397

By virtue of an affidavit sworn before Executive Magistrate, Bhadrak, dated 01.05.2025, I, Sushanta Kumar Biswal, S/o- Kailash Chandra Biswal, Vill- Panchapada Satyanarayan Colony, P.S.- Chandabali, Dist.- Bhadrak declare that I have changed my daughter's name from Abhipsa Biswal to Debanjana Biswal. Henceforth, She shall be known as Debanjana Biswal for all purposes.
D-393

By affidavit No.-4430, dated 01.05.2025 before the Executive Magistrate, Bhadrak, I, Kamal Kumar Agarwal, S/o- Hardayal Agarwal, Vill- Baralapokhari, P.O- Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Kamal Kumar Agrawalla instead of Kamal Kumar Agarwal in my Passport document. I shall be known as KAMAL KUMAR AGARWAL for all future purposes. D-394

By affidavit No.- 4429, dated 01.05.2025 before the Executive Magistrate, Bhadrak, I, Kabita Agarwal, W/o- Kamal Kumar Agarwal, Vill- Baralapokhari, P.O.-Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Kavita Agrawalla instead of Kabita Agarwal in my husband Passport document. I shall be known as KABITA AGARWAL for all future purposes. D-395

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By affidavit No.- 4428, dated 01.05.2025 before the Executive Magistrate, Bhadrak, I, Hardayal Agarwal, S/o- Anandi Lal Agarwal, Vill- Baralapokhari, P.O.-Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Haradayal Agrawalla instead of Hardayal Agarwal in my son's Passport document. I shall be known as HARDAYAL AGARWAL for all future purposes. D-396

Itisforgeneralinformation that I, DEBENDRA KUMAR SAHOO, S/o- SACHINDRA NATH SAHOO, residing at Ainri Soro, Ainri Anantapur, Baleswar, Odisha-756046 declare that name of mine has been wrongly written as SRI DEBENDRA KUMAR SAHOO in my PPO (Original) No.- 0008/14/B/ 12187/2008 and new PPO No.- 349200812046. The actual name of mine is DEBENDRA KUMAR SAHOO which may be amended accordingly.
D-399

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**In Loving Memory of Our Beloved Father**



**Late Jatindra Nathan Sahu**
(09.05.1940 – 05.05.2021)
Padampur, Cuttack
On the 4th death anniversary of our dearest father, Jatindra Nathan Sahu, we remember his unconditional love, wisdom and the strength he gave us everyday. Though years have passed, his presence continues to guide and inspire us. His absence is deeply felt and his memory is cherished always.
Lovingly remembered and deeply missed by his children and family.
ଧ-୪୦୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରତିମା ତ୍ରିପାଠୀ**
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ତିରୋଧାନ: ୧୩।୦୫।୨୦୧୯
ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ସରଗପୁରରେ ଥାଇ ଦିଅ ହେ ଆଶିଷ, ଗୁରୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ:- ସ୍ୱାମୀ: ୰କୈଳାସ, କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଜ୍ୱାଇଁ: ସିଲୁ, ଝିଅ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଆର୍ଣ୍ଣିକା
ଧ-୪୦୦

**ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



**୰ପ୍ରଭାସିନୀ ମଙ୍ଗରାଜ**
ସାଇନିଡମ, ଗୌରୀନଗର, ପ୍ଲଟ୍ ନଂ 3660/4088, ଭୁବନେଶ୍ୱର-୨
ଆବିର୍ଭାବ: ୨୬।୦୧।୧୯୪୯
ତିରୋଧାନ: ୧୨।୦୫।୨୦୦୮
ଆପଣଙ୍କର ଧର୍ମ ପରାୟଣତା, ପରୋପକାରିତା, ମିଷ୍ଟ ଭାଷିନତା, ଆତିଥ୍ୟ ପରାୟଣତା ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅ ହେ ଆଶିଷ, ପ୍ରଭୁପାଦ ତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ ଇଂ ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୩୯୧

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଭସା ବାଦଲ


ଡ. କମଳାକାନ୍ତ ଜେନା

"ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।"



ଏବେ ତ ଖରାଦିନ ଚାଲିଛି। ଦିନସାରା ଗରମ ହେଉଛି। ଏତେ ଝାଳ ଯେ, ଦେହର ଲୁଗାପଟା ଓଦା ସର ସର ହୋଇଯାଉଛି। ଖରା ହେଲେ ଗରମ ହେବା କଥାଟା ସହଜରେ ବୁଝିହୁଏ। କିନ୍ତୁ ସେଇ ଗରମରେ ଆମ ଝାଳ କାହିଁକି ଶୁଖେନାହିଁ, ସେହି କଥାଟା ବୁଝି ହୁଏନି। ଖରାଦିନେ ଝାଳ ଶୁଖିବା ବଦଳରେ ବେଶି ଝାଳ ବାହାରେ। କିନ୍ତୁ ଶୀତଦିନେ ଥଣ୍ଡାରେ ବି ସହଜରେ ଝାଳ ଶୁଖିଯାଏ। ଏଥିରୁ ବୁଝିହେଉଛି ଯେ, ଗରମରେ ଝାଳ ଶୁଖିବ ନାହିଁ। ସତ କଥା ହେଉଛି, ଝାଳ ଶୁଖିବା ପାଇଁ ବାୟୁରେ ଥିବା ଜଳୀୟବାଷ୍ପର ପରିମାଣ ଦାୟୀ। ବାୟୁରେ ଜଳୀୟବାଷ୍ପ କମ୍ ରହିଲେ ଆମର ଝାଳ ବାଷ୍ପରେ ପରିଣତ ହୋଇ ବାୟୁରେ ମିଶିପାରିବ ଓ ଆମ ଝାଳ ଶୁଖିଯିବ। ଏଇଟା ଶୀତ ଦିନେ ହୁଏ। ହେଲେ ଖରାଦିନେ ବାୟୁରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଆମ ଝାଳ-ବାଷ୍ପକୁ ବାୟୁ ସହଜରେ ନିଏ ନାହିଁ ଓ ଆମ ଝାଳ ଶୁଖେ ନାହିଁ।

ନଦୀ, ସମୁଦ୍ର ଓ ପୋଖରୀରୁ ସବୁବେଳେ ବାଷ୍ପୀକରଣ ହେଉଥାଏ, କିନ୍ତୁ ଅଧିକ ଗରମ ହେତୁ ଖରାଦିନେ ଅଧିକ ହୁଏ। ଅଧିକ ଗରମ ହେଲେ ଜଳର ଅଣୁଗୁଡିକ ଶକ୍ତିପାଇ ଜଳପୃଷ୍ଠକୁ ଛାଡ଼ି ଉପରକୁ ଉଠିଯାଆନ୍ତି। ବାୟୁକଣିକା ତୁଳନାରେ ଜଳୀୟବାଷ୍ପ ହାଲୁକା। ତେଣୁ ବାଷ୍ପୀକରଣ ପରେ ଜଳୀୟବାଷ୍ପ ଉପରକୁ ଉପରକୁ ଉଠିଚାଲେ। ଉପରେ ବାୟୁମଣ୍ଡଳୀୟ ଚାପ କମି କମି ଯାଏ। ଚାପ କମି କମି ଗଲେ ଜଳୀୟବାଷ୍ପର ଆୟତନ ବଢ଼ି ବଢ଼ି ଯାଏ ଓ ଉତ୍ତାପ କମି କମି ଯାଏ। ଜଳୀୟବାଷ୍ପ ଥଣ୍ଡା ହେଲେ ଘନୀଭୂତ ହୋଇ ଅତି ଛୋଟ ଛୋଟ ଜଳବିନ୍ଦୁରେ ପରିଣତ ହୁଏ। ଜଳୀୟବାଷ୍ପକୁ ଦେଖିହୁଏ ନାହିଁ, କିନ୍ତୁ ଘନୀଭୂତ ଜଳବିନ୍ଦୁ ଧୂଆଁ ପରି ଦିଶେ। ଘନୀଭୂତ କଣିକା ଖୁବ୍ ହାଲୁକା ଥାଏ ବୋଲି ଆହୁରି ଉପରକୁ ଉଠିଯାଏ। ବେଶି ଉପରକୁ ଗଲେ ତାପମାତ୍ରା ଶୂନ ଡିଗ୍ରୀ ସେଲ୍‌ସିୟସରୁ ବି କମ୍ ଥାଏ। ଛୋଟ ଜଳବିନ୍ଦୁଗୁଡ଼ିକ କ୍ଷୁଦ୍ର ବରଫକଣାରେ ପରିଣତ ହୁଏ। ଏହିପରି ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।

ଭୂଇଁରୁ ପ୍ରାୟ ୧୩ କିଲୋମିଟର ଉଚ୍ଚତା ଭିତରେ ବାଦଲ (ମେଘ) ଭାସୁଥାଏ। ଗଠନ ଅନୁସାରେ ପ୍ରାୟ ଦଶ ଜାତିର ବାଦଲ ରହିଛି। ବାଦଲଗୁଡ଼ିକୁ ଉଚ୍ଚତାନୁସାରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା - ଉଚ୍ଚାବାଦଲ, ମଧ୍ୟବାଦଲ ଓ ନିମ୍ନବାଦଲ।

**ଉଚ୍ଚାବାଦଲ:** ପକ୍ଷାଭମେଘ, ପକ୍ଷାଭ କପାସୀମେଘ ଓ ପକ୍ଷାଭସ୍ତରୀମେଘ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ। ଏଗୁଡ଼ିକ ଭୂପୃଷ୍ଠରୁ ସାଧାରଣତଃ ୫ରୁ ୧୩ କି.ମି. ମଧ୍ୟରେ ଭାସିବୁଲନ୍ତି।

**ମଧ୍ୟବାଦଲ:** କପାସୀ-ମଧ୍ୟ, ସ୍ତରୀୟ-ମଧ୍ୟ, ବର୍ଷୀ-ମଧ୍ୟମେଘଗୁଡ଼ିକୁ ଏହି ବର୍ଗରେ ଗଣନା କରାଯାଏ। ପୃଥିବୀପୃଷ୍ଠରୁ ଏଗୁଡ଼ିକ ୨ ରୁ ୭ କି.ମି. ମଧ୍ୟରେ ଚଳପ୍ରଚଳ କରିଥାନ୍ତି।

**ନିମ୍ନବାଦଲ:** ସାଧାରଣତଃ ଆମେ ଦେଖୁଥିବା ମେଘ ହିଁ ଏହି ଶ୍ରେଣୀୟ। ଏମାନଙ୍କୁ ସ୍ତରୀ-କପାସୀ, ସ୍ତରୀ, କପାସୀ, କପାସୀ-ବର୍ଷୀମେଘ ନାମରେ ନାମିତ କରାଯାଇଛି। ଭୂଇଁରୁ ୨ କି.ମି. ଉଚ୍ଚତା ଭିତରେ ନିମ୍ନବାଦଲ ଦେଖିବାକୁ ମିଳିଥାଏ।

ବାଦଲରୁ ବର୍ଷା ସୃଷ୍ଟିହୁଏ। ଯେତେବେଳେ ଭାସମାନ ବାଦଲର କଣିକାଗୁଡ଼ିକ ପରସ୍ପର ସହିତ ମିଶି ଓଜନିଆ ଜଳକଣା ତିଆରି କରନ୍ତି, ବାୟୁମଣ୍ଡଳ ଓଜନିଆ କଣିକାଗୁଡ଼ିକୁ ଧରି ରଖିପାରେ ନାହିଁ। ଫଳରେ ତାହା ବର୍ଷା ରୂପରେ ଭୂଇଁରେ ପଡ଼େ। କେବଳ ସେତିକି ନୁହଁ, ଉପରକୁ ଉଠୁଥିବା ଘନୀଭୂତ ଜଳକଣାଗୁଡିକ ଅତି ଶୀତଳ ହୋଇ ଓଜନିଆ ବରଫକଣାରେ ପରିଣତ ହେଲା ପରେ ବି ତାହା ଆଉ ବାୟୁରେ ଭାସି ନ ପାରି ତଳକୁ ଖସେ। ତଳେ ବାଦଲ ସ୍ତର ଅପେକ୍ଷାକୃତ ଉଷ୍ମ ଥାଏ। ବରଫକଣିକାଗୁଡ଼ିକ ସେହି ଉଷ୍ମ ବାଦଲ ଦେଇ ତଳକୁ ପଡ଼ିବା ବେଳେ ତରଳିଯାଏ। ତରଳୁଥିବା ବରଫକଣା ସଂସ୍ପର୍ଶରେ ଆସିଲେ ବାଦଲକଣିକା ପରସ୍ପର ସହିତ ମିଶି ବଡ଼ ବଡ଼ ଜଳଟୋପାରେ ପରିଣତ ହୁଅନ୍ତି। ସେହି ଜଳଟୋପାଗୁଡିକ ଭୂଇଁରେ ପଡିଲେ ଆମେ ତାକୁ 'ବୃଷ୍ଟିପାତ' କହୁ। ପ୍ରାୟତଃ ବରଫକଣାଗୁଡିକ ତରଳିଲା ପରେ ବର୍ଷାବିନ୍ଦୁ ସୃଷ୍ଟି ହେଉଥିବାରୁ ବର୍ଷାଟୋପା ଆମକୁ ଖୁବ୍ ଥଣ୍ଡା ଲାଗେ। ବର୍ଷାଜଳରେ ଧୂଳିକଣା ଥାଏ। ବାୟୁ ପ୍ରଦୂଷଣ ହେତୁ ବିଭିନ୍ନ ରାସାୟନିକ ପଦାର୍ଥ ବି ମିଶିଥାଏ। ତେଣୁ ବର୍ଷାଜଳ ବି ପୂରା ଶୁଦ୍ଧ ନୁହେଁ।

-ପ୍ରାଧ୍ୟାପକ (ପଦାର୍ଥ ବିଜ୍ଞାନ), ଭଦ୍ରକ
ସରକାରୀ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ବୟସ୍କ ବ୍ୟକ୍ତି ଓ ଆଲଜିମର୍ସ



ଆଲଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମି ଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡନ୍ତି । ତେବେ ମସ୍ତିଷ୍କର ସବୁ ଅଞ୍ଚଳରେଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ଏଥିରେ ଥିବା ଭିଟାମିନ୍-ସି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରେ। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ସଂକ୍ରମଣ ସହ ଲଢ଼ିବାର କ୍ଷମତା ମଧ୍ୟ ଏହାର ରହିଛି। ଅଙ୍ଗୁରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା କୋଷକୁ ଆହୁରି କ୍ରିୟାଶୀଳ କରାଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ବ୍ଲଡ ପ୍ରେସର୍‌କୁ ସନ୍ତୁଳିତ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଫାଇବର୍ ମଧ୍ୟ ରହିଛି ଯାହା କୋଲେଷ୍ଟରେଲ୍‌ର ମାତ୍ରାକୁ ଅସନ୍ତୁଳିତ ହେବାକୁ ଦେଇ ନ ଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ ରଖିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଅସ୍ଥି ଓ ମଜାକୁ ଶକ୍ତ ରଖିଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।

## ବିଚାରଧାରା ସକାରାତ୍ମକ ରହିଲେ...



ଆମର ବିଚାରଧାରା ସକାରାତ୍ମକ ରହିବା ନିହାତି ଜରୁରୀ। ଏଥିରୁ ଆମକୁ ଅନେକ ଫାଇଦା ମିଳିଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ଏହାଦ୍ୱାରା ଆମର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଆମର ବିଚାରଧାରା ମଧ୍ୟ ପ୍ରଭାବିତ ହୋଇଥାଏ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଲେଷଣ କରନ୍ତୁ। ତାହାକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ନିଜର ମନୋଭାବକୁ ଯେତେସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହା ବ୍ୟତୀତ ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ୍ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଆପଣଙ୍କର ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

## ଦାନ୍ତ ଘଷିବା ସମୟରେ...

ଆମ ଶରୀର ପ୍ରତି ଆମେ ଯେତିକି ଯତ୍ନବାନ୍ ହେବା ତା'ସହ ଦାନ୍ତ ପ୍ରତି ମଧ୍ୟ ସେତିକି ଗୁରୁତ୍ୱ ଦେବା। କାରଣ ଏହା ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ ଶେଷ ପରେ ଭଲ ଭାବରେ ଦାନ୍ତ ଘଷିବା ନିହାତି ଦରକାର। ଯଦି ଆମେ ଏହାର ଠିକ୍ ଭାବରେ ଯତ୍ନ ନ ନେବା ତେବେ ଦାନ୍ତଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଆମେ ଏଭଳି ବ୍ରଶ୍ କରନ୍ତୁ ଯେମିତି ବ୍ରଶ୍ ଦାନ୍ତର ସବୁ ଭାଗକୁ ଛୁଉଁଥିବ। ସବୁବେଳେ ଫ୍ଲୋରାଇଡ ଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ। ଏଭଳି ବ୍ରଶ କରନ୍ତୁ, ଯେପରି ଦାନ୍ତ ସନ୍ଧି ଭଲ ଭାବରେ ପରିଷ୍କାର ହେଉଥିବ। ଦାନ୍ତଜନିତ ସମସ୍ୟା ନେଇ ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଦାନ୍ତ ଘଷିବାର ଅବଧି ଅତିକମ୍‌ରେ ଦୁଇ ମିନିଟ୍ ହେଲେ ଭଲ।



## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ, ଚାଲିଚଳଣି ଉପରେ ଗୁରୁତ୍ୱ ଦିଅନ୍ତୁ।
- ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ନ ହେଲେ କାମକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହେବାର ଆଶଙ୍କା ରହିଛି।
- ନିୟମିତ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଏ ନେଇ ପୁରୁଣା ପ୍ରେସ୍କ୍ରିପ୍‌ସନ ଏବଂ ପାଥୋଲୋଜିକାଲ ଟେଷ୍ଟ ରିପୋର୍ଟଗୁଡିକୁ ଏକ ଫାଇଲ୍‌ରେ ରଖନ୍ତୁ। ଆବଶ୍ୟକ ସମୟରେ ଏହା କାମରେ ଆସିପାରେ।
- ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।
- ନିଜର ମନକୁ ସକାରାତ୍ମକ ପରବେଶରେ ରଖିବାକୁ ଚେଷ୍ଟା କରନ୍ତୁ।



## ଶ୍ରଦ୍ଧାଞ୍ଜଳି/ ଡ. କ୍ରିଷ୍ଣାସ୍ୱାମୀ କସ୍ତୁରୀରଙ୍ଗନ

# ଭବିଷ୍ୟଦ୍ରଷ୍ଟା ମହାକାଶ ବିଜ୍ଞାନୀ


ପ୍ର. ରମେଶ ଚନ୍ଦ୍ର ପରିଡ଼ା



ଭାରତ ଏକ ମହାନ୍ ମହାକାଶ ଶକ୍ତି। ଚନ୍ଦ୍ର ଓ ମଙ୍ଗଳକୁ ମହାକାଶଯାନ ପ୍ରେରଣ, ବିଭିନ୍ନ ଉପଗ୍ରହ ପ୍ରେରଣ ଏବଂ ଶକ୍ତିଶାଳୀ ଉତ୍କ୍ଷେପକ ନିର୍ମାଣ ଆଦି କ୍ଷେତ୍ରରେ ଏହା ବିଶ୍ୱରେ ଚାରୋଟି ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଏହାକୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇବା ପାଇଁ ଯେଉଁ ସବୁ ପ୍ରାତଃ ସ୍ମରଣୀୟ କୃତବିଦ୍ୟ ମହାକାଶ ବିଜ୍ଞାନୀମାନଙ୍କର ଅନନ୍ୟ ଅବଦାନ ରହିଛି ସେମାନଙ୍କ ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ ୨୫ରେ ସ୍ୱର୍ଗାରୋହଣ କରିଥିବା ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନ ଅଗ୍ରଗଣ୍ୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ରୂପେ ୧୯୯୪ରୁ ୨୦୦୩ ପର୍ଯ୍ୟନ୍ତ ଏବଂ ଏହାପୂର୍ବରୁ ୧୯୯୦ରୁ ୧୯୯୪ ଯାଏ ଏହାର ଉପଗ୍ରହ କେନ୍ଦ୍ର (ଏବେ ୟୁ. ରାଓ ଉପଗ୍ରହ କେନ୍ଦ୍ର ରୂପେ ପରିଚିତ)ର ନିର୍ଦ୍ଦେଶକ ରୂପରେ ଭାରତୀୟ ମହାକାଶ ବିଜ୍ଞାନକୁ ଏକ ସୁଦୃଢ଼ ପୃଷ୍ଠଭୂମି ଉପରେ ପ୍ରତିଷ୍ଠା କରିବାର କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଯାଇଛନ୍ତି।

କସ୍ତୁରୀରଙ୍ଗନ ୧୯୪୦ ଅକ୍ଟୋବର ୨୪ ତାରିଖରେ କେରଳର ଏର୍ଣ୍ଣାକୁଲମଠାରେ ପିତା ସି.ଏମ୍. କ୍ରିଷ୍ଣାସ୍ୱାମୀ ଏବଂ ମାତା ବିଶାଳଲକ୍ଷ୍ମୀଙ୍କ କୋଳମଣ୍ଡନ କରିଥିଲେ। ଅସମୟରେ ମାତାଙ୍କର ମୃତ୍ୟୁ ଘଟିବାରୁ ସେ ଏବଂ ତାଙ୍କ ଭାଇଙ୍କର ଶୈଶବ ଅତିବାହିତ ହୋଇଥିଲା ମାମୁଘର ଅଜାଙ୍କ ତତ୍ତ୍ୱାବଧାନରେ। ତତ୍ପରେ ସେ ମୁମ୍ବାଇରେ କାର୍ଯ୍ୟରତ ପିତାଙ୍କ ନିକଟକୁ ଆସିଥିଲେ। ଏଠାରେ ସେ ଶ୍ରୀରାମ ବର୍ମା ଉଚ୍ଚ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପନ ପରେ ସ୍ଥାନୀୟ ରମ୍ପା ରୁଇଆ ମହାବିଦ୍ୟାଳୟରୁ ସ୍ନାତକ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ଅହମଦାବାଦର ଭୌତିକ ଗବେଷଣାଗାରରୁ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତତ୍ପରେ ସେ 'ଇସ୍ରୋ'ରେ ଯୋଗଦାନ କରିଥିଲେ। ଏହାର ଅଧ୍ୟକ୍ଷ ଭାବରେ ସେ ୨୦୦୩ ପର୍ଯ୍ୟନ୍ତ ଅର୍ଥାତ୍ ସେବାନିବୃତ୍ତ ହେବା ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। କସ୍ତୁରୀରଙ୍ଗନ୍ ୧୯୬୯ରେ ଲକ୍ଷ୍ମୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୧୯୯୧ରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ରାଜେଶ ଏବଂ ସଞ୍ଜୟ ନାମକ ଦୁଇ ପୁତ୍ର ଅଛନ୍ତି।

ତାଙ୍କରି ନେତୃତ୍ୱରେ ଆରମ୍ଭ ହୋଇଥିଲା ଭାରତର ମହାକାଶଯାନ ପ୍ରେରଣ ଯୁଗ। ପ୍ରଥମେ 'ଭାସ୍କର-୧' ଏବଂ 'ଭାସ୍କର-୨', ତତ୍ପରେ ଭାରତୀୟ ଜାତୀୟ ମହାକାଶଯାନ (ଇନସାଟ୍), ଭାରତୀୟ ସୁଦୂର ପର୍ଯ୍ୟବେକ୍ଷଣ ମହାକାଶଯାନ (ଆଇଆର୍‌ଏସ୍ ଉପଗ୍ରହ ସମୂହ) ପ୍ରେରଣ ସହିତ ଶକ୍ତିଶାଳୀ ମହାକାଶଯାନ ଉତ୍କ୍ଷେପକ 'ପୋଲାର ସାଟେଲାଇଟ୍ ଲଞ୍ଚ ଭେକିଲ୍‌ସ (ପିଏସ୍‌ଏଲ୍‌ଭି) ଏବଂ ଜେଓଷ୍ଟେଶନାରି ସାଟେଲାଇଟ୍ ଲଞ୍ଚ ଭେକିଲ୍‌ସ (ଜିଏସ୍‌ଏଲ୍‌ଭି) ଆଦି ପରୀକ୍ଷା କରାଯାଇଥିଲା। ଅନ୍ୟପକ୍ଷରେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରୟାନ ଏବଂ ମଙ୍ଗଳ କକ୍ଷକୁ ମଙ୍ଗଳଯାନ ପ୍ରେରଣ ଲାଗି ଯୋଜନା ଏବଂ କାର୍ଯ୍ୟକ୍ରମର ଅୟମାରମ୍ଭ ତାଙ୍କରି ଦିଗ୍‌ଦର୍ଶନରେ ଆରମ୍ଭ ହୋଇଥିଲା।

ଏହିସବୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ୧୯୮୧ରେ ସୋଭିଏତ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ଦ୍ୱାରା ପୁରସ୍କୃତ ହେବା ସହିତ ୧୯୮୨ରେ ଭାରତର ସରକାରଙ୍କଠାରୁ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ତାଙ୍କୁ ମିଳିଥିଲା ଏମ୍‌ପି ବିର୍‌ଲା ମେମୋରିଆଲ ଆୱାର୍ଡ ଇନ୍ ଆଷ୍ଟ୍ରୋନୋମି (୧୯୯୭), ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଦ୍ୱାରା ପ୍ରଦତ୍ତ କାରମାନ ପୁରସ୍କାର (୨୦୦୩), ଆର୍ଯ୍ୟଭଟ ପୁରସ୍କାର (୨୦୦୩) ଏବଂ ବିକ୍ରମ ସରାଭାଇ ମେମୋରିଆଲ ଗୋଲ୍‌ଡ ମେଡାଲ (୨୦୦୯) ଇତ୍ୟାଦି।

ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନସେସ, ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ ଅଫ୍ ଇଞ୍ଜିନିୟରିଂ, ଦ ଇଣ୍ଡିଆନ୍ ଆଷ୍ଟ୍ରୋଲୋଜିକାଲ ସୋସାଇଟି, ଦ ଥାର୍ଡ ୱାର୍ଲ୍ଡ ଏକାଡେମୀ ଅଫ୍ ସାଇନ୍ସ ଭଳି ସୁନାମଧନ୍ୟ ଅନୁଷ୍ଠାନମାନଙ୍କର ସେ ଥିଲେ 'ଫେଲୋ'। ଅନ୍ୟପକ୍ଷରେ ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ ଏବଂ ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଇତ୍ୟାଦିର ସଦସ୍ୟା ଭାବରେ ସେ କାର୍ଯ୍ୟ କରିଥିଲେ।

ମହାକାଶ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଗବେଷଣା କରି ବହୁ ସୁନାମଧନ୍ୟ ଦେଶୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ସେ ପ୍ରକାଶ କରିଥିଲେ ୨୦୦ରୁ ଊର୍ଦ୍ଧ୍ୱ ନିବନ୍ଧ। ତା'ସହ ସେ ୬ଟି ପୁସ୍ତକ ରଚନା ମଧ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ୨୭ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଥିଲା। ଆମ ଦେଶର ଶିକ୍ଷା କ୍ଷେତ୍ରକୁ ତାଙ୍କର ଅବଦାନ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଜାତୀୟ ଶିକ୍ଷାନୀତି କମିଟି-୨୦୨୦ର ଅଧ୍ୟକ୍ଷ ଏବଂ ୨୦୨୧ରେ ଦେଶର ଶିକ୍ଷା ବିଷୟବସ୍ତୁର ନବୀକରଣ କରିବା ଲାଗି ଗଠିତ ୧୨-ଜଣିଆ ସଦସ୍ୟବିଶିଷ୍ଟ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରିଥିଲେ। ପୁନଶ୍ଚ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଏବଂ ଯୋଜନା ବୋର୍ଡର ସଦସ୍ୟ ଥିଲେ। ଏତଏବ ତାଙ୍କର ପରଲୋକ ଆମ ଦେଶର ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ସୃଷ୍ଟି କରିଛି ଏକ ଅପୂରଣୀୟ ଶୂନ୍ୟ ସ୍ଥାନ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ: ୯୯୩୭୩୦୧୪୬୦

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୫/୨୦୨୫ Bhubaneswar, Monday, May 5/ 2025

# ୧ ରନ୍‌ରେ ଜିତିଲା କେକେଆର୍



ଶଟ୍ ଖେଳିବା ଅବସରରେ ଆନ୍ଦ୍ରେ ରସେଲ।

**କୋଲକାତା,୪।୫**

ଚଳିତ ଆଇପିଏଲରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୧ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। କେକେଆର୍ ଦ୍ୱାରା ପ୍ରଦତ୍ତ ୨୦୭ ରନର ଟାର୍ଗେଟର ଜବାବରେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହା କୋଲକାତାର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ନବମ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୪ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ଆନ୍ଦ୍ରେ ରସେଲ ୨୫ ବଲରେ ୫୭ (୪ ଚୌକା ଓ ୬ ଛକା), ଅଙ୍ଗକ୍ରିଶ ରଘୁବଂଶୀ ୪୪ (୫ ଚୌକା), ରହମାନୁଲା ଗୁରବାଜ ୨୫ ବଲରେ ୩୫ (୪ ଚୌକା ଓ ୧ ଛକା) ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୩୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ଯୁଧବୀର ସିଂ ଓ ଅଧିନାୟକ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୮ ଓଭର ସୁଦ୍ଧା ୭୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ପରାଗ ଓ ଶିମରନ ହେଟମାୟର ଷଷ୍ଠ ଉଇକେଟରେ ୮ ଓଭରରେ ୯୨ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ପରାଗ ୧୩ତମ ଓଭରରେ ମୋଇନ ଅଲୀଙ୍କୁ ଲଗାତର ୫ ଛକା ଲଗାଇଥିଲେ। ମାତ୍ର ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ରାଜସ୍ଥାନ ପଛରେ ପଡିଯାଇଥିଲା। ପରାଗ ୪୫ ବଲରେ ୬ ଚୌକା ଓ ୮ ଛକା ସହିତ ୯୫ ରନ କରି ଆଉଟ୍ ହୋଇଥିଲା। ଏହା ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ଶେଷ ଆଡ଼କୁ ୧୪ ବଲରେ ଶୁଭମ ଦୁବେଙ୍କ ୨୫ (୧ ଚୌକା ଓ ୨ ଛକା) ରନର ଇନିଂସ ସତ୍ତ୍ୱେ ରାଜସ୍ଥାନ ବିଜୟ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହିଯାଇଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୩୪ ଓ ହେଟମାୟର ୨୯ ରନ କରିଥିଲେ। କୋଲକାତା ପାଇଁ ଅଲୀ, ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୬/୪(ଆନ୍ଦ୍ରେ ରସେଲ–୫୭*, ଅଙ୍ଗକ୍ରିଶ ରଘୁବଂଶୀ–୪୪, ରହମାନୁଲା ଗୁରବାଜ–୩୫, ରିୟାନ ପରାଗ–୧/୨୧ )। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୦୫/୮(ରିୟାନ ପରାଗ–୯୫, ଯଶସ୍ୱୀ ଜୟସ୍ୱାଲ–୩୪, ବରୁଣ ଚକ୍ରବର୍ତ୍ତୀ–୨/୩୨, ହର୍ଷିତ ରାଣା–୨/୪୧)।

## ମାକ୍ସୱେଲଙ୍କ ସ୍ଥାନରେ ମିଚ୍ ଓୱେନ

**ମୁଲାନପୁର, ୪।୫ (ପି.ଟି.):** ଗ୍ଲେନ ମାକ୍ସୱେଲ୍ ଆଘାତପ୍ରାପ୍ତ ହୋଇଥିବାରୁ ପଞ୍ଜାବ କିଙ୍ଗ୍ସ ତାଙ୍କ ସ୍ଥାନରେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚ୍ ଓୱେନଙ୍କୁ ଦଳରେ ନେଇଛି। ମାକ୍ସୱେଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ଚଳିତ ଆଇପିଏଲ୍ ସିଜନରେ ଅଷ୍ଟ୍ରେଲିଆର ଏହି ଷ୍ଟାର୍‌ଓ୍ୱାର୍ଟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେ ୭ଟି ଗେମ୍‌ରେ ମାତ୍ର ୪୮ରନ ରନ ସଂଗ୍ରହ କରିପାରିଛନ୍ତି। ତନ୍ମଧ୍ୟରେ ତାଙ୍କର ୬ଟି ସିଙ୍ଗଲ ଡିଜିଟ ରହିଛି। ଗତ ଏପ୍ରିଲ ୨୬ରେ ଇଡେନଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଳେ ପଞ୍ଜାବ ତରଫରୁ ଖେଳୁଥିବା ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଦଳର ପରବର୍ତ୍ତୀ ମ୍ୟାଚରେ ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଜ୍ ଖେଳିଥିଲେ। ପଞ୍ଜାବ କିଙ୍ଗ୍ସ ଏହି ମ୍ୟାଚ ୪ଉଇକେଟରେ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ଓୱେନ ହେଉଛନ୍ତି ଜଣେ ଡାହାଣହାତୀ ବ୍ୟାଟର ଓ ପେସ୍ ବୋଲର। ସେ ୧୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ୩ କୋଟି ଟଙ୍କା ମୂଲ୍ୟରେ ଶ୍ରେୟସ ଆୟରଙ୍କ ଦଳରେ ଯୋଗ ଦେଇଛନ୍ତି। ଅଷ୍ଟ୍ରେଲିଆର ଟାସ୍‌ମାନିଆ ବିସିନ୍ଦା ମିଚ୍ ଓୱେନ ୩୪ ଟି୨୦ ଖେଳି ୬୪୬ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଦୁଇଟି ଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ୧୦୮ ରନ ରହିଛି। ଅଷ୍ଟ୍ରେଲିଆର ଏହି ଅଲ୍ ରାଉଣ୍ଡର ଟି ୨୦ରେ ୧୦ଟି ଉଇକେଟ ମଧ୍ୟ ନେଇଛନ୍ତି।

# ପଞ୍ଜାବ କିଙ୍ଗ୍ସର ବଡ଼ ବିଜୟ

**ଧର୍ମଶାଳା,୪।୫**

ପ୍ରଭସିମରନ ସିଂଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ବଳରେ ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୩୭ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ପଞ୍ଜାବର ସପ୍ତମ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ଷଷ୍ଠ ପରାଜୟ। ଏହି ବିଜୟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୬ ରନ କରିଥିଲା। ଦଳ ପକ୍ଷରୁ ପ୍ରଭସିମରନ ସିଂ ୪୮ ବଲରେ ସର୍ବାଧିକ ୯୧ ରନ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୭ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶ୍ରେୟସ ଆୟର ୨୫ ବଲରେ ୪୫ (୪ ଚୌକା ଓ ୨ ଛକା), ଜୋଶ ଇଙ୍ଗଲିସ ୧୪ ବଲରେ ୩୦ (୧ ଚୌକା ଓ ୪ ଛକା), ଶଶାଙ୍କ ସିଂ ୧୫ ବଲରେ ୩୩ (୪ ଚୌକା ଓ ୧ ଛକା) ଓ ମାର୍କସ ଷ୍ଟୋଇନିସ ୫ ବଲରେ ୧୫ (ଗୋଟିଏ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆକାଶ ମହାରାଜ ସିଂ ଓ ଦିଗଭେଶ ସିଂ ରାଠୀ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲକ୍ଷ୍ନୌ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୦ ଓଭରରେ ୭୩ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଆୟୁଷ ବଦୋନୀ ଓ ଅବଦୁଲ ସମଦ ଷଷ୍ଠ ଉଇକେଟରେ ୮୧ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇବା ପାଇଁ ଯଥେଷ୍ଟ ନଥିଲା। ସମଦ ୨୪ ବଲରେ ୪୫ (୨ ଚୌକା ଓ ୪ ଛକା) ଏବଂ ବଦୋନୀ ୪୦ ବଲରେ ୭୪ (୫ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୯୯ ରନ କରିବାକୁ ସକ୍ଷମ ହୋଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୩ ଓ ଆଜମାତୁଲା ଓମାରଜାଇ ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୩୬/୫ (ପ୍ରଭସିମରନ ସିଂ–୯୧, ଶ୍ରେୟସ ଆୟର–୪୫, ଶଶାଙ୍କ ସିଂ –୩୩*, ଆକାଶ ମହାରାଜ ସିଂ–୨/୩୦, ଦିଗଭେଶ ସିଂ ରାଠୀ–୨/୪୬)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୯୯/୭ (ଆୟୁଷ ବଦୋନୀ–୭୪, ଅବଦୁଲ ସମଦ–୪୫, ଅର୍ଶଦୀପ ସିଂ–୩/୧୬, ଆଜମାତୁଲା ଓମାରଜାଇ–୨/୩୩ )।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ହାଇଦ୍ରାବାଦ
ବନାମ ଦିଲ୍ଲୀ
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | –୦.୪୬୯ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | –୦.୭୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | –୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | –୧.୧୧୭ |



ଧର୍ମଶାଳାସ୍ଥିତ ଏଚ୍‌ପିସିଏ କ୍ରିକେଟ ଷ୍ଟାଡିୟମର ମନୋରମ ଦୃଶ୍ୟ।



ମାଡ୍ରିଡ ଓପନ ଟେନିସ ଟ୍ରଫି ସହ ଆରିନା ସାବାଲେଙ୍କା।

# ସାବାଲେଙ୍କାଙ୍କୁ ମାଡ୍ରିଡ୍ ଓପନ୍ ଟାଇଟଲ

**ମାଡ୍ରିଡ୍, ୪।୫ (ଏପି)**

ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଂପ୍ରାପ୍ତ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ମାଡ୍ରିଡ୍‌ଓପନଚାମ୍ପିୟନହୋଇଛନ୍ତି। କାଜା ମାଜିକା କୋର୍ଟରେ ଖେଳାଯାଇଥିବା ଫାଇନାଲରେ ସେ ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ଏକ ଟାଇବ୍ରେକରରେ ୬–୩, ୭–୬ (୩)ରେ ହରାଇ ଦେଇଛନ୍ତି। ଏଠାରେ ସେ ତୃତୀୟ ଥର ଟାଇଟଲ ଜିତି ପେଟ୍ରା କ୍ୱିଟୋଭାଙ୍କ ଟୁର୍ନାମେଣ୍ଟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ବେଲାରୁଷର ଏହି ଖେଳାଳି ପୂର୍ବରୁ ୨୦୨୧ ଓ ୨୦୨୩ରେ ମାଡ୍ରିଡ୍ ଟାଇଟଲ ଜିତିଥିଲେ। ଚଳିତବର୍ଷର ଏହା ତାଙ୍କର ୩ୟ ଏବଂ କ୍ୟାରିୟରର ୨୦ତମ ଟାଇଟଲ। ଏହା ପୂର୍ବରୁ ସେ ବ୍ରିସ୍‌ବେନ୍ ଓ ମାୟାମି ଟାଇଟଲ ଜିତିସାରିଛନ୍ତି। ଗଫ୍‌ଙ୍କ ବିପକ୍ଷରେ ମଧ୍ୟ ଏହା ତାଙ୍କର କ୍ରମାଗତ ୫ମ ବିଜୟ। ଏଠାରେ ଗଫ୍ ଯଦି ଫାଇନାଲରେ ବିଜୟ ଲାଭ କରିଥାନ୍ତେ ତେବେ ର୍‍ୟାଙ୍କିଂ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇପାରି ଥାନ୍ତେ। ୨୦୨୩ ୟୁଏସ ଚାମ୍ପିୟନ ଫାଇନାଲରେ ପ୍ରବେଶ ପୂର୍ବରୁ ଚଳିତ ସପ୍ତାହରେ କେବଳ ଗୋଟିଏ ସେଟ୍‌ରେ ପରାଜିତ ହୋଇଥିଲେ। ଗଫ୍‌ଙ୍କର ଫାଇନାଲରେ ଭଲ ରେକର୍ଡ ରହିଛି।

## ଶ୍ରୀଲଙ୍କାଠାରୁ ହାରିଲା ଭାରତ

**କଲମ୍ବୋ, ୪।୫ (ପି.ଟି.):** ଶ୍ରୀଲଙ୍କା ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜରେ ଭାରତକୁ ୩ଉଇକେଟରେ ପରାସ୍ତ କରିଛି। ୭ବର୍ଷରେ ଭାରତ ବିପକ୍ଷରେ ଦଳର ଏହା ହେଉଛି ପ୍ରଥମ ବିଜୟ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୭୫ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଦଳର ଇନିଂସରେ ବଡ଼ ଅବଦାନ ରଖିଥିବା କିପର–ବ୍ୟାଟର ରିଚା ଶର୍ମା ୪୮ବଲ୍‌ରୁ ୫୮ରନ କରିଥିଲେ। ଦଳ ପାଇଁ ଅବଦାନ ରଖିଥିବା ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ହରମନପ୍ରୀତ୍ କୌର(୩୦), ପ୍ରତୀକା ରାୱଲ(୩୫) ଓ ଜେମିମା ରୋଡ୍ରିଗ୍ସ(୩୭) ଅନ୍ୟତମ। ଜବାବରେ ଶ୍ରୀଲଙ୍କା ୪୯.୧ଓଭରରେ ୭ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୫୦ ଓଭରରେ ୨୭୫/୯ (ରିଚା ଘୋଷ–୫୮ ; ଚାମରୀ ଆଥାପାଥଥୁ–୩/୪୩, ସୁଗାନ୍ଦିକା କୁମାରୀ–୩/୪୪)।

ଶ୍ରୀଲଙ୍କା ମହିଳା: ୪୯.୧ ଓଭରରେ ୨୭୮/୭ (ହର୍ଷିଥା ସମରବିକ୍ରମା–୫୩, ନୀଳାକ୍ଷିକା ସିଲ୍‌ଭା–୫୬ ; ସ୍ନେହ ରାଣା–୩/୪୫)।

## ଆଇଟିଏଫ୍ ୱାର୍ଲ୍ଡ ଟେନିସ

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜେ୩୦ ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟ ରବିବାର ଶେଷ ହୋଇଛି। ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଅନୁମୋଦନକ୍ରମେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଚାଲିଥିବା ଏହି ଅନ୍ତର୍ଜାତୀୟ ଜୁନିୟର ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ତଥା ମୁଖ୍ୟ ଡ୍ର' ମ୍ୟାଚ ଗୁଡ଼ିକ ସୋମବାରଠାରୁ ଆରମ୍ଭ ହେବ। ଯୋଗ୍ୟତା ପର୍ଯ୍ୟାୟ ଶେଷ ହେବା ସହ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଓଟିଏ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଟିଏ କୋଷାଧ୍ୟକ୍ଷ ସତ୍ୟଜିତ ମହାନ୍ତି, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଆଇଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପ୍ରାରବ୍ଧ, ମନୀଷ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ଓପନ ଚେସ୍**

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୮ ଓ ୧୬ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ୮ ବର୍ଷରୁ କମ୍ ବର୍ଗରେ ପ୍ରାରବ୍ଧ ପ୍ରଜ୍ଞା ମିଶ୍ର ଓ ୧୬ ବର୍ଷରୁ କମ୍‌ରେ ମନୀଷ ରଞ୍ଜନ ଦାସ ଚାମ୍ପିୟନ ହୋଇଛନ୍ତି। ୫ ବର୍ଷରୁ କମ୍‌ରେ ପ୍ରିୟମ ହୋତା, ଅଂଶୁମାନ ମହାନ୍ତି, ସାଇ ଆୟଙ୍କ ସାହୁ ଓ ତନ୍ମୟ ମହାନ୍ତି ଏବଂ ୧୬ ବର୍ଷରୁ କମ୍‌ରେ ଶୁଭମ୍ ପ୍ରତୀକ ମିଶ୍ର, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଉଦୟକାନ୍ତ ସ୍ୱାଇଁ ଓ ଶ୍ୱେତାଞ୍ଜିତ ପଟ୍ଟନାୟକ ଟପ୍–୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ କେତେକ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅଧିକାରୀ ବାସୁଦେବ ସାହୁ, ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମରେ ଓଡ଼ିଶାରୁ ୧୩



ଜାତୀୟ ପ୍ରୋଗ୍ରାମରେ ଓଡ଼ିଶାରୁ ଭାଗ ନେଇଥିବା ଟେକ୍ନିକାଲ ଅଫିସିଆଲ।

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଚଳିତ ମାସ ୨ରୁ ୪ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଓ ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୩ୟ ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ମୋଟ ୬୦ ଅଫିସିଆଲଙ୍କ ମଧ୍ୟରେ ଓଡ଼ିଶାରୁ ୧୩ ପ୍ରତିନିଧିତ୍ୱ କରିଥିଲେ। ଏହି ଅଫିସିଆଲମାନେ ହେଲେ ଶୋଭାରାଣୀ ଡୋରା, ପତ୍ରପୁଷ୍ପ ମହାନ୍ତି, ପୂଜା ବେହେରା, ଗୋପାଳ ସୋନି, ଦେବାଶିଷ ଦାସ, ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, ଲିପ୍ସା ମିଶ୍ର, ମାଳବିକା ମିଶ୍ର, ରୋନାଲି ସାହୁ, ବିଷ୍ଣୁପ୍ରିୟା ସାହୁ, ପ୍ରିୟରଞ୍ଜନ ନାୟକ ଓ ଦେବାମୃତ ସାହୁ। ଏହି ପ୍ରଶିକ୍ଷଣ ପ୍ରୋଗ୍ରାମ ମାଧ୍ୟମରେ ଅଫିସିଆଲମାନେ ଆଗାମୀ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦେଶକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଗର୍ବ ବଢ଼େଇବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ